


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-232 ◆BHUBANESWAR ◆MONDAY ◆17 FEBRUARY 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୩୨ ◆ଭୁବନେଶ୍ୱର ◆ସୋମବାର ◆୧୭ ଫେବୃଆରୀ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


## ଫାସ୍‌ଟ୍ୟାଗ୍ ବାଲାନ୍ସ ଭେରିଫିକେସନ୍‌ର ନୂଆ ନିୟମ

■ **ନୂଆଦିଲ୍ଲୀ, ୧୬।୨ (ଏଜେନ୍ସି):** ଦେଶରେ ଟୋଲ୍ କାରବାରକୁ ଅଧିକ ସୁଗମ ଏବଂ ସ୍ୱଚ୍ଛ କରିବା ସହ ଠକେଇ ରୋକିବା ପାଇଁ ନ୍ୟାସନାଲ ପେମେଣ୍ଟ୍ସ କର୍ପୋରେସନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଫାସ୍‌ଟ୍ୟାଗ୍ ବାଲାନ୍ସ ଯାଞ୍ଚ ପାଇଁ ନୂତନ ନିୟମ ଘୋଷଣା କରିଛି । ଏହି ନିୟମଗୁଡ଼ିକ ସୋମବାରଠାରୁ କାର୍ଯ୍ୟକାରୀ ହେବାକୁ ଯାଉଛି । ଏନ୍‌ପିସିଆଇ ଜାନୁଆରୀ ୨୮ରେ ଏ ନେଇ ସର୍କୁଲାର ଜାରି କରିଥିଲା। ଏହି ଅନୁଯାୟୀ, ଫାସ୍‌ଟ୍ୟାଗ୍ କାରବାର ଏବେ ଏକ ନିର୍ଦ୍ଦିଷ୍ଟ ସମୟସୀମା ଆଧାରରେ ବୈଧ ହେବ । ନୂତନ ନିୟମରେ ଯଦି ୬୦ ମିନିଟ୍ ମଧ୍ୟରେ କମ୍ ବାଲାନ୍ସ ଯୋଗୁଁ ଏକ ଫାସ୍‌ଟ୍ୟାଗ୍ କଳା ତାଲିକାଭୁକ୍ତ ହୋଇ ହଟଲିଷ୍ଟରେ ପଡି ନିଷ୍କ୍ରିୟ ହୋଇଯାଏ ଏବଂ ଏପରି ସ୍ଥିତି ୬୦ ମିନିଟ୍‌ରୁ ଅଧିକ ସମୟ ପାଇଁ ରହିଥାଏ, ତେବେ ଟୋଲ୍ ପ୍ଲାଜାରେ ପହଞ୍ଚିବା ପରେ ଯାତ୍ରୀଙ୍କ କାରବାର ବା ଟ୍ରାଞ୍ଜାକ୍ସନ୍ ବିଫଳ ହେବ । ଏଠାରେ ସୂଚନାଯୋଗ୍ୟ ଯେ, ଫାସ୍‌ଟ୍ୟାଗ୍ ଆକାଉଣ୍ଟରେ ପର୍ଯ୍ୟାପ୍ତ ବାଲାନ୍ସ ନ ଥିଲେ, କେୱାଇସି ଯାଞ୍ଚ ବାକି ଥିଲେ ଏବଂ ଯାନବାହାନ ପଞ୍ଜୀକରଣ ବିବରଣୀରେ ତ୍ରୁଟି ଭଳି କେତେକ କାରଣ ଯୋଗୁଁ ଫାସ୍‌ଟ୍ୟାଗ୍ କଳାତାଲିକାଭୁକ୍ତ ହୋଇଥାଏ ।

## ପାରାଗ୍ଲାଇଡିଂ କରି ପରୀକ୍ଷା କେନ୍ଦ୍ର ପହଞ୍ଚିଲେ ଛାତ୍ର



■ **ମୁମ୍ବାଇ, ୧୬।୨ (ଏଜେନ୍ସି):** ପରୀକ୍ଷା ସମୟ ପାଖେଇ ଆସୁଥିଲା । ପହଞ୍ଚିବା ପାଇଁ ମାତ୍ର ୧୫ରୁ ୨୦ ମିନିଟ ସମୟ ହାତରେ ଥିଲା । ଗାଡ଼ିରେ ଯାଇଥିଲେ ଘଣ୍ଟାଏ ପର୍ଯ୍ୟନ୍ତ ଟ୍ରାଫିକରେ ଫସିବାର ଭୟ ଥିଲା । ପରୀକ୍ଷା କେନ୍ଦ୍ରରେ ପହଞ୍ଚି ପରୀକ୍ଷା ଦେଇ ନ ପାରିବାର ଆଶଙ୍କା ଥିଲା । ଏପରି ସ୍ଥିତିରେ ଛାତ୍ର ଅଭିନବ ଉପାୟ ଅବଲମ୍ବନ କରିଥିଲେ । ପାରାଗ୍ଲାଇଡିଂ କରି ଆକାଶ ମାର୍ଗରେ ଯିବାକୁ ନିଷ୍ପତ୍ତି ନେଇଥିଲେ । ଆଉ ସମୟ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ସମସ୍ତଙ୍କୁ ଚକିତ କରିଦେଇଥିଲେ । ମହାରାଷ୍ଟ୍ର ୱାଇ ବ୍ଲକ୍‌ର ପାସାରାଣୀ ଗ୍ରାମର ଛାତ୍ର ସାମର୍ଥ ମାହାଙ୍ଗଡ଼େ ଏପରି ଦୁଃସାହସିକ ଉପାୟ ଅବଲମ୍ବନ କରିଛନ୍ତି । ଏବେ ତାଙ୍କର ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି । ଏଥିରେ ଦେଖାଯାଉଛି ଯେ ଜଣେ ବ୍ୟକ୍ତି କଲେଜ ବ୍ୟାଗ୍ ଧରି ଆକାଶରେ ଉଡୁଛି । ଆଉ ସେ ଅଚାନକ କଲେଜ କ୍ୟାମ୍ପସରେ ପ୍ରବେଶ କରୁଛି । ▶ପୃଷ୍ଠା-୭

# ଘରେ ପଶୁପଶୁ ମୁଣ୍ଡରେ ଚାଳ

## ୮.୭ରୁ ୭.୨ ପ୍ରତିଶତକୁ ଖସିଲା ଅଭିବୃଦ୍ଧି

■ **ଭୁବନେଶ୍ୱର, ୧୬।୨ (ସମିସ):** ମାତ୍ର ଆଠ ମାସରେ ବଦଳି ଯାଇଛି ରାଜ୍ୟ ଅର୍ଥନୀତିର ଚିତ୍ର । ଅର୍ଥନୈତିକ ସର୍ଭେ ରିପୋର୍ଟରେ ଗୋଲାପୀ ଛବି ଦେଖାଇ ରାଜ୍ୟ ସରକାର ଏହାକୁ ଢାଙ୍କିବାକୁ ଭରପୂର ଚେଷ୍ଟା କରିଥିଲେ ମଧ୍ୟ ବାସ୍ତବିକତା କିନ୍ତୁ ଜଳଜଳ ଦିଶୁଛି । ସରକାର ପରିବର୍ତ୍ତନର ମାତ୍ର ୯ ମାସ ମଧ୍ୟରେ ରାଜ୍ୟ ଅର୍ଥନୀତିର ବିକଳ ସ୍ୱରୂପ ଚିନ୍ତାଜନକ । ନବୀନ ସରକାର ସମୟରେ ରାଜ୍ୟରେ ଅଭିବୃଦ୍ଧି ହାର ୮.୫ ପ୍ରତିଶତ ଥିବାବେଳେ ଡବଲ ଇଞ୍ଜିନ୍ ସରକାରର ଅଭିବୃଦ୍ଧି ହାର ମାତ୍ର କେଇ ମାସ ମଧ୍ୟରେ ୭.୨ ପ୍ରତିଶତକୁ ହ୍ରାସ ପାଇଛି । କେବଳ ଏତିକି ନୁହେଁ, ଶିଳ୍ପ ଅଭିବୃଦ୍ଧି ହାର ମଧ୍ୟ ପାଖାପାଖି ୨.୫% ହ୍ରାସ ପାଇ ୬.୧ ପ୍ରତିଶତରେ ପହଞ୍ଚିଛି । ସେହିପରି ଜିଡିପିରେ କୃଷିକ୍ଷେତ୍ରର ଯୋଗଦାନ ହ୍ରାସ ରାଜ୍ୟ ସରକାରଙ୍କ ବିତ୍ତୀୟ ସ୍ଥିତିକୁ ବର୍ଣ୍ଣନା କରିଛି ।

### ଅର୍ଥନୀତିକୁ କୃଷିକ୍ଷେତ୍ର ଯୋଗଦାନ ହ୍ରାସ

### ୮.୭%ରୁ ୬.୧%କୁ ଖସିଲା ଶିଳ୍ପ ଅଭିବୃଦ୍ଧି

ଗତ ବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟ ଓ ଏବେ ଉପସ୍ଥାପିତ ହୋଇଥିବା ରିପୋର୍ଟକୁ ତଳୁନାତ୍ମକ ଭାବେ ପରଖିଲେ ୯ ମାସର ନୂଆ ସରକାର ରାଜ୍ୟ ଅର୍ଥନୀତିକୁ ତଳମୁହାଁ କରିଥିବା ସ୍ପଷ୍ଟ ହୋଇଛି । ଜାତୀୟ ଅଭିବୃଦ୍ଧି ହାର ୬.୪% ସହ ଓଡ଼ିଶାର ଅଭିବୃଦ୍ଧି ୭.୨%ର ତୁଳନା କରି ରାଜ୍ୟ ସରକାର ନିଜ ପିଠି ନିଜେ ଥାପୁଡ଼ାଇବା ଉଦ୍ୟମ କରିଥିଲେ ହେଁ ବାସ୍ତବିକତାକୁ ଲୁଚାଇ ପାରିନାହାନ୍ତି । ରାଜ୍ୟର ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ପୂର୍ବାପେକ୍ଷା ଖରାପ ପ୍ରଦର୍ଶନ କରିଛି । ରାଜ୍ୟ ସରକାର କୃଷିକ୍ଷେତ୍ରକୁ ଗୁରୁତ୍ୱ ଦେଉଥିବା ଓ ଇନ୍‌ପୁଟ ସବସିଡି ଦେଇ କୃଷକଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଥିବା କହୁଥିଲେ ହେଁ ମୋଟ୍ ଅର୍ଥନୀତିକୁ କୃଷି କ୍ଷେତ୍ରର ଯୋଗଦାନ ହାର ହ୍ରାସ ଅର୍ଥନୀତିଜ୍ଞଙ୍କୁ ଚିନ୍ତିତ କରିଛି । ରାଜ୍ୟର ପ୍ରାୟ ୪୮ ପ୍ରତିଶତ ଲୋକ କୃଷିକ୍ଷେତ୍ର ଉପରେ ନିର୍ଭରଶୀଳ । ଏହା ସତ୍ତ୍ୱେ ନୂତନ ସରକାର ଅମଳରେ ଏହି କ୍ଷେତ୍ରର ଯୋଗଦାନ ହାର ହ୍ରାସ ପାଇଛି । ୨୦୨୩-୨୪ରେ ରାଜ୍ୟର ମୋଟ୍ ଅର୍ଥନୀତିକୁ କୃଷି କ୍ଷେତ୍ରର ଯୋଗଦାନ ହାର ୩.୫ ପ୍ରତିଶତ ରହିଥିବା ବେଳେ ଚଳିତ ବର୍ଷ ଏହା ୩.୩ ପ୍ରତିଶତ ରହିବ ବୋଲି ଅର୍ଥନୈତିକ ସର୍ଭେ ରିପୋର୍ଟରେ ଆକଳନ କରାଯାଇଛି । ▶ପୃଷ୍ଠା-୭



### ମାଗଣା ଦେଲେନି; ଏବେ ମହରଗ ହେବ ବିଜୁଳି

## ୟୁନିଟ୍ ପିଛା ବଢ଼ିବ ୫୪ ପଇସା !

■ **ଭୁବନେଶ୍ୱର, ୧୬।୨ (ସମିସ):** ଗତ ନିର୍ବାଚନ ସମୟରେ ବଡ଼ ପ୍ରସଙ୍ଗ ପାଲଟିଥିଲା ବିଜୁଳି । କ୍ଷମତାକୁ ଆସିଲେ ୧୦୦ ୟୁନିଟ୍ ବିଜୁଳି ମାଗଣା ଯୋଗାଇବାକୁ ବିଜେଡି ଘୋଷଣା କରିଥିଲା । ଏହା ସହ ଜୁଲାଇ ମାସରୁ ଲୋକଙ୍କ ବିଜୁଳି ବିଲ୍ ସରକାର ଭରଣା କରିବେ ବୋଲି କହିଥିଲା । ଅନ୍ୟପକ୍ଷରେ ବିଜେପି ସୂର୍ଯ୍ୟଘର ଯୋଜନାରେ ୩୦୦ ୟୁନିଟ୍ ବିଜୁଳି ଯୋଗାଇବାକୁ ନିଜ ସଂକଳ୍ପପତ୍ରରେ କହିଥିଲା ଏବଂ ଲୋକମାନେ ୩୦୦ ୟୁନିଟ୍ ମାଗଣା ବିଜୁଳି ଜାଳିବେ ବୋଲି ବିଜେପି ନେତାମାନେ ସଭାରେ ଘୋଷଣା କରିଥିଲେ । ମାତ୍ର ସରକାର ବଦଳିବା ପରେ ନା ସୂର୍ଯ୍ୟଘର ମିଳିଲା ନା ମାଗଣା ବିଜୁଳି । ଏହାକୁ ନେଇ ଲୋକଙ୍କ ମଧ୍ୟରେ ରୋଷ ବଢ଼ିବାରେ ଲାଗିଛି । ଠିକ୍ ଏହି ସମୟରେ ବିଜୁଳି ଶୁଳ୍କ ବୃଦ୍ଧି ପାଇଁ ଦୁଇ ବିଦ୍ୟୁତ୍ ଉତ୍ପାଦନକାରୀ ସରକାରୀ ସଂସ୍ଥା ଓପିଜିସି ଓ ଓଏଚ୍‌ପିସି ପକ୍ଷରୁ ଓଇଆରସି (ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ) ନିକଟରେ ଆବେଦନ ଉପଭୋକ୍ତାଙ୍କ ହୃତ୍‌ସ୍ପନ୍ଦନ ବଢ଼ାଇଛି ।

### ଓଇଆରସିରେ ଆଜିଠାରୁ ଶୁଣାଣି ଆରମ୍ଭ

ସୂଚନା ଅନୁସାରେ ଚଳିତ ବର୍ଷରୁ ବିଜୁଳି ଶୁଳ୍କ ୟୁନିଟ୍ ପିଛା ୫୪ ପଇସା ବଢ଼ିବ ବୋଲି ଅନୁମାନ କରାଯାଉଛି । ଗତ ବର୍ଷ ଡିସେମ୍ବର ମାସରେ ଓଇଆରସିକୁ ଗ୍ରୀଡ୍‌କୋ ଦେଇଥିବା ବାର୍ଷିକ ରାଜସ୍ୱ ଆବଶ୍ୟକତା ଦରଖାସ୍ତରୁ ଏପରି ସୂଚନା ମିଳିଥିଲା । ୨୦୨୩-୨୪ରେ ବିଦ୍ୟୁତର ପାଇକାରୀ ମୂଲ୍ୟ ୟୁନିଟ୍ ପିଛା ୩ ଟଙ୍କା ୨୯ ପଇସା ଥିଲା । ୨୦୨୪-୨୫ରେ ପୂର୍ବ ସରକାର ୧ ପଇସା ହ୍ରାସ କରିବା ପରେ ୟୁନିଟ୍ ପିଛା ମୂଲ୍ୟ ୩ ଟଙ୍କା ୨୮ ପଇସା ଥିଲା । ଯଦି ଗ୍ରୀଡ୍‌କୋର ପ୍ରସ୍ତାବ ଅନୁସାରେ ୟୁନିଟ୍ ପିଛା ୫୪ ପଇସା ବୃଦ୍ଧି ପାଏ ତା ହେଲେ ଏହା ୩ ଟଙ୍କା ୮୨ ପଇସାରେ ପହଞ୍ଚିବ । ଗ୍ରୀଡ୍‌କୋ ୨୦୨୫-୨୬ରେ ବାର୍ଷିକ ୩୮ ହଜାର ୮୧୪ ୟୁନିଟ୍ ବିଦ୍ୟୁତ୍ ବିକ୍ରି ପାଇଁ ଲକ୍ଷ୍ୟ ରହିଛି । ସବୁ ଆବଶ୍ୟକତା ପାଇଁ ଆବଶ୍ୟକ ହେବ ପ୍ରାୟ ୧୫ ହଜାର ୩୪୭ କୋଟି ଟଙ୍କା । ଏଥିରୁ ରିଟର୍ଣ୍ଣ ଅନ୍ ଇକ୍ୟୁଇଟିକୁ ବାଦ୍ ଦିଆଗଲେ ୧୪ ହଜାର ୮୨୦ କୋଟି ଟଙ୍କା ଆବଶ୍ୟକ ହେବ । ଅର୍ଥାତ୍ ୟୁନିଟ୍ ପିଛା ୩ ଟଙ୍କା ▶ପୃଷ୍ଠା-୭

## ଶରୀର ଓ ମନର ସନ୍ତୁଳନରେ ଆଧ୍ୟାତ୍ମିକ ଉତ୍ତରଣ ସମ୍ଭବ: ନବୀନ



■ **ଭୁବନେଶ୍ୱର, ୧୬।୨ (ସମିସ):** ଶରୀର ଓ ମନର ସନ୍ତୁଳନରେ ଆଧ୍ୟାତ୍ମିକ ଉତ୍ତରଣ ସମ୍ଭବ । ଶ୍ରୀ ଶ୍ରୀ ଠାକୁର ସେବା ଓ ପ୍ରେମ ପରି ଦିବ୍ୟଗୁଣ ସହ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ଉପରେ ଗୁରୁତ୍ୱ ଦେଉଥିଲେ । ସାମ୍ପ୍ରତିକ ସମୟର ବ୍ୟସ୍ତବହୁଳ ଜୀବନରେ ଶ୍ରୀଶ୍ରୀ ଠାକୁରଙ୍କ ବାଣୀର ବିଶେଷ ପ୍ରାସଙ୍ଗିକତା ରହିଛି ବୋଲି କହିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୭ ତମ ଜୟନ୍ତୀ

### ଅନୁକୂଳ ଚନ୍ଦ୍ରଙ୍କ ୧୩୭ତମ ଜୟନ୍ତୀ

ତଥା ସତ୍‌ସଙ୍ଗ ବିହାର ମନ୍ଦିରରେ ଶ୍ରୀ ବିଗ୍ରହ ପ୍ରତିଷ୍ଠା ଦିବସ ଅବସରରେ ଜନତା ମଇଦାନରେ ଅନୁଷ୍ଠିତ ଭକ୍ତ ସମ୍ମିଳନୀରେ ଯୋଗ ଦେଇଛନ୍ତି ଶ୍ରୀ ପଟ୍ଟନାୟକ । ଏହି ଅବସରରେ ଶ୍ରୀଶ୍ରୀ ଠାକୁରଙ୍କ ଚିତ୍ରପଟରେ ଶ୍ରଦ୍ଧାପୁଷ୍ପ ଅର୍ପଣ କରିବା ସହ ତର୍ପଣ ପୁସ୍ତିକାର ଉନ୍ମୋଚନ କରିଛନ୍ତି । ଏହି ଅବସରରେ ସମାଜରେ ଏକ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି ଦିଗରେ ସତ୍‌ସଙ୍ଗ ମଣ୍ଡଳୀର ନିଷ୍ଠାପର କାର୍ଯ୍ୟର ଶ୍ରୀ ପଟ୍ଟନାୟକ ଉଚ୍ଚ ପ୍ରଶଂସା କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସୁଶାନ୍ତ ରାଉତ ଓ ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ପୁଣି ଜଣଙ୍କ ଜୀବନ ନେଲା କଣାସ ଝାଡ଼ାବାନ୍ତି

■ **କଣାସ, ୧୬।୨ (ସମିସ):** ଗତ ଦୁଇ ମାସ ହେବ, କଣାସ ଅଞ୍ଚଳରେ ଲାଗି ରହିଥିବା ଝାଡ଼ାବାନ୍ତି ଥମିବାର ନାଁ ଧରୁନି । ଦୟାନଦୀର ଦୂଷିତ ଜଳ କିଛି ଦିନ ଅନ୍ତରାଳରେ ଗୋଟିଏ ପରେ ଗୋଟିଏ ଜୀବନ ନେଉଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି । ଆଜି ପୁଣି ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଝାଡ଼ାବାନ୍ତିରେ ପ୍ରାଣ ହରାଇଛନ୍ତି । ସେ ହେଲେ, କଣାସ ବ୍ଲକ୍ ମର୍ଦ୍ଦାପାଲିର ଭରତ ଭୋଇ । ଗତ ୧୪ ତାରିଖରେ ଭରତଙ୍କ ଝାଡ଼ାବାନ୍ତି ହୋଇଥିଲା । ଅବସ୍ଥା ଉଦ୍‌ବେଗଜନକ ହେବାରୁ ପରିବାରଲୋକ ତାଙ୍କୁ ପୁରୀ କଲେରା ହସ୍ପିଟାଲରେ ଭର୍ତ୍ତି କରାଇଥିଲେ । କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ପରିବାରଲୋକ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । ସେଠାରେ ତାଙ୍କ ଅବସ୍ଥାରେ ସାମାନ୍ୟ ସୁଧାର ହେବା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଥିଲା । ତେବେ ଆଜି ସକାଳେ ପୁଣି ଭରତଙ୍କ ଅବସ୍ଥା ବିଗିଡ଼ି ଯାଇଥିଲା । ପରିବାରଲୋକ ତାଙ୍କୁ କଣାସ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଆଜି ଭରତଙ୍କ ମୃତ୍ୟୁକୁ ମିଶାଇ ଅଞ୍ଚଳରେ ମୋଟ ୭ଜଣଙ୍କ ଜୀବନ ନେଲାଣି ଝାଡ଼ାବାନ୍ତି । ଗତ ଜାନୁଆରି ୩୧ ତାରିଖରେ ଜାଗୁଲେଇପଦରର ଜହ୍ନି ବେହେରା (୬୫)ଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଥିଲା । ତେବେ ଝାଡ଼ାବାନ୍ତିରେ ଗୋଟିଏ ପରେ ଗୋଟିଏ ମୁଣ୍ଡ ନେଉଥିବା ବେଳେ ପ୍ରାସନର ନିଦ ଭାଙ୍ଗୁନାହିଁ ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି ।

## ଆଜି ପୂର୍ଣ୍ଣାଙ୍ଗ ରାଜ୍ୟ ବଜେଟ

### ୨.୮ ଲକ୍ଷ କୋଟି ଟପିବ ବଜେଟ ଆକାର

■ **ଭୁବନେଶ୍ୱର, ୧୬।୨ (ସମିସ):** ଆସନ୍ତାକାଲି ବିଧାନସଭାରେ ଉପସ୍ଥାପିତ ହେବ ବିଜେପି ସରକାରର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ । ୯ ମାସ ସରକାରଙ୍କ ବଜେଟ ପେଡ଼ିରେ କ'ଣ ରହିଛି ତାହା ଉପରେ ସମସ୍ତଙ୍କର ନଜର ରହିଛି । ଅର୍ଥ ବିଭାଗ ନିଜ ହାତରେ ରଖିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ୍ ଉପସ୍ଥାପନ କରିବେ ଏବଂ ଏଥିରେ ୨୦୩୬ ସୁଦ୍ଧା ବିକଶିତ ଓଡିଶା ଗଠନ ପାଇଁ ବିଜେପି ସରକାରଙ୍କ ସଂକଳ୍ପ ପ୍ରତିଫଳିତ ହେବ ବୋଲି କୁହାଯାଉଛି । ମାତ୍ର ସରକାର ନିଜ ରାଜନୈତିକ ସଂକଳ୍ପ ପୂରଣ କରିବା ନିମନ୍ତେ ରାଜ୍ୟ ଉପରେ ଏକ ବଡ଼ ଋଣ ବୋଝ ଲଦିବେ ବୋଲି ଆଶଙ୍କା କରାଯାଉଛି । ଏପରିକି ଆଗାମୀ ଆର୍ଥିକ ବର୍ଷ ପାଇଁ ରାଜ୍ୟର ଆବଶ୍ୟକତା ଭରଣା ପାଇଁ ପ୍ରାୟ ୪୫ ହଜାର କୋଟି ଟଙ୍କା ଋଣ କରିବେ ବୋଲି ସୂଚନା ମିଳିଛି ।

### ଆଗାମୀ ବର୍ଷ ୪୫ ହଜାର କୋଟି ଋଣ ଲକ୍ଷ୍ୟ

### ସମସ୍ୟା ହେବ ବଜେଟ ବ୍ୟୟରେ ମନ୍ଥରତା

ସୁଭଦ୍ରା ଯୋଜନା, ୯ମ ଓ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ, ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ସ୍ୱାଧୀନତା ସଂଗ୍ରାମୀଙ୍କୁ ପେନସନ୍ ପାଇଁ ବଜେଟରେ ▶ପୃଷ୍ଠା-୭






# ନିବେଶ ଆଳରେ ୧୨୦୦ କୋଟି ଠକେଇ



### ୬୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଠକିଛି ଏମ୍‌ସିଏକ୍ସ ଟ୍ରେଡିଂ କୋ

### ପଶ୍ଚିମବଙ୍ଗ, ଛତିଶଗଡ଼, ମଧ୍ୟପ୍ରଦେଶକୁ ଲମ୍ବିଛି ଚେର

### ସ୍ୱିଜର୍‌ଲାଣ୍ଡର ଜଣେ ବ୍ୟକ୍ତିଙ୍କଠାରୁ ୩୦ କୋଟି ଠକେଇ

■ **ସମ୍ବଲପୁର, ୧୬।୨ (ସମିସ):** ପୁଞ୍ଜିନିବେଶ ଆଳରେ ରାଜ୍ୟରେ ପୁଣି ଏକ ବଡ଼ଧରଣର ଠକେଇ ଘଟଣା ପଦାକୁ ଆସିଛି । ସମ୍ବଲପୁର କୁଲଥକାନୀରୁ ଅପରେଟ୍ କରୁଥିବା ଏମ୍‌ସିଏକ୍ସ କମୋଡିଟି ଟ୍ରେଡିଂ କୋ ନାମକ ଏକ ସଂସ୍ଥା ପାଖାପାଖି ୬ ହଜାର ଲୋକଙ୍କଠାରୁ ୧୨ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଛି । ଠକେଇର ଶିକାର ହୋଇଥିବା ଶହେରୁ ଊର୍ଦ୍ଧ୍ୱ ଲୋକ ଏକାଠି ହୋଇ ଆଜି ସମ୍ବଲପୁର ଧନୁପାଲି ଥାନାରେ ଅଭିଯୋଗ କରିଛନ୍ତି । ତେବେ ଖାଲି ଓଡ଼ିଶା ନୁହେଁ, ପଡ଼ୋଶୀ ଛତିଶଗଡ଼, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଆଦି ରାଜ୍ୟ ସମେତ ସ୍ୱିଜରଲାଣ୍ଡ ଓ ଅନ୍ୟ ଦେଶର ଲୋକଙ୍କୁ ମଧ୍ୟ କମ୍ପାନୀ କୋଟି କୋଟି ଟଙ୍କାର ଚୂନ ମାରିଛି । ଏପରିକି, ସ୍ୱିଜରଲାଣ୍ଡର ଜଣେ ବ୍ୟକ୍ତିଙ୍କଠାରୁ କମ୍ପାନୀ ୩୦କୋଟି ଟଙ୍କା ଠକି ନେଇଥିବା ଜଣାଯାଇଛି ।

ସୂଚନାନୁସାରେ, ବଲାଙ୍ଗିର ଜିଲ୍ଲା ମୂଳନିବାସୀ ସନ୍ତୋଷ କୁମାର ଆଚାର୍ଯ୍ୟ ନାମକ ଜଣେ ବ୍ୟକ୍ତି କୁଲଥକାନିରେ ଏହି କମ୍ପାନିର ଏକ କାର୍ଯ୍ୟାଳୟ ଖୋଲିଥିଲେ । କମ୍ପାନୀର ଏଜେଣ୍ଟମାନେ ବୁଲିବୁଲି ଲୋକଙ୍କୁ ଭାରତୀୟ ପୁଞ୍ଜିବାଜରରେ ଟ୍ରେଡିଂ ଓ ନିବେଶ ପାଇଁ ପ୍ରବର୍ତ୍ତାଉଥିଲେ । ପ୍ରତିଦିନ ସେମାନେ ନୂଆ ନୂଆ ଗ୍ରାହକ ଯୋଗାଡ଼ କରିବା ସହ ପଞ୍ଜୀକରଣ କରୁଥିଲେ । ଏଜେଣ୍ଟମାନେ କମ୍ ଦିନରେ ଅଧିକ ସୁଧ ଦେବାର ପ୍ରଲୋଭନ ଦେଖାଉଥିବାରୁ ବହୁ ଲୋକ ଏଥିରେ ରାଜି ହୋଇ ପୁଞ୍ଜିନିବେଶ କରୁଥିଲେ । ୨୦୧୬ ମସିହାରୁ କମ୍ପାନି ଠିକ୍‌ଠାକ୍ ଚାଲିଥିଲା । କମ୍ପାନୀ ଜରିଆରେ ଟଙ୍କା ଲଗାଇଲା ପରେ ସେମାନଙ୍କର ଏଗ୍ରିମେଣ୍ଟ କରାଯାଉଥିଲା । ଯିଏ ଯେତେ ଟଙ୍କା ନିବେଶ କରୁଥିଲା, ସେହି ହିସାବରେ ତାକୁ ମାସକୁ ମାସ ସୁଧ ଦିଆଯାଉଥିଲା । ଏଥିରେ ପ୍ରଲୋଭିତ ହୋଇ ସମ୍ବଲପୁର ସହରର ଅନେକ ସରକାରୀ ଅଧିକାରୀ, ପୁଲିସ୍, ରେଳ କର୍ମଚାରୀଙ୍କଠାରୁ ସାଧାରଣ ଲୋକ କୋଟି କୋଟି ଟଙ୍କା ନିବେଶ କରିଥିଲେ । ହେଲେ ଗତବର୍ଷ ଜୁନ୍ ମାସରୁ କୌଣସି ନିବେଶକାରୀଙ୍କୁ ଟଙ୍କା ନ ମିଳିବାରୁ ନିବେଶକାରୀଙ୍କ ସନ୍ଦେହ ବଢ଼ିଥିଲା । କିଛି ନିବେଶକାରୀ ଏକାଠି ହୋଇ କ୍ରାଇସେସ୍ ନାମକ ▶ପୃଷ୍ଠା-୭

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଚାପ କମ୍ ହେବ। ବୈବାହିକ ଜୀବନ ମଜଭୁତ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ

- ୧୮୬୩- ଜେନେଭାରେ ଅନ୍ତର୍ରାଷ୍ଟ୍ରୀୟ ରେଡକ୍ରସ୍‌ର ସ୍ଥାପନା।
- ୧୯୧୫- ଗାନ୍ଧିଜୀ ପ୍ରଥମ ଥର ଶାନ୍ତିନିକେତନ ଯାତ୍ରା କରିଥିଲେ।
- ୧୯୬୨- ଜର୍ମାନୀର ହ୍ୟାମବର୍ଗରେ ଆସିଥିବା ତୋଫାନରେ ୨୬୫ ଜଣଙ୍କ ପ୍ରାଣହାନି।
- ୨୦୦୯ - ନିର୍ବାଚନ ଆୟୋଗ ଅନ୍ତିମ ଚରଣ ମତଦାନ ଶେଷ ହେବା ପର୍ଯ୍ୟନ୍ତ ଏକଜିଟ୍ ପୋଲ୍‌ର ପ୍ରସାରଣ ଉପରେ ରୋକ୍ ଲଗାଇଲେ।

## ବଲିଉଡ୍‌ରେ ଡେବ୍ୟୁ କରିବେ ଶ୍ରୀଲୀଲା



'ପୁଷ୍ପା ୨: ଦ ରୁଲ୍'ର 'କିସିକ୍' ଗୀତରେ ମନଛୁଆଁ ନୃତ୍ୟକରି ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଶ୍ରୀଲୀଲା। 'ପୁଷ୍ପା-୨' ରିଲିଜ୍ ପରେ କନ୍ନଡ଼ ତଥା ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରୀର ଏହି ଲୋକପ୍ରିୟ ନାୟିକା ଏବେ ହିନ୍ଦୀ ଭାଷୀ ଦର୍ଶକଙ୍କୁ ମଧ୍ୟ ଆକୃଷ୍ଟ କରିପାରିଛନ୍ତି। ଏବେ ସେ ବଲିଉଡ୍‌ରେ ଡେବ୍ୟୁ କରିବେ ବୋଲି ଚର୍ଚ୍ଚା ହେଉଛି। 'ଆଶିକୀ-୩' ପାଇଁ ତାଙ୍କୁ ସାଇନ୍ କରାଯାଇଥିବା କୁହାଯାଉଛି। ଯଦି ଏକଥା ସତ ହୁଏ, ତେବେ ସେ କାର୍ତ୍ତିକ୍ ଆର୍ଯ୍ୟନ୍‌ଙ୍କ ବିପକ୍ଷରେ ଦେଖାଯିବେ। ପ୍ରଥମେ ଏହି ଫିଲ୍ମରେ କାର୍ତ୍ତିକ୍‌ଙ୍କ ବିପକ୍ଷରେ ତ୍ରିପ୍ତି ଦିମ୍ରି ନଜର ଆସିବେ ବୋଲି କୁହାଯାଉଥିଲା। କିନ୍ତୁ 'ଆନିମଲ୍' ଫିଲ୍ମ ପରେ ତ୍ରିପ୍ତି ବୋଲ୍ଡ ଅନ୍ଦାଜ ପାଇଁ ଚର୍ଚ୍ଚାରେ ଥିବାରୁ ତାଙ୍କୁ ଏଥିରୁ ବାଦ୍ ଦିଆଗଲା ବୋଲି ଚର୍ଚ୍ଚା ହେବାକୁ ଲାଗିଲା। ଅବଶ୍ୟ ପରେ ତ୍ରିପ୍ତି ଫିଲ୍ମ ପାଇଁ ଡେଟ୍ ଦେଇ ନ ପାରିବାରୁ ସେ ବାଦ୍ ପଡ଼ିଲେ ବୋଲି ଏହାର ନିର୍ଦ୍ଦେଶକ ଅନୁରାଗ ବସୁ ସଫେଇ ଦେଇଥିଲେ। 'ଆଶିକୀ-୩' ପାଇଁ ଜଣେ ଚୁଲବୁଲି ନାୟିକା ଖୋଜାଯାଉଥିବା ବେଳେ ଶ୍ରୀଲୀଲାଙ୍କୁ ଏଥିପାଇଁ ଚୟନ କରାଯାଇଛି। ଫିଲ୍ମକୁ ନେଇ ସେ ମଧ୍ୟ ବେଶ୍ ଉତ୍ସାହିତ ଅଛନ୍ତି।

## ଚିନ୍ତା ଶକ୍ତିକୁ ପ୍ରଭାବିତ କରୁଛି ଏଆଇ




ଆଜିକାଲି ଏଆଇ ବା କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ପ୍ରାୟ ସବୁ କାମ ପାଇଁ କରାଯାଉଛି। ତେବେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବହୁଳ ବ୍ୟବହାର ମଣିଷର ଚିନ୍ତା ଶକ୍ତି ଉପରେ ମଧ୍ୟ ପ୍ରଭାବ ପକାଉଛି। ମାଇକ୍ରୋସଫ୍ଟ ଏବଂ କାର୍ନେଗି ମେଲନ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏହି କଥା କହିଛନ୍ତି। ଏହି ଗବେଷଣାରେ କୁହାଯାଇଛି, ଯେତେବେଳେ ଲୋକେ ଏଆଇ ଉପରେ ନିର୍ଭର କରନ୍ତି, ସେତେବେଳେ ସେମାନେ ନିଜେ ଚିନ୍ତା କରିବା ପରିବର୍ତ୍ତେ ଏଆଇକୁ ଦିଆଯାଇଥିବା ତଥ୍ୟକୁ ଯାଞ୍ଚ କରନ୍ତି। ଏହାଦ୍ୱାରା ସେମାନଙ୍କ ନିର୍ଣ୍ଣୟ ନେବା କ୍ଷମତା ହ୍ରାସ ପାଏ। ସେହିପରି ଏଆଇର ବହୁଳ ବ୍ୟବହାର ଦ୍ୱାରା ଲୋକମାନେ ସମସ୍ୟାର ସମାଧାନ କରିବା ଦିଗରେ ଦୁର୍ବଳ ହୋଇଥାନ୍ତି। ଏହି ଗବେଷଣାରେ ୩୧୯ ଜଣଙ୍କୁ ସାମିଲ କରାଯାଇଥିଲା। ଏହି ବ୍ୟକ୍ତିମାନେ ଏଆଇର ଉପଯୋଗ ଲେଖିବା, କିଛି ଖୋଜିବା ଏବଂ ପରାମର୍ଶ ନେବା ପାଇଁ କରିଥିଲେ। ପ୍ରାୟ ୩୬ ପ୍ରତିଶତ ଲୋକ ଏଆଇର ଭୁଲ ସୁଧାରିବାକୁ ଚେଷ୍ଟା କରିଥିବାବେଳେ ଅନ୍ୟମାନେ ଏଆଇ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇପଡ଼ିଥିଲେ। ଏହାଦ୍ୱାରା ସେମାନଙ୍କ ଚିନ୍ତନ ଶକ୍ତି ଉପରେ ପ୍ରଭାବ ପଡ଼ିଥିବାର ଦେଖାଯାଇଥିଲା। ତେବେ ଗବେଷଣାରୁ ଜଣାପଡ଼ିଲା ଯେ, ଯେଉଁମାନେ ଏଆଇ ଉପରେ ଅଧିକ ଭରସା କରନ୍ତି, ସେମାନେ କମ୍ ଆଲୋଚନାତ୍ମକ ଚିନ୍ତାଧାରାକୁ ବ୍ୟବହାର କରିଥାନ୍ତି। ଗବେଷଣାରେ ଏକଥା ବି କୁହାଯାଇଛି ଯେ, ଏଆଇ ସୀମାକୁ ବୁଝିବା ଜରୁରି। ଯଦି ଲୋକେ ଏଆଇର ଦୁର୍ବଳତାକୁ ନ ଜାଣିବେ, ତାହେଲେ ତା'ର ଭୁଲ୍ ଧରିବାକୁ ଅସମର୍ଥ ହେବେ। ତେଣୁ ସମସ୍ୟା ସମାଧାନ କରିବାର କ୍ଷମତା ଯେଭଳି ପ୍ରଭାବିତ ନ ହେବ, ତାହାକୁ ଧ୍ୟାନରେ ରଖି ଏଆଇର ବ୍ୟବହାର କରିବା ପାଇଁ ଗବେଷକମାନେ ପରାମର୍ଶ ଦେଇଛନ୍ତି।

## ଫୋନ୍ ଲାଉଡ୍‌ସ୍ପିକର୍‌ରେ କଥା ହେବାରୁ ଜରିମାନା

ଅଧିକାଂଶ ଲୋକ ମୋବାଇଲ୍‌ରେ ଲାଉଡ୍‌ସ୍ପିକର୍ ଦେଇ ବେଶ୍ ଉଚ୍ଚସ୍ୱରରେ ବାର୍ତ୍ତାଳାପ କରିଥାନ୍ତି। ଅବଶ୍ୟ ଏଥିପାଇଁ ଏଭଳି ବ୍ୟକ୍ତିଙ୍କୁ ଅନେକ ସମୟରେ ସମାଲୋଚନାର ଶିକାର ହେବାକୁ ପଡ଼ିଥାଏ। ଏହି ପରିପ୍ରେକ୍ଷୀରେ ଲାଉଡ୍‌ସ୍ପିକର୍‌ରେ କଥାହେବା ଜଣେ ବ୍ୟକ୍ତିଙ୍କୁ ବେଶ୍ ମହଙ୍ଗା ପଡ଼ିଛି। ଫୋନ୍‌ରେ ଲାଉଡ୍‌ସ୍ପିକର୍ ଦେଇ କଥା ହେବାରୁ ଏହି ବ୍ୟକ୍ତିଙ୍କ ଉପରେ ୨୦୦ ୟୁରୋ ଅର୍ଥାତ୍ ଭାରତୀୟ ମୁଦ୍ରାରେ ପାଖାପାଖି ୧୮ ହଜାର ଟଙ୍କା ଜରିମାନା ଲାଗିଛି। ଘଟଣାଟି ଫ୍ରାନ୍ସର ବୋଲି ଜଣାପଡ଼ିଛି। ଡେଭିଡ୍ ନାମକ ଏହି ବ୍ୟକ୍ତିଙ୍କ କହିବାନୁଯାୟୀ, ସେ ରବିବାର ନାନଟେସ ଷ୍ଟେସନରେ ତାଙ୍କ ଭଉଣୀଙ୍କ ସହ ଫୋନ୍‌ରେ ଲାଉଡ୍‌ସ୍ପିକର୍‌ରେ କଥା ହେଉଥିଲେ। ସେହି ସମୟରେ ଫ୍ରାନ୍ସ ରେଲୱେ ବିଭାଗର ଏସ୍‌ଏନ୍‌ସିଏଫ୍‌ର ଜଣେ କର୍ମଚାରୀ ତାଙ୍କ ନିକଟକୁ ଆସି ସ୍ପିକର୍ ବନ୍ଦ କରି କଥା ହେବାକୁ ପରାମର୍ଶ ଦେଇଥିଲେ। ଏଥି ସହିତ ତାଙ୍କୁ ସତର୍କ କରିଥିଲେ, ଯେ ଲାଉଡ୍‌ସ୍ପିକର୍ ବନ୍ଦ ନ କଲେ ତାଙ୍କ ଉପରେ ୧୫୦ ୟୁରୋର ଜରିମାନା ଲଗାଯିବ। କିନ୍ତୁ ଡେଭିଡ୍ ତାଙ୍କ କଥା ନ ମାନିବାରୁ ତାଙ୍କ ଉପରେ ୨୦୦ ୟୁରୋର ଜରିମାନା ଲଗାଯାଇଥିଲା। ଅବଶ୍ୟ ଏହି ଘଟଣାକୁ ନେଇ ଡେଭିଡ୍ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଡେଭିଡ୍‌ଙ୍କ କହିବାନୁଯାୟୀ, ଜରିମାନା କଥା ଶୁଣି ସେ ପ୍ରଥମେ ଏହାକୁ ମଜାକ୍‌ରେ ନେଇଥିଲେ। ଅନ୍ୟପକ୍ଷରେ ରେଲୱେ ଅଧିକାରୀଙ୍କ କହିବାନୁଯାୟୀ, ଡେଭିଡ୍ ଜରିମାନା ମନା କରିବାରୁ ତାଙ୍କ ଉପରେ ଲାଗିଥିବା ଜରିମାନା ରାଶି ବୃଦ୍ଧି କରାଯାଇଥିଲା। ତେବେ ଫ୍ରାନ୍ସରେ ସର୍ବସାଧାରଣ ସ୍ଥାନରେ ଲାଉଡ୍‌ସ୍ପିକର୍ ଦେଇ ମୋବାଇଲ୍ ବ୍ୟବହାରକୁ ନେଇ ଯଦିଓ କୌଣସି ଆଇନ ନାହିଁ, କିନ୍ତୁ ଶବ୍ଦ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ନିୟମ କରାଯାଇଛି। ଫ୍ରାନ୍ସ ପରିବହନ ନିୟମ ଅନୁସାରେ, ଯେଉଁ ବ୍ୟକ୍ତି ସର୍ବସାଧାରଣ ସ୍ଥାନରେ, ସାଉଣ୍ଡ ଡିଭାଇସ ବ୍ୟବହାର କରନ୍ତି, କିମ୍ବା ଅଧିକ ଶବ୍ଦ ଦ୍ୱାରା ଅନ୍ୟମାନଙ୍କୁ ବିରକ୍ତ କରାନ୍ତି, ଏଥିପାଇଁ ସେମାନଙ୍କୁ ଜରିମାନା ଦେବାକୁ ପଡ଼ିଥାଏ। ସାମାଜିକ ଗଣମାଧ୍ୟମରେ ଏହି ଖବର ପ୍ରକାଶ ପାଇବା ପରେ ବେଶ୍ ଚର୍ଚ୍ଚାରେ ରହିଛି।



## ଗୀତାବାଣୀ



ସମଂ କାୟଶିରୋଗ୍ରୀବଂ ଧାରୟନ୍ନଚଳଂ ସ୍ଥିରଃ।
ସମ୍ପ୍ରେକ୍ଷ୍ୟ ନାସିକାଗ୍ରଂ ସ୍ୱଂ ଦିଶଶ୍ଚାନବଲୋକୟନ୍॥

କାୟା, ଶିର ଓ ଗ୍ରୀବାକୁ ଅଚଳ ଭାବେ ସିଧା ରଖି ତଥା କୌଣସି ଦିଗକୁ ଦୃଷ୍ଟି ନ ଦେଇ, କେବଳ ନିଜ ନାସିକାର ଅଗ୍ରଭାଗକୁ ଦୃଷ୍ଟି ଦେଇ ସ୍ଥିର ଭାବେ ବସନ୍ତୁ।

ଷଷ୍ଠୋଽଧ୍ୟାୟଃ- ଶ୍ଳୋକ-୧୩

## ଧୁନି

**ତୀର୍ଥରାଜ ପ୍ରୟାଗରେ ଚାଲିଛି ପ୍ରସିଦ୍ଧ କୁମ୍ଭମେଳା। ଏହି ମେଳାକୁ ଅନେକ ସାଧୁ ସନ୍ଥଙ୍କ ଆଗମନ ହୋଇଛି। ତେବେ ମହାକୁମ୍ଭରେ ଅନେକ ସାଧୁଙ୍କ ତମ୍ବୁ ଭିତରେ ହେଉ ଅବା ବାହାରେ ଧୁନି ଜଳୁଥିବା ଦେଖିବାକୁ ମିଳେ। ତେବେ ଏହା କୌଣସି ସାଧାରଣ ଅଗ୍ନି ନୁହେଁ। ଏହା ସିଦ୍ଧ ମନ୍ତ୍ରରେ ଜଳିଥାଏ।**



**ଧୁନି ନୁହେଁ ସାଧାରଣ ନିଆଁ:** କୌଣସି ସାଧୁଙ୍କ ଦ୍ୱାରା ପ୍ରଜ୍ୱଳିତ ଧୁନି ସାଧାରଣ ନିଆଁ ନୁହେଁ। ଏହାକୁ ସିଦ୍ଧ ମନ୍ତ୍ରରେ ଶୁଭ ମୁହୂର୍ତ୍ତରେ ଜଳାଯାଏ। ସେହିପରି କୌଣସି ସାଧୁ ଏହାକୁ ଏକାକୀ ଜଳାଇପାରିବେ ନାହିଁ। ଏ ଲାଗି ସେମାନଙ୍କ ଗୁରୁଙ୍କ ଉପସ୍ଥିତି ଜରୁରି। ଗୁରୁଙ୍କ ଅନୁମତିରେ ହିଁ ଧୁନି ଜଳାଯାଏ। ଏହି ଧୁନିରେ ସାଧୁଙ୍କ ପୂରା ତପ ଓ ବଳ ଥାଏ। ଏଣୁ ସାଧୁ ଯେଉଁଠି ଡେରା ପକାନ୍ତି, ପ୍ରଥମେ ସେଠାରେ ଧୁନି ହିଁ ଜଳିଥାଏ।

**ଅଖଣ୍ଡ ଧୁନି:** ଏହି ଧୁନି ହେଉଛି ସାଧୁଙ୍କ ଜୀବନଶୈଳୀର ଅଭିନ୍ନ ଅଙ୍ଗ। ଯେଉଁ ସାଧୁ ଯେତେ ଦିନ ପାଇଁ ଯେଉଁଠି ରହନ୍ତି, ସେଠାରେ ସେତେ ଦିନ ପର୍ଯ୍ୟନ୍ତ ଧୁନି ନିରନ୍ତର ଜଳେ। ଏହାକୁ ଯେଉଁ ସାଧୁ ଜଳାନ୍ତି, ତାହାର ଦାୟିତ୍ୱ ବି ତାଙ୍କର ହୋଇଥିବାରୁ ତାଙ୍କୁ ସର୍ବଦା ଧୁନିର ଆଖପାଖରେ ରହିବାକୁ ପଡ଼ିଥାଏ। ସେହିପରି କୌଣସି କାରଣ ପାଇଁ ସେହି ସାଧୁ କେଉଁଠିକୁ ଗଲେ, ଧୁନିର ଆଖପାଖରେ ତାଙ୍କର କୌଣସି ସେବକ ବା ଶିଷ୍ୟ ଉପସ୍ଥିତ ରହନ୍ତି। ଯେପରି ଧୁନି ନିର୍ବାପିତ ନ ହେବ।

**ଧୁନି ସେବାରେ ଚିମୁଟା:** ସାଧୁଙ୍କ ପାଖରେ ଯେଉଁ ଚିମୁଟା ଥାଏ, ତାହା ବାସ୍ତବରେ ଧୁନି ସେବା ଲାଗି ଉଦ୍ଦିଷ୍ଟ। ଏହି ଚିମୁଟାର ଉପଯୋଗ ଅନ୍ୟ କେଉଁଠି କରାଯାଏ ନାହିଁ। ଧୁନିର ନିଆଁକୁ ଚିମୁଟା ମାଧ୍ୟମରେ ବ୍ୟବସ୍ଥିତ କରାଯାଏ। କୁହାଯାଏ, ଯଦି ଜଣେ ସାଧୁ ଧୁନି ପାଖରେ ବସି କିଛି କହନ୍ତି କିମ୍ବା ଆଶୀର୍ବାଦ ଦିଅନ୍ତି, ତାହା ଅବଶ୍ୟ ପୂରଣ ହୋଇଥାଏ। ନାଗା ସାଧୁଙ୍କ ଜୀବନ ଏହି ଧୁନି ଆଖପାଖରେ ହିଁ ଅତିବାହିତ ହୁଏ।

## ସ୍ୱସ୍ତି

## କେଉଁ ରାଶି ପାଇଁ ତମ୍ବା ଶୁଭ

**ଜ୍ୟୋତିଷ ଶାସ୍ତ୍ରରେ ଧାତୁ ସହ ସମ୍ବନ୍ଧିତ ଜିନିଷକୁ ନେଇ ବିଶେଷ ନିୟମ ନିର୍ଦ୍ଧାରଣ କରାଯାଇଛି। ତେବେ ଜ୍ୟୋତିର୍ବିଦଙ୍କ ଅନୁସାରେ, ପ୍ରତ୍ୟେକ ଧାତୁ ଜୀବନରେ ଶୁଭ ଓ ଅଶୁଭ ପ୍ରଭାବ ପକାଏ। ଏହି କ୍ରମରେ ତମ୍ବାର ସମ୍ବନ୍ଧ ସୂର୍ଯ୍ୟ ଓ ମଙ୍ଗଳ ଗ୍ରହ ସହ ରହିଛି। ତମ୍ବା ହେଉଛି ଏକ ଅଗ୍ନି ତତ୍ତ୍ୱ। ତେଣୁ ଏହା ସମସ୍ତଙ୍କ ପାଇଁ ଶୁଭ ହୋଇ ନ ଥାଏ। ତେବେ ତମ୍ବା କେଉଁ ରାଶିଙ୍କ ପାଇଁ ଶୁଭ, ସେ ସମ୍ପର୍କରେ ଜାଣିବା।**



**ମେଷ:** ଏହି ରାଶି ବ୍ୟକ୍ତିଙ୍କ ପାଇଁ ତମ୍ବା ଶୁଭ। ଜାତକରେ ମଙ୍ଗଳ ସ୍ଥିତିକୁ ମଜଭୁତ କରିବା ପାଇଁ ହନୁମାନଙ୍କ ପୂଜା ନିୟମିତ କରିବା ଉଚିତ। କାରଣ ତମ୍ବାର ସମ୍ବନ୍ଧ ମଙ୍ଗଳ ଗ୍ରହ ସହ ରହିଛି। ତେଣୁ ମେଷ ରାଶି ବ୍ୟକ୍ତିଙ୍କ ପାଇଁ ତମ୍ବା କଡ଼ା ବା କଙ୍କଣ ଧାରଣ ଉତ୍ତମ।

**ସିଂହ:** ଏହି ରାଶିର ସ୍ୱାମୀ ଗ୍ରହ ସୂର୍ଯ୍ୟ ଦେବ। ସୂର୍ଯ୍ୟଦେବ ସର୍ବଦା ତମ୍ବାରେ ପ୍ରଭାବିତ ରହନ୍ତି। ତେଣୁ ସିଂହ ରାଶି ବ୍ୟକ୍ତିଙ୍କୁ ହାତରେ ତମ୍ବା କଡ଼ା ଧାରଣ କରିବା ଉଚିତ। ଏଭଳି କରିବା ଦ୍ୱାରା ଜୀବନରେ ଶୁଭ ପରିଣାମର ପ୍ରାରମ୍ଭ ହୋଇଥାଏ। ଏହାସହ ଜୀବନରେ ମାନ-ସମ୍ମାନ ଏବଂ ସକାରାତ୍ମକ ଶକ୍ତି ସଞ୍ଚାର ହୁଏ।

**ଧନୁ:** ଧନୁ ରାଶି ବ୍ୟକ୍ତିଙ୍କ ପାଇଁ ବି ଶୁଭ ତମ୍ବା କଡ଼ା। ଏହାକୁ ଧାରଣ କଲେ ଭାଗ୍ୟରେ ଉନ୍ନତି ପରିଲକ୍ଷିତ ହୁଏ। ଜୀବନରେ ଶୁଭ ତଥା ସକାରାତ୍ମକ ଫଳ ମିଳେ।

## ପ୍ରଶ୍ନୋତ୍ତର

୧. ରାମାୟଣରେ ରାବଣ କେଉଁ ଦେବତାଙ୍କର ପରମ ଭକ୍ତ ଥିଲେ?
୨. ଦୀପାବଳି କେଉଁ ମାସରେ ପାଳନ କରାଯାଏ।
୩. ଯୁଧିଷ୍ଠିର କେତେ ବର୍ଷ ରାଜ୍ୟ ଶାସନ କରିଥିଲେ?
୪. ମହର୍ଷି ବାଲ୍ମୀକିଙ୍କ ଗୁରୁଙ୍କ ନାମ କ'ଣ?
୫. କାହାର କନ୍ୟା ଥିଲେ ରାକ୍ଷସୀ ତ୍ରିଜଟା?

**ଉତ୍ତର**

(୧) ଶିବ
(୨) କାର୍ତ୍ତିକ
(୩) ୩୬ ବର୍ଷ
(୪) ଦେବର୍ଷି ନାରଦ
(୫) ବିଭୀଷଣ

## ଫାଲ୍‌ଗୁନ ମାସ

**ହିନ୍ଦୁ ପଞ୍ଜିକା ତଥା ଭାରତର ଜାତୀୟ ନାଗରିକ କ୍ୟାଲେଣ୍ଡର ଅନୁସାରେ ଫାଲ୍‌ଗୁନ ବା ଫଗୁଣ ମାସ ହେଉଛି ଦ୍ୱାଦଶ ତଥା ଅନ୍ତିମ ମାସ। ଆଧ୍ୟାତ୍ମିକତା ଓ ପ୍ରକୃତିର ବିଭବତା ଦୃଷ୍ଟିରୁ ଏହି ମାସର ଗୁରୁତ୍ୱ ରହିଛି। ଏହାକୁ ଆନନ୍ଦ ଓ ଉଲ୍ଲାସର ମାସ ବୋଲି କୁହାଯାଏ। ଋତୁରାଜ ବସନ୍ତର ଆଗମନରେ ଜାତିଜାତିକା ଫୁଲ ଓ ଫଳରେ ବୃକ୍ଷରାଜି ମଣ୍ଡିତ ହୋଇଥାନ୍ତି। ଫାଲ୍‌ଗୁନ ମାସରୁ ଧୀରେ ଧୀରେ ଗରମ ଅନୁଭୂତ ହେବା ଆରମ୍ଭ ହୁଏ ଏବଂ ଶୀତ କମିଯାଏ। ମଝିରେ ମଝିରେ ମୃଦୁ ମଳୟର ସ୍ପର୍ଶ ଅନୁଭବ ହୁଏ।**

**ଚନ୍ଦ୍ରଙ୍କ ଜନ୍ମ:** ଏହି ମାସରେ ଅନେକ ବଡ଼ ପର୍ବ ପାଳନ କରାଯାଏ। ଫାଲ୍‌ଗୁନ ଶୁକ୍ଳ ଅଷ୍ଟମୀରେ ମା' ଲକ୍ଷ୍ମୀ ଏବଂ ମା' ସୀତାଙ୍କ ପୂଜାର ବିଧି ଅଛି। ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀ ହେଉଛି ଭଗବାନ ଶିବଙ୍କ ଉପସାସନାର ମହାପର୍ବ ଶିବରାତ୍ରୀ ପାଳନ କରାଯାଏ। ଫାଲଗୁନ୍‌ରେ ଚନ୍ଦ୍ରଙ୍କ ଜନ୍ମ ହୋଇଥିଲା। ତେଣୁ ଚନ୍ଦ୍ରଙ୍କ ଉପାସନା ମଧ୍ୟ ଏହି ମାସରେ କରାଯାଏ।



**ଶ୍ରୀକୃଷ୍ଣଙ୍କ ଉପାସନା:** ଫାଲଗୁନ୍‌ରେ ପ୍ରେମ ଓ ଆଧ୍ୟାତ୍ମର ପର୍ବ ହୋଲି ପାଳନ କରାଯାଏ। ଫଗୁ ଦଶମୀରେ ଠାକୁରମାନଙ୍କୁ ଫଗୁ ଲାଗି ହେବା ପରେ ଫଗୁ ଖେଳ ଆରମ୍ଭ ହୋଇଥାଏ। ଏହା ଭଗବାନ ଶ୍ରୀକୃଷ୍ଣଙ୍କର ବସନ୍ତ ରାସର ସମୟ। ସେଥିପାଇଁ ଫାଲ୍‌ଗୁନ ମାସରେ ଶ୍ରୀକୃଷ୍ଣଙ୍କ ପୂଜା ଓ ଉପାସନା ବିଶେଷ ଫଳଦାୟୀ ହୋଇଥାଏ। ସନ୍ତାନ ପ୍ରାପ୍ତି ଲାଗି ବାଳକୃଷ୍ଣଙ୍କ ପୂଜା କରିବା ଭଲ। ସେହିପରି ଜ୍ଞାନ ଓ ବୈରାଗ୍ୟ ଲାଗି ଗୁରୁ କୃଷ୍ଣଙ୍କ ଉପାସନା କରିବା ଦରକାର। ଏହି ମାସରେ ପ୍ରତିଦିନ ସକାଳୁ ଉଠି ସ୍ନାନ କରିବା ଏବଂ ସ୍ୱଚ୍ଛ ବସ୍ତ୍ର ପରିଧାନ କରିବା ଉଚିତ। ଗଙ୍ଗା ଜଳରେ ପୂଜାସ୍ଥଳକୁ ପବିତ୍ର କରି ଦେବୀ ଦେବତାଙ୍କ ପୂଜାର୍ଚ୍ଚନା କରିବା ଦରକାର। ଭଗବାନଙ୍କୁ ଫୁଲ, ଧୂପ, ଅକ୍ଷତ, ଦୀପ, ପଞ୍ଚାମୃତ, ମିଠା, ଫଳ, କର୍ପୂର ଆଦି ଅର୍ପଣ କରିବା ଶୁଭ। ନିଜ ସାଧ୍ୟ ଅନୁସାରେ ଗରିବଙ୍କୁ ଅନ୍ନ, ବସ୍ତ୍ର ଦାନ କରିପାରିବେ।

### ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ

# ଶୀତଳ ଭଣ୍ଡାରରେ ଚୌଦ୍ୱାର ସମନ୍ୱିତ ବୟନ ବିହାର

ଚୌଦ୍ୱାର, ୧୬।୨(ସମିସ): ଓଡ଼ିଶାରେ ଏବେ ଡବଲ ଇଞ୍ଜିନ। ଶିଳ୍ପ ସମୃଦ୍ଧି ସହ ରାଜ୍ୟର ବିକାଶ ଖୁବ୍‌ଶୀଘ୍ର। ଏଭଳି ନାରା ଦେଉଥିବା ରାଜ୍ୟ ସରକାର କିନ୍ତୁ ଅଣଦେଖା କରୁଛନ୍ତି ଐତିହାସିକ ଶିଳ୍ପନଗରୀ ଚୌଦ୍ୱାର ପ୍ରତି। ରାଜ୍ୟରେ ବହୁ ଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବା ବେଳେ ଚୌଦ୍ୱାରଠାରେ ବନ୍ଦ ଓଟିଏମର ବିକଳ୍ପ ସ୍ୱରୂପ ସମନ୍ୱିତ ବୟନ ବିହାର ତଥା ନୂଆ କପଡ଼ା ଉଦ୍ୟୋଗ ୱେଲସ୍ପନର ଶିଳାନ୍ୟାସ କରାଯିବାର ୧ ବର୍ଷ ପୂରଣ ହୋଇଛି। ତେବେ ସରକାରଙ୍କ ଆନ୍ତରିକତାର ଅଭାବ ଯୋଗୁଁ ଏହି କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁ ନଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଶିଳ୍ପ ପାଇଁ ଶିଳାନ୍ୟାସ କରି ଚୌଦ୍ୱାର ତଥା ଆଖପାଖ ଅଞ୍ଚଳର ହଜାର ହଜାର ଜନସାଧାରଣଙ୍କ ଜୀବିକା ଉପାର୍ଜନ ପାଇଁ ଯେଉଁ ଆଶା ସୃଷ୍ଟି କରିଥିଲେ ଏବେ ଡବଲ ଇଞ୍ଜିନ ସରକାରରେ ଏହି ଆଶା ସ୍ଥାଣୁ ପାଲଟି ଯାଇଛନ୍ତି। କେବଳ ବିଭିନ୍ନ ଗଣମାଧ୍ୟମରେ ସରକାର କେବଳ ପ୍ରଗତିର ଯେଉଁ ବାହାସ୍ଫୋଟ ମାରୁଛନ୍ତି କାର୍ଯ୍ୟକ୍ଷେତ୍ରରେ ତାହା ଦେଖିବାକୁ ମିଳୁ ନ ଥିବା ଚୌଦ୍ୱାରବାସୀ ଅଭିଯୋଗ ଉଠାଇଛନ୍ତି।

ଦୀର୍ଘ ବର୍ଷ ଧରି ଶିଳ୍ପନଗରୀର ମାନ୍ୟତା ପାଇଥିବା ଚୌଦ୍ୱାର ଶ୍ରୀହୀନ ହୋଇପଡୁଥିବା ବେଳେ କାଗଜକଳ, ଲିବ୍ରାକାର୍ପେଟ ଏବଂ ଓଟିଏମ ଶିଳ୍ପ ବନ୍ଦ ହୋଇଥିବା ଯୋଗୁଁ ହଜାର ହଜାର ଶ୍ରମିକ ପରିବାର ରୋଜଗାର ହରାଇ ହତାଶ ହୋଇପଡ଼ିଥିଲେ। ବିଶେଷକରି ଓଟିଏମ ଶିଳ୍ପକୁ ନେଇ ଆଇନ ଅଦାଲତର ଗୋଲକଧନ୍ଦା ଭିତରେ ପେଶି ହୋଇ ଯାଇଥିବାବେଳେ




ତତ୍‌କାଳୀନ ରାଜ୍ୟସରକାର ଏଠାରେ ଏକ ନୂତନ ଶିଳ୍ପ ପ୍ରତିଷ୍ଠା କରିବା ସହ ଶିଳ୍ପ ଉପଯୋଗୀ ଅଞ୍ଚଳକୁ ବିଭିନ୍ନ ଉଦ୍ୟୋଗୀମାନଙ୍କୁ ଦେଇ ଶିଳ୍ପ ସମୃଦ୍ଧ କରିବା ପାଇଁ ଯୋଜନା କରିଥିଲେ। ଏହି ପରିପ୍ରେକ୍ଷୀରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ୨୦୨୪ ମସିହା ଫେବୃଆରୀ ୧୭ ତାରିଖରେ ଓଟିଏମ ହାଇସ୍କୁଲ ସନ୍ନିକଟ ଏକ ବିସ୍ତୀର୍ଣ୍ଣ ପ୍ରାଙ୍ଗଣରେ ଏକ ସାଧାରଣ ସଭାରେ ୱେଲସ୍ପନ ଶିଳ୍ପାନୁଷ୍ଠାନ ପାଇଁ ଶିଳାନ୍ୟାସ କରିଥିଲେ। ଏହି ଶିଳ୍ପ ପାଇଁ ୱେଲସ୍ପନ କମ୍ପାନୀ ୩ ହଜାର ୫୦ କୋଟି ଟଙ୍କା ପୁଞ୍ଜିନିବେଶ କରିବା ସହ ୧୦ ହଜାର ପ୍ରତ୍ୟକ୍ଷ ଓ ୩୦ହଜାର ପରୋକ୍ଷ ନିଯୁକ୍ତି ସୁଯୋଗ ପ୍ରଦାନ କରିବାକୁ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଘୋଷଣା କରିଥିଲା। ଏଥିସହ ରାଜ୍ୟର କଳାହାଣ୍ଡି, ବଲାଙ୍ଗିର, ରାୟଗଡ଼ା, ଗଜପତିର ହଜାର ହଜାର କପା ଚାଷୀ ମଧ୍ୟ ଉପକୃତ ହେବେ ବୋଲି ଜଣାପଡ଼ିଥିଲା। ତେବେ ଏହା ଏକ କୃଷି ଭିତ୍ତିକ ଶିଳ୍ପ ହେଉଥିବାରୁ ଓଡ଼ିଶା କେବଳ ଶିଳ୍ପରେ ନୁହେଁ କୃଷିରେ ମଧ୍ୟ ବିକାଶ ଦିଗରେ ଆଗେଇଥାନ୍ତା। ଏଥିସହ ଭାରତରେ ସବୁଠୁ ଅଧିକ ପୁଞ୍ଜି ଓଡ଼ିଶାକୁ ଆସୁଛି ବୋଲି ୱେଲସ୍ପନ ଅଧ୍ୟକ୍ଷ ମଧ୍ୟ ସେହି ସମୟରେ ସୂଚନା ଦେଇଥିଲେ। ତେବେ ଓଟିଏମ ଶିଳ୍ପର ଜମିକୁ ଇଡ୍‌କୋ ଜରିଆରେ ବିଭିନ୍ନ ଶିଳ୍ପକ୍ଷେତ୍ରକୁ ପ୍ରଦାନ କରାଯିବା ସହ ୱେଲସ୍ପନ କାରଖାନାର ସୀମା ପାଚେରି କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର କିଛି ଦିନ ପରେ ରାଜ୍ୟରେ ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହେବା ଯୋଗୁଁ ଏହି ଶିଳ୍ପାନୁଷ୍ଠାନର ପ୍ରାରମ୍ଭିକ କାର୍ଯ୍ୟ ଅଟକି ଯାଇଥିଲା।

ହେଲେ ନିର୍ବାଚନ ଶେଷ ହୋଇଛି ନୂଆ ସରକାର ମଧ୍ୟ ଦାୟିତ୍ୱ ନେଇଛନ୍ତି; ମାତ୍ର ପୂର୍ବ ସରକାର ଯେଉଁ ଜନହିତକର କାର୍ଯ୍ୟର ଶିଳାନ୍ୟାସ କରିଥିଲେ, ତାହା କେବଳ କାଗଜକଲମରେ ଅଟକି ଯାଇଛି ବୋଲି ଅଞ୍ଚଳର ବୁଦ୍ଧିଜୀବୀ ତଥା ଶ୍ରମିକ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ତେବେ ନୂଆ ସରକାର କେବଳ ବାକ୍ୟବୀରଙ୍କ ଭଳି ବିବୃତ୍ତି ଦେଉଥିଲେ ମଧ୍ୟ ପ୍ରକୃତ ପକ୍ଷେ ଶିଳ୍ପାନୁଷ୍ଠାନର ବିକାଶ କ୍ଷେତ୍ରରେ କୌଣସି ପଦକ୍ଷେପ ନ ନେବା ଦୁର୍ଭାଗ୍ୟଜନକ ବୋଲି ଚର୍ଚ୍ଚା ହେଉଛି। ସମ୍ପ୍ରତି ବିଜେପି ସରକାର ରାଜ୍ୟରେ ଶିଳ୍ପାୟନର ବିକାଶ ପାଇଁ ଯେଉଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ତାହା ଚୌଦ୍ୱାରକୁ ଦେଖିଲେ ସ୍ପଷ୍ଟ ହୋଇପଡୁଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ଡରିଗଲେ କି ସରକାର!

ଭୁବନେଶ୍ୱର, ୧୬।୨(ସମିସ): ସରକାରଙ୍କୁ ଘାରିଛି ଶିକ୍ଷକଙ୍କ ଡ଼ର। ବିଭିନ୍ନ ଦାବି ନେଇ ଆନ୍ଦୋଳନ କରିବାକୁ ଶିକ୍ଷକମାନେ ଅନୁମତି ମାଗୁଥିଲେ ବି ସରକାର ଅନୁମତି ଦେଉନାହାନ୍ତି। ଧାରଣା ସ୍ଥଳରେ ସ୍ଥାନାଭାବ ଏବଂ ସମ୍ପ୍ରତି ପିଲାମାନଙ୍କ ପରୀକ୍ଷା ଚାଲିଥିବା ଯୋଗୁଁ ଆନ୍ଦୋଳନ ଅନୁମତି ଦିଆଯାଇପାରିବ ନାହିଁ ବୋଲି କହିଛନ୍ତି।

- ଆନ୍ଦୋଳନ ଅନୁମତି ଦେଉନାହାନ୍ତି
- ପ୍ରାଥମିକ ଶିକ୍ଷକଙ୍କୁ ମନାହେଲା ଧାରଣା ସ୍ଥଳ

ଯାହାକୁ ନେଇ ଶିକ୍ଷକ ସଂଘମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କେବଳ ଶିକ୍ଷକମାନଙ୍କ ପାଇଁ ଧାରଣା ସ୍ଥଳରେ କିପରି ଜାଗା ହେଉନି ବୋଲି ପ୍ରଶ୍ନ କରିବା ସହ ଛାତ୍ରଛାତ୍ରୀଙ୍କ କେଉଁ ପରୀକ୍ଷା ଚାଲିଛି ବୋଲି ଓଲଟା ପ୍ରଶ୍ନ କରିଛନ୍ତି। ଗତ ୧୪ ତାରିଖରେ ଆନ୍ଦୋଳନ କରିବାକୁ ପ୍ରାୟ ୬ଟି ପ୍ରାଥମିକ ଶିକ୍ଷକ ସଂଘ ମିଳିତ ନିଷ୍ପତ୍ତି ନେଇଥିଲେ। ହେଲେ ଏହାର ଦିନକ ପୂର୍ବରୁ ଅନୁମତି ଦେଇ ନ ଥିଲେ ସରକାର। ସେହିପରି ସରକାରୀ ପ୍ରାଥମିକ (ଲେଭେଲ-୫) ଶିକ୍ଷକ ସଂଘ ପକ୍ଷରୁ ମଧ୍ୟ ଆନ୍ଦୋଳନ ପାଇଁ ଅନୁମତି ମାଗିଥିବାବେଳେ ସେମାନଙ୍କୁ ମଧ୍ୟ ଅନୁମତି ମିଳିନାହିଁ। ଆସନ୍ତାକାଲି ଅର୍ଥାତ ସୋମବାର ଦିନ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ (ପିଷ୍ଟା) ଏବଂ ୧୮ ତାରିଖରେ ପଶ୍ଚିମ ଓଡ଼ିଶା ଶିକ୍ଷକ ଫୋରମ୍‌ର ସମନ୍ୱିତ ପ୍ରାଥମିକ ଶିକ୍ଷକ ସଂଘ ଓ ସ୍କିମାଟିକ୍ କନିଷ୍ଠ ଶିକ୍ଷକ ଆନ୍ଦୋଳନ କରିବା ପାଇଁ ଅନୁମତି ମାଗିଥିବାବେଳେ ସରକାର ସେମାନଙ୍କୁ ମଧ୍ୟ ନିରାଶ କରିଛନ୍ତି। ପ୍ରାୟ ୧୧ଟି ସଂଘକୁ ଆନ୍ଦୋଳନ ଅନୁମତି ନ ଦେଇ ସରକାର ଏକଛତ୍ରବାଦ୍ ଆଡ଼କୁ ମୁହାଁଉଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ଏପରିକି ବିନା ଅନୁମତିରେ ହକ୍ ପାଇଁ ଲଢ଼େଇ କରିବାକୁ ଆହ୍ୱାନ ଦେଇ ସାମାଜିକ ଗଣମାଧ୍ୟମରେ କ୍ୟାମ୍ପେନ୍ ଚଳାଇଛନ୍ତି। ଲୋକଙ୍କ ସରକାର ବୋଲି କହୁଥିଲେବି ଶିକ୍ଷକମାନଙ୍କୁ ଅଗଣତାନ୍ତ୍ରିକ ଓ ଅସମ୍ବିଧାନିକ ଭାବେ ଅନ୍ଦୋଳନରୁ ଦୂରେଇ ରଖିବାକୁ ପ୍ରୟାସ କରିଥିବା ଅଭିଯୋଗ କରିଛନ୍ତି। ଗତ ବିଧାନସଭା ପୂର୍ବରୁ ଶିକ୍ଷକ ସଂଘଗୁଡ଼ିକ ସହ ଆଲୋଚନା କରି ଭଣ୍ଡେଇ ଦେଇଥିବାବେଳେ ଚଳିତ ଥର ନାଲିଆଖି ଦେଖାଇଥିବା ବହୁ ଶିକ୍ଷକ ଅଭିଯୋଗ କରୁଛନ୍ତି।

### ଭିତର କାଠରେ ରକ୍ତ

# ଶ୍ରୀମନ୍ଦିରରେ ହେଲା ବଡ଼ ମହାସ୍ନାନ

ପୁରୀ,୧୬।୨(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଭିତରକାଠ ନିକଟରେ ରକ୍ତ ପଡ଼ିଥିବାରୁ ଏହି ବଡ଼ ମହାସ୍ନାନ କରାଯାଇଛି। ତେବେ ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତି ପ୍ରାୟ ଦେଢ଼ ଘଣ୍ଟା ବିଳମ୍ବ ହୋଇଛି। ଶୁକ୍ରବାର ଭୋର୍ ସାଢ଼େ ୫ଟାରେ ଦ୍ୱାର ଫିଟା ଯାଇ ସକାଳ ୬ଟା ୧୦ରେ ମଙ୍ଗଳ ଆଳତି ବଢ଼ିଥିଲା। ମଇଲମ, ତଡ଼ପଲାଗି ପରେ ସାଢ଼େ ୭ଟାରେ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଭିତର କାଠରୁ ଦର୍ଶନ ଚାଲିଥିଲା। ପରବର୍ତ୍ତୀ ତଡ଼ପ ଓ ମଇଲମ ହୋଇ ବେଶ ସମୟ ଭିତରକାଠ ନିକଟରେ ରକ୍ତ ପଡିଥିବା ଦେଖିବାକୁ ମିଳିଥିଲା। ଫଳରେ ସେହିଠାରୁ ନୀତି ଅଟକା ଯାଇ ମହାସ୍ନାନ ବିଧି ଆରମ୍ଭ ହୋଇଥିଲା। ବନ୍ଦ ରହିଥିଲା ସର୍ବସାଧାରଣ ଦର୍ଶନ। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡିଥିଲା। ପୂଜାପଣ୍ଡା ସେବକମାନେ ସକାଳ ୯ଟା ୨୦ରେ ମହାସ୍ନାନ ପୂଜା କରିଥିଲେ। ୯ଟା ୨୫ରେ ମହାସ୍ନାନ ପୂଜା ବଢ଼ିବା ପରେ ଆରମ୍ଭ ହୋଇଥିଲା ନୀତିକାନ୍ତି। ଏହାପରେ ଭକ୍ତମାନଙ୍କ ଦର୍ଶନ ପୁଣି ସ୍ୱାଭାବିକ ହୋଇଥିଲା।

### ଟ୍ରକ୍-କାର୍ ମୁହାମୁହିଁ ଧକ୍କା; ଶଳା-ଭିଣୋଇ ମୃତ

# ଜିଲ୍ଲା ଛାଡ଼ିବା ଆଗରୁ ଦୁନିଆ ଛାଡ଼ିଲେ ଡିଏସ୍‌ପି

ପାଣିକୋଇଲି, ୧୬।୨ (ସମିସ): ଧାର୍ଯ୍ୟ ସମୟ ଅନୁସାରେ ସବୁ କିଛି ଚାଲିଥିଲା। ସମ୍ବର୍ଦ୍ଧନା ପାଇଁ ମଞ୍ଚ ବି ପ୍ରସ୍ତୁତ ସରିଥିଲା। କିଛି ସମୟ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥା'ନ୍ତା। ବିଦାୟୀ ଡିଏସ୍‌ପିଙ୍କ କାର୍ଯ୍ୟକାଳ ସଂପର୍କରେ ଧାଡ଼ିଏ ଧାଡ଼ିଏ କହି ସାଥୀ-ସହକର୍ମୀମାନେ ତାଙ୍କୁ ବିଦାୟ ଦେଇଥା'ନ୍ତେ ଏବଂ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମନା କରିଥା'ନ୍ତେ।





କିନ୍ତୁ କେଇଟା ମୁହୂର୍ତ୍ତରେ ସବୁ କିଛି ଓଲଟପାଲଟ ହୋଇଗଲା। ଯାହା ପାଇଁ ଏତେ ବଡ଼ ଆୟୋଜନ ହୋଇଥିଲା, ଅଧବାଟରୁ ତାଙ୍କୁ ଯମ ଯେକିନେଲା। ଯାଜପୁର ଡିଏସ୍‌ପି (କ୍ରାଇମ) ବଳରାମ ନାୟକଙ୍କ ସହ ଦଇବ ଆଜି ଏମିତି ଏକ ବଡ଼ ଖେଳ ଖେଳିଛି। ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥରେ ଆଜି ଏହି ଦୁଃଖଦ ଘଟଣା ଘଟିଛି। ଚାନ୍ଦପୁର ନିକଟରେ ଏକ ଟ୍ରକ୍ ଧକ୍କାରେ ଡିଏସ୍‌ପି ଶ୍ରୀ ନାୟକଙ୍କ ସହ ୨ ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ଅନ୍ୟ ମୃତକଜଣଙ୍କ ହେଲେ, ତାଙ୍କ ଭିଣୋଇ ପୂର୍ଣ୍ଣଚନ୍ଦ୍ର ନାୟକ। ସୂଚନାନୁଯାୟୀ, ନିକଟରେ ଡିଏସ୍‌ପି ବଳରାମଙ୍କ ଜଗତସିଂହପୁର ଜିଲ୍ଲା ଏସ୍‌ଡିପିଓ ଭାବେ ବଦଳି ହୋଇଥିଲା। ସେଥିପାଇଁ ଆଜି ପାଣିକୋଇଲି ପୁଲିସ ମୁଖ୍ୟାଳୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଏଥିରେ ଯୋଗଦେବା ପାଇଁ ଭିଣୋଇ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସହ ବଳରାମ ଏକ କାର୍‌ରେ ପାଣିକୋଇଲି ଆସୁଥିଲେ। ତେବେ ୨୦ ନମ୍ବର ଜାତୀୟ ରାଜପଥର ଚନ୍ଦପୁର ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ କାର୍‌ଟି ପୂରା ଭାଙ୍ଗିରୁଜି ଚୂରମାର୍ ହୋଇଯାଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଯାଜପୁର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

ଖବର ପାଇ ଯାଜପୁର ଏସ୍‌ପି ଯଶପ୍ରତାପ ଶ୍ରୀମଲଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯାଜପୁର ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଅପରପକ୍ଷେ, ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି। ସ୍ଥାନୀୟ ପୁଲିସ୍ ଗାଡ଼ିକୁ ଅଟକ ରଖିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ପିଜିଟି ନିଯୁକ୍ତିରେ ଅନିୟମିତତା ଅଭିଯୋଗ

# ମାର୍କ ଏବଂ କଟ୍-ଅଫ୍ ଦର୍ଶାଉନି ଏସ୍‌ଏସ୍‌ବି

ଭୁବନେଶ୍ୱର,୧୬।୨(ସମିସ): ସ୍ନାତକୋତ୍ତର ଶିକ୍ଷକ (ପିଜିଟି) ନିଯୁକ୍ତି ପାଇଁ ଆଶାୟୀମାନେ ପରୀକ୍ଷା ଦେଲେ। ଆନ୍‌ସାର କି' ପ୍ରକାଶ ପାଇଲା। ଆପତ୍ତି ଥିବା ଉତ୍ତର ପାଇଁ ପରୀକ୍ଷାର୍ଥୀମାନେ ୨୦୦ ଟଙ୍କା ଲେଖାଏଁ ଦେଇ ଅଭିଯୋଗ କଲେ। ହେଲେ ଏହାପରେ କେଉଁ ଉତ୍ତର ଠିକ୍ ବା ଭୁଲ୍ ହେଲା, ଜଣାଗଲା ନାହିଁ। ଏପରିକି ପରୀକ୍ଷାର୍ଥୀମାନେ ଲିଖିତ ପରୀକ୍ଷାରେ କେତେ ନମ୍ବର ଲେଖାଏଁ ପାଇଲେ, ତାହା ବି ଦର୍ଶାଗଲା ନାହିଁ। କେତେ ମାର୍କ କଟ୍-ଅଫ୍ ଗଲା, ସେ ସମ୍ପର୍କରେ କେହି ଜାଣିପାରିଲେ ନାହିଁ। ସିଧାସଳଖ ପ୍ରମାଣପତ୍ର ଯାଞ୍ଚ କରିବାକୁ ପରୀକ୍ଷା ପରିଚାଳନା କରୁଥିବା ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି) ତାଲିକା ପ୍ରକାଶ କରିଛି। ଏହାକୁ ନେଇ ଆଶାୟୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ନିଯୁକ୍ତି ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି। କେଉଁ ଆଧାରରେ ଏହି ତାଲିକା ପ୍ରସ୍ତୁତ କରାଯାଇଛି ବୋଲି ପ୍ରଶ୍ନ କରିଛନ୍ତି।

- କେଉଁ ଆଧାରରେ ପ୍ରକାଶ ପାଇଛି ମେଧା ତାଲିକା?
- ନିର୍ଦ୍ଧାରିତ ପଦଠାରୁ କମ୍ ନିଯୁକ୍ତି ଦେବାକୁ ମସୁଧା

ସୂଚନା ଅନୁଯାୟୀ, ୧୦୬୪ ପଦରେ ନିଯୁକ୍ତି ପାଇଁ ଗତ ନଭେମ୍ବରରେ ପରୀକ୍ଷା ହୋଇଥିଲା। ଏଥିପାଇଁ ପ୍ରାୟ ୨୦ ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ହେଲେ ଆବଶ୍ୟକଠାରୁ କମ୍ ପିଲାଙ୍କୁ ଅର୍ଥାତ୍ ମାତ୍ର ୮୮୪ ପିଲାଙ୍କୁ ପ୍ରମାଣପତ୍ର ଯାଞ୍ଚ କରିବା ପାଇଁ ଡକାଯାଇଛି। ଇଂରାଜୀରେ ୧୪୮ପଦ ପାଇଁ ବିଜ୍ଞପ୍ତି ବାହାରିଥିବା ବେଳେ ୧୧୩ଜଣଙ୍କୁ ଡକାଯାଇଛି। ସେହିପରି ଅର୍ଥନୀତିରେ ୧୨୧ପଦ ପାଇଁ ୮୬, ରାଜନୀତି ବିଜ୍ଞାନରେ ୧୪୪ପଦ ପାଇଁ ୧୦୮ଙ୍କୁ ଡକାଯାଇଛି। ଅପରପକ୍ଷେ, ଯେଉଁ ୮୮୪ଜଣ ପିଲାଙ୍କୁ ପ୍ରମାଣପତ୍ର ଯାଞ୍ଚ ପାଇଁ ଏସ୍‌ଏସ୍‌ବି ଡାକିଛି, ସେଥିରୁ ମଧ୍ୟ ବିଭିନ୍ନ କାରଣରୁ ପିଲା ବାଦ୍ ପଡ଼ିପାରନ୍ତି। ତେବେ କାହିଁକି ଆବଶ୍ୟକ ପଦଠାରୁ କମ୍ ପିଲାଙ୍କ ପ୍ରମାଣପତ୍ର ଯାଞ୍ଚ କରିବାକୁ ବିଜ୍ଞପ୍ତି ହୋଇଛି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସଂପର୍କରେ ଏସ୍‌ଏସ୍‌ବି ମଧ୍ୟ କୌଣସି କାରଣ ଦର୍ଶାଇନାହିଁ।

ଓପିଆର୍‌ବି ଓ ଓଏସ୍‌ଏସ୍‌ସି ପରି ନିଯୁକ୍ତି ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ପ୍ରତିଟି କ୍ଷେତ୍ରରେ ସ୍ୱଚ୍ଛତା ରଖୁଛନ୍ତି। ପରୀକ୍ଷାର ମାର୍କ ପ୍ରକାଶ ପରେ ଆପତ୍ତି ପାଇଁ ସୁଯୋଗ ଦେଉଛନ୍ତି। ଏହାପରେ ପୁଣି ସଂଶୋଧିତ ମାର୍କ ପ୍ରକାଶ କରୁଛନ୍ତି। କେତେ ମାର୍କ କଟ୍-ଅଫ୍ ଗଲା, ସେ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରୁଛନ୍ତି। ଓଏସ୍‌ଏସ୍‌ସି ଅଧ୍ୟକ୍ଷ ଶ୍ରୀ ଅଭୟ ନିଜର 'ଏକ୍ସ' ହ୍ୟାଣ୍ଡେଲ୍‌ରେ ମଧ୍ୟ କଟ୍-ଅଫ୍ ମାର୍କ ସମ୍ପର୍କରେ ଉଲ୍ଲେଖ କରି ଆଶାୟୀଙ୍କୁ ଉତ୍ସାହିତ କରୁଛନ୍ତି। ଏପରି କ୍ଷେତ୍ରରେ ଏସ୍‌ଏସ୍‌ବି କାହିଁକି ସମସ୍ତ ତଥ୍ୟ ଲୁଚାଉଛି ବୋଲି ଆଶାୟୀମାନେ ପ୍ରଶ୍ନ କରିଛନ୍ତି। ଏସ୍‌ଏସ୍‌ବି ପକ୍ଷରୁ ପରୀକ୍ଷାରେ ରଖିଥିବା ମାର୍କ କିମ୍ବା କଟ୍-ଅଫ୍ ମାର୍କ ଅବଗତ କରାନଯିବା ପରେ ସୂଚନା ଅଧିକାର ଆଇନ (ଆର୍‌ଟିଆଇ)ର ସହାୟତା ନେଉଛନ୍ତି ଆଶାୟୀ। ସେମାନେ ପରୀକ୍ଷାରେ କେତେ ମାର୍କ ରଖିଛନ୍ତି, ସେ ସମ୍ପର୍କରେ କାର୍ଯ୍ୟାଳୟକୁ ଯାଇ ଆର୍‌ଟିଆଇ ମାଗୁଛନ୍ତି। ହେଲେ କଟ୍-ଅଫ୍ ସମ୍ପର୍କରେ ସେମାନେ ଅବଗତ ହୋଇ ପାରୁ ନ ଥିବାରୁ ଅସନ୍ତୋଷ ବଢ଼ୁଛି। ଆଗକୁ ହାଇକୋର୍ଟରେ ମାମଲା ସହ ଆନ୍ଦୋଳନକୁ ଓହ୍ଲାଇବାକୁ ମଧ୍ୟ ଆଶାୟୀମାନେ ପ୍ରସ୍ତୁତି ଚଳାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଏସ୍‌ଏସ୍‌ବି ସମ୍ପାଦକ ଡ. ରାଜେଶ କୁମାର ସାହୁ କହିଛନ୍ତି ଯେ ବିଜ୍ଞପ୍ତି ଅନୁଯାୟୀ ନିଯୁକ୍ତି ପ୍ରକ୍ରିୟା କରାଯାଉଛି।

### ତାପମାତ୍ରା
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୩୨.୬ | ୧୮.୯ |
| ଚାନ୍ଦବାଲି | ୩୨.୦ | ୧୯.୫ |
| କଟକ | ୩୧.୪ | - |
| ପାରାଦୀପ | ୨୯.୯ | ୧୯.୪ |
| ଭୁବନେଶ୍ୱର | ୩୩.୮ | ୧୭.୪ |
| ଗୋପାଳପୁର | ୩୦.୯ | ୧୯.୨ |
| ପୁରୀ | ୩୨.୦ | ୨୨.୦ |
| ଅନୁଗୋଳ | ୩୪.୧ | ୧୨.୮ |
| ବାରିପଦା | ୩୩.୦ | ୧୬.୦ |
| ଝାରସୁଗୁଡ଼ା | ୩୪.୬ | ୧୧.୮ |
| କେନ୍ଦୁଝର | ୩୧.୨ | ୧୪.୪ |
| ସମ୍ବଲପୁର | ୩୪.୨ | ୧୬.୦ |
| ସୁନ୍ଦରଗଡ଼ | ୩୪.୧ | ୧୩.୭ |
| ହୀରାକୁଦ | ୩୪.୫ | ୧୫.୬ |
| ତାଳଚେର | ୩୩.୪ | ୧୭.୨ |
| ଭବାନୀପାଟଣା | ୩୨.୪ | ୧୩.୨ |
| ବଲାଙ୍ଗିର | ୩୩.୯ | ୧୪.୧ |
| କୋରାପୁଟ | ୩୨.୫ | ୧୩.୮ |
| ଫୁଲବାଣୀ | ୨୯.୯ | ୧୦.୫ |
| ଟିଟିଲାଗଡ଼ | ୩୩.୫ | ୧୭.୨ |
| ମାଲକାନଗିରି | ୩୫.୬ | ୧୬.୬ |
| ସୋନପୁର | ୩୨.୨ | ୧୪.୫ |
| ଦାରିଙ୍ଗବାଡ଼ି | ୨୮.୦ | ୧୩.୦ |
| ନୟାଗଡ଼ | ୩୨.୫ | ୧୬.୨ |
| ବୌଦ୍ଧ | ୩୬.୫ | ୧୯.୦ |
| ଛତ୍ରପୁର | ୩୨.୩ | ୧୯.୫ |
| ପାରଳାଖେମୁଣ୍ଡି | ୩୫.୨ | ୨୦.୦ |
| ରାୟଗଡ଼ା | ୩୨.୨ | ୧୬.୨ |
| ଭଦ୍ରକ | ୩୪.୫ | - |
| ଯାଜପୁର | ୩୩.୪ | ୧୭.୬ |
| ଢେଙ୍କାନାଳ | ୩୩.୧ | ୧୫.୬ |
| ବରଗଡ଼ | ୩୨.୬ | ୧୮.୬ |
| ଦେଓଗଡ଼ | ୩୧.୦ | ୧୬.୦ |
| ନୂଆପଡ଼ା | ୩୩.୪ | ୧୫.୪ |
| ନବରଙ୍ଗପୁର | ୩୩.୦ | ୧୩.୫ |
| ଖୋର୍ଦ୍ଧା | ୩୫.୫ | - |
| ଜଗତସିଂହପୁର | ୩୩.୫ | ୧୮.୬ |
| କେନ୍ଦ୍ରାପଡ଼ା | ୩୨.୮ | ୧୮.୨ |
| ରାଉରକେଲା | ୩୨.୪ | ୧୧.୩ |

# ୩୫ ଡିଗ୍ରୀ ଉପରେ ୧୩ ସହର

### ୧୯-୨୦ ବର୍ଷା ନେଇ ୟେଲୋ ଆଲର୍ଟ

ଭୁବନେଶ୍ୱର, ୧୬।୨ (ସମିସ): ରାଜ୍ୟର ଅଧିକାଂଶ ସ୍ଥାନରେ ତାତି ଜାରି ରହିଛି। ଟାଣ ଖରା ଯୋଗୁଁ ଅନେକ ସ୍ଥାନରେ ତାପମାତ୍ରା ଅଧିକ ରହୁଛି ଓ ଏଥିପାଇଁ ତାତି ଅନୁଭୂତ ହେଉଛି। ରବିବାର ରାଜ୍ୟର ୧୩ଟି ସହରରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଥିବା ବେଳେ ୩୬.୬ ଡିଗ୍ରୀ ସହ ପାରଳାଖେମୁଣ୍ଡି ରାଜ୍ୟର ସବୁଠୁ ଉତ୍ତପ୍ତ ସହରରେ ପରିଣତ ହୋଇଛି। ସେହିପରି ଝାରସୁଗୁଡ଼ାରେ ତାପମାତ୍ରା ୩୬.୨ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଅନୁଗୋଳରେ ୩୬.୧, ବଲାଙ୍ଗୀର ୩୬, ଭବାନୀପାଟଣା ୩୬, ଟିଟିଲାଗଡ଼ ୩୬, ବୌଦ୍ଧ ୩୬, ଢେଙ୍କାନାଳ ୩୫.୮, ସମ୍ବଲପୁର ୩୫.୭, ସୋନପୁର ୩୫.୭, ହୀରାକୁଦ ୩୫.୬, ଭଦ୍ରକ ୩୫.୫, ଭୁବନେଶ୍ୱର ୩୫.୪ ଓ ବାରିପଦାରେ ତାପମାତ୍ରା ୩୫ ଡିଗ୍ରୀ ରେକର୍ଡ ହୋଇଛି। ଗତ ଫେବୃଆରୀ ୧୩ ତାରିଖରେ ରାଜଧାନୀ ଭୁବନେଶ୍ୱର ଚଳିତବର୍ଷ ପ୍ରଥମଥର ପାଇଁ ୩୫ଡିଗ୍ରୀ ଅତିକ୍ରମ କରିଥିବା ବେଳେ ଆଜି ପୁଣିଥରେ ୩୫ ଡିଗ୍ରୀ ପାର୍ କରିଛି। ଅନ୍ୟପଟେ ବର୍ତ୍ତମାନ ଦିନର ତାପମାତ୍ରା ଅଧିକ ରହୁଥିଲେ ମଧ୍ୟ ରାତିର ତାପମାତ୍ରା ସାମାନ୍ୟ ହ୍ରାସ ରହୁଛି। ଫଳରେ ରାତିରେ କିଛି ମାତ୍ରାରେ ଥଣ୍ଡା ଅନୁଭୂତ ହେଉଛି। ଅନ୍ୟପଟେ, ଆସନ୍ତା ୧୯ ତାରିଖଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ଏଥିପାଇଁ ରାତିର ତାପମାତ୍ରା ବୃଦ୍ଧି ଘଟିବ ବୋଲି ପାଣିପାଗ କେନ୍ଦ୍ର କହିଛି। କେନ୍ଦ୍ର କହିଛି ଯେ ଆସନ୍ତା ୩ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ହେବାର ସମ୍ଭାବନା ରହିଛି। ଏହାସହ ବର୍ଷା ଆଶଙ୍କା କରି ୧୯-୨୦ ପାଇଁ ବିଭିନ୍ନ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ୧୯ରେ ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଥିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ସେହିପରି ୨୦ରେ ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଦେବଗଡ଼, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ ଓ ବାଲେଶ୍ୱରରେ ମଧ୍ୟ ବର୍ଷା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

# ମହାପ୍ରଭୁଙ୍କ ନିକଟରେ ପୂଜା ହେଲା ଆଇପିଏଲ୍ ଟ୍ରଫି

ପୁରୀ,୧୬।୨(ସମିସ): ଆସନ୍ତା ମାର୍ଚ୍ଚ ୨୨ରୁ ଆରମ୍ଭ ହେବ ଭାରତୀୟ କ୍ରିକେଟ୍ ଲିଗ୍ (ଆଇପିଏଲ୍)। ଏହା ପୂର୍ବରୁ ଆଇପିଏଲ ଟ୍ରଫିକୁ ଶ୍ରୀମନ୍ଦିର ଅଣାଯାଇ ମହାପ୍ରଭୁଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଛି। ରବିବାର କୋଲକାତା ନାଇଟ ରାଇଡର୍ସ ଫ୍ରାଞ୍ଚାଇଜ୍‌ର ସଦସ୍ୟମାନେ ଏହି ଟ୍ରଫି ଶ୍ରୀମନ୍ଦିରକୁ ଆଣି ପୂଜାର୍ଚ୍ଚନା କରିଛନ୍ତି। ଏହି ଟ୍ରଫିକୁ ଦେଖିବା ପାଇଁ ପ୍ରବଳ ଲୋକଙ୍କ ସମାଗମ ହୋଇଥିଲା।



ଗତବର୍ଷ କୋଲକାତା ନାଇଟ୍ ରାଇଡର୍ସ ଆଇପିଏଲ୍ ଟ୍ରଫି ହାତେଇଥିବା ବେଳେ ଏଥର ପୁନର୍ବାର କିଭଳି ନିଜ କବ୍‌ଜାରେ ରଖିବ, ସେନେଇ ସଦସ୍ୟମାନେ ବେଶ୍ ଆଶାବାଦୀ ଅଛନ୍ତି। ଏଥିପାଇଁ ମହାପ୍ରଭୁଙ୍କ ଆଶୀର୍ବାଦ ନେବା ଲାଗି ଆଇପିଏଲ୍ ଟ୍ରଫିକୁ ସିଂହଦ୍ୱାର ସମ୍ମୁଖରେ ରଖାଯାଇ ସେବାୟତଙ୍କ ଦ୍ୱାରା ପୂଜା କରାଯାଇଥିଲା। ଅନ୍ୟପଟେ ଆଇପିଏଲ୍ ଟ୍ରଫି ଦେଖି ସେବାୟତ ଓ ଶ୍ରୀମନ୍ଦିରକୁ ଆସିଥିବା ଶ୍ରଦ୍ଧାଳୁମାନେ ବେଶ୍ ଉତ୍ସାହିତ ହୋଇପଡ଼ିଥିଲେ।

ନୂଆ ସଂସ୍କରଣର ପୂର୍ବରୁ ଏହି ଟୁର୍‌ରେ ନଅଟି ସହରରେ ଟାଟା ଆଇପିଏଲ୍ ଟ୍ରଫି ଯାତ୍ରା କରିବ। ଫେବୃଆରୀ ୧୪ରୁ ଗୌହାଟୀରୁ ଏହି ଯାତ୍ରା ଆରମ୍ଭ ହୋଇଛି। ଶେଷରେ ମାର୍ଚ୍ଚ ୧୨ ଏବଂ ୧୬ ସୁଦ୍ଧା କୋଲକାତାର ଆନନ୍ଦ ସହରକୁ ଫେରିବ। ଏହି ଟୁର୍ ଗୌହାଟୀ, ଭୁବନେଶ୍ୱର, ଜାମସେଦପୁର, ରାଞ୍ଚି, ଗ୍ୟାଙ୍ଗଟକ୍, ସିଲିଗୁଡ଼ି, ପାଟନା, ଦୁର୍ଗାପୁର ଏବଂ କୋଲକାତା ସମେତ ବିଭିନ୍ନ ଅଞ୍ଚଳକୁ ପରିକ୍ରମା କରିବ। ତେବେ ଶ୍ରୀମନ୍ଦିର ଆସିବା ପୂର୍ବରୁ କେକେଆର ଟିମ୍ ଅଫିସିଆଲ୍ ସଦସ୍ୟ ଆସାମ ସ୍ଥିତ ମା'କାମାକ୍ଷା ଦେବୀଙ୍କ ପୀଠରେ ଆଇପିଏଲ୍ ଟ୍ରଫିକୁ ପୂଜାର୍ଚ୍ଚନା କରିସାରିଛନ୍ତି।

### ଗ୍ରାମ୍ୟ ବିକାଶର ତଣ୍ଟି ଚିପିଛି ଶାସକ ବିଜେପି

# ଆରମ୍ଭ ହୋଇ ପାରିଲାନି ୧୦୦ କୋଟିର ପ୍ରକଳ୍ପ

ଯାଜପୁର, ୧୬।୨(ସମିସ): ରାଜ୍ୟରେ ବିଜେପି ସରକାର ଆସିବା ପରେ 'ଆମ ଓଡ଼ିଶା-ନବୀନ ଓଡ଼ିଶା' ଯୋଜନା ନାମକୁ ବଦଳାଇ 'ବିକଶିତ ଗାଁ-ବିକଶିତ ଓଡ଼ିଶା' ନାଁ ଦେଇଛନ୍ତି। ଗାଁ ଗଣ୍ଡାର ଉନ୍ନତି ପାଇଁ ସଂକଳ୍ପବଦ୍ଧ ବୋଲି ଡିଣ୍ଡିମ ପିଟୁଛନ୍ତି। ମାତ୍ର ଗ୍ରାମ୍ୟ ବିକାଶ ପାଇଁ ନବୀନ ସରକାର ଅମଳରେ ମଞ୍ଜୁର କରିଥିବା 'ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା'ର ୧୦୦ କୋଟି ଟଙ୍କା ପ୍ରକଳ୍ପ ଆରମ୍ଭ ହୋଇନାହିଁ। ଶାସକ ଦଳ ନେତାଙ୍କ ଚାପରେ ପ୍ରଶାସନ କଳ ଗତ ୮ ମାସ ତଳୁ ଯାଜପୁର ଜିଲ୍ଲାରେ 'ଆମ ଓଡ଼ିଶା-ନବୀନ ଓଡ଼ିଶା' ଯୋଜନାର ଅନୁଦାନ ଖର୍ଚ୍ଚ କରାଇ ଦେଉ ନାହାନ୍ତି। ଯେଉଁ କେତୋଟି ପ୍ରକଳ୍ପ ନିର୍ମାଣ ହୋଇଛି ତାହାର ବିଲ୍ ବାବଦକୁ ୫୦ କୋଟି ଟଙ୍କାର ଅନୁଦାନକୁ ଶାସକ ଦଳ ଚାପରେ ବ୍ଲକ୍ ପ୍ରଶାସନ ଚାପି ରଖିଥିବା ଅଭିଯୋଗ ହୋଇଛି। ଗ୍ରାମୀଣ ଓଡ଼ିଶାର ଜୀବନଧାରଣ ମାନ ବୃଦ୍ଧି ଏବଂ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ୨ ବର୍ଷ ତଳେ ଓଡ଼ିଶା ସରକାର 'ଆମ ଓଡ଼ିଶା-ନବୀନ ଓଡ଼ିଶା' ଯୋଜନା ପ୍ରଣୟନ କରିଥିଲେ। ଗତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ପ୍ରତି ପଞ୍ଚାୟତକୁ ଏହି ଯୋଜନାରେ ବାର୍ଷିକ ୫୦ ଲକ୍ଷଟଙ୍କା ଲେଖାଏଁ ଅନୁଦାନ ମଞ୍ଜୁର କରିଥିଲେ। ଯାଜପୁର ଜିଲ୍ଲାର ୩୧୧ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ୪୧୦୯ ଗୋଟି ପ୍ରକଳ୍ପ ପାଇଁ ସରକାର ୧୫୫ କୋଟି ୫୦ ଲକ୍ଷଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ମାତ୍ର ଶାସକ ଦଳ ଚାପରେ ଏଯାବତ୍ ୧୬୫୦ ଗୋଟି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇ ପାରି ନାହିଁ। ଯେଉଁ କେତୋଟି ପ୍ରକଳ୍ପରେ କାର୍ଯ୍ୟ ଆରମ୍ଭ ହୋଇଛି ସେ ସମସ୍ତ ପ୍ରକଳ୍ପରେ ବ୍ଲକ୍ ପ୍ରଶାସନ ୫୮ କୋଟି ଟଙ୍କା ବିଲ୍ ଠିକାଦାରଙ୍କୁ ମିଳିନାହିଁ। ଶାସକ ଦଳ ନେତାଙ୍କୁ ବଟି ନ ଦେଲେ ବିଲ୍ ପାସ୍ ହେଉ ନ ଥିବା ଅଭିଯୋଗ ହୋଇଛି।

ଗ୍ରାମବାସୀଙ୍କ ଆବଶ୍ୟକତା ଅନୁଯାୟୀ ଆମ ଓଡ଼ିଶା-ନବୀନ ଓଡ଼ିଶା ଯୋଜନାରେ ସମସ୍ତ ଧର୍ମର ପୂଜାପାଠ ସ୍ଥାନ, ତୀର୍ଥଯାତ୍ରୀଙ୍କ ମୌଳିକ ସୁବିଧା, ଭୋଗ ମଣ୍ଡପ, ସାଂସ୍କୃତିକ କେନ୍ଦ୍ର, ସ୍ୱଚ୍ଛ ଭାରତ ମିଶନ ଭଳି ପ୍ରକଳ୍ପକୁ ତତ୍କାଳୀନ ସରକାର ଗୁରୁତ୍ୱ ଦେଇଥିଲେ। ସରକାରଙ୍କ ନିୟମାବଳୀ ମୁତାବକ ଯାଜପୁର ଜିଲ୍ଲାରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ୨୪୫୯ ଗୋଟି ପ୍ରକଳ୍ପର କାର୍ଯ୍ୟାଦେଶ ଦିଆଯାଇ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସାଧାରଣ ନିର୍ବାଚନ ପରେ ରାଜ୍ୟରେ ବିଜେପି ସରକାର ଶାସନ କ୍ଷମତାକୁ ଆସିଲା। ଗାଁ ଗଣ୍ଡାରେ ଆରମ୍ଭ ହୋଇଥିବା ଉନ୍ନୟନମୂଳକ ପ୍ରକଳ୍ପକୁ ବନ୍ଦ୍ କରିବା ପାଇଁ ଶାସକ ଦଳର ଇଙ୍ଗିତରେ ବ୍ଲକ୍ ପ୍ରଶାସନ ଆମ ଓଡ଼ିଶା-ନବୀନ ଓଡ଼ିଶା ଯୋଜନା ଫାଇଲ୍‌କୁ ବନ୍ଦ୍ କରି ଦେଇଛି।

ଚଳିତ ମାସରେ ମୁଖ୍ୟମନ୍ତ୍ରୀ ବିକଶିତ ଗାଁ-ବିକଶିତ ଓଡ଼ିଶା ଯୋଜନାର ଶୁଭାରମ୍ଭ କର ପୂର୍ବରୁ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଗ୍ରହଣ କରାଯାଇଥିବା ପ୍ରକଳ୍ପକୁ ପୂର୍ଣ୍ଣାଙ୍ଗ କରାଯିବ ବୋଲି କହିଛନ୍ତି। ମାତ୍ର ଗତ ଆର୍ଥିକ ବର୍ଷରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାର ୧୦୦ କୋଟି ଟଙ୍କା ବର୍ଷକ ପରେ ବି ଖର୍ଚ୍ଚ ନ ହୋଇ ପାରିବା ଘଟଣା ଶାସକ ଦଳର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ଆମ ଓଡ଼ିଶା-ନବୀନ ଓଡ଼ିଶା ଯୋଜନାର ସ୍ଥିତି**

| ବ୍ଲକ୍ | ପ୍ରକଳ୍ପ ସଂଖ୍ୟା | ଅନୁଦାନ ମଞ୍ଜୁର (କୋଟି) | ନିର୍ମାଣାଧୀନ ପ୍ରକଳ୍ପ | ଆରମ୍ଭ ହୋଇନି | ଖର୍ଚ୍ଚ/ (କୋଟି) |
|---|---|---|---|---|---|
| ବଡ଼ଚଣା | ୫୫୩ | ୨୧.୫ | ୨୪୪ | ୩୦୯ | ୦.୯୮ |
| ବିଂଝାରପୁର | ୪୩୫ | ୧୪.୫ | ୨୦୫ | ୨୩୦ | ୦୬.୮୦ |
| ବରୀ | ୩୯୯ | ୧୪.୫ | ୩୩୨ | ୬୭ | ୦୮.୦୦ |
| ଦାନଗଦୀ | ୨୭୩ | ୧୧.୫ | ୬୯ | ୨୦୪ | ୦୩.୪୧ |
| ଦଶରଥପୁର | ୪୪୯ | ୧୭.୫ | ୨୪୧ | ୨୦୮ | ୦୬.୪୦ |
| ଧର୍ମଶାଳା | ୫୮୨ | ୨୨.୫ | ୪୫୮ | ୧୨୪ | ୧୩.୧୦ |
| ଯାଜପୁର | ୨୬୮ | ୧୩.୦ | ୧୯୫ | ୭୩ | ୦୭.୩୧ |
| କୋରେଇ | ୪୦୧ | ୧୪.୦ | ୨୭୭ | ୧୨୪ | ୦୪.୬୪ |
| ରସୁଲପୁର | ୩୮୦ | ୧୪.୦ | ୧୬୪ | ୨୧୬ | ୦୨.୧୮ |
| ସୁକିନ୍ଦା | ୩୬୯ | ୧୨.୫ | ୨୭୪ | ୯୫ | ୦୬.୦୬ |
| ମୋଟ | ୪୧୦୯ | ୧୫୫.୫ | ୨୪୫୯ | ୧୬୫୦ | ୫୮.୮୮ |

# ମନରେଗା: ଓଡ଼ିଶା ପ୍ରଦର୍ଶନ ତଳମୁହାଁ

ଭୁବନେଶ୍ୱର,୧୬।୨ (ସମିସ): ଗ୍ରାମାଞ୍ଚଳର ଲୋକଙ୍କୁ ରୋଜଗାର ଦେଇ ଆର୍ଥିକ ଓ ସାମାଜିକ ବିକାଶରେ ପ୍ରମୁଖ କ୍ଷେତ୍ର ପାଲଟିଥିବା ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ଧୀରେ ଧୀରେ ରୁଗ୍ଣ ଅବସ୍ଥା ଆଡକୁ ଗତି କରୁଛି। ଗୋଟିଏ ପଟେ ଅନ୍ୟ ରାଜ୍ୟ ତୁଳନାରେ ଓଡିଶାରେ ମନରେଗା ମଜୁରୀ ବହୁତ କମ୍ ଥିବା ବେଳେ ବିଭିନ୍ନ ମାନକରେ ରାଜ୍ୟର ପ୍ରଦର୍ଶନ ତଳକୁ ଖସି ଚାଲିଛି। ମହିଳା, ଅନୁସୂଚିତ ଜନଜାତି, ବାସଗୃହ ପିଛା କର୍ମନିଯୁକ୍ତି ଯୋଗାଣ, ଯୋଜନାରେ ଦିବ୍ୟାଙ୍ଗ ମାନଙ୍କ ସମ୍ପୃକ୍ତି, ଜାରି ରହିଥିବା କାର୍ଯ୍ୟ, କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ବିନିଯୋଗ ଭଳି ଗୁରୁତ୍ୱପୂର୍ଣ୍ଣ ଦିଗରେ ପ୍ରଦର୍ଶନ ଖରାପ ରହିଛି। ବିଭାଗୀୟ ସ୍ତରରେ ଉପଯୁକ୍ତ ନିରୀକ୍ଷଣର ଅଭାବ, ମନରେଗାରେ ରାଜ୍ୟର ପ୍ରଦର୍ଶନ ଖରାପ ହେବା ପଛର ବଡ଼ କାରଣ ବୋଲି କୁହାଯାଇଛି। ଦାଦନ ପ୍ରବଣ ଜିଲ୍ଲାରେ ଧାର୍ଯ୍ୟ ଠାରୁ ଅଧିକ ଦିନର କାର୍ଯ୍ୟ ଦିବସ ଯୋଗାଇ ଦେବା, ଅତିରିକ୍ତ ମଜୁରୀ ପ୍ରଦାନ କରିବା ସହିତ ଜାତୀୟସ୍ତରରେ ଓଡିଶାର ପ୍ରଦର୍ଶନ ଉଚ୍ଚକୋଟିର ରହିଥିଲା। କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ଦେଇଥିବା



ସୂଚନା ଅନୁସାରେ ପୂର୍ବ ବର୍ଷ ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ଅନୁମୋଦିତ ଶ୍ରମ ବଜେଟ୍ ସହ ଚଳିତ ବର୍ଷ ଫେବୃଆରୀ ଦ୍ୱିତୀୟ ସପ୍ତାହ ସୁଦ୍ଧା ଶହେ ଦିନ କାମ ପାଇଥିବା ପରିବାର ହାର ପ୍ରାୟ ୫୦%ରୁ ଅଧିକ ହ୍ରାସ ପାଇଛି। ଦିବ୍ୟାଙ୍ଗ ନାଗରିକଙ୍କୁ କାମ ଦେବା ହାର ୪୦% ହ୍ରାସ ପାଇଥିବା ବେଳେ ନୂଆ ଓ ପୁରୁଣା ପ୍ରକଳ୍ପରେ କାମ ୨୦% ଅବନତି ଦେଖା ଦେଇଛି। ସେହିପରି ଗତ ଆର୍ଥିକ ବର୍ଷରେ ଓଡିଶାକୁ ୪୯୪୨ କୋଟି ଟଙ୍କା ମିଳିଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ୩୫୬୬ କୋଟି ଟଙ୍କା ଆସିଛି। ପାଣ୍ଠି ବ୍ୟୟରେ ୨୦% ହ୍ରାସ ଘଟିଥିବା ବେଳେ ଜାରି ରହିଥିବା କାର୍ଯ୍ୟ ପରିମାଣ ୪୦% କମି ଯାଇଛି। କୃଷି ଏବଂ

## ପାଣ୍ଠି ବ୍ୟୟ ଓ ମହିଳାଙ୍କ ଭାଗୀଦାରି ହ୍ରାସ
## ସରକାରଙ୍କ ଆନ୍ତରିକତା ଅଭାବ ଅଭିଯୋଗ

ଆନୁସଙ୍ଗିକ କ୍ଷେତ୍ରରେ ମନରେଗା ପାଣ୍ଠି ବିନିଯୋଗ ପ୍ରାୟ ୨% କମ୍ ରହିଛି। ତେବେ ଏକ ଭଲ ପଦକ୍ଷେପ ସ୍ୱରୂପ ପ୍ରଶାସନିକ ବ୍ୟୟ ପ୍ରାୟ ୫୦% ହ୍ରାସ କରାଯାଇଛି।

ଶ୍ରମ ବିଶେଷଜ୍ଞଙ୍କ କହିବା କଥା, ଦାଦନ ଚାଲାଣ ରୋକିବାରେ ସବୁଠାରୁ ବଡ଼ ଅସ୍ତ୍ର ହେଉଛି ମନରେଗା ଯୋଜନା। ଲୋକଙ୍କୁ ଠିକ୍ ଭାବେ କାମ ମିଳିଲେ ସେମାନେ ଅନ୍ୟ ରାଜ୍ୟକୁ ଯିବେ ନାହିଁ; କିନ୍ତୁ କ୍ଷେତ୍ର ଉପରେ ଏହାର ବ୍ୟତିକ୍ରମ ଦେଖା ଦେଉଛି। ବିଭାଗୀୟ ମନ୍ତ୍ରୀ କିମ୍ବା ସଚିବ ହୁଅନ୍ତୁ ଅବା ଜିଲ୍ଲା ସ୍ତରୀୟ ଅଧିକାରୀ, ଯୋଜନାର କାର୍ଯ୍ୟାନ୍ୱୟନରେ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବାର ଆବଶ୍ୟକତା ରହିଛି। ସେହିପରି ବିଭାଗ କଠୋର ଆଭିମୁଖ୍ୟ ଗ୍ରହଣ କରିବା ଦ୍ୱାରା ପ୍ରଦର୍ଶନରେ ଉନ୍ନତି ଆସିପାରିବ। କୁଶଳୀ ଓ ଅଣ କୁଶଳୀ ଶ୍ରମିକମାନଙ୍କ ପାଇଁ ଉପଯୁକ୍ତ ମଜୁରୀ ବ୍ୟବସ୍ଥା ମଧ୍ୟ ଜରୁରୀ। ଗୋଟିଏ ପଟେ ନିୟମିତ ଭାବେ କାମ ମିଳୁନାହିଁ ଅନ୍ୟ ପଟେ ବାହାର ରାଜ୍ୟରେ ଶ୍ରମିକମାନଙ୍କୁ ଅଧିକ ପାରିଶ୍ରମିକ ମିଳୁଛି। ଗତ ୧୦ ବର୍ଷ ହେଲା ମନରେଗାରେ ଓଡିଶାର ପ୍ରଦର୍ଶନ ବେଶ୍ ଭଲ ରହିଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ବିଭ୍ରାଟ ଦେଖା ଦେଇଛି।

# ୧୮ରେ ଆସିବେ ଭକ୍ତ; ରାଜ୍ୟ କଂଗ୍ରେସ ଚଳଚଞ୍ଚଳ

## ବିମାନବନ୍ଦରରୁ ପୁରୀ ଅଭିମୁଖେ ବାହାରିବ ସଂକଳ୍ପ ପଦଯାତ୍ରା




ଭୁବନେଶ୍ୱର,୧୬।୨(ସମିସ): ଆସନ୍ତା ୧୮ ତାରିଖରେ ଭୁବନେଶ୍ୱରରେ ପହଞ୍ଚିବେ ନବ ନିଯୁକ୍ତ ପିସିସି ସଭାପତି ଭକ୍ତ ଚରଣ ଦାସ। ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରୁ ସିଧା ସେ ପୁରୀ ଅଭିମୁଖେ ପଦଯାତ୍ରା ଆରମ୍ଭ କରିବେ ବୋଲି ଆଜି ପିସିସି କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଂକଳ୍ପ ପଦଯାତ୍ରା କମିଟିର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଡଃ ଦେବାଶିଷ ପଟ୍ଟନାୟକ ସୂଚନା ଦେଇଛନ୍ତି। ଦେବାଶିଷ କହିଛନ୍ତି ଯେ ନୂତନ ପିସିସି ସଭାପତି ଭକ୍ତ ଚରଣ ଦାସ କାର୍ଯ୍ୟଭାର ନେବା ପୂର୍ବରୁ ଭୁବନେଶ୍ୱରରୁ ପଦଯାତ୍ରାରେ ପୁରୀ ଯିବେ। ସେଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପରେ ପିସିସି ସଭାପତି ରୂପେ ଦାୟିତ୍ୱ ଗ୍ରହଣ କରିବେ। ଏହା ଏକ ଐତିହାସିକ ପଦଯାତ୍ରା ହେବ ବୋଲି ସେ କହିଛନ୍ତି।

ଏହାକୁ ସଂକଳ୍ପ ପଦଯାତ୍ରା ଭାବେ କଂଗ୍ରେସ ଦଳ ବିବେଚନା କରିଥିବା ବେଳେ ଆସନ୍ତା ୧୮ ତାରିଖ ମଙ୍ଗଳବାର ଦିନ ୧୦ରୁ ଏହି ପଦଯାତ୍ରା ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ବାହାରିବ। ଶିଶୁଭବନ, ରାଜମହଲ, କଳ୍ପନା, ରବି ଟକିଜ୍ ଦେଇ ଲିଙ୍ଗିପୁରଠାରେ ଦିନ ୧ ଟାରେ ପହଞ୍ଚିବ। ମଧ୍ୟାହ୍ନ ଭୋଜନ ବିରତି ପରେ ସେଠାରୁ ପଦଯାତ୍ରା ପୁନର୍ବାର ଆରମ୍ଭ ହୋଇ ପିପିଲିରେ ପହଞ୍ଚିବ। ୧୯ ତାରିଖ ସକାଳ ୭ ଟାରେ ସଂକଳ୍ପ ପଦଯାତ୍ରା ପିପିଲିଠାରୁ ଆରମ୍ଭ ହୋଇ ତେଇଶିପୁର ଯିବ ଏବଂ ସେଠାରେ ମଧ୍ୟାହ୍ନ ବିରତି ପରେ ପୁଣି ପଦଯାତ୍ରା ଆରମ୍ଭ ହୋଇ ଚନ୍ଦନପୁରରେ ରାତି ସୁଦ୍ଧା ପହଞ୍ଚିବ। ୨୦ ତାରିଖ ସକାଳେ ପଦଯାତ୍ରା ଚନ୍ଦନପୁରରୁ ବାହାରିବ ଓ ଅପରାହ୍ନରେ ନବ ନିଯୁକ୍ତ ପିସିସି ସଭାପତି ଭକ୍ତ ଚରଣ ଦାସ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବେ।

ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ରାଜ୍ୟ କଂଗ୍ରେସ ଦଳକୁ ରାଜ୍ୟରେ ୧ ନମ୍ବର ରାଜନୈତିକ ଦଳ ଭାବେ ପ୍ରତିଷ୍ଠିତ କରାଇବା ଏବଂ ସଫଳ ଓଡ଼ିଶାର ରୂପାୟନ ସହ ଓଡ଼ିଶାର ଉନ୍ନତି କାମନା କରିବା ହିଁ ପଦଯାତ୍ରାର ମୂଳ ଲକ୍ଷ୍ୟ। ତିନିଦିନ ଧରି ଚାଲିବାକୁ ଥିବା ସଂକଳ୍ପ ପଦଯାତ୍ରା ଓଡ଼ିଶାର ସଂସ୍କୃତି ଏବଂ ଐତିହ୍ୟକୁ ନେଇ ଆଧାତ୍ମିକ ପରିବେଶରେ ଅନୁଷ୍ଠିତ ହେବ।



ପ୍ରୟାଗରାଜ ତ୍ରିବେଣୀ ସଙ୍ଗମରେ ସପତ୍ନୀକ ଜଳ ତର୍ପଣ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

# ପାଣିରେ ବୁଡ଼ିଗଲେ ଦୁଇ ଛାତ୍ର

ଭଦ୍ରକ/ବାସୁଦେବପୁର, ୧୬।୨(ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ଅନ୍ତର୍ଗତ ରାଧାବଲ୍ଲଭପୁର ଗାଁରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀରେ ଗାଧୋଉଥିବା ବେଳେ ୨ଜଣ ବାଳକ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ଗାଁର କାହ୍ନୁଚରଣ ବେହେରାଙ୍କ ପୁଅ ରାଜେନ୍ଦ୍ର (୧୮) ଓ ଅନ୍ୟ ଜଣେ ଗୁଆଗାଁର ସତ୍ୟବାନ ବେହେରାଙ୍କ ପୁଅ ଜ୍ୟୋତିର୍ମୟ (୧୪)। ରାଜେନ୍ଦ୍ର ମନ୍ଦାରୀ କଲେଜରେ ଯୁକ୍ତ ୨ରେ ପାଠ ପଢୁଥିବା ବେଳେ ଜ୍ୟୋତିର୍ମୟ ସ୍ଥାନୀୟ ଅଟଳ ବିହାରୀ ହାଇସ୍କୁଲରେ ପାଠ ପଢୁଥିଲେ। ଆଜି ମଧ୍ୟାହ୍ନରେ ଦୁହେଁ ସାଙ୍ଗ ହୋଇ ଗାଁ ନିକଟସ୍ଥ ବିଲ ମଧ୍ୟରେ ଥିବା ଦୁର୍ଗା ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ହେଲେ ଅସାବଧାନତାବଶତଃ ଦୁହେଁ ପୋଖରୀର ଗଭୀର ଜଳରାଶିକୁ ଚାଲି ଯିବାରୁ ବୁଡ଼ି ଯାଇଥିଲେ। ଖବର ପାଇ ଗ୍ରାମବାସୀ ମଧ୍ୟ ପୋଖରୀରେ ବହୁ ଖୋଜାଖୋଜି କରିଥିଲେ ହେଁ ଦୁହିଁଙ୍କ ପତ୍ତା ପାଇନଥିଲେ। ସ୍ଥାନୀୟ ଅଗ୍ନିଶମ କର୍ମଚାରୀମାନେ ପୋଖରୀ ଭିତରୁ ଉଭୟଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଶ୍ରୀମନ୍ଦିର ଭକ୍ତନିବାସ ନାଁରେ ଠକେଇ

## ନକଲି ୱେବ୍‌ସାଇଟ୍ ଖୋଲି ଠକୁଛନ୍ତି ଧୂର୍ତ୍ତ / କ୍ରାଇମବ୍ରାଞ୍ଚ ଡିଜିଙ୍କୁ ଚିଠି ଲେଖିଲେ ମୁଖ୍ୟ ପ୍ରଶାସକ

ପୁରୀ, ୧୬।୨(ସମିସ): ଶ୍ରୀମନ୍ଦିର ପ୍ରଶାସନର ଭକ୍ତ ନିବାସଗୁଡ଼ିକ ନାମରେ ନକଲି ୱେବସାଇଟ୍ ଖୋଲି ଶ୍ରଦ୍ଧାଳୁଙ୍କୁ ଠକେଇ କରାଯାଉଛି। ଏହି ଘଟଣା ମନ୍ଦିର ପ୍ରଶାସନ ନଜରକୁ ଆସିବା ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ କ୍ରାଇମବ୍ରାଞ୍ଚ ଡିଜିଙ୍କୁ ଅନୁରୋଧ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ଏକ ପତ୍ର ମାଧ୍ୟମରେ ମୁଖ୍ୟ ପ୍ରଶାସକ ଜଣାଇଛନ୍ତି ଯେ ଶ୍ରୀମନ୍ଦିରର ନିଜସ୍ୱ ୱେବସାଇଟ୍ www.shreejagannatha.in ଏବଂ www.stayatpurijagannatha.in ମାଧ୍ୟମରେ ଭକ୍ତନିବାସଗୁଡ଼ିକର ବୁକିଂ ହୋଇଆସୁଛି। କିନ୍ତୁ କିଛି ଖଳ ବ୍ୟକ୍ତି ନକଲି ୱେବସାଇଟ୍ ତିଆରି କରି ଭକ୍ତନିବାସ ନାମରେ ଲୋକଙ୍କୁ ଠକେଇ କରିଥିବାର ପ୍ରମାଣ ପାଇଛି ଶ୍ରୀମନ୍ଦିର ପ୍ରଶାସନ। ଏପରିକି, ଏକ ନକଲି ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇ ଏହି ଠକେଇ ପାଇଁ ଦେଣନେଣ ହୋଇଛି। ତେଣୁ ତୁରନ୍ତ ଏ ନେଇ ପଦକ୍ଷେପ ନେବାକୁ ଚିଠିରେ ଅନୁରୋଧ କରାଯାଇଛି। ଏହାସହ ପୂର୍ବରୁ ବିଭିନ୍ନ ଥାନାରେ ଦାଖଲ ହୋଇଥିବା ଏଫ୍‌ଆଇଆର୍‌ଗୁଡ଼ିକର ତଥ୍ୟ ମଧ୍ୟ ସଂଲଗ୍ନ କରାଯାଇଛି।

ପୂର୍ବରୁ ମଧ୍ୟ ଏଭଳି ଠକେଇ ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରାଯାଇଥିଲା। ୨୦୨୨ ନଭେମ୍ବର ୨୪ ତାରିଖରେ ତତ୍କାଳୀନ ଶ୍ରୀମନ୍ଦିର ପ୍ରଶାସନର ଉନ୍ନୟନ ପ୍ରଶାସକ ଅଜୟ ଜେନାଙ୍କ ଅଭିଯୋଗ ଆଧାରରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ନୀଳାଚଳ ଭକ୍ତ ନିବାସ ନାମରେ ଏକ ନକଲି ୱେବସାଇଟ କରି ପର୍ଯ୍ୟଟକଙ୍କଠାରୁ ଲୁଟ୍ କରାଯାଉଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରି ପୁରୀ ପୁଲିସ କେନ୍ଦୁଝରର ଚନ୍ଦନ ସିଂ ଓ ଭଦ୍ରକ ଚରମ୍ପାର ଗୌତମ ସାହୁଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ମୁଖ୍ୟ ଅଭିଯୁକ୍ତକୁ ୱେବ୍‌ସାଇଟରେ ବ୍ୟବହାର ହେଉଥିବା ସିମ୍ ଯୋଗାଉଥିବା ବେଳେ ସେମାନଙ୍କଠାରୁ ୫ଟି ମୋବାଇଲ ଫୋନ, ୩୧ଟି ସିମକାର୍ଡ, ଗୋଟିଏ ବାୟୋମେଟ୍ରିକ୍ ଡିଭାଇସ୍ ଓ କଡ୍ ଜବତ କରାଯାଇଥିଲା। ଏବେ ପୁଣି ଭକ୍ତ ନିବାସ ନାଁରେ ନକଲି ୱେବ୍‌ସାଇଟ୍ ଖୋଲାଯାଇ ଭକ୍ତଙ୍କୁ ଠକେଇ କରାଯାଉଥିବାର ପ୍ରମାଣ ମିଳିଛି।

## ମତ୍ସ୍ୟ-ପ୍ରାଣୀ ସମାବେଶ, ଓଡ଼ିଶା-୨୦୨୫ ଉଦ୍‌ଯାପିତ

# ମତ୍ସ୍ୟ ଚାଷୀ ଓ ପ୍ରାଣୀ ପାଳକମାନେ ସମୃଦ୍ଧିର ମେରୁଦଣ୍ଡ: ରାଜ୍ୟପାଳ

ଭୁବନେଶ୍ୱର, ୧୬।୨ (ସମିସ): ବରମୁଣ୍ଡା ବିଜୁ ପଟ୍ଟନାୟକ ଖେଳ ପଡ଼ିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫ ଆଜି ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ମତ୍ସ୍ୟଚାଷୀ ଓ ପ୍ରାଣୀ ପାଳକମାନେ ରାଜ୍ୟ ସମୃଦ୍ଧିର ମେରୁଦଣ୍ଡ। ରାଜ୍ୟରେ ବିସ୍ତୀର୍ଣ୍ଣ ଉପକୂଳ, ଆଭ୍ୟନ୍ତରୀଣ ଜଳଉତ୍ସ ରହିଥିବାରୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରରେ ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ନେତୃତ୍ୱ ନେବାରେ ଓଡ଼ିଶା ପାଖରେ ଅପାର ସମ୍ଭାବନା ଓ ସୁଯୋଗ ରହିଛି। ଆଧୁନିକ ଜ୍ଞାନକୌଶଳ ଅବଲମ୍ବନରେ ମତ୍ସ୍ୟ ଓ ପ୍ରାଣୀଙ୍କର ଖାଦ୍ୟ ପରିଚାଳନା, ରୋଗ ନିୟନ୍ତ୍ରଣ, ଉତ୍ପାଦନ ବୃଦ୍ଧି, ପ୍ରକ୍ରିୟାକରଣ, ବିପଣନର ସୁବିଧା ନିମନ୍ତେ ବଜାର ସୃଷ୍ଟି ସହ ସହଜ ପରିବହନ ବ୍ୟବସ୍ଥା,



ପ୍ରାଣୀଧନ ବୀମା, ମହିଳାମାନଙ୍କୁ ଏ କ୍ଷେତ୍ରରେ ସାମିଲ କରି ସେମାନଙ୍କର ଆର୍ଥିକ ଅଭିବୃଦ୍ଧି କରାଯାଇପାରିବ।

ସମାରୋହରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବକ୍ତବ୍ୟ ପ୍ରଦାନ କରି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶରେ ସହଯୋଗର ହାତ ବଢ଼ାଇବାକୁ ସମସ୍ତଙ୍କୁ ନିବେଦନ କରିଥିଲେ। ବିଏମ୍‌ସି ମେୟର୍ ସୁଲୋଚନା ଦାସ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ପ୍ରଭାତ କୁମାର ରାଉଳ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଉଦ୍ୟାନ କୃଷି ବିଭାଗର ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ, ଓମଫେଡ୍‌ର ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ ଅତିଥି ଭାବେ ଉପସ୍ଥିତ ଥିଲେ। ସଫଳ ଚାଷୀମାନଙ୍କୁ ଅନଲାଇନ୍ ମାଧ୍ୟମରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ସହ ହିତାଧିକାରୀ ଓ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆଉ ୧୩ ଜିଲ୍ଲା ସଭାପତିଙ୍କ ନାଁ ଘୋଷଣା କଲା ବିଜେପି

ଭୁବନେଶ୍ୱର,୧୬।୨(ସମିସ): ବିଜେପିର ବାକି ରହିଥିବା ୧୩ଟି ସାଂଗଠନିକ ଜିଲ୍ଲା ସଭାପତିଙ୍କ ନାଁ ଘୋଷଣା ହୋଇଛି। ଆଜି ଦଳ ପକ୍ଷରୁ ଏହି ଘୋଷଣା କରାଯାଇଛି। ଜାନୁଆରୀ ୨୫ରେ ପ୍ରଥମ ପର୍ଯ୍ୟାୟରେ ଦଳ ପକ୍ଷରୁ ୨୩ ଟି ସାଂଗଠନିକ ଜିଲ୍ଲାର ଜିଲ୍ଲା ସଭାପତିଙ୍କ ନାମ ଘୋଷଣା ହୋଇଥିବା ବେଳେ ଆଜି ୧୩ ଟି ଜିଲ୍ଲା ପାଇଁ ସଭାପତିଙ୍କ ନାମ ଘୋଷଣା ହୋଇଛି। ଏହି କ୍ରମରେ ଅନୁଗୋଳ ଜିଲ୍ଲାର ସଭାପତି ଭାବେ ଯଯାତି କେଶରୀ ପଟ୍ଟନାୟକଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଭଦ୍ରକ ଜିଲ୍ଲା ସଭାପତି ଭାବେ ଭଗବାନ ପଣ୍ଡାଙ୍କୁ ଚୟନ କରାଯାଇଛି। ସେହିପରି ଭୁବନେଶ୍ୱର ନିରଞ୍ଜନ ମିଶ୍ର, ଗଜପତି ନବକିଶୋର ଶବର, ଯାଜପୁର ଦେବଯାନୀ ପ୍ରଧାନ, ଝାରସୁଗୁଡା ରଘୁନନ୍ଦନ ପଣ୍ଡା, କନ୍ଧମାଳ ପଣ୍ଡିତ କୁମାର ବିସ୍‌ମାଝୀ, ଖୋର୍ଦ୍ଧା ବିଶ୍ୱରଂଜନ ବଡ଼ଜେନା, କୋରାପୁଟ ଶିବ ମୁଦୁଲି, ନୟାଗଡ ତାପସ ରଂଜନ ମାର୍ଥା, ରାୟଗଡା ଗୋପି ଆନନ୍ଦ, ସୁବର୍ଣ୍ଣପୁର ବେଣୁଧର ଦାଶ ଓ ରାଉରକେଲା ଜିଲ୍ଲାସଭାପତି ଭାବେ ପୂର୍ଣ୍ଣିମା କେର୍କେଟାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ଅବସରରେ ଦଳ ପକ୍ଷରୁ କୁହାଯାଇଛି ଯେ ରାଜ୍ୟ ନିର୍ବାଚନ ଅଧିକାରୀ ତଥା ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ଅନୁମୋଦନ କ୍ରମେ ୧୩ ଜିଲ୍ଲା ସଭାପତିଙ୍କ ନାମ ତାଲିକା ପ୍ରକାଶ ପାଇଛି।

# ସତ୍ୟବାଦୀ ମାଟି ଭାଷା ଓ ସାହିତ୍ୟର ଗନ୍ତାଘର: ମୁଖ୍ୟମନ୍ତ୍ରୀ

ସାକ୍ଷୀଗୋପାଳ,୧୬।୨(ସମିସ): ଓଡିଆ ନବ ଜାଗରଣର ପୀଠ ହେଉଛି ସତ୍ୟବାଦୀ। ଏହା ହେଉଛି ଏକ ପୁଣ୍ୟ ମାଟି। ପଞ୍ଚସଖାଙ୍କ କର୍ମଭୂମୀ ଓଡିଆ ଭାଷା ଓ ଜାତିର ଅବଦାନ ପାଇଁ ଅତୁଳନୀୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସତ୍ୟବାଦୀ ମହୋତ୍ସବ ତୃତୀୟ ସନ୍ଧ୍ୟାର ମୁଖ୍ୟଅତିଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ ପ୍ରଥମେ ସାକ୍ଷୀଗୋପୀନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ମନ୍ଦିର ସିଂହଦ୍ୱାର ନିକଟରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଓଡିଆ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିବା ସହ ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ସହ ଫଟୋ ଉଠାଇବା ସହ ସେଲଫି ନେଇଥିଲେ। ମୁଖ୍ୟମନ୍ତ୍ରୀ ଭାଷଣ ପ୍ରସଙ୍ଗରେ କହିଥିଲେ ଯେ ଓଡିଆ ଭାଷା ଓ ସାହିତ୍ୟର ଗନ୍ତାଘର ହେଉଛି ସତ୍ୟବାଦୀର ବକୁଳବନ। ଏବେ ତାହା ଜରାଜୀର୍ଣ୍ଣ



ଅବସ୍ଥାରେ ରହିଛି। ଏହାର ପୁନଃଉଦ୍ଧାର କରିବା ସହ ସତ୍ୟବାଦୀର ବିକାଶକୁ ଆଗେଇ ନେବାକୁ ସରକାର ବଦ୍ଧପରିକର ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ସତ୍ୟବାଦୀ ମହୋତ୍ସବ କମିଟିର ସଭାପତି ତଥା ସତ୍ୟବାଦୀର ବିଧାୟକ ଓମ ପ୍ରକାଶ ମିଶ୍ର ଓ ଅନୁଷ୍ଠାନର ସମ୍ପାଦକ ଦୀପକ କୁମାର ଶତପଥି ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ପଞ୍ଚସଖା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ତମାଳ ମୁଖପତ୍ର ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ଦୀପକ ଶତପଥି ଧନ୍ୟବାଦ ଦେଇଥିବା ବେଳେ ଅଜଂନ କୁମାର ହୋତା ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସଂଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଓଲିଉଡ ମ୍ୟୁଜିକାଲ ନାଇଟ ଭି ବିନିତି ସିଂହ ଓ ସସ୍ମିତା ଭଟ୍ଟାଚାର୍ଯ୍ୟଙ୍କ ଗ୍ରୁପ୍ ସଂଗୀତ ପରିବେଷଣ କରିଥିଲେ।

# ଗୋଷ୍ଠୀ ସଂଘର୍ଷ; ଜଣେ ମୃତ

ଆଠଗଡ଼,୧୬।୨(ସମିସ): ଆଠଗଡ଼ ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ଗୋବରା ପଞ୍ଚାୟତର ଓରିଙ୍ଗାବାଡ଼ି ଗାଁରେ ଆଜି ଗୋଷ୍ଠୀ ସଂଘର୍ଷ ଘଟିଛି। ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷ ପରସ୍ପରକୁ ଆକ୍ରମଣ ଓ ପ୍ରତିଆକ୍ରମଣ କରିଥିଲେ। ଫଳରେ କିଛି ସମୟ ଧରି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ଏଥିରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ଚିକିତ୍ସା ନିମନ୍ତେ କଟକ ପଠାଯାଇଛି। ମୃତକ ହେଲେ, ବିକ୍ରମ ଜେରାଇ (୩୮)। ଗୁରିଡ଼ିଝାଟିଆ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି। ଘଟଣାସ୍ଥଳରେ ପୁଲିସ ଫୋର୍ସ ମୁତୟନ କରାଯାଇଛି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ବରୁଣ ଶର୍ମା



ପୁରୀ,୧୬।୨(ସମିସ): ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ବଲିଉଡ୍‌ର ବିଶିଷ୍ଟ ହାସ୍ୟ ଅଭିନେତା ବରୁଣ ଶର୍ମା। ଶନିବାର ଭୁବନେଶ୍ୱରଠାରେ ନନ୍ଦିଘୋଷ ଟିଭିର ଜାତି ନନ୍ଦିଘୋଷ କନ୍‌କ୍ଲେଭରେ ଯୋଗଦେବା ପରେ ରବିବାର ମଧ୍ୟାହ୍ନରେ ବରୁଣ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ତାଙ୍କୁ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯିବା ସହ ମନ୍ଦିର ଭିତରକୁ ପାଛୋଟି ନିଆଯାଇଥିଲା। ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିବା ପରେ ବେଢ଼ା ପରିସର ବୁଲି ମା' ବିମଳା, ମା' ମହାଲକ୍ଷ୍ମୀ ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ପ୍ରାୟ ୩୦ ମିନିଟ୍ ମନ୍ଦିରରେ ବିତାଇବା ପରେ ଫେରିଥିଲେ ବରୁଣ। ସିଂହଦ୍ୱାରଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ମହାପ୍ରଭୁଙ୍କ କୃପାରୁ ସେ ସେ ପୁରୀ ଆସିବାର ସୌଭାଗ୍ୟ ପାଇଛନ୍ତି। କମେଡି ରୋଲରେ ଅଭିନୟ କରିବାକୁ ବହୁତ ଭଲ ଲାଗେ ବୋଲି କହିଥିଲେ ବରୁଣ। ବରୁଣଙ୍କ ସହ ଚଳଚ୍ଚିତ୍ର ପ୍ରଯୋଜକ ସୂରଜ ସିଂ ଓ ନନ୍ଦିଘୋଷ ଟିଭିର ସିଇଓ ଜବର ସିଂ ପନୱର ମଧ୍ୟ ମହାପ୍ରଭୁଙ୍କ ଦର୍ଶନ କରିଥିଲେ।

## କଣାସରେ ଝାଡ଼ାବାନ୍ତି ମୃତ୍ୟୁରେ ଆଖି ବୁଜିଲେ ଆଉ ଜଣେ

# ୭ ମୁଣ୍ଡ ଗଡ଼ିବା ପରେ ବି ସରକାରଙ୍କ ନିଦ ଭାଙ୍ଗୁନି: ବିଜେଡି

ଭୁବନେଶ୍ୱର,୧୬।୨(ସମିସ): କଣାସ ବ୍ଲକ୍‌ରେ ଥମି ନାହିଁ ମୃତ୍ୟୁର ତାଣ୍ଡବ। ଆଜି ପୁଣି ଗଡିଛି ଆଉ ଏକ ମୁଣ୍ଡ। ଏହାକୁ ମିଶାଇ ମୋଟ ସାତ ଜଣଙ୍କ ଜୀବନ ନେଲାଣି ଝାଡ଼ାବାନ୍ତି। ମାସେରୁ ଅଧିକ ସମୟ ହେଲା କଣାସ ବ୍ଲକ୍‌ରେ ସ୍ଥିତି ଜଟିଳ ଥିବା ସତ୍ତ୍ୱେ ସରକାର, ବିଭାଗୀୟ ମନ୍ତ୍ରୀ ନିଦାବିଷ୍ଟ ସାଜିଛନ୍ତି। ଏପରିକି ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଚାଲିଥିବା ପ୍ରକଳ୍ପକୁ ନୂଆ ସରକାର ବନ୍ଦ କରି ଦେଇଛନ୍ତି। ଲୋକଙ୍କ ଜୀବନ ବିପନ୍ନ ଥିବାବେଳେ ସରକାର ସତ୍ୟକୁ ସାମ୍ନା କରିବା ପରିବର୍ତ୍ତେ ପଳାୟନପନ୍ଥୀ ସାଜିଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି। ଝାଡ଼ାବାନ୍ତିରେ ଆଉ କେତେ ଜୀବନ ଗଲେ ସରକାର ଚେତିବେ ବୋଲି ପ୍ରଶ୍ନ କରିଛନ୍ତି ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା।

ଶ୍ରୀ ଦାସବର୍ମା କହିଛନ୍ତି ଏପର୍ଯ୍ୟନ୍ତ କଣାସ ଝାଡ଼ାବାନ୍ତିରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାରବର୍ଗଙ୍କୁ ସରକାରୀ ଅନୁକମ୍ପା ମିଳିବା ତ ଦୂରର କଥା, ସେମାନଙ୍କ ସମ୍ପର୍କୀୟଙ୍କୁ



ହରିଶ୍ଚନ୍ଦ୍ର ଯୋଜନାର ସହାୟତା ଅର୍ଥ ରାଶି ମଧ୍ୟ ମିଳିପାରିଲା ନାହିଁ। ରାଜଧାନୀରୁ ସ୍ୱଳ୍ପ ଦୂରତାରେ ଥିବା କଣାସ ବ୍ଲକ୍‌ରେ ମାସେରୁ ଅଧିକ ସମୟ ଧରି ୫ଟି ପଞ୍ଚାୟତରେ ଝାଡ଼ାବାନ୍ତି ବ୍ୟାପିଥିବା ବେଳେ ଏଯାବତ ଏ ବାବଦରେ ମୁଖ୍ୟମନ୍ତ୍ରୀ ପଦଟିଏ ବି କହିନାହାନ୍ତି। ୫୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହୋଇଥିବା ବେଳେ ସ୍ଥିତି ବିଷୟରେ ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଲୁଚାଇବାରେ ବ୍ୟସ୍ତ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ମେଗା ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ପାଇପ୍ ଯୋଗେ ଜଳଯୋଗାଣ ବ୍ୟବସ୍ଥା ପୁରୀ ଜିଲ୍ଲାର ଅଧିକାଂଶ ଅଞ୍ଚଳରେ ପ୍ରାୟ ୮୦ ପ୍ରତିଶତ କାମ ଶେଷ ହୋଇଯାଇଥିଲେ ମଧ୍ୟ ନୂଆ ସରକାର ବାକି ଥିବା କାମକୁ ବନ୍ଦ କରିଦେଇଛନ୍ତି। ଗଙ୍ଗୁଆର ପ୍ରଦୂଷିତ ଜଳ ଦୟା, ମକରା, ରାଜୁଆ, ଭାର୍ଗବୀ, ରତ୍ନଚିରା ଓ ଲୁଣା ନଦୀରେ ମିଶି ଚିଲିକା ହ୍ରଦକୁ ପ୍ରଦୂଷିତ କରୁଥିବା ବେଳେ ରାଜ୍ୟ ସରକାର ପ୍ରଦୂଷଣ ରୋକିବା ପାଇଁ କୌଣସି ଠୋସ ପଦକ୍ଷେପ ଗ୍ରହଣ କରିନାହାନ୍ତି। ଅପରପକ୍ଷରେ ପଳାୟନପନ୍ଥୀ ସାଜିଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ, ଜଳସମ୍ପଦ ଓ ପଞ୍ଚାୟତିରାଜ ବିଭାଗର ଏକ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ ତୁରନ୍ତ ଡାକି ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଶ୍ରୀ ଦାସବର୍ମା ଦାବି କରିଛନ୍ତି।

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



✓ପ୍ରେମଲତା ଜେନା
ଆବିର୍ଭାବ: ୦୧/୦୧/୧୯୫୪
ତିରୋଧାନ: ୦୭/୦୨/୨୦୨୫
ଇମାମନଗର, କୁମାରୀ, ଜାରକା, ଧର୍ମଶାଳା

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି କାମନା କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତି ନିବେଦନ କରୁଛୁ ।

ଶୋକସନ୍ତପ୍ତ : ସ୍ୱାମୀ- ରମାକାନ୍ତ ଜେନା (ସଂପାଦକ ଗୋକର୍ଣ୍ଣିକା), ଦିଅର- ଅନନ୍ତ, ପବିତ୍ର, ନଣନ୍ଦେଇ- କାବୁଲି, ନଣନ୍ଦ- ମିନତି, ଦିଅର- ତ୍ରିଲୋଚନ, ପ୍ରସନ୍ନ, ପୁତ୍ର- ବାପି, ପୁତ୍ରବଧୂ- ମଧୁସ୍ମିତା, ଝିଅ- ରୀନା, ଝୁନା, ଜାମାତା- ଦେବେନ୍ଦ୍ର ନାଥ ବିଶ୍ୱାଳ, ନଳିନୀ ପଡ଼ିହାରୀ, ରିଙ୍କୁ, ଆଲୋକ, ଖୁଚୁନା, ପିଟନ, ଝିଆରୀ- ବେବି, ଟୁଲି, ପୁପୁନି, ଲିଙ୍କି, ସିପୁନି, ପୁତୁରା- ପପୁ, ଲିପୁ, ଦିପୁ, ସିପୁ, ନାତି- ସୋନୁ, ପ୍ରୟାସ, ଅଗସ୍ତି, ତଏସ, ନାତୁଣୀ- ଗୁଡୁଲି, ଭଣଜା-ଭାଣିଜୀ- ପିଙ୍କୁ, ରାକ୍ଷୀ, ଓମ୍, ଆର୍ଯ୍ୟାଅନନ୍ୟା ।





# ଆଜି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ନାମ ଘୋଷଣା

ନୂଆଦିଲ୍ଲୀ, ୧୬।୨ (ଏଜେନ୍ସି): ଦିଲ୍ଲୀ ନିର୍ବାଚନ ଫଳାଫଳ ବାହାରିବାକୁ ୮ ଦିନ ବିତି ଗଲାଣି। ମାତ୍ର ୨୬ ବର୍ଷ ପରେ ୪୮ ସିଟ୍ ଜିତି କ୍ଷମତାକୁ ଫେରିଥିବା ବିଜେପି ଏ ପର୍ଯ୍ୟନ୍ତ କିଏ ମୁଖ୍ୟମନ୍ତ୍ରୀ ହେବ ତାହା ସ୍ଥିର କରିପାରିନାହିଁ। ଏହାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଥିବାବେଳେ ସୋମବାର ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା ହୋଇପାରେ ବୋଲି କୁହାଯାଉଛି। ସୋମବାର ଦ୍ୱିପହରେ ବିଜେପି ବିଧାୟକ ଦଳ ବୈଠକ ଡାକିଛି। ଦିଲ୍ଲୀ ବିଜେପି ଅଧ୍ୟକ୍ଷ ବୀରେନ୍ଦ୍ର ସଚଦେବା ଏହି ସୂଚନା ଦେଇଛନ୍ତି। ୧୮ ତାରିଖରେ ନୂଆ ମୁଖ୍ୟମନ୍ତ୍ରୀ ଶପଥ ନେବେ ବୋଲି ମଧ୍ୟ କୁହାଯାଉଛି। ଏହା ପୂର୍ବରୁ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା କହିଥିଲେ ଯେ ଜଣେ ନିର୍ବାଚିତ ବିଧାୟକ ହିଁ ମୁଖ୍ୟମନ୍ତ୍ରୀ ହେବେ। ବିଜେପି ୭୧ ପ୍ରତିଶତ ଆସନ ଜିତି ବହୁମତ ହାସଲ କରିଛି। ତେଣୁ ଶପଥ ଗ୍ରହଣ ସମାରୋହ ପାଇଁ ବିରାଟ ଆୟୋଜନ ହୋଇପାରେ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟତୀତ କ୍ୟାବିନେଟ ସଦସ୍ୟ ଏବଂ ଅନ୍ୟ ବଡ଼ ନେତା ସାମିଲ ହୋଇପାରନ୍ତି। ବିଜେପି ଏବଂ ଏନ୍ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଉପ-ମୁଖ୍ୟମନ୍ତ୍ରୀ ମଧ୍ୟ ସାମିଲ ହୋଇପାରନ୍ତି।

# ଜି୭ରେ ରୁଷ୍‌କୁ ସାମିଲ କରାଯିବନି: କାନାଡ଼ା


ଓଟାୱା, ୧୬।୨ (ଏଜେନ୍ସି): କୌଣସି ବି ସ୍ଥିତିରେ ରୁଷ୍‌କୁ ଜି୭ ଗୋଷ୍ଠୀରେ ସାମିଲ କରାଯିବ ନାହିଁ। କାନାଡ଼ା ସରକାରଙ୍କ ପକ୍ଷରୁ ଏହା କୁହାଯାଇଛି। ଚଳିତ ବର୍ଷ ଏହି ଦେଶ ଜି୭ ବୈଠକ ଆୟୋଜନ କରୁଛି। ଏହା ପୂର୍ବରୁ ମ୍ୟୁନିଖଙ୍କ ସିକ୍ୟୁରିଟି କାଉନସିଲରେ କାନାଡ଼ା ବିଦେଶମନ୍ତ୍ରୀ ମେଲାନି ଜୋଲି ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଦେଇଛନ୍ତି। ରୁଷ୍‌କୁ ଆଉ ଏହି ଗୋଷ୍ଠୀକୁ ଫେରାଇ ଅଣାଯିବ ନାହିଁ ବୋଲି ସେ କହିଛନ୍ତି। ତେବେ ସେ ଏ ବିଷୟରେ କୌଣସି ସଦସ୍ୟ ରାଷ୍ଟ୍ରଙ୍କ ସହ ଆଲୋଚନା କରି ନ ଥିବା ସ୍ପଷ୍ଟ କରିଛନ୍ତି। ସୂଚନାଯୋଗ୍ୟ ଯେ ୨୦୧୪ ପର୍ଯ୍ୟନ୍ତ ରୁଷ୍ ଏହି ଗୋଷ୍ଠୀର ସଦସ୍ୟ ଥିଲା। ସେତେବେଳେ ଏହାକୁ ଜି୮ କୁହାଯାଉଥିଲା। ୨୦୧୪ରେ ୟୁକ୍ରେନର କ୍ରିମିଆ ଉପରେ ରୁଷ୍ ଆକ୍ରମଣ କରିଥିଲା। ଏଥିଯୋଗୁଁ ମସ୍କୋକୁ ଏହି ଗୋଷ୍ଠୀରୁ ହଟାଇ ଦିଆଯାଇଥିଲା। ଆଉ ଏହାର ନାମ ବଦଳାଇ ଜି୭ କରିଦିଆଯାଇଥିଲା। ଏହି ଗ୍ରୁପରେ କାନାଡ଼ା, ଫ୍ରାନ୍ସ, ଜର୍ମାନୀ, ଜାପାନ, ଇଟାଲୀ, ବ୍ରିଟେନ ଏବଂ ଆମେରିକା ସାମିଲ ରହିଛି। ତେବେ କିଛି ଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ ସମୟରେ ଏହାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବଡ଼ ମନ୍ତବ୍ୟ ଦେଇଥିଲେ। ଜି୮ରୁ ରୁଷ୍‌କୁ ବାହାର କରିବା ନିଷ୍ପତ୍ତି ବଡ଼ ଭୁଲ ଥିଲା ବୋଲି କହିଥିଲେ।

# ୧୧ ମହଲା କୋଠାରେ ନିଆଁ; ୨ ମହିଳା ମୃତ

ମୁମ୍ବାଇ, ୧୬।୨ (ଏଜେନ୍ସି): ଦକ୍ଷିଣ ମୁମ୍ବାଇର ମସ୍‌ଜିଦ ବନ୍ଦର ଅଞ୍ଚଳରେ ରବିବାର ସକାଳେ ବଡ଼ ଅଘଟଣ ଘଟିଛି। ଏଠାକାର ଏକ ୧୧ ମହଲା କୋଠା (ପନ୍ନା ଅଲ୍ଲି ମ୍ୟାନସନ)ରେ ନିଆଁ ଲାଗିଯାଇଛି। ଏଥିରେ ଦୁଇ ମହିଳାଙ୍କ ମୃତ୍ୟୁ ହୋଇଛି। ୫ ଜଣ ଆହତ ହୋଇଛନ୍ତି। ଏହାର ସୂଚନା ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲା। ଅଧଘଣ୍ଟା ମଧ୍ୟରେ ନିଆଁକୁ ନିୟନ୍ତ୍ରଣ କରିଥିଲା। ତେବେ ଏ ପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ଜଣାପଡି ନାହିଁ। ଦମକଳ ବିଭାଗ ସୂଚନା ଅନୁଯାୟୀ ତଳ ମହଲାରେ ଥିବା ମିଟର ବାକ୍ସ ଏବଂ ସାର୍ବଜନୀନ ରାସ୍ତା ଯାଏଁ ନିଆଁ ବ୍ୟାପି ଯାଇଥିଲା।

# ଏକତା କପୁରଙ୍କ ବିରୋଧରେ ଏତଲା

ମୁମ୍ବାଇ, ୧୬।୨ (ଏଜେନ୍ସି): ଚଳଚ୍ଚିତ୍ର ନିର୍ମାତା ଏକତା କପୁର ଭାରତୀୟ ସୈନିକଙ୍କୁ ଅପମାନିତ କରିଥିବା ଅଭିଯୋଗ ଲାଗିଛି।



ଏ ନେଇ ୟୁଟ୍ୟୁବର ବିକାଶ ପାଠକ ଓରଫ 'ହିନ୍ଦୁସ୍ତାନୀ ଭାଉ' ଏକତା, ତାଙ୍କ ବାପା ଜିତେନ୍ଦ୍ର, ମାଆ ଶୋଭା ଏବଂ ଏକତାଙ୍କ ଓଟିଟି ପ୍ଲାଟଫର୍ମ ଅଲ୍ଟ ବାଲାଜୀ ବିରୋଧରେ ଅଭିଯୋଗ କରିଛନ୍ତି। ମୁମ୍ବାଇର ଏକ ସ୍ଥାନୀୟ କୋର୍ଟ ଏହି ମାମଲାର ଶୁଣାଣି କରି ଏକତାଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ମେ' ୯ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ସୂଚନା ଅନୁଯାୟୀ ଅଲ୍ଟ ବାଲାଜୀର ଏକ ୱେବ ସିରିଜ ସୈନିକଙ୍କୁ ଅପମାନିତ କରିଥିବା ଅଭିଯୋଗ ଲାଗିଛି। ଏକ ଅଧ୍ୟାୟରେ ସେନାର ଯବାନ ବେଆଇନ ଅଶ୍ଳୀଳ କାର୍ଯ୍ୟରେ ଲିପ୍ତଥିବା ଦେଖାଯାଇଛି। ଏହି ସମୟରେ ସେ ସେନା ପୋଷାକ ଏବଂ ବ୍ୟାଚ୍ ମଧ୍ୟ ପିନ୍ଧିଛନ୍ତି। ଏପରି କରି ଦେଶର ଗରିମା ଏବଂ ଗୌରବକୁ ଭୁଲ୍ ଭାବେ ଚିତ୍ରଣ କରାଯାଉଛି ବୋଲି ଅଭିଯୋଗ କରାଯାଇଛି। ପୂର୍ବରୁ ମଧ୍ୟ ଅଲ୍ଟ ବାଲାଜୀ ବିରୋଧରେ ଏଭଳି ଅନେକ ଅଭିଯୋଗ ଲାଗିଥିଲା।

# ନୂଆଦିଲ୍ଲୀ ଷ୍ଟେସନ ଦଳାଚକଟା ଘଟଣା ପଛରେ କିଏ?



## ପ୍ଲାଟଫର୍ମ ପରିବର୍ତ୍ତନ ନା ଫେକ୍ ନ୍ୟୁଜ୍

ନୂଆଦିଲ୍ଲୀ,୧୬।୨(ଏଜେନ୍ସି):

ନୂଆଦିଲ୍ଲୀ ରେଳ ଷ୍ଟେସନରେ ଶନିବାର ରାତି ପ୍ରାୟ ୧୦ଟା ବେଳେ ଦଳାଚକଟା ଘଟି ୧୮ ଜଣଙ୍କ ମୃତ୍ୟୁ ହେବା ଘଟଣା ବିଭିନ୍ନ ମହଲରେ ଉଦବେଗ ସୃଷ୍ଟି କରିଛି। ମୃତକଙ୍କ ମଧ୍ୟରେ ୧୧ ଜଣ ମହିଳା ଏବଂ ୪ ଜଣ ଶିଶୁ ଅଛନ୍ତି। ଏହି ଘଟଣାରେ ୧୫ରୁ ଅଧିକ ଲୋକ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଅନ୍ୟପକ୍ଷରେ ଦଳାଚକଟା କାରଣ କ'ଣ ଥିଲା ତାହାକୁ ନେଇ ଏବେ ତର୍ଜମା ଆରମ୍ଭ ହୋଇଛି। ରେଳ ମନ୍ତ୍ରାଳୟ ପକ୍ଷରୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯିବା ସହିତ ଦୁଇ ଜଣ ସଦସ୍ୟ ବିଶିଷ୍ଟ ଏକ ଉଚ୍ଚ ସ୍ତରୀୟ କମିଟି ଗଠନ କରାଯାଇଛି। ତେବେ ରେଳବାଇ ପୁଲିସ ଏବଂ କିଛି ପ୍ରତ୍ୟକ୍ଷଦର୍ଶୀ ଯାହା କହିଛନ୍ତି

**ତଦନ୍ତ କରିବ ଉଚ୍ଚସ୍ତରୀୟ କମିଟି**

ସେଥିରୁ ଦୁଇ ଟ୍ରେନକୁ ନେଇ ଯାତ୍ରୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଭ୍ରମ ପାଇଁ ଏଭଳି ଘଟଣା ଘଟିଥିବା ଆକଳନ କରାଯାଉଛି। ପୁଲିସ ଦେଇଥିବା ସୂଚନା ଅନୁସାରେ ଦୁଇଟି ଟ୍ରେନର ଆଗମନରେ ବିଳମ୍ବ ହୋଇଥିଲା ବେଳେ ୧୩ ଓ ୧୪ ନମ୍ବର ପ୍ଲାଟଫର୍ମରେ ଯାତ୍ରୀଙ୍କ ଗହଳି ଲାଗିଥିଲା। ୧୩ ନମ୍ବର ପ୍ଲାଟଫର୍ମରେ ସ୍ୱତନ୍ତ୍ର ସେନାନୀ ଏକ୍ସପ୍ରେସ ଓ ୧୪ ନମ୍ବର ପ୍ଲାଟଫର୍ମରେ ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ ଯିବାର ଥିଲା। ଏହି ଦୁଇ ଟ୍ରେନ୍ ଧରିବାକୁ ଉଭୟ ପ୍ଲାଟଫର୍ମରେ ଯାତ୍ରୀଙ୍କ ଗହଳି ଲାଗିଥିବା ବେଳେ ଦୁଇଟି ଯାକ ଟ୍ରେନ୍ ଆସିବାରେ ବିଳମ୍ବ ହୋଇଥିଲା। ଅନ୍ୟପକ୍ଷରେ ମହାକୁମ୍ଭ ପାଇଁ ଚାଲୁଥିବା ସ୍ୱତନ୍ତ୍ର ଟ୍ରେନ୍ ପ୍ରୟାଗରାଜ ଏକ୍ସପ୍ରେସ ୧୪ ନମ୍ବର ପ୍ଲାଟଫର୍ମରୁ ଛାଡ଼ିବାର ସମୟ ହୋଇଆସୁଥିଲା। ରାତି ୧୦ଟା ୧୦ରେ ଏହା ୧୪ ନମ୍ବର ପ୍ଲାଟଫର୍ମରୁ ଛାଡ଼ିବାର ଥିଲା। ଏହି ଟ୍ରେନରେ ପ୍ରୟାଗରାଜ ଯିବା ପାଇଁ ୧୫୦୦ରୁ ଅଧିକ ଜେନେରାଲ ଟିକେଟ୍ ବିକ୍ରି ହୋଇଥିଲା। ଏହା ଷ୍ଟେସନରେ ଭିଡ଼କୁ ବଢ଼ାଇ ଦେଇଥିଲା। ସ୍ୱତନ୍ତ୍ର ସେନାନୀ ଏକ୍ସପ୍ରେସ ଓ ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ ଆସିବାରେ ବିଳମ୍ବ ହେଉଥିବା ବେଳେ ପ୍ରୟାଗରାଜ ଏକ୍ସପ୍ରେସ ଆସିବାର ସମୟ ପାଖେଇ ଆସୁଥିଲା। ତେଣୁ ପ୍ରୟାଗରାଜ ଯିବାକୁ ଟିକେଟ କରିଥିବା ଯାତ୍ରୀମାନେ ୧୪ ନମ୍ବର ପ୍ଲାଟଫର୍ମକୁ ଆସିଥିଲେ। ପୂର୍ବରୁ ୧୩ ଓ ୧୪ ନମ୍ବର ପ୍ଲାଟଫର୍ମରେ ଭିଡ଼ ଜମିଥିବା ବେଳେ ପ୍ରୟାଗରାଜ ଯିବାକୁ ଥିବା ଯାତ୍ରୀମାନେ ସେଠାକୁ ଆସିବା ଫଳରେ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ପ୍ରୟାଗରାଜ ଏକ୍ସପ୍ରେସ ୧୪ ନମ୍ବର ପ୍ଲାଟଫର୍ମରେ ଛିଡ଼ା ହୋଇଥିଲେ ହେଁ ଏହି ଟ୍ରେନ ୧୬ ନମ୍ବର ପ୍ଲାଟଫର୍ମରେ ଆସିବ ବୋଲି ଘୋଷଣା ହେବା ପରେ ଯାତ୍ରୀମାନେ ଠେଲାପେଲା କରି ୧୬ ନମ୍ବର ପ୍ଲାଟଫର୍ମକୁ ଯିବାକୁ ଫୁଟ୍ ଓଭରବ୍ରିଜ୍ ମୁହାଁ ହୋଇଥିଲେ। ଠିକ୍ ଏହି ସମୟରେ ହିଁ ଦଳାଚକଟା ଆରମ୍ଭ ହୋଇଯାଇଥିଲା ବୋଲି ପୁଲିସ କହିଛି। କିନ୍ତୁ ରେଳ କର୍ତ୍ତୃପକ୍ଷ ଭିନ୍ନ କଥା କହିଛନ୍ତି। କୌଣସି ଟ୍ରେନ୍ ବାତିଲ କରାଯାଇ ନଥିଲା କି କାହାର ପ୍ଲାଟଫର୍ମ ପରିବର୍ତ୍ତନ କରାଯାଇ ନଥିଲା। ସବୁ ଟ୍ରେନ ନିୟମିତ ସୂଚୀ ଅନୁସାରେ ଯାତାୟତ କରିଥିଲା ବୋଲି ଉତ୍ତର ରେଳବାଇ ମୁଖ୍ୟ ଜନ ସମ୍ପର୍କ ଅଧିକାରୀ ହିମାଂଶୁ ଶେଖର ଉପାଧ୍ୟାୟ କହିଛନ୍ତି। ତେବେ ଘଟଣାସ୍ଥଳର ସମସ୍ତ ସିସିଟିଭି ଫୁଟେଜକୁ ତର୍ଜମା କରାଯାଇ ଯାଞ୍ଚ ଆରମ୍ଭ ହୋଇଛି।

**କର୍ଣ୍ଣାଟକ କଂଗ୍ରେସରେ କ୍ଷମତା କନ୍ଦଳ**

# ଶିବକୁମାରଙ୍କୁ ଅଧ୍ୟକ୍ଷ ପଦରୁ ହଟାଇବାକୁ ଦାବି

ବେଙ୍ଗାଲୁରୁ, ୧୬।୨ (ଏଜେନ୍ସି): କର୍ଣ୍ଣାଟକରେ ନେତୃତ୍ୱ ପରିବର୍ତ୍ତନର ଦାବି ଜୋର୍ ଧରିଛି। ଉପ-ମୁଖ୍ୟମନ୍ତ୍ରୀ ଶିବକୁମାରଙ୍କୁ ପ୍ରଦେଶ ଅଧ୍ୟକ୍ଷ ପଦରୁ ହଟାଇବାକୁ ଦଳର ଅନେକ ନେତା ଦାବି କରୁଛନ୍ତି। ମନ୍ତ୍ରୀ ସତୀଶ ଜାରିକୋହଲି ଏ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଏବଂ



କେସି ବେଣୁଗୋପାଳଙ୍କୁ ଭେଟିଛନ୍ତି। ପ୍ରଦେଶ ଅଧ୍ୟକ୍ଷ ବଦଳାଇବା ପାଇଁ ଉଭୟ ନେତାଙ୍କ ନିକଟରେ ଦାବି କରିଛନ୍ତି। ଜାରିକୋହଲି ପରବର୍ତ୍ତୀ ଅଧ୍ୟକ୍ଷ ପଦର ପ୍ରମୁଖ ଦାବିଦାର ବୋଲି ମନେ କରାଯାଉଛି। ସୂଚନା ଅନୁଯାୟୀ ବର୍ଷ ଶେଷ ସୁଦ୍ଧା ଅଧ୍ୟକ୍ଷ ବଦଳି ପାରନ୍ତି। ଶିବକୁମାରଙ୍କୁ ଅଧ୍ୟକ୍ଷ ପଦରୁ ହଟାଇ ମୁଖ୍ୟମନ୍ତ୍ରୀ କରାଯାଇପାରେ। ତେବେ ଏହାକୁ ନେଇ ଏ ପର୍ଯ୍ୟନ୍ତ ଉପ-ମୁଖ୍ୟମନ୍ତ୍ରୀ କୌଣସି ମନ୍ତବ୍ୟ ଦେଇନାହାନ୍ତି। କର୍ଣ୍ଣାଟକ କ୍ୟାବିନେଟ ମନ୍ତ୍ରୀ କେଏନ ରାଜନ୍ନା କହିଛନ୍ତି ଯେ ଲୋକସଭା ନିର୍ବାଚନ ପର୍ଯ୍ୟନ୍ତ ଶିବକୁମାର ଅଧ୍ୟକ୍ଷ ପଦରେ ରହିବା ନେଇ କଥା ହୋଇଥିଲା। କିନ୍ତୁ ସିଦ୍ଧରମୈୟା ଅଢେଇ ବର୍ଷ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ରହିବା ନେଇ ସ୍ପଷ୍ଟ କରାଯାଇ ନ ଥିଲା। ୨୦୨୩ରେ କଂଗ୍ରେସ ସାଧାରଣ ସମ୍ପାଦକ କେସି ବେଣୁଗୋପାଳ ଦେଇଥିବା ମନ୍ତବ୍ୟ ଆଧାରରେ ରାଜନ୍ନା ଏହା କହିଛନ୍ତି। ସେହିପରି କର୍ଣ୍ଣାଟକ ଗୃହମନ୍ତ୍ରୀ ଜି ପରମେଶ୍ୱର କହିଛନ୍ତି ଯେ ସମ୍ପୂର୍ଣ୍ଣ ୫ ବର୍ଷ ପାଇଁ ସିଦ୍ଧରମୈୟାଙ୍କୁ ବିଧାୟକ ଦଳ ନେତା ତଥା ମୁଖ୍ୟମନ୍ତ୍ରୀ ଚୟନ କରାଯାଇଥିଲା। ସେତେବେଳେ ତାଙ୍କ କାର୍ଯ୍ୟକାଳ ୫ ବର୍ଷ କି ଅଢେଇ ବର୍ଷ ହେବ ତାହା କୁହାଯାଇ ନ ଥିଲା।

**ମହାକୁମ୍ଭରେ ପ୍ରବଳ ଭିଡ଼**

# ସଙ୍ଗମରେ ୨ ଡଙ୍ଗା ମଧ୍ୟରେ ଧକ୍କା; ୫ ଉଦ୍ଧାର

ପ୍ରୟାଗରାଜ,୧୬।୨(ଏଜେନ୍ସି): ସପ୍ତାହନ୍ତରେ ମହାକୁମ୍ଭରେ ପ୍ରବଳ ଭିଡ଼ ହୋଇଛି। ଦେଶ ବିଦେଶରୁ ଶ୍ରଦ୍ଧାଳୁ ବୁଡ଼ ପକାଇବାକୁ ଛୁଟି ଆସିଛନ୍ତି। ଏଥିପାଇଁ ପ୍ରୟାଗରାଜ ଏବଂ ଆଖପାଖ ସହରରେ ଅନେକ କିମି ପର୍ଯ୍ୟନ୍ତ ଜାମ୍ ଲାଗି ରହିଛି। ଏହା ମଧ୍ୟରେ ସଙ୍ଗମରେ ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ଅନ୍ୟ ଏକ ଡଙ୍ଗାକୁ ଧକ୍କା ଦେଇ ପଲଟି ଯାଇଛି। ଏଥିଯୋଗୁଁ ୫ ଜଣ ଲୋକ ବୁଡ଼ି ଯାଇଥିଲେ। ତେବେ ଏନ୍‌ଡିଆରଏଫ୍ ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ଏଥିରେ କେହି ମୃତାହତ ହୋଇଥିବାର ସୂଚନା ମିଳିନାହିଁ।

ଅନ୍ୟପକ୍ଷରେ ଉତ୍ତର ପ୍ରଦେଶକୁ ଲାଗିଥିବା ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଜାମ୍ ସ୍ଥିତି ଲାଗି ରହିଛି। ମହାକୁମ୍ଭ ଅଭିମୁଖେ ଗାଡ଼ି ଗୁଡ଼ିକର ଲମ୍ବାଧାଡ଼ି ଲାଗି ରହିଛି। ୧୫ ମିନିଟ୍‌ର ରାସ୍ତା ଅତିକ୍ରମ କରିବାକୁ ଏବେ



ପ୍ରାୟ ୩ ଘଣ୍ଟା ଲାଗୁଛି। ପୁଲିସ କର୍ମଚାରୀ ମାନବ ଶୃଙ୍ଖଳ ବନାଇ ଭିଡ଼କୁ ନିୟନ୍ତ୍ରଣ କରୁଛନ୍ତି। ଲୋକଙ୍କ ଆଗରେ ଚାଲିଛନ୍ତି। ଦଳାଚକଟା ଭଳି ସ୍ଥିତିକୁ ଏଡ଼ାଇବା ପାଇଁ ଏହି ଉପାୟ ଅବଲମ୍ବନ କରାଯାଉଛି। ସେହିପରି ପ୍ରୟାଗରାଜ ଜଙ୍କସନ୍‌ରେ ଯାତ୍ରୀ ଫୁଲ୍ ହୋଇଯାଇଛନ୍ତି। ଘଣ୍ଟାଏ ପର୍ଯ୍ୟନ୍ତ ଷ୍ଟେସନ ନ ଆସିବା ପାଇଁ ରାତି ୮ଟା୨୦ରେ ଘୋଷଣା କରାଯାଇଛି। ଏବେ ପ୍ରବଳ ଭିଡ଼ ରହିଛି। ସମଗ୍ର ସହରରେ ଜାମ୍ ସ୍ଥିତି ଲାଗି ରହିଛି। ଆଜି ରାଜ୍ୟପାଳ ଆନନ୍ଦିବେନ ପଟେଲ, କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରି ପରିବାର ସହିତ ମହାକୁମ୍ଭରେ ସ୍ନାନ କରିଛନ୍ତି। ସନ୍ଧ୍ୟା ୬ଟା ସୁଦ୍ଧା ୧.୩୬ କୋଟି ଲୋକ ବୁଡ଼ ପକାଇଲେଣି। ଜାନୁଆରୀ ୧୩ରୁ ଏ ପର୍ଯ୍ୟନ୍ତ ୫୨.୮୩ କୋଟି ଶ୍ରଦ୍ଧାଳୁ ମହାକୁମ୍ଭରେ ବୁଡ଼ ପକାଇଲେଣି।

# ଟ୍ରମ୍ପଙ୍କ ଆଭିମୁଖ୍ୟକୁ ନେଇ ଜରୁରୀ ବୈଠକ ଡାକିଲେ ମାକ୍ରନ

ପ୍ୟାରିସ୍,୧୬।୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଭିମୁଖ୍ୟ ଏବଂ କାର୍ଯ୍ୟକଳାପ ଏବେ ୟୁରୋପୀୟ ନେତାଙ୍କ ପାଇଁ ଅସହ୍ୟ ହେବା ଭଳି ଲାଗୁଛି। ବିଶେଷକରି ନାଟୋ ଏବଂ ୟୁରୋପର ସୁରକ୍ଷା ବ୍ୟବସ୍ଥାକୁ ନେଇ ଟ୍ରମ୍ପ ଯେଭଳି ଆଭିମୁଖ୍ୟ ଗ୍ରହଣ କରିଛନ୍ତି ତାହାକୁ ପରୋକ୍ଷରେ ବହୁ ୟୁରୋପୀୟ ନେତା ବିରୋଧ କରିବା ଆରମ୍ଭ କରିଛନ୍ତି। ଏହାର ପ୍ରଭାବ ଶନିବାର ମ୍ୟୁନିକ୍ ଠାରେ ଚାଲିଥିବା ସୁରକ୍ଷା ସମ୍ମିଳନୀରେ ଦେଖିବାକୁ ମିଳିଛି। ଏହାକୁ ନେଇ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକ୍ରନ ଆସନ୍ତାକାଲି ଏକ ଜରୁରୀ ବୈଠକ ଡକାଇଛନ୍ତି। ନାଟୋକୁ ନେଇ ଟ୍ରମ୍ପ ଯେଭଳି କାର୍ଯ୍ୟକଳାପ ଚଳାଇଛନ୍ତି ତାହା ୟୁରୋପୀୟ ଦେଶମାନଙ୍କ ପାଇଁ ଚିନ୍ତାର କାରଣ ହୋଇଥିବାରୁ ଏହି ବୈଠକରେ ବିଭିନ୍ନ ରାଷ୍ଟ୍ରନେତା ଯୋଗ ଦେଇ ଆଲୋଚନା କରିବାକୁ ଯାଉଥିବା ପୋଲାଣ୍ଡ ବୈଦେଶିକ ମନ୍ତ୍ରୀ ମ୍ୟୁନିକ୍ ସମ୍ମିଳନୀରେ ସୂଚନା ଦେଇଛନ୍ତି।

■ ତୃତୀୟ ଦଫାରେ ଆମେରିକାରୁ ଫେରିଲେ ୧୧୨ ଭାରତୀୟ

# ପୁଣି ହାତ-ଗୋଡ଼ରେ ବେଡ଼ିକୁ ନେଇ ଉଦ୍‌ବେଗ

ନୂଆଦିଲ୍ଲୀ,୧୬।୨(ଏଜେନ୍ସି): ଆମେରିକାରୁ ବେଆଇନ ଭାରତୀୟଙ୍କୁ ସ୍ୱଦେଶ ପଠାଇବାର ଦ୍ୱିତୀୟ ପର୍ଯ୍ୟାୟରେ ୧୧୪ ଜଣ ଭାରତୀୟ ଶନିବାର ଆସିଥିଲା ବେଳେ ରବିବାର ୧୧୨ ଜଣ ଅମୃତସର ପହଞ୍ଚିଛନ୍ତି। ଆମେରିକା ସେନାର ସି-୧୭ ପରିବହନ ବିମାନରେ ଏମାନଙ୍କୁ ଅଣାଯାଇଥିଲା। କିନ୍ତୁ ପ୍ରଥମ ଥର ଭଳି ଏଥର ମଧ୍ୟ ଏହି ଲୋକମାନଙ୍କ ହାତ ଓ ଗୋଡରେ ବେଡି ପକାଇ ଅତ୍ୟନ୍ତ ନିର୍ଯାତିତ ଭାବେ ଭାରତ ଅଣାଯାଇଥିବାରୁ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି। ଏହି ଲୋକମାନଙ୍କୁ ପ୍ରଥମେ ଗିରଫ କରାଯାଇ ଆମେରିକାର ଏକ କ୍ୟାମ୍ପରେ ରଖାଯାଇଥିଲା। ଦୁଇ ଦିନ ତଳେ ସେମାନଙ୍କୁ ଅନ୍ୟ କ୍ୟାମ୍ପକୁ ସ୍ଥାନାନ୍ତର କରାଯିବ ବୋଲି କୁହାଯାଇ ସେମାନଙ୍କ ହାତ ଏବଂ ଗୋଡରେ ଚେନ୍ ପକାଇ ଦିଆଯିବା ସହିତ ବିମାନରେ ବସାଇ ଦିଆଯାଇଥିଲା ବୋଲି କେତେକ ଭାରତୀୟ କହିଛନ୍ତି। ପୁରୁଷ-ମହିଳା ସମସ୍ତଙ୍କଠାରେ ବେଡ଼ି ପଡ଼ିଥିଲା। ସେହିପରି ବିମାନରେ ଏକମାତ୍ର ୱାସରୁମ୍ ରହିଥିଲା ବେଳେ ସେଠାକୁ ଯିବା ବେଳେ ମଧ୍ୟ କାହାଠାରୁ ବେଡ଼ି ଖୋଲାଯାଇ ନଥିଲା। ଖାଇଲା ବେଳେ ମଧ୍ୟ ଦେହରେ ବେଡ଼ି ରହିଥିଲା। ୪୦ ଘଣ୍ଟାର ଯାତ୍ରା ବେଳେ ଯାତ୍ରୀମାନଙ୍କୁ କେବଳ ଗୋଟେ ଲେଖାଏଁ ଲେଜ୍ ଓ ଜୁସ୍ ଦିଆ ଯାଇଥିଲା। ଏଭଳି ବିଷୟକୁ ନେଇ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ରାଜନୈତିକ ଏବଂ ବୁଦ୍ଧିଜୀବୀ ମହଲରେ ଘୋର ଉଦବେଗ ପ୍ରକାଶ କରାଯାଇଛି। ଗୋଟିଏ ପକ୍ଷରେ ଘର, ଜମି ବିକ୍ରି କିମ୍ବା ଋଣ କରି ଏହି ଲୋକମାନେ ଅଧିକ ଅର୍ଥ ଉପାର୍ଜନ କରିବାର ସ୍ୱପ୍ନ ନେଇ ଆମେରିକା ଯାଇଥିଲେ। କିନ୍ତୁ ସେଠାରୁ ଏଭଳି ଅବସ୍ଥାରେ ଫେରିବା ଦ୍ୱାରା ସେମାନେ ମାନସିକ ସ୍ତରେ ଭାଙ୍ଗି ପଡ଼ିବେ ବୋଲି ବୁଦ୍ଧିଜୀବୀ ମହଲ କହିଛି।

# ୨୧ ନିୟୁତ ଡଲାରର ନିର୍ବାଚନୀ ସହାୟତା ଖର୍ଚ୍ଚ ବନ୍ଦକଲା ଆମେରିକା

ନୂଆଦିଲ୍ଲୀ,୧୬।୨(ଏଜେନ୍ସି): ବିକାଶ ଏବଂ ଉନ୍ନୟନ ପାଇଁ ଆମେରିକାର 'ୟୁଏସଏଡ୍' ଏଜେନ୍ସି ବିଭିନ୍ନ ଦେଶକୁ ଯୋଗାଇ ଦେଉଥିବା ଆର୍ଥିକ ସହାୟତାକୁ ଟ୍ରମ୍ପ ପ୍ରଶାସନ ବନ୍ଦ କରିଦେଇଛି। ୟୁଏସଏଡ୍ ଏଜେନ୍ସି ଉପରେ ଏଲନ ମସ୍କ ନେତୃତ୍ୱାଧୀନ 'ଡୋଜ' ବିଭାଗ ଅଙ୍କୁଶ ଲଗାଇ ବିଭିନ୍ନ କ୍ଷେତ୍ରରେ ବିଦେଶୀ ରାଷ୍ଟ୍ରଙ୍କୁ ଦିଆଯାଉଥିବା ପାଣ୍ଠି ବନ୍ଦ କରିଦେଇଛି। ଏହିକ୍ରମରେ ଭାରତରେ ନିର୍ବାଚନ ସମୟରେ

**ବିଜେପିର ପ୍ରଶ୍ନ ; କିଏ ପାଉଥିଲା ଏହି ଅର୍ଥ**

**ନିର୍ବାଚନକୁ ପ୍ରଭାବିତ କରୁଥିଲେ ବିଦେଶୀ ଶକ୍ତି**

ୟୁଏସ୍‌ଏଡ୍ ଯୋଗାଇ ଦେଉଥିବା ୨୧ ନିୟୁତ ଡଲାର (ପ୍ରାୟ ୧୮୩ କୋଟି ଟଙ୍କା) ଅର୍ଥକୁ 'ଡୋଜ୍' ବିଭାଗ ବନ୍ଦ କରିଦେଇଥିବା ଘୋଷଣା କରିବା ପରେ ଭାରତରେ ବିବାଦ ବଢ଼ିଛି। ଭାରତରେ ନିର୍ବାଚନ ସମୟରେ ମତଦାନ ପାଇଁ ଭୋଟରଙ୍କୁ ଅଧିକ ପ୍ରୋତ୍ସାହିତ କରିବାକୁ ଆମେରିକା ଏହି ପରିମାଣର ଅର୍ଥ ଦେଉଥିଲା। କିନ୍ତୁ ଏବେ ଏହାକୁ ବନ୍ଦ କରିଦିଆଯାଇଛି ବୋଲି 'ଡୋଜ' ମୁଖ୍ୟ ଏଲନ ମସ୍କ ଘୋଷଣା କରିବା ପରେ ବିଜେପି ବିରୋଧୀଙ୍କୁ ନିଶାଣ କରିଛି। ଭୋଟରଙ୍କୁ ମତଦାନ ଲାଗି ଆଗ୍ରହ ବଢାଇବାକୁ ଆସୁଥିବା ଏହି ଅର୍ଥକୁ କିଏ ନେଉଥିଲା ଏବଂ କିଏ ଲାଭବାନ ହେଉଥିଲା ବୋଲି ଦଳ ପ୍ରଶ୍ନ କରିଛି। ୨୦୧୨ରେ ନିର୍ବାଚନ କମିସନ 'ଇଣ୍ଟରନ୍ୟାସନାଲ ଫାଉଣ୍ଡେସନ ଫର ଇଲେକଟୋରାଲ ସିଷ୍ଟମ୍' ସହିତ ଏକ ବୁଝାମଣା କରିଥିଲେ। ସେହି ଅନୁସାରେ ନିର୍ବାଚନ ସମୟରେ ବିଦେଶରୁ ବିଭିନ୍ନ ସଂସ୍ଥାରୁ ଅର୍ଥ ଆସୁଥିଲା। ଭାରତୀୟ ନିର୍ବାଚନ ପ୍ରକ୍ରିୟା ଉପରେ ଆମେରିକୀୟ ସମାଜସେବୀ ଜର୍ଜ ସୋରସ୍ ପ୍ରଭୃତ ପ୍ରଭାବ ରଖିଥିଲା ବେଳେ ତାଙ୍କ ମାଧ୍ୟମରେ ବି ବିପୁଳ ଅର୍ଥ ଆସୁଥିଲା ବୋଲି ବିଜେପି ନେତା ଅମିତ ମାଲବୀୟ କହିଛନ୍ତି। ଭାରତର ନିର୍ବାଚନକୁ ବିଦେଶୀ ଶକ୍ତି କିଭଳି ପ୍ରଭାବିତ କରୁଥିଲେ ତାହା ଏବେ ସ୍ପଷ୍ଟ ହୋଇଛି ବୋଲି ମାଲବୀୟ କହିଛନ୍ତି।

ଆମେରିକା ବନ୍ଦ କରିଥିବା ୨୧ ନିୟୁତ ଡଲାର ଅର୍ଥକୁ ନେଇ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ସଞ୍ଜୀବ ସାନ୍ୟାଲ ମଧ୍ୟ ବିସ୍ମୟ ପ୍ରକାଶ କରିଛନ୍ତି। ଭାରତ ଭଳି ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ରରେ ଭୋଟରଙ୍କୁ ଆକୃଷ୍ଟ କରିବାକୁ ବିଦେଶରୁ ୨୧ ନିୟୁତ ଡଲାର ଆସୁଥିବା ବିଷୟ ଜାଣି ଆମେ ଖୁସି ବୋଲି କଟାକ୍ଷ ଢଙ୍ଗରେ ସାନ୍ୟାଲ କହିଛନ୍ତି। ଏହାଦ୍ୱାରା ନିର୍ବାଚନ ବେଳେ ବିଦେଶୀ ଶକ୍ତି କିଭଳି କାର୍ଯ୍ୟ କରନ୍ତି ତାହା ଏବେ କାହାରିକୁ ଅଛପା ରହିବ ନାହିଁ ବୋଲି ସେ କହିଛନ୍ତି।

**ଘନଉଛି ଟ୍ରମ୍ପଙ୍କ ଗାଜା ଅଭିଯାନର ଭୟ**

# ପହଞ୍ଚିଲା ୨୦୦୦ ପାଉଣ୍ଡ ବୋମା

ତେଲ୍‌ଆଭିଭ୍,୧୬।୨(ଏଜେନ୍ସି):

ଇସ୍ରାଏଲ ଏବଂ ଗାଜା ମଧ୍ୟରେ ଚାଲିଥିବା ଅସ୍ତ୍ରବିରତିକୁ ନେଇ ସ୍ଥିତି ସାମାନ୍ୟ ବଦଳି ଥିବାବେଳେ ଗାଜାରୁ ବିସ୍ଥାପିତ ପାଲେଷ୍ଟାଇନବାସୀ କିଛି ପରିମାଣରେ ଫେରିଛନ୍ତି। କିନ୍ତୁ ଏହାମଧ୍ୟରେ ଟ୍ରମ୍ପଙ୍କ

**ଇସ୍ରାଏଲରେ ଆମେରିକା ବୈଦେଶିକ ସଚିବ ରୁବିଓ**

ଗାଜା ଅଭିଯାନକୁ ନେଇ ଭୟ ବଢ଼ିବାରେ ଲାଗିଛି। ଇସ୍ରାଏଲ ଆକ୍ରମଣରେ ଗାଜା ଅଞ୍ଚଳର ଅଧିକାଂଶ ଅଂଶ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଥିଲା ବେଳେ ଗାଜା ପଟିକୁ ସମ୍ପୂର୍ଣ୍ଣ ଦଖଲ କରି ଏଠାରେ ବିଶ୍ୱସ୍ତରୀୟ ନୂଆ କଲୋନୀ ନିର୍ମାଣ କରିବାକୁ ଟ୍ରମ୍ପ ଯୋଜନା କରିଛନ୍ତି। ନିକଟରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଆମେରିକା ଗସ୍ତରେ ଯାଇଥିଲା ବେଳେ ଉଭୟ ନେତାଙ୍କ ମଧ୍ୟରେ ହୋଇଥିବା ଏ ସମ୍ପର୍କିତ ଆଲୋଚନାକୁ ନେତନ୍ୟାହୁ



ସ୍ୱାଗତ କରିଥିଲେ। ଗାଜାକୁ ନେଇ ଆମେରିକା ଏବଂ ଇସ୍ରାଏଲର ଚିନ୍ତାଧାରା ଏକ ବୋଲି କହିଥିଲେ। ଏହି ଆଲୋଚନା ପରେ ଅଚାନକ ଭାବେ ଆମେରିକା ବୈଦେଶିକ ସଚିବ ମାର୍କୋ ରୁବିଓ ରବିବାର ଇସ୍ରାଏଲରେ ପହଞ୍ଚିଛନ୍ତି। ଟ୍ରମ୍ପ ପ୍ରଶାସନରେ ଦାୟିତ୍ୱ ନେବା ପରେ ଏହା ରୁବିଓଙ୍କ ପ୍ରଥମ ବିଦେଶ ଗସ୍ତ ହୋଇଥିଲା ବେଳେ ସେ ନେତନ୍ୟାହୁଙ୍କ ସହ ଟ୍ରମ୍ପଙ୍କ ଯୋଜନା ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି। କେବଳ ରୁବିଓ ନୁହନ୍ତି, ସେ ଇସ୍ରାଏଲର ପହଞ୍ଚିବା ସହିତ ଆମେରିକାରୁ ଆସିଥିବା ୨୦୦୦ ପାଉଣ୍ଡ 'ଏମକେ-୮୪' ବୋମା ମଧ୍ୟ ଇସ୍ରାଏଲରେ ପହଞ୍ଚିଛି। ଏହି ବୋମା ଇସ୍ରାଏଲୀ ବନ୍ଦରରେ ପହଞ୍ଚିବା ପରେ ସେଠାକାର ବାୟୁସେନା ଘାଟିକୁ ନିଆଯାଇଛି। ୯୦୦ କିଲୋ ଓଜନ ବିଶିଷ୍ଟ ଏମକେ -୮୪ ବୋମା ସାଧାରଣତଃ କୋଠା, ରେଳବାଇ ଭିତ୍ତିଭୂମି ଏବଂ ଟେଲିକମ୍ ଭିତ୍ତିଭୂମିକୁ ନଷ୍ଟ କରିବାକୁ ବ୍ୟବହାର କରାଯାଇଥାଏ। ଆମେରିକା ଏହି ଧରଣର ବୋମା ଇରାକ ଏବଂ ଭିଏତନାମରେ ବ୍ୟବହାର କରିସାରିଛି। ସାଂପ୍ରତିକ ସ୍ଥିତିରେ ଇସ୍ରାଏଲ ଆମେରିକା ଠାରୁ ୭୬ ହଜାର ଟନ ସାମରିକ ସରଞ୍ଜାମ କ୍ରୟ କରିବାକୁ ଅର୍ଥ ପୈଠ କରିସାରିଥିଲା ବେଳେ ଏହାର ଅଂଶ ସ୍ୱରୂପ ଏହି ବୋମା ପହଞ୍ଚିଛି। ପୂର୍ବରୁ ଏହି ଧରଣର ବୋମା ଇସ୍ରାଏଲକୁ ଦେବାକୁ ବାଇଡେନ ପ୍ରଶାସନ ପକ୍ଷରୁ ରୋକ୍ ଲଗାଯାଇଥିଲା। ହେଲେ ଟ୍ରମ୍ପ ଏହି ପ୍ରତିବନ୍ଧକ ହଟାଇବା ସହିତ ଏହାକୁ ଇସ୍ରାଏଲରେ ପହଞ୍ଚାଇବାକୁ ବାଟ ସଫା କରିଥିଲେ। ସେହି ଅନୁସାରେ ଏହି ବୋମା ଇସ୍ରାଏଲର ପହଞ୍ଚିଛି। ତେବେ ଏହାକୁ ନେଇ ଗାଜାରେ ଇସ୍ରାଏଲ ପଟରୁ ପୁଣି ଆକ୍ରମଣର ଭୟ ବଢ଼ିଥିବାରୁ ଆରବୀୟ ଦେଶମାନଙ୍କ ମଧ୍ୟରେ ଆଶଙ୍କା ଦେଖାଯାଇଛି।





# ସିଟି କଟକ

## କେନାଲ ଖୁଣ୍ଟରେ ଯୁବକଙ୍କ ଆତ୍ମହତ୍ୟା

କଟକ,୧୬ ।୨(ସମିସ): ତାଳଦଣ୍ଡା କେନାଲର ଲୁହାବାଡରେ ଜଣେ ଯୁବକ ବେକରେ କେବୁଲ ବାନ୍ଧି ଆତ୍ମହତ୍ୟା କରିଛନ୍ତି । ମୃତ ଯୁବକଙ୍କ ପରିଚୟ ମିଳିପାରିନାହିଁ । ମୃତକର ବୟସ ପାଖାପାଖି ୧୮ ହେବ ବୋଲି ପୁଲିସ ସୂଚନା ଦେଇଛି । ହାତରେ ଏକ ତ୍ରିଶୂଳ ଚିହ୍ନର ଟାଟୁ ରହିଛି । ମୃତଦେହକୁ ଉଦ୍ଧାର କରାଯାଇ ଏସସିବି ଶବ ସଂରକ୍ଷଣ ଗୃହରେ ରଖାଯାଇଛି । ରବିବାର ସକାଳ ପ୍ରାୟ ସାଢ଼େ ୭ଟା ସମୟରେ ଜଣେ ଅଚିହ୍ନା ଯୁବକ ରାଣୀହାଟ୍ ବ୍ରିଜ ଠାରୁ କିଛି ଦୂରେରେ କେନାଲର ଲୁହାବାଡ଼ ପାଖରେ ବସିଥିଲା । ସେଠାରେ ଝୁଲୁଥିବା ଏକ ଇଣ୍ଟରନେଟ କେବୁଲକୁ ନିଜର ହାତରେ ଧରି ଗୁଡ଼ାଇବାକୁ ଲାଗିପଡିଥିବା ସ୍ଥାନୀୟ ଲୋକ ଦେଖିଥିଲେ । ସେହି ତାରକୁ ହଠାତ ବେକରେ ଗୁଡ଼ାଇ ଲୁହା ବାଡ଼ ଉପରେ ଚଢି ଯାଇ ଅନ୍ୟପଟ ବାଡକୁ ଡେଇଁ ପଡିଥିଲା । ଏହା ଦେଖି ସ୍ଥାନୀୟ ଲୋକ ଚିତ୍କାର କରି ତାର ପାଖକୁ ଦୌଡ଼ି ଗଲା ବେଳକୁ ଜିଭ କାମୁଡି ସେ ଶେଷ ନିଶ୍ୱାସ ଛାଡି ସାରିଥିଲା । ସେଠାରେ ଏଭଳି ସ୍ଥିତି ରହିଥିଲା ଯେ, କେହି ଚାହିଁଲେ ମଧ୍ୟ ତୁରନ୍ତ ବାଡ଼କୁ ଡେଇଁ ଯୁବକଙ୍କୁ ଭିତରୁ କାଢ଼ିପାରିବେ ନାହିଁ । ଏନେଇ ମଙ୍ଗଳାବାଗ ଥାନା ପୋଲିସକୁ ଖବର ପାଇବା ପରେ କର୍ମଚାରୀ ଆସି ମୃତଦେହକୁ ଉଦ୍ଧାର କରିଥିଲେ । ସେଠାରୁ ତୁରନ୍ତ ଏସସିବିକୁ ନଇଥିଲେ । ପାଖରେ ପରିଚୟ ଜାଣିବା ଲାଗି କିଛି ଜିନିଷ ନଥିବାରୁ ଅଜଣା ଭାବେ ପୋଲିସ ବ୍ୟବଚ୍ଛେଦ କରିଥିଲା । ମୃତଦେହ ଏବେ ଶବଗୃହରେ ରହିଛି । ତେବେ ମୃତଦେହରେ ଏକ ତ୍ରିଶୂଳର ଟାଟୁ ରହିଛି । ଏହା ମଧ୍ୟରେ କୌଣସି ଏକ ଜରିଆରେ ମୃତକଙ୍କ ଫଟୋ ଦେଖି କେନ୍ଦୁଝରର ଏକ ପରିବାର ମଙ୍ଗଳାବାଗ ଥାନା ସହିତ ଯୋଗାଯୋଗ କରିଛନ୍ତି । ଉକ୍ତ ପରିବାରର ଜଣେ ଯୁବକ ମଧ୍ୟ ନିଖୋଜ ଅଛନ୍ତି । ତାଙ୍କ ହାତରେ ମଧ୍ୟ ତ୍ରିଶୂଳ ଟାଟୁ ରହିଛି । ଏହି ପରିବାର ସୋମବାର ଆସିଲେ ଚିହ୍ନଟ କରିବା ଲାଗି ମୃତଦେହକୁ ଦେଖିବେ ବୋଲି ଥାନା ଅଧିକାରୀ ଉମାକାନ୍ତ ସାହୁ ସୂଚନା ଦେଇଛନ୍ତି ।

# 'ଅଭ୍ୟର୍ଥନା ପ୍ରକୋଷ୍ଠ' ସଜାଡ଼ିବାକୁ ନିର୍ଦ୍ଦେଶ

**ଏଣିକି ପ୍ରତି ସପ୍ତାହରେ ଯାଞ୍ଚ ହେବ ଥାନା**

**ଖିଲାପ କଲେ ଆଇଆଇସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ**

କଟକ,୧୬ ।୨(ସମିସ)

କମିଶନରେଟ୍ ପୁଲିସ ବ୍ୟବସ୍ଥାରେ କଟକ ଯୁପିଡିରେ ଥିବା ପ୍ରତ୍ୟେକ ଥାନାର ଅଭ୍ୟର୍ଥନା ପ୍ରକୋଷ୍ଠ ସଜାଡିବାକୁ ପୁଲିସ କମିଶନର ଏସ୍ ଦେବଦତ୍ତ ସିଂହ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତ୍ୟେକ ଥାନାରେ ସାଧାରଣ ଅଭିଯୋଗକାରୀ ଅଭ୍ୟର୍ଥନା ପ୍ରକୋଷ୍ଠକୁ ଯାଇ ହଇରାଣ ହେଉଥିବା ଅଭିଯୋଗ ଉଠିଛି । ଏହି ଅଭିଯୋଗକୁ ଆଧାର କରି ଥାନାୱାରୀ ଆଇଆଇସିମାନଙ୍କୁ ଅଭ୍ୟର୍ଥନା ପ୍ରକୋଷ୍ଠ ସଜାଡିବାକୁ କୁହାଯାଇଛି । ଉତ୍ତମ ବାତାବରଣ ସହିତ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ ଦିଆଯାଇଥିବା ଚିଠିରେ ଉଲ୍ଲେଖ ରହିଛି । ଏଣିକି ପ୍ରତି ସପ୍ତାହରେ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଥାନା ଗୁଡ଼ିକର ଅଭ୍ୟର୍ଥନ ପ୍ରକୋଷ୍ଠ ଯାଞ୍ଚ କରାଯିବ । ଖିଲାପ କରୁଥିବା ଆଇଆଇସିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କମିଶନର ଶ୍ରୀ ସିଂ କହିଛନ୍ତି । ଅଭିଯୋଗ ଅନୁସାରେ, ଥାନା ଗୁଡ଼ିକର ଏହି ପ୍ରକୋଷ୍ଠ ପ୍ରାୟତଃ ଖାଲି ପଡୁଥିଲା । କୌଣସି କର୍ମଚାରୀଙ୍କ ଦେଖା ମିଳୁନଥିଲା । ଯଦି କୌଣସି ଅଭିଯୋଗକାରୀ ଥାନାକୁ ଯାଉଛନ୍ତି, ତେବେ ସିଏ ପ୍ରଥମେ ଅଭ୍ୟର୍ଥନା ପ୍ରକୋଷ୍ଠକୁ ଯାଇ ଫେରୁଥିବା ନଜରକୁ ଆସିଥିଲା । ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି, ଏବେ ଅଭ୍ୟର୍ଥନା ପ୍ରକୋଷ୍ଠରେ ହେବାକୁ ଥିବା କାର୍ଯ୍ୟ ଗୁଡିକ ଥାନାରେ କରାଯାଉଛି । କେତେକ ଥାନାରେ ଅଭ୍ୟର୍ଥନା ପ୍ରକୋଷ୍ଠରେ ନୋଟିସ୍ ବୋର୍ଡ ଭାଙ୍ଗି ଗଲାଣି । କେବଳ ଟେବୁଲ୍ ଓ



ଚୌକି ପଡ଼ି ରହିଛି । ପୂର୍ବରୁ ଥାନା ଗୁଡ଼ିକରେ ଏଭଳି ସ୍ଥିତି ଲାଗିରହିଥିବା ବେଳେ କମିଶନରଙ୍କ କାର୍ଯ୍ୟାଳୟରୁ ୨୦୧୮ ମସିହାରେ ଅର୍ଡର ନମ୍ବର-୧୮ ଜରିଆରେ ପ୍ରତ୍ୟେକ ଥାନାକୁ ନୋଟିସ୍ ଦିଆଯାଇଥିଲା । ଏଥିରେ ଦର୍ଶାଯାଇଥିଲା ଯେ, ନିଜ ନିଜର ଅଭ୍ୟର୍ଥନା ପ୍ରକୋଷ୍ଠକୁ ୨୪ଘଣ୍ଟିଆ କାର୍ଯ୍ୟକ୍ଷମ କରାଇବା ସହିତ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ବଜାୟ ରଖାଯିବ । ଜଣେ ଅଭିଯୋଗକରୀଙ୍କ ଠାରୁ ସମ୍ମାନର ସହ ଅଭିଯୋଗ ଗ୍ରହଣ କରିବା ଏହି ଡେସ୍କର ପ୍ରଧାନ କାର୍ଯ୍ୟ । କିନ୍ତୁ ଅଭ୍ୟର୍ଥନା ପ୍ରକୋଷ୍ଠ ଅବହେଳିତ ଅବସ୍ଥାରେ ରହିବା ଦ୍ୱାରା ସାଧାରଣ ଅଭିଯୋଗକାରୀଟିଏ ଏହି ସୁବିଧାରୁ ବଞ୍ଚିତ ହେଉଥିବା ଲକ୍ଷ୍ୟ କରାଯାଉଛି । ଏ ସମ୍ପର୍କରେ ଏଡିସିପି ଦେବଦତ୍ତ କରଙ୍କୁ ପଚାରିବାରୁ ସେ କହିଛନ୍ତି, ପ୍ରତ୍ୟେକ ଥାନାରେ ସିସିଟିଭି ରେକର୍ଡିଂ ବ୍ୟବସ୍ଥା ହୋଇଛି । କୌଣସି ଥାନାର ଅଭ୍ୟର୍ଥନା ପ୍ରକୋଷ୍ଠରେ ଅବହେଳା ହେଉଥିବା ଅଭିଯୋଗ ଆସିଲେ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ।

ପ୍ରକାଶ ଥାଉ କି, ଅଭ୍ୟର୍ଥନା ପ୍ରକୋଷ୍ଠରେ ୩ ସିପ୍ଟରେ ଡ୍ୟୁଟି ବଣ୍ଟନ କରାଯାଇଛି । ସକାଳ ୮ଟାରୁ ଦିନ ୨ଟା, ଦିନ ୨ଟାରୁ ରାତି ୧୦ଟା ଏବଂ ରାତି ୧୦ଟାରୁ ସକାଳ ୮ଟା ପର୍ଯ୍ୟନ୍ତ ଦାୟିତ୍ୱରେ ଥିବା କର୍ମଚାରୀ ଡେସ୍କରେ ବସି ନିଜର ଦାୟିତ୍ୱ ନିର୍ବାହ କରିବେ । ନିୟମ ଅନୁସାରେ, ପ୍ରଥମ ଓ ଦ୍ୱିତୀୟ ସିପ୍ଟରେ ଜଣେ ହାବିଲଦାର୍ କିମ୍ବା ଜଣେ କନେଷ୍ଟବଳ ଦାୟିତ୍ୱରେ ରହିବେ ଏବଂ ତୃତୀୟ ସିପ୍ଟରେ ଡାଏରୀ ଚାର୍ଜ ଅଫିସର(ଡିସିଓ) ଦାୟିତ୍ୱରେ ରହିବେ । ଏହି ଡେସ୍କରେ ୨ଟି ରେଜିଷ୍ଟ୍ରାର୍ ରଖାଯିବା ବାଧ୍ୟତାମୂଳକ । ଗୋଟିଏ ରେଜିଷ୍ଟ୍ରାରରେ ଅଭିଯୋଗକାରୀଙ୍କ ସମ୍ପୂର୍ଣ୍ଣ ପରିଚୟ ଓ ଉଦ୍ଦେଶ୍ୟ ବିଷୟରେ ଉଲ୍ଲେଖ କରାଯିବ । ଅନ୍ୟ ରେଜିଷ୍ଟ୍ରାରରେ ଅଭିଯୋଗ ସଂକ୍ରାନ୍ତରେ ସମ୍ପୂର୍ଣ୍ଣ ବିବରଣୀ ଲେଖାଯିବ । ତେବେ ଅଧିକାଂଶ ଥାନାରେ ଏହି ନିୟମାବଳୀକୁ ପାଳନ କରାଯାଉନଥିବା ଅଭିଯୋଗ ଉଠିଛି ।

ଅନ୍ୟପକ୍ଷରେ କେତେକ ଥାନାରେ 'ଅଭ୍ୟର୍ଥନା ପ୍ରକୋଷ୍ଠ ଏବଂ ମହିଳା ଓ ଶିଶୁ ଡେସ୍କ' ମିଳିତ ଭାବେ ରହିଛି । ଏଠାରେ ମଧ୍ୟ କେବଳ ଫଳକ ଶୋଭା ପାଉଛି । ବାହାରେ ତାଲା ଝୁଲୁଛି । ଯଦିଓ କାଁ ଭାଁ ଏହି ପ୍ରକୋଷ୍ଠକୁ ଖୋଲାଯାଉଛି, ସେଠାରେ କୌଣସି ମହିଳା ଓ ଶିଶୁଙ୍କ ଅଭିଯୋଗ ଗ୍ରହଣ କରାଯାଉ ନଥିବା ଅଭିଯୋଗ ହେଉଛି । ଯେଉଁ ମହିଳା ଅଫିସର ଥାନାର ଏହି ଡେସ୍କ ଦାୟିତ୍ୱରେ ରହିବାର ନିଷ୍ପତ୍ତି ହୋଇଥିଲା ତାହା ଏବେ କାର୍ଯ୍ୟକାରୀ ହୋଇ ପାରୁନାହିଁ । କାରଣ, ଆବଶ୍ୟକୀୟ ମହିଳା ଅଫିସର ନାହାନ୍ତି । ପ୍ରତ୍ୟେକ ଥାନାକୁ କୁହାଯାଇଛି, ଡାଏରୀ ଚାର୍ଜ ଅଫିସର ଏହି ଡେସ୍କ ବୁଝିବେ । କିନ୍ତୁ ଡାଏରୀ ଚାର୍ଜ ଅଫିସର ଏହା ଉପରେ ଧ୍ୟାନ ଦେଉନଥିବା ଦେଖିବାକୁ ମିଳୁଛି । ଏଭଳି ଅବ୍ୟବସ୍ଥା ଭିତରେ ଅଭ୍ୟର୍ଥନା ପ୍ରକୋଷ୍ଠ ଚାଲିବାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି । ପୂର୍ବରୁ ଅନେକ ଥର ପୁଲିସ-ପବ୍ଲିକ୍ ମିଟିଂରେ ଏହି ପ୍ରସଙ୍ଗ ଆଲୋଚନା କରାଯାଇଥିବା ବେଳେ ଏହି ସସମ୍ୟାର ସମାଧାନ ହୋଇ ପାରୁନାହିଁ । ଏସବୁର ତ୍ୱରିତ ସମାଧାନ କରାଯିବ ବୋଲି କମିଶନର ଶ୍ରୀ ସିଂ ସୂଚନା ଦେଇଛନ୍ତି ।

## ସ୍ତ୍ରୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ୍; ସ୍ୱାମୀ ଗିରଫ

**କଟକ,୧୬ ।୨(ସମିସ):** ଦାମ୍ପତ୍ୟରେ ଭୁଲ୍ ବୁଝାମଣା ଯୋଗୁଁ ସ୍ତ୍ରୀର ଅଜଣାତରେ ଅଶ୍ଳୀଳ ଭିଡ଼ିଓ ଓ ଫଟୋ ଉତ୍ତୋଳନ କରି ତାହାକୁ ସୋସିଆଲ ମିଡ଼ିଆରେ ଭାଇରାଲ କରିବା ନେଇ ସ୍ୱାମୀକୁ ଗିରଫ କରିଛି ମଧୁପାଟଣା ଥାନା ପୁଲିସ । ଅଭିଯୁକ୍ତଜଣକ ଭୁବନେଶ୍ୱର ସହିଦ ନଗର ଶାନ୍ତିପଲ୍ଲୀର ନଟବର ନାୟକ ଓରଫ ନଟିଆ(୨୮) । କୋର୍ଟଚାଲାଣ ପରେ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ଚିତ୍ତରଞ୍ଜନ ରାଉତ ସୂଚନା ଦେଇଛନ୍ତି । ବିବାହ ପରେ ପୀଡିତାଜଣକ ତାଙ୍କ ସ୍ୱାମୀ ନଟିଆ ସହିତ ଭୁବନେଶ୍ୱରରେ ରହୁଥିଲେ । ତାଙ୍କର ଗୋଟିଏ ପୁଅ ଓ ଝିଅ ଅଛନ୍ତି । ତେବେ ପ୍ରତିଦିନ ନଟିଆ ନିଶାସକ୍ତ ଅବସ୍ଥାରେ ଘରକୁ ଫେରିବା ସହିତ ତାଙ୍କୁ ମାର୍‌ଧର କରିଥାଏ । ଫଳରେ ଏଭଳି ଘଟଣାକୁ ନେଇ ପୀଡିତାଜଣକ ତାଙ୍କ ବାପ ଘରକୁ ଚାଲିଯାଇଥିଲେ । ସେଠାରେ ନଟିଆ ପହଞ୍ଚି ଭୁଲ ମାଗିବା ସହିତ ଭବିଷ୍ୟତରେ ଏଭଳି କାଣ୍ଡ ଘଟାଇବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇ ତାଙ୍କୁ ଘରକୁ ନେଇ ଆସୁଥିଲା, ହେଲେ ନିଜ ପ୍ରକୃତିକୁ ସୁଧାରି ନଥିଲା । ପ୍ରତିଦିନ ମାରପିଟ୍ ସହିତ ନିର୍ଯ୍ୟାତନା ଦେଇଆସୁଥିଲା । ଫଳରେ ଅନ୍ୟଉପାୟ ନ ପାଇ ପୀଡିତାଜଣତ ତାଙ୍କର ପୁଅଝିଅକୁ ଧରି ମଧୁପାଟଣା ଥାନା ଅନ୍ତର୍ଗତ ଗୋଶାଳା ରୋଡରେ ଘରଭଡ଼ା ନେଇ ରହୁଥିଲେ । ଏହାପରେ ବି ନଟିଆ ଏଠାକୁ ଆସି ନିଶାସକ୍ତ ଅବସ୍ଥାରେ ତାଙ୍କୁ ଗାଳିଗୁଲଜ କରୁଥିଲା । ଗତ ୮ ତାରିଖରେ ନଟିଆ ଘରକୁ ଆସି ପତ୍ନୀଙ୍କୁ ନିଶାମିଶ୍ରିତ ମୃଦୁପାନୀୟ ପିଇବାକୁ ଦେଇଥିଲା । ଚେତା ହରାଇବାରେ ପରେ ନଟିଆ ତା'ର ମୋବାଇଲରେ ପତ୍ନୀଙ୍କ ଅଶ୍ଳିଳ ଭିଡ଼ିଓ ଓ ଫଟୋ ଉତ୍ତୋଳନ କରିନେଇଥିଲା । ଏ ସବୁ ଘଟଣା ପୀଡିତାଙ୍କୁ କିଛି ଜଣା ନଥିଲା । ନଟିଆ ଜୋରଜବରଦସ୍ତ ନିଜ ପୁଅ ଓ ଝିଅକୁ ସାଙ୍ଗରେ ନେଇଯାଇଥିଲା । ଏହି ଖବର ଜାଣିବା ପରେ ପତ୍ନୀ ଘଟଣା ସଂପର୍କରେ ପୁଲିସକୁ ଜଣାଇବା ପାଇଁ କହିଥିଲେ । ଏଥିରେ ଉତ୍କ୍ଷିପ୍ତ ହୋଇ ନଟିଆ ରଖିଥିବା ଭିଡ଼ିଓ ଓ ଫଟୋକୁ ସୋସିଆଲ ମିଡ଼ିଆ ଅପଲୋଡ଼ କରିଦେଇଥିଲା । ଏହା ଭାଇରାଲ ହେବାପରେ ପୀଡିତାଜଣକ ଜାଣିପାରି ଘଟଣା ସଂପର୍କରେ ଥାନାରେ ଏତଲା ଦେଇଥିଲେ । ଏସଆଇ ପାର୍ଥ ବେଉର ଘଟଣାର ତଦନ୍ତ ଚଳାଇଥିଲେ । ତଦ୍‌ନୁଯାୟୀ ଆଜି ଏକ ପୁଲିସ ଟିମ୍ ସହିଦ ନଗର ଶାନ୍ତିପଲ୍ଲୀସ୍ଥିତ ଘରେ ଚଢ଼ଉକରି ଅଭିଯୁକ୍ତ ନଟିଆକୁ ଗିରଫ କରିଛି ।

# କଟକରେ ସିସିଏଲ୍ କ୍ରେଜ୍





ବାରବାଟୀ ଷ୍ଟାଡିୟମରେ ସେଲିବ୍ରିଟି କ୍ରିକେଟ ଲିଗ(ସିସିଏଲ)ର ୨ଟି ମ୍ୟାଚ୍ ଆଜି ଖେଳାଯାଇଥିଲା । ପ୍ରଥମ ମ୍ୟାଚ୍‌ରେ ପଞ୍ଜାବ ଦେ ସେର୍ ୧୩ରନ୍‌ରେ ଭୋଜପୁରୀ ଦବଙ୍ଗସକୁ ହରାଇଥିଲା । ମୁମ୍ବାଇ ହିରୋଜ୍ ଏବଂ ବେଙ୍ଗଲ ଟାଇଗର୍ସ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଖେଳାଯାଇଥିଲା । ସିନେ ଦୁନିଆର ଅନେକ ତାରକାଙ୍କୁ ବାରବାଟୀରେ ଦେଖିବାକୁ ମିଳିଥିଲା ।






## ଶିଶୁ କର୍କଟ ରୋଗୀଙ୍କୁ ଖୁସି ବାଣ୍ଟିଲେ ବୋନି କପୁର୍

ବାରବାଟୀ ଷ୍ଟାଡିୟମରେ ଆଜି ଖେଳାଯାଇଥିବା ସେଲିବ୍ରିଟି କ୍ରିକେଟ ଲିଗ୍(ସିସିଏଲ)ର ଉଦ୍‌ଘାଟନୀ ମ୍ୟାଚ୍‌ରେ ୧୫ଜଣ ଶିଶୁ କର୍କଟ ରୋଗୀଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ ଦିଆଯାଇଥିଲା । ଭୁବନେଶ୍ୱର ସମ୍ ହସ୍ପିଟାଲ ଏବଂ କଟକର ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନରେ ଚିକିତ୍ସିତ ହେଉଥିବା ଏହି କର୍କଟାକ୍ରାନ୍ତ ଶିଶୁଙ୍କୁ ଅୱକେନ ଚାରିଟେବୁଲ ଟ୍ରଷ୍ଟ ଏବଂ ବିଗ କପ୍ କାଫେ ଷ୍ଟାଡିୟମକୁ ନେଇ ଆସିଥିଲା । ତେବେ ଶିଶୁମାନଙ୍କୁ ଭେଟି ବେଶ୍ ଖୁସି ଜାହିର କରିଥିଲେ ବଲିଉଡର ଜଣାଶୁଣା ପ୍ରଯୋଜକ ବୋନି କପୁର୍ । ସେ ଶିଶୁମାନଙ୍କ ସହ ସେଲଫି ନେଇଥିଲେ । କିଛି ସମୟ ଧରି ଆଲୋଚନା କରିଥିଲେ । ଏପରିକି ଜୀବନ ସହ ସଂଘର୍ଷ କରୁଥିବା ଏହି କୋମଳମତି ଶିଶୁଙ୍କ ହାତ ଧରି ପଡ଼ିଆ ମଝିକୁ ଯାଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏହି କର୍କଟ ଆକ୍ରାନ୍ତ ଶିଶୁଙ୍କୁ ଭେଟିଥିଲେ । ଓଲିଉଡ ଅଭିନେତା ତଥା ବିଧାୟକ ସିଦ୍ଧାନ୍ତ ମହାପାତ୍ର ବି ଶିଶୁମାନଙ୍କ ସହ କିଛି ସମୟ ବିତାଇଥିଲେ । ଡାକ୍ତର ସରୋଜ ପଣ୍ଡା, ସ୍ୱାଗତିକା ଆଚାର୍ଯ୍ୟ, ରାଜଶ୍ରୀ ପ୍ରିୟଦର୍ଶିନୀ, ସପନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଦର୍ଶକଙ୍କ ମନ ଜିଣିଲେ ମନୋଜ ତିୱାରୀ

ଭୋଜପୁରୀ ଅଭିନେତା ତଥା ସାଂସଦ ମନୋଜ ତିୱାରୀ ଦର୍ଶକଙ୍କ ମନ ଜିଣିଥିଲେ । ମାଳମାଳ ତାରକା ଖଚିତ ବାରବାଟୀରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ମନୋଜ ପ୍ରାୟ ସମୟରେ ଗ୍ୟାଲେରୀ ନିକଟକୁ ଯାଇ ଦର୍ଶକଙ୍କ ସହ କଥା ହେଉଥିଲେ, ଫଟୋ ଉଠାଉଥିଲେ ଏବଂ ଅଟୋଗ୍ରାଫ ଦେଉଥିଲେ । ଏହା ବ୍ୟତୀତ ଖେଳାଳି ବେଶରେ ଥିବା ଅନ୍ୟ କୌଣସି ତାରକାଙ୍କ ପାଖରୁ ଏଭଳି ଆଚରଣ ଦେଖିବାକୁ ମିଳିନଥିଲା ।





## ନବଦୀପ ତୋମାରଙ୍କ ହ୍ୟାଟ୍ରିକ

ସିସିଏଲ ଚଳିତ ସିଜନର ପ୍ରଥମ ହ୍ୟାଟ୍ରିକ ୱିକେଟ ହାସଲ କରିଛନ୍ତି ନବଦୀପ ତୋମାର ଗୁଜର । ମୁମ୍ବଇ ହିରୋଜ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ୫୪ବର୍ଷୀୟ ନବଦୀପ ୧୦ମ ଓଭରରେ ଏହି ସଫଳତା ପାଇଥିଲେ । ବେଙ୍ଗଲ ଟାଇଗର୍ସର ୟୁସୁଫ ଚିଷ୍ଟି, ରତ୍ନଦୀପ ଘୋଷ ଏବଂ ଜୟ ଦେବରୟଙ୍କୁ କ୍ରମାଗତ ଭାବେ କ୍ଲିନ ବୋଲ୍ଡ କରିଥିଲେ । ମିଡିୟମ ପେସ୍ ବୋଲିଂ ବଳରେ ଦଳକୁ ପ୍ରଥମ ଇନିଂସ୍‌ରେ ଅଗ୍ରଣୀ ଦେଇଥିବା ନବଦୀପ ଜଣେ ଚମତ୍କାର ଅଭିନେତା ମଧ୍ୟ । ଜଞ୍ଜୀର, ଟ୍ୟୁବଲାଇଟ, ବାଘି-୨, ରେସ-୩ ଭଳି ଚଳଚ୍ଚିତ୍ରରେ ତାଙ୍କ ଦମଦାର ଅଭିନୟ ଦେଖିବାକୁ ମିଳିଛି । ମୁମ୍ବାଇ ପକ୍ଷରୁ ଓପନିଂ ବ୍ୟାଟିଂ କରୁଥିବା ଅଲରାଉଣ୍ଡର ନବଦୀପଙ୍କ ପାଇଁ ବାରବାଟୀ ସ୍ମରଣୀୟ ହୋଇ ରହିବ ।

## ପ୍ରଚାର ପ୍ରସାର ଅଭାବ; ଗ୍ୟାଲେରୀ ଖାଁଖାଁ

ନିକଟ ଅତୀତରେ ବାରବାଟୀ ଷ୍ଟାଡିୟମରେ ଏକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଇଛି । ଅନେକ କ୍ରିକେଟପ୍ରେମୀ ବାରବାଟୀରେ ମ୍ୟାଚ୍ ଦେଖିବାକୁ ବଞ୍ଚିତ ହୋଇଥିଲେ । ଗୋଟିଏ ସପ୍ତାହ ପରେ ଏଠାରେ ସେଲିବ୍ରିଟି କ୍ରିକେଟ ଲିଗ୍‌ର ଦୁଇଟି ମ୍ୟାଚ୍ ଖେଳାଯାଉ ଥିବାରୁ ଗ୍ୟାଲେରୀ ଭରପୁର ହେବ ବୋଲି ଅନୁମାନ କରାଯାଉଥିଲା । ମାତ୍ର ଗ୍ୟାଲେରୀ ଗୁଡିକ ଖାଁଖାଁ ଦିଶୁଥିଲା । ପ୍ରଚାର, ପ୍ରସାର ଅଭାବରୁ ଟୁର୍ଣ୍ଣାମେଣ୍ଟ ଆୟୋଜନ ଫିକା ଥିବା ଜଣାପଡ଼ିଛି ।

## ଫୋକସ୍‌ରେ ସୋହେଲ ଖାନ୍

ବଲିଉଡ୍‌ର ଖାନ ବ୍ରଦର୍ସ ସବୁବେଳେ ଚର୍ଚ୍ଚାର ଆଗରେ । ସଲମାନ ଖାନଙ୍କ ସାନ ଭାଇ ସୋହେଲ ବାରବାଟୀରେ ଦର୍ଶକଙ୍କ ଫୋକସ୍‌ରେ ରହିଥିଲେ । ସୋହେଲଙ୍କୁ ଦେଖିବା ପାଇଁ ମଧ୍ୟ ଲୋକଙ୍କ ଭିତରେ ବେଶ୍ ଉତ୍କଣ୍ଠା ବାରି ହେଉଥିଲା । ମୁମ୍ବାଇ ହିରୋଜ୍ ଦଳର ସୋହେଲ ଚୂଡାନ୍ତ ଏକାଦଶରେ ନଥିଲେ ସୁଦ୍ଧା ବାଉଣ୍ଡରୀ ବାହାରେ ରହି ଦଳକୁ ଲଗାତର ଭାବେ ଉତ୍ସାହିତ କରୁଥିଲେ ।



## ଝୁଲିପଡ଼ିଲା ୧୧ ବର୍ଷୀୟ ନାବାଳିକା

ରେଢ଼ାଖୋଲ, ୧୬।୨ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଆମ୍ବେଦକର ନଗରରେ ଏକ ଅଭାବନୀୟ ଘଟଣା ଘଟିଛି। ଷଷ୍ଠ ଶ୍ରେଣୀରେ ପଢୁଥିବା ଜଣେ ୧୧ ବର୍ଷର ବାଳକ ଘର ପାଖ ଗଛରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛି। ମୃତ ବାଳକ ଆମ୍ବେଦକରନଗର ବାସିନ୍ଦା ଟିକୁନ ମୁଖୀଙ୍କ ପୁଅ ଆର୍ଯ୍ୟନ୍ ମୁଖୀ। ସୂଚନାଯୋଗ୍ୟ, ଆର୍ଯ୍ୟନ କୌଣସି କାରଣରୁ ଅତିଷ୍ଠ ହୋଇ ଘର ପାଖ ଏକ ଗଛରେ ବେକରେ ରଶି ଲଗାଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥିଲା। ପରିବାରଲୋକେ ତାକୁ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ରେଢ଼ାଖୋଲ ପୁଲିସ୍ ମାମଲା ରୁଜୁ କରି ତଦନ୍ତ କରୁଛି।

## ଦୁର୍ନୀତି ଅଭିଯୋଗ; ଜିଆର୍‌ଏସ୍ ବହିଷ୍କୃତ

ଖଡ଼ିଆଳ, ୧୬।୨(ସମିସ): ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଖଡ଼ିଆଳ ବ୍ଲକ୍ ଅଧୀନ ଲାଞ୍ଜି ପଞ୍ଚାୟତର ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ଦନାର ମାଝୀଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ସୂଚନାନୁଯାୟୀ, ଉପରପିଟା ତେନ୍ତୁଳିବନ୍ଧ ଉନ୍ନତୀକରଣ କାର୍ଯ୍ୟରେ ବ୍ୟାପକ ହେରଫେର୍ ନେଇ ଅଭିଯୋଗ ହୋଇଥିଲା। ବିନା କାମରେ ସରକାରୀ ଅର୍ଥ ଆତ୍ମସାତ କରାଯାଇଛି ବୋଲି ଅଭିଯୋଗ ହୋଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଖଡ଼ିଆଳ ବିଡିଓ ଓ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଏହାର ତଦନ୍ତ କରିଥିଲେ। ତେବେ ତଦନ୍ତ ବେଳେ ଅଭିଯୋଗରେ ସତ୍ୟତା ଥିବା ଜଣାପଡ଼ିଥିଲା। ଜିଆର୍‌ଏସ୍‌ଙ୍କ ଦ୍ୱାରା ୩ ଲକ୍ଷ ୫୩ ହଜାର୧୮୮ ଟଙ୍କା ଆତ୍ମସାତ ହୋଇଥିବା ଜଣାପଡ଼ିଥିଲା।

## ଓମ୍‌ଫେଡ୍‌କୁ ୨୦୨୪ ସ୍କଚ୍ ଆୱାର୍ଡ



ଭୁବନେଶ୍ୱର,୧୬।୨(ସମିସ): ଓମ୍‌ଫେଡ୍‌କୁ ଜାତୀୟ ସ୍ତରରେ ମିଳିଲା ଆଉ ଏକ ସ୍ୱୀକୃତି। ୨୦୨୪ ମସିହା ପାଇଁ ଓମ୍‌ଫେଡ୍‌କୁ ସ୍କଚ୍ ଆୱାର୍ଡ ମିଳିଛି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଓମ୍‌ଫେଡ୍‌କୁ ଏହି ଜାତୀୟସ୍ତରର ପୁରସ୍କାର ପ୍ରଦାନ କରାଯାଇଛି। ଓମ୍‌ଫେଡ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀ ଏବଂ ସମ୍ବଲପୁର ପ୍ଲାଣ୍ଟର ପରିଚାଳକ ଡଃ ସରୋଜ ସାହୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି।

ବିଞ୍ଝାରପୁର ଗାଈ ବଂଶ ବୃଦ୍ଧି ପାଇଁ କଂଜରେଭେସନ ଅଫ୍ ଜର୍ମ ପ୍ଲାଜମା କରାଯାଉଛି। ସେମାନଙ୍କର ବଂଶରକ୍ଷା ପାଇଁ ଓୟୁଏଟି, ରାଜ୍ୟ ସରକାର ଏବଂ ଓମଫେଡ୍ ମିଳିତ ଭାବେ କାମ କରୁଛନ୍ତି। ସଂପ୍ରତି ଏହି ବିଞ୍ଝାରପୁର ଗାଈ ସଂଖ୍ୟା ପ୍ରାୟ ୨ ହଜାର ହେବ। କଂଜରଭେସନ ଅଫ୍ ଜର୍ମ ପ୍ଲାଜମା ଜରିଆରେ ଏହାର ବଂଶ ବୃଦ୍ଧି ପାଇଁ ଓମ୍‌ଫେଡ୍ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଏବଂ ଉଦ୍ୟମକୁ ତର୍ଜମା କରି ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ପ୍ରଜାତିର ଗାଈ ପାଳନ କରୁଥିବା ଦୁଗ୍ଧଚାଷୀଙ୍କୁ ଓମ୍‌ଫେଡ୍ ପକ୍ଷରୁ ବିଭିନ୍ନ ସୁବିଧା ଯୋଗାଇଦେବା ସହ ସେମାନଙ୍କଠାରୁ ଦୁଗ୍ଧ ସଂଗ୍ରହ କରି ବଜାରରେ ବିକ୍ରି କରୁଛି ଓମଫେଡ୍। ବିଞ୍ଝାରପୁର ଗାଈ କ୍ଷୀର ଲିଟର ପିଛା ୧୧୦ ଟଙ୍କା ହୋଇଥିଲେ ମଧ୍ୟ ବଜାରରେ ଏହି ଦେଶୀ ଗାଈ କ୍ଷୀରର ଚାହିଦା ବେଶ୍ ରହିଛି। ଏବେ ଓମଫେଡ୍ ଦିନକୁ ୧୨ରୁ ୧୫ଶହ ଲିଟର ବିଞ୍ଝାରପୁର ଗାଈ ଦେଶୀ କ୍ଷୀର ସଂଗ୍ରହ କରି ପ୍ରକ୍ରିୟାକରଣ ପରେ ବଜାରକୁ ଛାଡୁଛି। କେବଳ କ୍ଷୀର ନୁହେଁ, ଘିଅ ମଧ୍ୟ ଉତ୍ପାଦନ ଆରମ୍ଭ କରିଛି। ଦୁଗ୍ଧର ଗୁଣବତ୍ତା ରକ୍ଷା କରିବା ସହ ଉତ୍ତମ ମାନର କ୍ଷୀର ତାର ଅଗଣିତ ଗ୍ରାହକଙ୍କୁ ଯୋଗାଇ ଆସୁଛି। ଅପରପକ୍ଷେ, ଏହି ପୁରସ୍କାର ଉଭୟ ଦୁଗ୍ଧ ଚାଷୀ ଓ ଓମ୍‌ଫେଡ୍ କର୍ମଚାରୀଙ୍କ ମନରେ ଅଧିକ କାମ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି।

## ଓଡ଼ିଶାର ପ୍ରଥମ ଫଟୋ ସାମ୍ବାଦିକ ହୃଦୟନାଥଙ୍କ ପରଲୋକ

କଟକ, ୧୬।୨(ସମିସ): ଓଡ଼ିଶାର ପ୍ରଥମ ଫଟୋ ସାମ୍ବାଦିକ ତଥା ଦାସ ଆଣ୍ଡ ଦାସ ଷ୍ଟୁଡିଓର ପ୍ରତିଷ୍ଠାତା ହୃଦୟନାଥ ଦାସଙ୍କର ୯୬ବର୍ଷ ବୟସରେ ସୂତାହାଟସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ନିଜ ଘରେ ଚିକିତ୍ସିତ ହେଉଥିଲେ। ଆଜି ହଠାତ୍ ସେ ଗୁରୁତର ହୋଇପଡ଼ିଥିଲେ। ପରିବାରଲୋକ ତାଙ୍କୁ ଡାକ୍ତରଖାନା ନେବା ପୂର୍ବରୁ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ୪ ପୁଅ ଦ୍ୱାରିକା ନାଥ, ଗୋପୀନାଥ, କାଶୀନାଥ, ବଦ୍ରିକାନାଥ, ୪ବୋହୂ, ୩ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଏହି ଖବର ପ୍ରଚାରିତ ହେବା କ୍ଷଣି ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।



ହୃଦୟନାଥ ବୃତ୍ତିରେ ଯେମିତି ଦକ୍ଷ, ନିଷ୍ଠାବାନ ଓ କର୍ତ୍ତବ୍ୟନିଷ୍ଠ ମଣିଷ ଭାବେ ଜଣାଶୁଣା ଥିଲେ, ଠିକ୍ ସେମିତି ତାଙ୍କ ବ୍ୟକ୍ତିତ୍ୱ ପାଇଁ ସେ ସମାଜର ସବୁବର୍ଗର ଲୋକଙ୍କ ନିକଟରେ ପ୍ରିୟ ହୋଇପାରିଥିଲେ। ସେ ମିଷ୍ଟଭାଷୀ, ପରୋପକାରୀ ତଥା ହୃଦୟବାନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ତାଙ୍କ ବିୟୋଗ ଖବର ପାଇ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍‌ଦୋଷ, ମେୟର୍ ସୁବାସ ସିଂଙ୍କ ସମେତ ସହରର ବୁଦ୍ଧିଜୀବୀ, ସାମ୍ବାଦିକ ଓ ବିଭିନ୍ନ ରାଜନୈତିକ ବ୍ୟକ୍ତିବିଶେଷ ପହଞ୍ଚି ତାଙ୍କ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଖାନନଗରସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଗୋପୀନାଥ ମୁଖାଗ୍ନି ଦେଇଥିଲେ। ସର୍ବଭାରତୀୟ ସାମ୍ବାଦିକ ମହାସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ବିମଳକୃଷ୍ଣ ଥମ୍ବ ଗଭୀର ଶୋକପ୍ରକଟ କରିଛନ୍ତି।

ରାଜ୍ୟରେ ହୃଦୟନାଥ ଜଣେ ବିଶିଷ୍ଟ ଫଟୋ ସାମ୍ବାଦିକ ଭାବେ ପରିଚିତ ଥିଲେ। ୧୯୩୦ ମସିହା କଟକର ସୂତାହାଟଠାରେ ତାଙ୍କ ଜନ୍ମ ହୋଇଥିଲା। ପିଲାଦିନରୁ ଫଟୋଗ୍ରାଫି ପ୍ରତି ତାଙ୍କର ଅହେତୁକ ଆଗ୍ରହ ରହିଥିଲା। ପରବର୍ତ୍ତୀ ସମୟରେ ଫଟୋଗ୍ରାଫିକୁ ହିଁ ଜୀବନର ବ୍ରତ ଓ ବୃତ୍ତି ଭାବେ ଆଦରି ନେଇଥିଲେ। ସେ ଜଣେ ସ୍ୱାଧୀନଚେତା ଓ ସ୍ୱାଭିମାନୀ ମଣିଷ ଥିଲେ। ସେ ୧୯୬୨ ମସିହାରେ ପ୍ରଥମେ ବିଶିଷ୍ଟ ଜନନାୟକ ତଥା ସାମଜର ତତ୍କାଳୀନ ସମ୍ପାଦକ ରାଧାନାଥ ରଥଙ୍କ ସହ ସମ୍ପର୍କରେ ଆସିଥିଲେ। ସେ ସମାଜ ଖବରକାଗଜକୁ ଚୁକ୍ତିଭିତ୍ତିରେ ଫଟୋ ଦେବା ସହିତ ବିଭିନ୍ନ ସମାଜମଙ୍ଗଳ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। କେବଳ ସାମ୍ବାଦିକତା ଜଗତ ନୁହେଁ, ହୃଦୟନାଥ ଓଡ଼ିଆ ସିନେମାଜଗତ ସହିତ ବେଶ ଜଣାଶୁଣା ଥିଲେ। ଓଡ଼ିଆ ଚଳଚ୍ଚିତ୍ର 'ଶ୍ରୀଲୋକନାଥ', 'ଅମଡ଼ା ବାଟ', 'ଅଦିନ ମେଘ', 'ମାଟିର ମଣିଷ' ଭଳି ଏକାଧିକ କାଳଜୟୀ ସିନେମାର ସ୍ଥିରଚିତ୍ର ଉତ୍ତୋଳନ ଦାୟିତ୍ୱ ନିର୍ବାହ କରିଥିଲେ।

## ରାଜଧାନୀରେ ହେବ ବିଶାଳ କଳାକାର ସମାବେଶ



କଟକ,୧୬।୨(ସମିସ): ଭୁବନେଶ୍ୱରରେ ସଂସ୍କୃତି ଓ କଳା ପରିଷଦ ଓଡ଼ିଶା ପକ୍ଷରୁ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆବାହକ ବା ମୁଖ୍ୟ ପୃଷ୍ଠପୋଷକ ପ୍ରଭାତ ବିଶ୍ୱାଳଙ୍କ ସହ ରାଜ୍ୟ ଅଧ୍ୟକ୍ଷ ଲକ୍ଷ୍ମୀଧର ସାହୁ ଉପସ୍ଥିତ ଥିଲେ। ପ୍ରତ୍ୟେକ ଜିଲ୍ଲାରୁ ସଭାପତି, ସମ୍ପାଦକ ଏବଂ ବ୍ଲକ ସଭାପତିମାନେ କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେଇଥିଲେ। ଶ୍ରୀ ବିଶ୍ୱାଳ ସମସ୍ତ ସଭାପତିଙ୍କୁ ରାଜ୍ୟର ବିଭିନ୍ନ କୋଣରୁ ପ୍ରତିଷ୍ଠିତ ପ୍ରତିଭା କଳାକାରଙ୍କୁ ଚିହ୍ନଟ କରି ୧୫ଦିନ ମଧ୍ୟରେ ମୁଖ୍ୟ କାର୍ଯ୍ୟାଳୟକୁ ପଠାଇବା ପାଇଁ ଅନୁରୋଧ କରିଥିଲେ। କଳାକାରମାନଙ୍କର ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩୦ଟି ଜିଲ୍ଲାରୁ ଏକ ଦାବିପତ୍ର ଦିଆଯିବ ଏବଂ କଳାକାର ପେନସନ ୨-୩ ହଜାର ବୃଦ୍ଧି କରିବା, ବୟସ ସୀମା ପୁରୁଷ କଳାକାରମାନଙ୍କର ୫୦ ବର୍ଷରୁ ୪୦ ବର୍ଷ ଏବଂ ମହିଳା କଳାକାରଙ୍କ ପାଇଁ ୪୦ବର୍ଷରୁ ୩୦ବର୍ଷ କରିବା ପାଇଁ ଏକ ଦାବିପତ୍ର ସରକାରଙ୍କୁ ଦିଆଯିବ। ଆସନ୍ତା ତିନି ମାସ ମଧ୍ୟରେ ରାଜ୍ୟରୁ ବିଭିନ୍ନ କୋଣରୁ ୫୦ ହଜାରରୁ ଊର୍ଦ୍ଧ୍ୱ କଳାକାରଙ୍କୁ ନେଇ ଏକ ସମ୍ମିଳନୀ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବରିଷ୍ଠ ରାଜ୍ୟ ସଂଯୋଜକ କୃତିବାସ ପଲିଆ, କୃତିବାସ ରଥ, ରାଜ୍ୟ ସହ ସଂଯୋଜକ ନାରାୟଣ ସେନାପତି, ରାଜ୍ୟ ସଂଯୋଜକ ବସନ୍ତ ସାହୁ, ରାଜ୍ୟ ସଂଗଠନ ସମ୍ପାଦକ ବିଜୟ କୁମାର ମିଶ୍ର, କୋଷାଧ୍ୟକ୍ଷଙ୍କ ସହ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜାନୁଆରୀରେ ୯୯୪ ଦୁର୍ଘଟଣା, ୪୧୭ ମୃତ

କଟକ, ୧୬।୨(ସମିସ): ୨୦୨୫ଜାନୁଆରିରେ ସଡ଼କ ଦୁର୍ଘଟଣା ଓ ଏଥିଜନିତ ମୃତ୍ୟୁସଂଖ୍ୟା ବିଗତ ଦୁଇ ବର୍ଷ ତୁଳନାରେ ହ୍ରାସ ପାଇଛି। ଏହି ତଥ୍ୟ ପରିବହନ ବିଭାଗ ପାଇଁ ଆଶ୍ୱସ୍ତି ଆଣିଦେଇଛି। ସାଧାରଣତଃ ଜାନୁଆରୀ ଦୁର୍ଘଟଣାପ୍ରବଣ ମାସ ଭାବେ ପରିଚିତ। ଏହି ସମୟରେ ପିକ୍‌ନିକ୍, ନୂଆବର୍ଷ ପାଳନ ଆଦି କାର୍ଯ୍ୟକ୍ରମ ସାଙ୍ଗକୁ କୁହୁଡ଼ି, ମଦ୍ୟପାନ କରି ଗାଡ଼ି ଚାଳନା ଓ ଦ୍ରୁତଗତି ଯୋଗୁଁ ଦୁର୍ଘଟଣା ଓ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଥାଏ। କିନ୍ତୁ ବର୍ଷ ୨୦୨୩ ଓ ୨୦୨୪ ଜାନୁଆରି ତୁଳନାରେ ୨୦୨୫ ଜାନୁଆରିର ଦୁଘଟଣା କମିଥିବା ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ କୁହାଯାଇଛି। ପରିବହନ ବିଭାଗ ତଥ୍ୟ ଅନୁଯାୟୀ, ୨୦୨୫ ଜାନୁଆରିରେ ରାଜ୍ୟରେ ମୋଟ ୯୯୪ ଦୁର୍ଘଟଣା ହୋଇଥିବା ବେଳେ ୪୧୭ଜଣ ଏଥିରେ ପ୍ରାଣ ହରାଇଥିଲେ। ୨୦୨୪ ଜାନୁଆରିରେ ଦୁର୍ଘଟଣା ସଂଖ୍ୟା ୧୦୯୩ ଥିବା ବେଳେ ମୃତ୍ୟୁସଂଖ୍ୟା ଉଦ୍‌ବେଗଜନକ ଭାବରେ ୫୬୧ ଛୁଇଁଥିଲା। ସେହିଭଳି ବର୍ଷ ୨୦୨୩ରେ ଏହି ସଂଖ୍ୟା ଯଥାକ୍ରମେ ୧୧୯୯ ଓ ୫୫୪ ରହିଥିଲା। ୨୦୨୪ ତୁଳନାରେ ୨୦୨୫ ଜାନୁଆରିରେ ଦୁର୍ଘଟଣା ସଂଖ୍ୟା ୯୯ କମିଥିଲା ବେଳେ ମୃତ୍ୟୁ ସଂଖ୍ୟା ୧୪୪ହ୍ରାସ ପାଇଥିଲା। ବିଭାଗ ପକ୍ଷରୁ କୁହାଯାଇଛି ଯେ ଗତ ଜାନୁଆରୀ ମାସକୁ ଜାତୀୟ ସଡ଼କ ସୁରକ୍ଷା ମାସ ଭାବରେ ପାଳନ କରାଯାଇଥିଲା।

## 'ୟୁନିଟ୍ ପିଛା ୯୦ ପଇସା ଅଧିକ ସଂଗ୍ରହ କରାଯାଇଛି'

ଭୁବନେଶ୍ୱର,୧୬।୨(ସମିସ): ବିଦ୍ୟୁତ ଶୁଳ୍କ ବୃଦ୍ଧି ନୁହେଁ, ବିଗତ ବର୍ଷମାନଙ୍କରେ ଗ୍ରାହକଙ୍କଠାରୁ ଆଦାୟ କରାଯାଇଥିବା ୟୁନିଟ୍ ପିଛା ୯୦ ପାଇସା ଅଧିକ ଶୁଳ୍କ ଫେରସ୍ତ କରିବା ପାଇଁ ଦାବି କରିଛି ଓଡ଼ିଶା ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘ। ମହାସଂଘ ଅଧ୍ୟକ୍ଷ ପଞ୍ଚାନନ କାନୁନଗୋ ଏବଂ ଆବାହକ ରବି ବେହେରା କହିଛନ୍ତି, କେନ୍ଦ୍ରୀୟ ଶକ୍ତି ଅର୍ଥ ନିଗମର ୨୦୨୧-୨୨ ରିପୋର୍ଟ ଅନୁସାରେ ସର୍ବଭାରତୀୟ ସ୍ତରରେ ୟୁନିଟ୍ ପିଛା ଗ୍ରାହକମାନଙ୍କଠାରୁ ୫ ଟଙ୍କା ୮ ପଇସା ଆଦାୟ କରାଯାଇଥିବା ବେଳେ ଓଡିଶାରେ ୫ ଟଙ୍କା ୯୮ ପଇସା ଆଦାୟ କରାଯାଇଛି। କେନ୍ଦ୍ରୀୟ ବିଦ୍ୟୁତ ଆଇନ୍ ଅନୁସାରେ ସବୁ ରାଜ୍ୟ ସରକାରମାନେ ବିଦ୍ୟୁତ ବିଲ ପୈଠ ପାଇଁ ସବ୍‌ସିଡି ଦେଉଥିବା ବେଳେ ଓଡିଶା ସରକାର ଟଙ୍କାଟିଏ ବି ସବ୍‌ସିଡି ଦେଇନାହାନ୍ତି। ତେଣୁ ଅଧିକ ଆଦାୟ ହୋଇଥିବା ଅର୍ଥ ଫେରସ୍ତ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ମହାସଂଘ ଦାବି କରିଛି। ନଚେତ୍ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ବୋହୂ ସହ କଳି; ଟଳିପଡ଼ିଲେ ଶଶୁର

ପୋଲସରା,୧୬।୨(ସମିସ): ପାରିବାରିକ କଳହର କରୁଣ ପରିଣତି। ଶଶୁର-ବୋହୂ କଳି ଯୋଗୁଁ ଶଶୁରଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି, ଗଞ୍ଜାମ ଜିଲ୍ଲା ପୋଲସରା ଥାନା କଳମ୍ବ ରୂଖାକଣା ଗ୍ରାମରେ। ମୃତକ ହେଲେ, କୋକ ବେହେରା(୭୫)। କୌଣସି କାରଣକୁ ନେଇ କୋକ ଓ ତାଙ୍କ ବୋହୂଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଗଣ୍ଡଗୋଳ ସମୟରେ କୋକଙ୍କ ମୁଣ୍ଡରେ ସିଲେଇ ମେସିନ ବୋହୂ ଛେଚି ହତ୍ୟା କରିଥିବା ସନ୍ଦେହ କରାଯାଉଥିବା ବେଳେ ଅନ୍ୟ ପକ୍ଷରେ ଗଣ୍ଡଗୋଳ ସମୟରେ ଅସାବଧାନତାବଶତଃ ସିଲେଇ ମେସିନ ପଡ଼ି କୋକଙ୍କ ମୃତ୍ୟୁ କହିଛନ୍ତି ମୃତକଙ୍କ ବୋହୂ। କୋକଙ୍କ ମୃତଦେହ ଘରେ ପଡ଼ି ରହିଥିବା ବେଳେ ପୁଲିସ ପୁଅକୁ ଅଟକ ରଖି ଅଧିକ ତଦନ୍ତ ଆରମ୍ଭ କରିଛି। ଖବର ଲେଖାଯିବା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।


**AFFIDAVIT**

I, Sushanta Kumar Mohanty, age about 50years, S/o Raghunath Mohanty of Vill: Potaghar, PO/PS: Kanass, Dist: Puri(Odisha), sworn an affidavit on dated : 21.03.2024 before the Executive Magistrate, Kanas vide no 20/21.03.2024. I declared that, in my BSEO, Orissa Certificate my name spelling mistake written as Sushanta Kumar Mahanty and other educational Documents my name is Sushanta kumar Mohanty. I further declare that, Sushanta Kumar Mahanty and Sushanta kumar Mohanty is the same and one person.

**AFFIDAVIT**

By virtue of an affidavit before the Executive Magistrate, Rairakhol vide CF No 179, Dt 10.02.2025 I, Girish Chandra Sahoo residing at Tribanpur, Rairakhol, Sambalpur declare that my son's actual name is Sourav Kumar Sahoo but in his Aadhar card it is mentioned as Sourap Sahoo. Henceforth he shall be known as SOURAV KUMAR SAHOO for all purposes.

**AFFIDAVIT**

By virtue of an affidavit swam before Executive Magistrate Puri on dated 11 February 2025 I, PRATIMA JENA, Address AT/PO- HANTUKA, PS-CHANDANPUR, DIST- PURI, STATE- ODISHA, PIN- 752013, declare that I have changed my name from PRATIMA PRADHAN to PRATIMA JENA. Henceforth, I shall be known as PRATIMA JENA for all purposes.

SD/- PRATIMA JENA


## ମହିଳାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ ଧମକ; ଯୁବକ ଗିରଫ

ପୁରୀ,୧୬।୨(ସମିସ): ଜଣେ ମହିଳାଙ୍କୁ ମିଠା ମିଠା କଥା କହି ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲା। ମହିଳାଙ୍କ ଅଜାଣତରେ ତାଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ, ଭିଡ଼ିଓ ଉଠାଇ ଭାଇରାଲ କରିଦେବାର ଧମକ ଦେବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୁଲିସ ଢେଙ୍କାନାଳରୁ ଅଭିଯୁକ୍ତକୁ ଉଠାଇ ଆଣିଛି। ପୁଲିସ ସୂଚନା ଅନୁଯାୟୀ, ଶନିବାର ଜଣେ ୨୫ ବର୍ଷୀୟା ମହିଳା ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ମହିଳା ଜଣଙ୍କ ଦର୍ଶାଇଥିଲେ ଯେ, ଟେଲିଫୋନ ମାଧ୍ୟମରେ ଢେଙ୍କାନାଳ ଗଦିଆଁ ଥାନା ଅନ୍ତର୍ଗତ ଗନ୍ଧିଆପାଟଣା ଗ୍ରାମର ୨୫ ବର୍ଷୀୟ ଯୁବକ ସୁଜିତ ଜେନାଙ୍କ ସହିତ ବନ୍ଧୁତ୍ୱ ସ୍ଥାପନ କରିଥିଲେ।

ଗତବର୍ଷ ଜୁଲାଇ ୧୦ ତାରିଖ ସନ୍ଧ୍ୟା ସମୟରେ ସୁଜିତ ଅଚାନକ ମହିଳାଙ୍କ ଘରେ ପହଞ୍ଚି ଯାଇଥିଲେ। ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବାକୁ ଅଭିଯୁକ୍ତ କହିବାରୁ ମହିଳା ଜଣଙ୍କ ମନା କରିଥିଲେ। ମହିଳାଙ୍କ ସ୍ୱାମୀ ଅନୁପସ୍ଥିତ ଥିବାବେଳେ ସୁଜିତ୍ ସେହି ସନ୍ଧ୍ୟାରେ ମହିଳାଙ୍କୁ ୨ଥର ଜୋରଜବରଦସ୍ତି କରି ଶାରୀରିକ ସମ୍ପର୍କ ରଖିଥିଲେ। ମହିଳାଙ୍କ ଅଜାଣତରେ ସେହି ସମୟର ଫଟୋ, ଭିଡ଼ିଓ ଉଠାଇଥିଲେ ଅଭିଯୁକ୍ତ। ଏହାପରେ ସେ ମହିଳାଙ୍କୁ ବ୍ଲାକମେଲ କରିଥିଲେ। ଯଦି ତା' ସହିତ ଶାରୀରିକ ସମ୍ପର୍କ ନ ରଖେ ତେବେ ସାମାଜିକ ଗଣମାଧ୍ୟମରେ ଫଟୋ, ଭିଡ଼ିଓ ଭାଇରାଲ କରିବାର ଧମକ ଦେଇଥିଲା। ଗତ ୯ ତାରିଖରେ ଅଭିଯୁକ୍ତ ଫଟୋ, ଭିଡ଼ିଓ ଡିଲିଟ୍ କରିଦେବ କହି ମହିଳାଙ୍କୁ ଶ୍ରୀମନ୍ଦିର ନିକଟକୁ ଡାକିଥିଲା। ମହିଳା ଜଣଙ୍କ ପହଞ୍ଚିବା ପରେ ତାଙ୍କୁ ଏକ ହୋଟେଲକୁ ନେଇଥିଲା। ଫଟୋ, ଭିଡ଼ିଓ ଡିଲିଟ୍ କରିବା ବଦଳରେ ପୁଣି ଜବରଦସ୍ତି ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖି ତାଙ୍କ ମୋବାଇଲ ନେଇ ଅଭିଯୁକ୍ତ ଚମ୍ପଟ ମାରିଥିଲା।

ଏ ନେଇ ପୀଡ଼ିତା ସମୁଦ୍ରକୂଳ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଅଭିଯୁକ୍ତକୁ ଢେଙ୍କାନାଳରୁ ଉଠାଇ ଆଣିଥିଲା ପୁଲିସ। ରବିବାର ସୁଜିତ୍‌କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ମାନସ ଚକ୍ର କହିଛନ୍ତି।


**AFFIDAVIT**

By an affidavit no 33 on dt 13.02.2025 before the Executive Magistrate, Paikmal, we Rajendra Bariha & Indumati Bariha, Maharanimeripur, Paikmal, Bargarh in Aadhar 975124998796, our son's name has been wrongly mentioned as Suren Bariha instead of Sahil Bariha as per his Birth Certificate. Both Suren Bariha & Sahil Bariha is same and one person.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଘରେ ପଶୁପଶୁ...

ରାଜ୍ୟ ଜିଡିପିରେ ଶିଳ୍ପ କ୍ଷେତ୍ରର ଯୋଗଦାନ ମଧ୍ୟ ହ୍ରାସ ଆହୁରି ଚିନ୍ତା ବଢ଼ାଇଛି। ପୂର୍ବ ସରକାର ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ଲକ୍ଷରେ ଯୋଜନା ଓ ନିବେଶ ଅନୁକୂଳ ପରିବେଶ ସୃଷ୍ଟି କରିଥିଲେ। ଫଳରେ ଶିଳ୍ପପତିମାନେ ଓଡ଼ିଶାମୁହାଁ ହୋଇଥିଲେ। ନୂଆ ସରକାର ଆସିବା ପରେ ଶିଳ୍ପ କ୍ଷେତ୍ରରେ ଅସ୍ଥିରତା ଆଶଙ୍କାରେ ନିବେଶକ ଓଡ଼ିଶା ପ୍ରତି ଆଗ୍ରହ ଦେଖାଉ ନାହାନ୍ତି। ଏମ୍‌ଓୟୁ ପରେ ଅନେକ ସଂସ୍ଥା ନିଜର ଶିଳ୍ପକୁ ଅନ୍ୟ ରାଜ୍ୟକୁ ସ୍ଥାନାନ୍ତର କରି ନେଉଥିବା ଦେଖାଯାଇଛି। ଅର୍ଥନୈତିକ ସର୍ଭେ ରିପୋର୍ଟରେ ଏହା ପ୍ରତିଫଳିତ ହୋଇଛି। ପୂର୍ବ ବର୍ଷ ରାଜ୍ୟରେ ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ହାର ୮.୭ ପ୍ରତିଶତ ରହିଥିବା ବେଳେ ନୂତନ ସରକାରଙ୍କ ସମୟରେ ୨.୬ ପ୍ରତିଶତ ହ୍ରାସ ପାଇ ୬.୧ ପ୍ରତିଶତରେ ପହଞ୍ଚିଛି।

ଏଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ଅଭିବୃଦ୍ଧି ହାରରେ ହ୍ରାସ ସାଙ୍ଗକୁ ସରକାରଙ୍କ ରିପୋର୍ଟରେ ଆଉ ଏକ ଚିନ୍ତାଜନକ ଘଟଣା ସାମନାକୁ ଆସିଛି। ରାଜ୍ୟ ସରକାର ଅର୍ଥନୈତିକ ସର୍ଭେ ରିପୋର୍ଟରେ ରଖିଥିବା ତଥ୍ୟ ଅନୁଯାୟୀ ଓଡ଼ିଶାର ଋଣଭାର ୧୩.୨ ପ୍ରତିଶତକୁ ବୃଦ୍ଧି ହୋଇଛି। କ୍ଷମତାକୁ ଆସିବା ପରେ ନିଜର ପ୍ରଥମ ବଜେଟ୍‌ରେ ୪୫ ହଜାର କୋଟି ଟଙ୍କାର ଋଣ କରିବା ନେଇ ବଜେପି ସରକାର ଘୋଷଣା କରିଥିଲେ। ମୁଖ୍ୟତଃ ନିର୍ବାଚନୀ ଇସ୍ତାହାରରେ ଘୋଷଣା କରିଥିବା ସୁଭଦ୍ରା ଯୋଜନା ପାଇଁ ଏହି ଅର୍ଥ ବ୍ୟୟ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ଆଗକୁ ଋଣ ପରିମାଣରେ ଆହୁରି ବୃଦ୍ଧି ହେବାର ଆଶଙ୍କା ରହିଛି।

### ୟୁନିଟ୍ ପିଛା...

୮୨ ପଇସାରୁ କମ୍ ହେଲେ ଗ୍ରୀଡ୍‌କୋ କ୍ଷତି ସହିବ ବୋଲି ଆବେଦନରେ ଦର୍ଶାଇଛି । ବିତରଣ କମ୍ପାନୀମାନଙ୍କ ଖର୍ଚ୍ଚ ଏବଂ ଅନ୍ୟ ବ୍ୟୟ ହିସାବକୁ ନେଲେ ବିଦ୍ୟୁତ୍ ମୂଲ୍ୟ ଆହୁରି ବଢ଼ିପାରେ ବୋଲି ଶକ୍ତି ସମୀକ୍ଷକ ମତବ୍ୟକ୍ତ କରିଛନ୍ତି। ବିକ୍ରି ବାବଦ ସମସ୍ୟା ପାଇଁ ଆୟୋଗଙ୍କ ନିକଟରେ ବିଦ୍ୟୁତ୍ କମ୍ପାନୀ ଗୁଡିକର ୬ ୫୮୮ କୋଟି ଭରଣା ପାଇଁ ଗ୍ରୀଡକୋ ଦାବି କରିଛି। ସେସୁ, ୱେସ୍କୋ, ନେସ୍କୋ ଏବଂ ସାଉଥକୋ କମ୍ପାନିକୁ ଟାଟାକୁ ବିକ୍ରି କରାଯିବା ସମୟରେ ବକେୟା ଅର୍ଥ ଏ ଯାଏ ପରିଶୋଧ ହୋଇପାରି ନାହିଁ। ଆୟୋଗ ଗୁରୁତ୍ୱର ସହିତ ଏହାକୁ ଗ୍ରହଣ କରି ଆସନ୍ତା ଦୁଇ, ତିନି ବର୍ଷ ମଧ୍ୟରେ ଅର୍ଥ ଭରଣା ଲାଗି ଦାବି କରିଛି। ତେବେ ଏହା ସ୍ପଷ୍ଟ ଯେ ଆୟୋଗ ଯଦି ଏହି ପ୍ରସ୍ତାବକୁ ଗ୍ରହଣ କରନ୍ତି, ତେବେ ବିଦ୍ୟୁତ୍ ଦର ବହୁଗୁଣିତ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଅତ୍ୟାବଶ୍ୟକ ସାମଗ୍ରୀ ଠାରୁ ଆରମ୍ଭ କରି ସବୁ ଦରଦାମ ବଢ଼ି ବଢ଼ି ଚାଲିଥିବା ବେଳେ ଖାଉଟି ବେଶ୍ ଦହଗଞ୍ଜ ହେଉଛନ୍ତି। ଶିଳ୍ପ ସଂସ୍ଥାଙ୍କ ଉପରେ ହଜାର ହଜାର କୋଟିର ବିଦ୍ୟୁତ ଶୁଳ୍କ ଗଡୁଛି। କିନ୍ତୁ ବିଦ୍ୟୁତର ପାଇକାରୀ ଦର ବୃଦ୍ଧି ପାଇଁ ଏକ ପ୍ରକାର ପଥ ପରିଷ୍କାର ହୋଇଚାଲିଛି।

ଏହି ପରିପ୍ରେକ୍ଷୀରେ ସୋମବାର ଦିନ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି)ରେ ବିଜୁଳି ଦର ବୃଦ୍ଧି ଉପରେ ଶୁଣାଣି ଆରମ୍ଭ ହେବ। ପ୍ରଥମ ଦିନରେ ଓପିଜିସି ଏବଂ ଓଏଚ୍‌ପିସିର ପ୍ରସ୍ତାବ ଓଇଆର୍‌ସି ଶୁଣିବେ। ଉକ୍ତ ଦୁଇ ସଂସ୍ଥା ଦର ବୃଦ୍ଧି ପାଇଁ ଓଇଆରସି ନିକଟରେ ପ୍ରସ୍ତାବ ଦାଖଲ କରିଛନ୍ତି। ଚଳିତ ମାସ ୨୭ ତାରିଖ ପର୍ଯ୍ୟନ୍ତ ଶୁଣାଣୀ ଚାଲିବ ବୋଲି ଜଣାପଡିଛି। ତେବେ ବିଜୁଳି ଦର ବୃଦ୍ଧି କରାଗଲେ ସରକାରଙ୍କୁ ଘେରିବା ପାଇଁ ବିଦ୍ୟୁତ ଉପଭୋକ୍ତା ସଂଘ ଚେତାବନୀ ଦେଇଛି ।

### ଆଜି ପୂର୍ଣ୍ଣାଙ୍ଗ...

ଗୁରୁତ୍ୱ ଦିଆଯାଇପାରେ ବୋଲି କୁହାଯାଉଛି। ସେହିପରି ନିର୍ବାଚନୀ ପ୍ରତିଶ୍ରୁତି ସତ୍ତ୍ୱେ ୬୦ବର୍ଷରୁ ଊର୍ଦ୍ଧ୍ୱ ବୟସ ବର୍ଗର ହିତାଧିକାରୀଙ୍କ ଭତ୍ତା ୩୦୦୦ ଟଙ୍କାକୁ ବୃଦ୍ଧି ପୂରଣ ହୋଇପାରି ନାହିଁ। ଏହି ଭତ୍ତା ବୃଦ୍ଧି ସରକାରଙ୍କ ପାଇଁ ଆହ୍ୱାନ ହୋଇଛି। ଏହାକୁ ସରକାର ଗୁରୁତ୍ୱ ଦେଇ ପାରନ୍ତି। ଦୁଇ ଦିନ ପୂର୍ବେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଲକ୍ଷପତି ଦିଦି ସହାୟିକା ଯୋଜନା ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟୟବରାଦ ହୋଇପାରେ। ସେହିପରି କୃଷି, କ୍ରୀଡ଼ା, ସେବା କ୍ଷେତ୍ର ଓ ଶିଳ୍ପ ପାଇଁ ବଜେଟରେ କିଛି ନୂଆ ମିଳିପାରେ। ମାତ୍ର ଏହି ଅର୍ଥ କେଉଁଠୁ ଭରଣା କରାଯିବ ତାହା ସ୍ପଷ୍ଟ ନୁହେଁ। ରାଜ୍ୟର ନିଜସ୍ୱ ରାଜସ୍ୱ ଓ ଅଣ ରାଜସ୍ୱ ଟିକସ ବୃଦ୍ଧି କରିବା ସରକାରଙ୍କ ପାଇଁ ପ୍ରାଥମିକତା ହେବ। କେନ୍ଦ୍ର ସରକାରଙ୍କଠାରୁ ଓଡ଼ିଶା ଆଗାମୀ ଆର୍ଥିକ ବର୍ଷରେ ପୂର୍ବବର୍ଷ ତୁଳନାରେ ଅଧିକ ୧୨ ହଜାର କୋଟି ଟଙ୍କା ପାଇବ । ଏହି ଅର୍ଥରେ ସବୁକିଛି ଭରଣା କରାଯିବା ସମ୍ଭବ ନୁହେଁ । ତେଣୁ ଆଗାମୀ ଆର୍ଥିକ ବର୍ଷରେ ସରକାର ୪୫ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ଋଣ କରିପାରନ୍ତି ବୋଲି କୁହାଯାଉଛି।

ନବୀନ ସରକାର ସମୟରେ ଗତ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ଋଣ ପରିମାଣ ୯୬ ହଜାର କୋଟି ଟଙ୍କା ଥିଲା। କ୍ଷମତାକୁ ଆସୁଆସୁ ବିଜେପି ସରକାର ୪୩ ହଜାର କୋଟି ଟଙ୍କା ଋଣ କରିବାକୁ ମନ ସ୍ଥିର କରିଥିଲେ। ଆଗାମୀ ବର୍ଷ ୪୫ ହଜାର କୋଟି ଟଙ୍କା ଋଣ କରିବାର ସମ୍ଭାବନା ରହିଛି। ଫଳରେ ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ବେଳକୁ ରାଜ୍ୟର ଋଣଭାର ଦେଢ଼ଗୁଣ ଅର୍ଥାତ୍ ୧୫୦ କୋଟି ଅତିକ୍ରମ କରିପାରେ ବୋଲି ଆକଳନ କରାଯାଉଛି । ଆଗାମୀ ୬ ବର୍ଷରେ ତାହା ୨ ଲକ୍ଷ କୋଟିକୁ ଟପିଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏବେ ରାଜ୍ୟରେ ମୁଣ୍ଡ ପିଛା ଋଣ ପରିମାଣ ୨୦୭୩୬ ଟଙ୍କା ରହିଛି। ଚଳିତ ଆର୍ଥିକ ବର୍ଷରେ ଯୋଜନା କାର୍ଯ୍ୟକାରୀ ପାଇଁ ସରକାର ୪୩ ହଜାର କୋଟି ଟଙ୍କା ଋଣ କରିବେ ବୋଲି କହିଥିଲେ। ଚଳିତ ଆର୍ଥିକ ବର୍ଷ ବଜେଟରୁ ଏବେ ବି ପ୍ରାୟ ୪୦% ଅର୍ଥ ଖର୍ଚ୍ଚ ହୋଇନଥିବା ବେଳେ ଆଗାମୀ ବଜେଟରେ ତାହା ପ୍ରତିଫଳିତ ହେବ ।ଅପରପକ୍ଷେ ପ୍ରଥମ ବଜେଟରେ ମୋହନ ସରକାର ପୂର୍ବ ସରକାରଙ୍କର ଅନେକ ଯୋଜନାକୁ ଜାରି ରଖିଥିଲେ ସୁଦ୍ଧା ବ୍ୟୟବରାଦ ଆଶାନୁରୂପ ନଥିଲା। ତେଣୁ ଏଥର ସେହି ଯୋଜନା ଗୁଡିକର ଭାଗ୍ୟ କ'ଣ ରହିବ ତାହା ଉପରେ ସମସ୍ତ ନଜର ରହିଛି। ଅନ୍ୟପକ୍ଷରେ ବିଧାୟକମାନଙ୍କ ଦରମା ଓ ପେନସନ୍ ବୃଦ୍ଧି ବଜେଟରେ ସ୍ଥାନ ପାଇପାରେ।

ପ୍ରଥମ ବର୍ଷରେ ରାଜ୍ୟ ସରକାର ସୁଭଦ୍ରା ଯୋଜନା, ବର୍ଦ୍ଧିତ ଭତ୍ତା, ମାଧୋ ସିଂ ହାତଖର୍ଚ୍ଚ, ଚାଷୀଙ୍କ ଇନପୁଟ ସବ୍‌ସିଡିରେ ସର୍ବାଧିକ ଅର୍ଥ ବ୍ୟୟ କରିଥିବା ବେଳେ ଭିତ୍ତିଭୂମି ଓ ସେବା କ୍ଷେତ୍ରରେ ଅବହେଳା ରହିଛି। ମାଗଣା ବଣ୍ଟନ ଯୋଜନା ଋଣ କରିବା ପାଇଁ ସବୁଠାରୁ ବଡ଼ କାରଣ ହେବ। ରାଜ୍ୟ ସରକାରଙ୍କର ଅନ୍ୟତମ ଆୟର ସ୍ରୋତ ଋଣ ହୋଇଥିବାରୁ ବ୍ୟୟବରାଦ ଅଟକଳରେ ଋଣ ଓ ସୁଧ ପରିଶୋଧକୁ ପ୍ରାଧାନ୍ୟ ଦିଆଯାଉଛି। ବିତ୍ତୀୟ ପରିଚାଳନା ପାଇଁ ରାଜ୍ୟ ସରକାର ଯେଉଁ ଆଇନଗତ ବ୍ୟବସ୍ଥା ରଖିଛନ୍ତି, ସେହି ଅନୁସାରେ ଋଣ ପରିମାଣ ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି)ର ୨୫% ମଧ୍ୟରେ ସୀମିତ ରହିବା ଆବଶ୍ୟକ। ସେହି ଅନୁସାରେ ରାଜ୍ୟରେ ଋଣ ପରିମାଣ ୧ ଲକ୍ଷ ୫୦ ହଜାର କୋଟି ହୋଇପାରେ ବୋଲି କୁହାଯାଉଛି ।

### ପାରାଗ୍ଲାଇଡିଂ କରି...

ଏହା ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି।

ସୂଚନା ଅନୁଯାୟୀ କିଛି କାମଥିବାରୁ ସାମର୍ଥ ପରୀକ୍ଷା ଦିନ ପଞ୍ଚଗାନି ଯାଇଥିଲେ। ହାତରେ ବହୁତ କମ୍ ସମୟ ଥିବା ଜାଣି ଏବଂ ୱାଇ-ପଞ୍ଚଗାନି ମାର୍ଗର ବ୍ୟସ୍ତ ବହୁଳ ଟ୍ରାଫିକକୁ ଏଡ଼ାଇବା ପାଇଁ ସେ ପାରାଗ୍ଲାଇଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିରେ କ୍ରୀଡ଼ା ବିଶେଷଜ୍ଞ ଗୋବିନ୍ଦ ୟେୱାଲେ ତାଙ୍କୁ ସହଯୋଗ କରିଥିଲେ। ସେ ନିଜ ଟିମ୍ ସହ ମିଶି ସାମର୍ଥଙ୍କ ପାଇଁ ସବୁ ଉପକରଣ ଯୋଗାଡ଼ କରିଥିଲେ। ଏଥିପାଇଁ ସେ ସହଜରେ ଟ୍ରାଫିକ ଅତିକ୍ରମ କରି ପରୀକ୍ଷା କେନ୍ଦ୍ର ନିକଟରେ ପହଞ୍ଚି ପାରିଥିଲେ। ତେବେ ଭାରତରେ ପାରଗ୍ଲାଇଡିଂ ଜନିତ ଦୁର୍ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଗତ ମାସରେ ହିମାଚଳ ପ୍ରଦେଶ କୁଲୁରେ ତାମିଲନାଡୁର ଜଣେ ପାରାଗ୍ଲାଇଡରଙ୍କ ମୃତ୍ୟୁ ହୋଇଥିଲା।

### ନିବେଶ ଆଳରେ...

କମିଟି ଗଢ଼ି ନିଜ ନିଜସ୍ତରରେ ଏହାର ତଦନ୍ତ କରିଥିଲେ। ତଦନ୍ତରୁ ଜଣାପଡ଼ିଥିଲା ଯେ କମ୍ପାନୀ ପାଖାପାଖି ୬୦୦୦ ଲୋକଙ୍କଠାରୁ ୧୨ଶହ କୋଟି ଟଙ୍କା ଠକି ନେଇଛି। ରାଜ୍ୟର ବିଭିନ୍ନ ସ୍ଥାନ ସମେତ ପଡ଼ୋଶୀ ଛତିଶଗଡ଼, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଓ ଅନ୍ୟାନ୍ୟ ସ୍ଥାନର ଲୋକଙ୍କୁ କମ୍ପାନୀ ଠକିଛି। କିଏ ଜମି ବିକା ପଇସା ଦେଇଛି ତ କିଏ ପିଏଫ୍, ପେନସନ ପଇସା ଦେଇଛି। ଏପରିକି, ସ୍ୱିଜରଲାଣ୍ଡର ମଧ୍ୟ ଅନେକ ବ୍ୟକ୍ତି ଏହି କମ୍ପାନୀରେ ନିବେଶ କରି ଠକେଇର ଶିକାର ହୋଇଛନ୍ତି। ତେବେ ଏତେବଡ଼ ଠକେଇ ପଦାକୁ ଆସିବା ପରେ କମିଟି ଆଜି ଧନୁପାଲି ଥାନାରେ ଅଭିଯୋଗ କରିଛି। ଶହେରୁ ଊର୍ଦ୍ଧ୍ୱ ନିବେଶକାରୀ ଥାନା ନିକଟରେ ଏକାଠି ହୋଇ ଏତଲା ଦେଇଥିବା ଜଣାଯାଇଛି। କମିଟି ସଭାପତି ଦେବବ୍ରତ ପାଣିଗ୍ରାହୀ କହିଛନ୍ତି, କୁଲଥକାନିରେ ଥିବା ଅଭିଯୁକ୍ତର ଘର ତଥା ସମସ୍ତ ସମ୍ପତ୍ତି ସରକାର ଜବତ କରି ସମସ୍ତଙ୍କ ଟଙ୍କା ଫେରାଯାଉ। ଅନେକ ଲୋକ କମ୍ପାନୀରେ ଟଙ୍କା ବିନିଯୋଗ ଆଳରେ ସର୍ବସ୍ୱ ହରାଇଛନ୍ତି।


**AFFIDAVIT**

By virtue of an affidavit vide No 134, dated 14/2/2025, Sworn before the Executive Magistrate, Balikuda.I P. Saumitya Ranjan, Resident At: Balisahi, Po-Balikuda, Dist: Jagatsingpur,Pin- 754108, Odisha.have changed my name from P. Saumitya Ranjan to P Saumitya Ranjan. Henceforth shall be known as P Saumitya Ranjan for all future purposes.

**ପୂର୍ବ ତଟ ରେଳପଥ**

**ସାଙ୍କେତିକ ସୂଚନା**

**ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଅବସରପ୍ରାପ୍ତ ରେଳ କର୍ମଚାରୀମାନଙ୍କର ପୁନଃନିଯୁକ୍ତି**

ସଂ. DRM(P)/KUR/Staff/Re-engagement of retired staff, ତା.11.02.2025ରିଖ

ବିସ୍ତୃତ ବିଜ୍ଞପ୍ତି ସଂ. DRM(P)/KUR/Staff/Re-engagement of retired staff, ତାରିଖ 11.02.2025 ଏବଂ ଶୁଦ୍ଧିପତ୍ର ସଂ. DRM(P)/KUR/Staff/Re-engagement /Corri/25, ତାରିଖ 12.02.2025, ପୂର୍ବ ତଟ ରେଳପଥର ୱେବସାଇଟ୍‌ର ନିମ୍ନଲିଖିତ ଠିକଣାରେ ଉପଲବ୍ଧ: www.ecor.indianrailways.gov.in → About us → Division → Khurda Road Division → Recruitment.

PR-985/P/24-25 — ବରିଷ୍ଠ ମଣ୍ଡଳ କର୍ମିକ ଅଧିକାରୀ/ ଖୋର୍ଦ୍ଧା ରୋଡ୍

**AFFIDAVIT**

I Anuradha Das, W/o-Gangadhar Kumar Nisanka, resident of Mathasahi, Bypass Road Bhadrak, Po-Bhadrak, Bhadrak, Odisha, Pin Code- 756100 declared by the affidavit No. 172, dated- 15/02/2025 that now onwards I shall be known as ANURADHA GANGADHAR NISANKA for all future purposes.

ସକାଳ
THE SAKALA

# ସମ୍ପାଦକୀୟ



ପୃଥିବୀ ପୃଷ୍ଠରୁ ଆମେ ଯଦି ଯୁଦ୍ଧର ସମ୍ପୂର୍ଣ୍ଣ ବିଲୋପ ନ କରିବା ତେବେ ଯୁଦ୍ଧ ଆମ ପୃଥିବୀକୁ ନିଶ୍ଚିହ୍ନ କରିଦେବ।
-ହାରି ଟ୍ରୁମ୍ୟାନ୍

## ଦାଦନ ଦୁର୍ଦ୍ଦଶା

ମଦମୃତ୍ୟୁ, ଆମ୍ବ ଟାକୁଆ ଓ ଦାଦନ ଭଳି ପ୍ରସଙ୍ଗ ପୁଣି ଥରେ ଓଡ଼ିଶାର ରାଜନୀତିକୁ ଫେରିଛି ଏବଂ ଜାତୀୟସ୍ତରରେ ରାଜ୍ୟକୁ ନିନ୍ଦିତ କରୁଛି। ଏଥିମଧ୍ୟରୁ ଉତ୍କଟ ହେଉଛି ଦାଦନ ସମସ୍ୟା। କେଉଁଠି ଦାଦନ ଶ୍ରମିକଙ୍କୁ ମୁଣ୍ଡଜାମିନ୍ ରଖି ଟଙ୍କା ଦାବି କରାଯାଉଛି ତ ପୁଣି କେତେବେଳେ ପରିବାରର ରୋଜଗାରିଆ ସଦସ୍ୟଙ୍କ ଶବ ନିଜ ଭିଟାମାଟିକୁ ଫେରୁଛି। ଗତ ୪୦ ଦିନ ଭିତରେ କେବଳ କଳାହାଣ୍ଡି ଜିଲ୍ଲାରୁ ଏଭଳି ୫ ଜଣ ଦାଦନ ଶ୍ରମିକଙ୍କ ମୃତଦେହ ଗାଁକୁ ଫେରିଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ଗତ ବର୍ଷକ ଭିତରେ ୧୦ଜଣ ଦାଦନ ପ୍ରବାସରେ ପ୍ରାଣ ହରାଇଛନ୍ତି। ଆହୁରି ଅଧିକ ବିଡ଼ମ୍ବନା ହେଉଛି ଯେଉଁ ଜାତୀୟ ଦଳ ଓଡ଼ିଶାକୁ ଦାଦନଙ୍କ ରାଜ୍ୟ ଭାବେ ଉପହାସ କରୁଥିଲା ଏବଂ କ୍ଷମତାକୁ ଆସିଲେ ଦାଦନ ସମସ୍ୟାର ସମ୍ପୂର୍ଣ୍ଣ ଦୂର ହେବ ବୋଲି ବାହୁସ୍ଫୋଟ ମାରୁଥିଲା ସେହିଦଳ ଏବେ ରାଜ୍ୟରେ କ୍ଷମତାସୀନ ହେବାର ବର୍ଷେ ନ ପୁରୁଣୁ ଦାଦନ ସମସ୍ୟା ହ୍ରାସ ପାଇବା ବଦଳରେ ବଢ଼ିବାରେ ଲାଗିଛି।

ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଦାଦନ ଖଟିବାକୁ ଯାଉଥିବା ଯୁବକଯୁବତୀ ଓ କିଶୋରକିଶୋରୀଙ୍କ ପ୍ରମୁଖ ସମସ୍ୟା ହେଲା ନିଶ୍ଚିତ କର୍ମନିଯୁକ୍ତି ବା ନିରବଚ୍ଛିନ୍ନ ରୋଜଗାରର ଅଭାବ। ଏମାନେ ସାଧାରଣତଃ କୃଷି ଶ୍ରମିକଭାବେ ନିୟୋଜିତ ହୋଇଥା'ନ୍ତି। କୃଷି ଅମଳ ସରିଯିବା ପରେ ସେମାନଙ୍କ ହାତରେ ଆଉ କାମ କିମ୍ବା ରୋଜଗାରର ବିକଳ୍ପ ନଥିବାରୁ ବାଧ୍ୟ ହୋଇ ବାହାର ରାଜ୍ୟର ଇଟାଭାଟି କିମ୍ବା ଅନ୍ୟାନ୍ୟ ନିର୍ମାଣ ପ୍ରକଳ୍ପରେ କାମ କରିବାକୁ ଯାଇ ସେଠାରେ କମ୍ ପାରିଶ୍ରମିକରେ ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହେଉଛନ୍ତି। ଏଥିରୁ ସେମାନଙ୍କୁ ମୁକ୍ତି ଦେବା ପାଇଁ ଏବଂ ନିଶ୍ଚିତ ରୋଜଗାର ଯୋଗାଇଦେବାରେ ରାଜ୍ୟ ସରକାରଙ୍କ ବିଫଳତା ହିଁ ଓଡ଼ିଶାକୁ ଜାତୀୟସ୍ତରରେ ନିନ୍ଦିତ କରୁଛି।

ଓଡ଼ିଶାରେ ଶ୍ରମଶକ୍ତିର ୫୧.୭ ଭାଗ କୃଷି କ୍ଷେତ୍ରରେ ସମ୍ପୃକ୍ତ। ଅବଶିଷ୍ଟଙ୍କ ମଧ୍ୟରୁ ୮୦ ଭାଗ ଆତ୍ମନିଯୁକ୍ତ ବା ସାମୟିକ ଶ୍ରମିକ ଭାବେ ବିଭିନ୍ନ କ୍ଷେତ୍ରରେ କାମ କରୁଛନ୍ତି। ସେମାନଙ୍କ ମଧ୍ୟରେ ଅନେକ ସାମାଜିକ-ଆର୍ଥିକ ନିରାପତ୍ତାରୁ ଏବେ ମଧ୍ୟ ବଞ୍ଚିତ। ସେହିପରି ଏବେ ନିର୍ମାଣରେ ଯାନ୍ତ୍ରୀକିକରଣ ଯୋଗୁଁ ମାନବ ସମ୍ବଳର ସଦୁପଯୋଗ ହୋଇପାରୁନାହିଁ। ତେଣୁ ମନରେଗାରେ କେଉଁ କାମ ମିଳିବ ତାହାକୁ ନେଇ ମଧ୍ୟ ଦାଦନ ଶ୍ରମିକମାନେ ସନ୍ଦୀହାନ। ଦାଦନ ବ୍ୟବସ୍ଥାରେ ଠିକାଦାରଙ୍କ ଜରିଆରେ ଏକକାଳୀନ ବୃହତ୍ ଅର୍ଥରାଶି ଅଗ୍ରୀମ ମିଳୁଥିବାରୁ ତାହା ଲୋକମାନଙ୍କ ସାମାଜିକ ଓ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଅଳ୍ପେବହୁତେ ସମାଧାନ କରିପାରୁଛି। ଅପରପକ୍ଷରେ ମନରେଗାରେ ପ୍ରାପ୍ୟ ପାଇଁ ଦୀର୍ଘଦିନ ପ୍ରତୀକ୍ଷା କରିବାକୁ ପଡୁଛି। ଏଭଳି ସ୍ଥିତିରେ ସ୍ୱାଭାବିକ ଭାବେ ଶିଶୁଟିଏ ଶ୍ରମିକ ଭାବେ କାମ କରିବାକୁ ବାଧ୍ୟ ହେଉଛି ଏବଂ ସାମୟିକ ଭାବେ ବାହାରକୁ ଯାଇ ଲୋକେ କିଛି ରୋଜଗାର କରିବାକୁ ଉଚିତ ମଣୁଛନ୍ତି।

ଏହି ପୃଷ୍ଠଭୂମିରେ ଗତ ସରକାର ଅମଳରେ ଏକ ସ୍ୱାଗତଯୋଗ୍ୟ ଯୋଜନା ହାତକୁ ନିଆଯାଇଥିଲା। ଅନୁନ୍ନତ ଓ ଦୁର୍ଗମ ଅଞ୍ଚଳରେ ରହୁଥିବା ବେକାର ଯୁବକଯୁବତୀ ଆଉ କାମଧନ୍ଦା ଅନ୍ୱେଷଣରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବାକୁ ପଡ଼ିବ ନାହିଁ - ଏହି ଲକ୍ଷ୍ୟ ନେଇ ନବୀନ ସରକାର 'ସଘନ ପଞ୍ଚାୟତ' ଯୋଜନା ଆରମ୍ଭ କରିଥିଲେ। କଳାହାଣ୍ଡି, ନୂଆପଡ଼ା, ବରଗଡ଼ ଓ ବଲାଙ୍ଗୀର ଆଦି ୧୧ଟି ଜିଲ୍ଲାର ୨୦ଟି ବ୍ଲକର ସମସ୍ତ ପଞ୍ଚାୟତକୁ 'ସଘନ ପଞ୍ଚାୟତ' ଭାବେ ଗ୍ରହଣ କରି ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ମନରେଗା) ଅଧୀନରେ ଲୋକଙ୍କୁ ୨୦୦ ଦିନର କାମ ଯୋଗାଇ ଦିଆଯିବାର ଘୋଷଣା ଓ କାର୍ଯ୍ୟକରୀ କରାଯାଇଥିଲା। ଯୋଜନାରେ ଦୈନିକ ମଜୁରି ୧୮୮ ଟଙ୍କାରୁ ୨୮୬.୩୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ରାଷ୍ଟ୍ରର ସାମଗ୍ରିକ ବିକାଶରେ ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବାରୁ ଏବଂ ଦାଦନ ଶ୍ରମିକଙ୍କ ମଧ୍ୟରେ ମହିଳାମାନଙ୍କ ଅନୁପାତ ବଢୁଥିବାରୁ 'ଜୀବିକା ମିସନ୍' ଅଧୀନରେ ସଘନ ପଞ୍ଚାୟତର ପ୍ରତି ପରିବାରର ମହିଳା ସଦସ୍ୟଙ୍କୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ୍ କରି ବିଭିନ୍ନ ସାମାଜିକ ଓ ଆର୍ଥିକ ସୁରକ୍ଷା ପ୍ରଦାନ କରାଯାଇଥିଲା। ଏହି ଯୋଜନାରେ ଅର୍ଥାଭାବ ଦୂର କରିବା ପାଇଁ ରାଜ୍ୟ ସରକାର ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ମଧ୍ୟ ଗଠନ କରିଥିଲେ। ଏହାଦ୍ୱାରା ଦାଦନ ଶ୍ରମିକ ସମସ୍ୟାରେ ଉଲ୍ଲେଖନୀୟ ହ୍ରାସ ଘଟିଥିବା ବେଳେ ଶ୍ରମିକମାନଙ୍କ ସାମାଜିକ-ଆର୍ଥିକ ବିକାଶରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ଏବେ କିନ୍ତୁ ନୂଆ ସରକାର ଆସିବା ପରେ ଗତ ସରକାର ଅମଳରେ ହୋଇଥିବା ଅନେକ ଯୋଜନାକୁ ବନ୍ଦ କରିଦେଇ କେବଳ ଆଖିଦୃଶିଆ ପ୍ରଚାରଧର୍ମୀ ଯୋଜନା ଘୋଷଣା କରି ଚାଲିଛନ୍ତି। ଏହିସବୁ ଯୋଜନା ରାଜ୍ୟର ତୃଣମୂଳସ୍ତରର ବିକାଶ ସାଧନରେ ସହାୟକ ହୋଇପାରୁନାହିଁ। ଅଧିକନ୍ତୁ ସହରୀ ବାସିନ୍ଦା ହିଁ ଏହାର ହିତାଧିକାରୀ ହେଉଛନ୍ତି।

ଗତ ବର୍ଷ ୧୭.୬୧ କୋଟି କର୍ମଦିବସ ସୃଷ୍ଟି ହୋଇଥିବା ବେଳେ ଚଳିତ ବର୍ଷ ତାହା ୧୦ କୋଟି ତଳକୁ ଖସି ଆସିଛି। ସେହିଭଳି ଗତବର୍ଷ ତୁଳନାରେ ଚଳିତ ବର୍ଷ ପ୍ରାୟ ୨ ଲକ୍ଷରୁ ଅଧିକ ପରିବାର ମନରେଗାରୁ ବଞ୍ଚିତ ହୋଇଛନ୍ତି। ମନରେଗାରେ ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ଶ୍ରମିକ ମଜୁରୀ ହାର ମଧ୍ୟ ନୈରାଶ୍ୟଜନକ। ଏବେ ଦରଦାମ ବଢ଼ିଚାଲିଥିବା ବେଳେ ତଦନୁଯାୟୀ ମଜୁରୀ ବୃଦ୍ଧି ପାଇବା କଥା। ବିଜୁ ପଟ୍ଟନାୟକଙ୍କ ଅମଳରୁ ଓଡ଼ିଶାରେ ଏହି ଧାରା ଜାରି ରହିଥିଲା। କିନ୍ତୁ ରାଜ୍ୟରେ ନୂଆ ସରକାର କ୍ଷମତାକୁ ଆସିବା ପରଠାରୁ ଏ ସଂକ୍ରାନ୍ତ ନିଷ୍ପତ୍ତି ନେବାରେ ସମ୍ବେଦନଶୀଳତା ପ୍ରଦର୍ଶନ କରିନାହାନ୍ତି। ବସ୍ତୁତଃ ଶ୍ରମିକ କଲ୍ୟାଣ ଚିନ୍ତାକୁ ସରକାର ଅଗ୍ରାଧିକାର ଦେଇନାହାନ୍ତି। ଅପରପକ୍ଷରେ ଦିନକୁ ଦିନ ଉତ୍କଟ ହୋଇଚାଲିଥିବା ମହଙ୍ଗା ବଜାରକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏଭଳି ପରିସ୍ଥିତିରେ ଦାଦନ ସମସ୍ୟା ବଢ଼ିବା ସ୍ୱାଭାବିକ।

ସମୟ ବଦଳିବା ସହିତ ଲୋକଙ୍କ ସ୍ୱପ୍ନ ବଦଳୁଛି ଏବଂ ଆବଶ୍ୟକତା ମଧ୍ୟ ବଢୁଛି। ଆବଶ୍ୟକତା ପୂରଣ ପାଇଁ ଅଧିକ ରୋଜଗାର ଓ ସମ୍ବଳ ଅପରିହାର୍ଯ୍ୟ ହୋଇପଡୁଛି। ତେଣୁ ସେମାନେ କାମ ଧନ୍ଦା ଅନ୍ୱେଷଣରେ ଗାଁ, ସହର ଏପରିକି ଦେଶ ଛାଡ଼ି ପ୍ରବାସୀ ହେଉଛନ୍ତି। ନିଜ ଉତ୍ତରପିଢ଼ିର ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ପ୍ରବାସରେ ବିପଦାପନ୍ନ ଜୀବନ ବରଣ କରିବାକୁ ବଳିଦାନ ଭାବେ ଗ୍ରହଣ କରିନେଇଛନ୍ତି। ଏବେ ଆମେରିକାରୁ ବିତାଡ଼ିତ ହେଉଥିବା ପ୍ରବାସୀ ଭାରତୀୟମାନେ ମଧ୍ୟ ସେହି ଦାଦନ ବର୍ଗର। ତେଣୁ ଏହି ଜାତୀୟ ସମସ୍ୟାର ସମ୍ପୂର୍ଣ୍ଣ ଦୂରୀକରଣ କରିବାକୁ ହେଲେ ଅଣତିରୋଟ ସମୟରେ କୃଷି ବିକଳ୍ପ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଧ୍ୟାନ ଦେବା ଆବଶ୍ୟକ। କେବଳ ହେଲ୍ପ ଡେସ୍କ, ନାମକୁ ମାତ୍ର ଥଇଥାନ କ୍ଷତିଭରଣା, ଟାସ୍କଫୋର୍ସ ଗଠନ କରିଦେଇ ସରକାର କାମ ସରିଗଲା ବୋଲି ଭାବିନେବା ଅନୁଚିତ। ଏହି ଯତ୍ନଶୀଳ ଦୂରଦର୍ଶୀ ଯୋଜନା ପ୍ରଣୟନ ଓ ରୂପାୟନ ଦିଗରେ ଆଶୁ ପଦକ୍ଷେପ ଲୋଡ଼ା।

## ଗାନ୍ଧିଜୀଙ୍କ ବାଡ଼ି ଓ ଆଚାର୍ଯ୍ୟ ହରିହର

**ପ୍ରହଲାଦ କୁମାର ସିଂହ**

ଚିତାଏ ଉଚ୍ଚର ଯେଉଁ ବାଉଁଶ ବାଡ଼ିଖଣ୍ଡକ ଧରି ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧୀ ତାଙ୍କ ଶେଷ ଜୀବନରେ ସାରା ଦେଶ ବୁଲୁଥିଲେ ସେ ଖଣ୍ଡିକ ଥିଲା ଓଡ଼ିଶାର ସନ୍ତକ। ଆଚାର୍ଯ୍ୟ ହରିହରଙ୍କଠାରୁ ପାଇଥିବା ଏହି ବାଡ଼ି ଖଣ୍ଡିକ ତାଙ୍କ ଜୀବନର ବହୁ ଗୁରୁତ୍ୱପୂର୍ଣ୍ଣ ଘଟଣାର ମୂକସାକ୍ଷୀ।

୧୯୪୨ର ଭାରତ ଛାଡ଼ ଆନ୍ଦୋଳନରେ ସେ ଦେଶବାସୀଙ୍କୁ 'କର ବା ମର' ମହାମନ୍ତ୍ର ଦେଇଥିବା ବେଳେ ଏ ବାଡ଼ିଟି ଥିଲା ତାଙ୍କ ଭରସାର ପ୍ରତୀକ। ସେହି ଆନ୍ଦୋଳନ ସମୟରେ କାରାରୁଦ୍ଧ ଗାନ୍ଧୀଙ୍କ ସହିତ ବି ଥିଲା ଏହି ବାଉଁଶ ବାଡ଼ିଟି। ଆଗା ଖାଁ ପ୍ୟାଲେସ୍ କ୍ୟାମ୍ପ ଜେଲ୍‌ରେ ସହବନ୍ଦୀ ପୁତ୍ରପ୍ରତିମ ମହାଦେବ ଦେଶାଇ ଏବଂ ସହଧର୍ମିଣୀ/ସହକର୍ମିଣୀ କସ୍ତୁରବାଙ୍କ ଚିତାଗ୍ନି ଜଳିବା ବେଳେ ଏହି ବାଡ଼ି ଉପରେ ହିଁ ଆଶ୍ରା କରି ଗାନ୍ଧିଜୀ ଚିତାନଳ ଭିତରେ ଦେଖୁଥିଲେ ଅନେକ ସ୍ମୃତି। କାରାମୁକ୍ତ ହେବା ପରେ ପଞ୍ଚଗନିରେ ପ୍ରାକୃତିକ ଚିକିତ୍ସା ପାଇଁ ଡେରା ପକାଇଥିବା ବେଳେ ହେଉ କିମ୍ବା କଲିକତା, ନୋଆଖାଲି, ବିହାର ଓ ନୂଆଦିଲ୍ଲୀର ଦଙ୍ଗା ବିଧ୍ୱସ୍ତ ଅଞ୍ଚଳରେ ଏକକ ସୀମାନ୍ତ ରକ୍ଷୀ ବାହିନୀ ସାଜି ଗାନ୍ଧିଜୀ ଶାନ୍ତି ଓ ସଦ୍‌ଭାବନା ପ୍ରତିଷ୍ଠା କରୁଥିବା ବେଳେ ଓଡ଼ିଶାର ବାଡ଼ିଟି ମଧ୍ୟ ତାଙ୍କ ସହ ରହିଥିଲା। ସ୍ୱାଧୀନତା ପୂର୍ବରୁ ବଡ଼ଲାଟ୍‌ଙ୍କୁ ଭେଟିବା ବେଳେ ହେଉ କିମ୍ବା ଦେଶ ବିଭାଜନ ଏଡ଼ାଇବା ପାଇଁ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କୁ ସାକ୍ଷାତ କରିବା ବେଳେ ବି ଏ ବାଡ଼ିଖଣ୍ଡକ ତାଙ୍କ ସାଙ୍ଗ ଛାଡ଼ି ନ ଥିଲା। ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ କାଶ୍ମୀର ସମସ୍ୟା ସମାଧାନ ପାଇଁ ଜାମ୍ମୁ-କାଶ୍ମୀର ଗସ୍ତ ବେଳେ ସେ ଏହି ବାଡ଼ି ଖଣ୍ଡକ ଧରି ଚାଲିଥିଲେ। ୧୯୪୭ ଅଗଷ୍ଟ ୧୫ରେ ଦେଶ ସ୍ୱାଧୀନ ହେବା ବେଳେ ଗାନ୍ଧିଜୀଙ୍କ ସହିତ ଥିଲେ ଗୀତା, ଚରଖା ଓ ଏହି ବାଡ଼ି ଖଣ୍ଡକ। ଶେଷ ଜୀବନରେ ନୂଆଦିଲ୍ଲୀର ବିର୍ଲା ଭବନରେ ଅନଶନ ବେଳେ ହେଉ କିମ୍ବା କଲିକତା, ବିହାର ଆଦିରେ ଉପବାସ ବେଳେ ହେଉ ଓଡ଼ିଶାର ବାଉଁଶ ବାଡ଼ି ଖଣ୍ଡକ ମଧ୍ୟ ଗାନ୍ଧୀଙ୍କୁ ସାହାରା ଦେଇ ଆସୁଥିଲା।

ଗାନ୍ଧିଜୀ ବ୍ୟବହାର କରୁଥିବା ବାଡ଼ିର ରହିଛି ଏକ ରୋଚକ ଇତିହାସ। ୧୯୩୮ ମାର୍ଚ୍ଚ ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ ପୁରୀ ଜିଲ୍ଲାର ଡେଲାଙ୍ଗ ନିକଟବର୍ତ୍ତୀ ବେରବୋଇ ଗାଁ ଗହିରରେ ଗାନ୍ଧିଜୀ ଅବସ୍ଥାନ କରିଥିଲେ ଏକ ପତ୍ର କୁଡ଼ିଆରେ। ପତ୍ନୀ କସ୍ତୁରବା, ସଚିବ ମହାଦେବ ଦେଶାଇଙ୍କ ସମେତ ରାଜେନ୍ଦ୍ର ପ୍ରସାଦ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ମୌଲାନା ଆଜାଦ, ଜେ.ବି. କୃପାଲିନୀଙ୍କ ସମେତ ଦେଶର ବହୁ ଅଗ୍ରଗଣ୍ୟ ନେତା ବି ଗାଁ ଗହିରରେ ନିର୍ମିତ ପତ୍ର କୁଡ଼ିଆରେ ରହିବା ସହିତ ବେରବୋଇର ବ୍ରହ୍ମେଶ୍ୱର ପୁଷ୍କରିଣୀରେ ସ୍ନାନ କରୁଥିଲେ। ଏହି ସମ୍ମିଳନୀର ଅନ୍ୟତମ ଉଦ୍ୟୋକ୍ତା ଥିଲେ କୃପାସିନ୍ଧୁ ହୋତା, ଆଚାର୍ଯ୍ୟ ହରିହର, ଗୋପବନ୍ଧୁ ଚୌଧୁରୀ, ସୁନାମଣି ଦେବୀ, ମା' ରମାଦେବୀ ପ୍ରମୁଖ।

ଏହି ସମ୍ମିଳନୀ କାଳରେ ଗାନ୍ଧିଜୀ ବ୍ୟବହାର କରୁଥିବା ପୁରୁଣା ବାଡ଼ି ଖଣ୍ଡକ ହଜିଯାଇଥିଲା। ତା'ପରଦିନ ସକାଳୁ ପୋଖରୀ ହୁଡ଼ାରେ ଗଦା ହୋଇଥିବା ବାଉଁଶ ଭିତରୁ ଖଣ୍ଡେ ଫାଳିଆ ଓଟାରି ଗାନ୍ଧୀ ଧରିଲେ। ଅନତିଦୂରରେ ଏ ଦୃଶ୍ୟ ଦେଖୁଥିଲେ ଆଚାର୍ଯ୍ୟ ମହାଶୟ ଓ ଗୋପବନ୍ଧୁ ଚୌଧୁରୀ। ସେତେବେଳେ ଗୋପବନ୍ଧୁ ଆଚାର୍ଯ୍ୟଙ୍କୁ କହିଥିଲେ, 'ଭାଇନା, ବୁଢ଼ାଙ୍କ ବାଡ଼ିଟି ବୋଧହୁଏ କିଏ ନେଇଯାଇଛି। ସେ ନୂଆ ବାଡ଼ି ଖଣ୍ଡେ ଖୋଜୁଛନ୍ତି।' ଏହାପରେ ଆଚାର୍ଯ୍ୟ ମହାଶୟ ନିଜେ ବ୍ୟବହାର କରୁଥିବା ବାଉଁଶ ବାଡ଼ି ଖଣ୍ଡିକ ଗାନ୍ଧୀଙ୍କୁ ଧରାଇ ଦେଲେ। ସହାସ୍ୟ ବଦନରେ ଏହା ଗ୍ରହଣ କରିଥିଲେ ଗାନ୍ଧିଜୀ। ବେରବୋଇର ୭ଦିନିଆ ଅଧିବେଶନ ସାରି ଫେରିବା ପୂର୍ବରୁ ସେ ଆଚାର୍ଯ୍ୟ ମହାଶୟଙ୍କୁ ତାଙ୍କ ବାଡ଼ିଟି ଫେରାଇ ଦେବାକୁ ଚାହିଁଥିଲେ। ତେବେ 'ଏଇଟି ସାଙ୍ଗରେ ନେଇଯାଆନ୍ତୁ' ବୋଲି ଆଚାର୍ଯ୍ୟଙ୍କ ଅନୁରୋଧ ରଖି ବାଡ଼ିଟିକୁ ସାଙ୍ଗରେ ଧରି ଗାନ୍ଧୀ ଚାଲିଲେ। ୧୯୩୮ ମାର୍ଚ୍ଚ ଶେଷ ସପ୍ତାହରୁ ସେ ଆଚାର୍ଯ୍ୟ ମହାଶୟଙ୍କ ବାଡ଼ିକୁ ବ୍ୟବହାର କରୁଥିଲେ।

ଗୋପବନ୍ଧୁ ଚୌଧୁରୀ 'ଗାନ୍ଧୀ ଓ ଉତ୍କଳ' ପୁସ୍ତକରେ ଲେଖିଛନ୍ତି- ପରେ ଥରେ ଆଚାର୍ଯ୍ୟ ମହାଶୟ ୱାର୍ଦ୍ଧା ଯାଇଥିଲେ। ଗାନ୍ଧୀଙ୍କ ସଂଗେ ଦେଖାହେବା ମାତ୍ରେ ବାଡ଼ି ଖଣ୍ଡି ଦରାଣ୍ଡି ପକାଇ ଦେଖାଇ କହିଥିଲେ- ଏ ଖଣ୍ଡ ରଖିଛି। ୧୯୪୨ ଜୁଲାଇ ମାସରେ ଗୋଳମାଳର ଠିକ୍ ପୂର୍ବ ଚରଖା ସଂଘ ବୈଠକରେ ସେହି ବାଡ଼ି ବ୍ୟବହାର କରୁଥିବାର ଦେଖାଯାଇଥିଲା। ଲେଖକଙ୍କୁ ପାଖରେ ବସିଥିବାର ଦେଖି ସେ ବାଡ଼ି ପକାଇ ଦେଇ ବସି ପଡ଼ିଲା ବେଳକୁ କହିଥିଲେ- ସେହି ବାଡ଼ି ଅଛି। ୧୯୪୪ରେ ଜେଲ୍‌ରୁ ବାହାରିଲା ପରେ ଆଚାର୍ଯ୍ୟଙ୍କ ସଂଗେ ସେବାଗ୍ରାମରେ ଦେଖା ହେଲା ବେଳେ ଦୁଃଖ କରି କହିଥିଲେ- ସେ ବାଡ଼ି ପଞ୍ଚଗନିରେ ହଜାଇ ଦେଇଛି।'

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଫକୀର ମିଶ୍ର ଏ ସଂକ୍ରାନ୍ତରେ ଉଲ୍ଲେଖ କରିଛନ୍ତି ଯେ ପରେ ଆଚାର୍ଯ୍ୟ ମହାଶୟ, ଈଶ୍ୱରଲାଲ ବ୍ୟାସ ଓ ଗୋପବନ୍ଧୁ ଚୌଧୁରୀ ସେବାଗ୍ରାମ ଯାଇଥିବା ବେଳେ ଆଉ ଗୋଛାଏ ବାଡ଼ି ସାଙ୍ଗରେ ନେଇଥିଲେ। ଏହି ନିଦା କଣ୍ଟା ବାଉଁଶ ସରୁ ବାଡ଼ିଗୁଡ଼ିକୁ ତେଲ ଘଷି ନିଆଁରେ ସେକି ପାଗ କରାଯାଇଥିଲା। ଏମାନେ ଗାନ୍ଧୀଙ୍କୁ ଭେଟିବା ବେଳେ ବାଡ଼ି ବିଡ଼ାଟି ଥୋଇଦେଲେ। ଘଷାମଜା ଓ ସେକ ଖାଇ ଚିକ୍କଣ ହୋଇଥିବା ବାଡ଼ି ଗୋଛା ଭିତରୁ ଖଣ୍ଡିଏ ରଖି ଅନ୍ୟତକ ଫେରାଇ ଦେଲେ। ଗୋପବନ୍ଧୁ ଚୌଧୁରୀ ସେ ସମୟର ଅନୁଭବ ସୁନ୍ଦର ଭାବେ ଉଲ୍ଲେଖ କରିଛନ୍ତି। ବାଡ଼ିଟି ରଖି ଗାନ୍ଧିଜୀ କହିଥିଲେ, 'ଏ ବାଡ଼ି ହେଲା ସତ; ମାତ୍ର ଏ ବାଡ଼ି ସେ ବାଡ଼ି ନୁହେଁ।' ଏ ସଂକ୍ରାନ୍ତରେ କିଛି ସହକର୍ମୀ ଆଶ୍ଚର୍ଯ୍ୟ ପ୍ରକଟ କରିବାରୁ ଗାନ୍ଧିଜୀ ବୁଝାଇ ଦେଇଥିଲେ ଯେ 'ପୂର୍ବ ବାଡ଼ିଟିରେ ଆଚାର୍ଯ୍ୟ ହରିହରଙ୍କ ସ୍ନେହ, ପ୍ରେମ ଓ ତ୍ୟାଗର ଭାବନା ଜଡ଼ିତ ହୋଇଥିଲା। ସେ ବାଡ଼ିରେ ଥିବା ମଧୁର ସ୍ମୃତି ଏ ବାଡ଼ିରେ ମିଳିବ କେଉଁଠୁ?'

ଏଠାରେ ଉଲ୍ଲେଖନୀୟ ଯେ ଗାନ୍ଧିଜୀଙ୍କୁ ଭଲ ପାଉଥିବା ଲୋକେ ଅନେକ ସମୟରେ ଗାନ୍ଧୀଙ୍କ ଜିନିଷ ପାଖରେ ରଖିବା ପାଇଁ ଲୁଚାଇ କରି ନେଇଯାଉଥିଲେ। ସେ ଅଣ୍ଟାରେ ଖୋସୁଥିବା ଝୁଲା ଘଣ୍ଟା କେତେବେଳେ ହଜିଯାଉଥିଲା ତ ଆଉ କେତେବେଳେ ତାଙ୍କ ବାଡ଼ି ସମେତ ଅନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବି ଲୋକେ ନେଇ ସାଇତି ରଖି ଗର୍ବର ସହିତ କହୁଥିଲେ ଯେ ଗାନ୍ଧିଜୀଙ୍କ ସ୍ମାରକୀ ତାଙ୍କ ପାଖରେ ଅଛି ବୋଲି।

୧୯୩୮ ମାର୍ଚ୍ଚ ଶେଷ ସପ୍ତାହରେ ଆଚାର୍ଯ୍ୟ ହରିହରଙ୍କ ଠାରୁ ଉପହାର ଭାବେ ପାଇଥିବା ବାଡ଼ି ଖଣ୍ଡକ ସେ ୧୯୪୪ ଜୁଲାଇ ମାସ ପର୍ଯ୍ୟନ୍ତ ବ୍ୟବହାର କରୁଥିଲେ। ଏମିତିକି କାରାମୁକ୍ତ ହେବା ପରେ ବମ୍ବେରେ ସେ 'ରାମରାଜ୍ୟ' ଓ 'ମିଶନ-ଟୁ-ମସ୍କୋ' ଭଳି ଚଳଚ୍ଚିତ୍ର ଦେଖିବା ବେଳେ ବି ଏହି ବାଡ଼ି ଖଣ୍ଡକ ଧରି ଯାଇଥିଲେ। କାରାମୁକ୍ତ ହୋଇଥିବା ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କୁ ପଞ୍ଚଗନି ଡକାଇ ତାଙ୍କର ପ୍ରାକୃତିକ ଚିକିତ୍ସା କରାଇବା ବେଳେ ଏହି ବାଡ଼ି ଖଣ୍ଡକ ବି ତାଙ୍କ ସହିତ ଥିଲା। କିନ୍ତୁ ସେହି ପଞ୍ଚଗନିରେ ଏହା ହଜିଯାଇଥିଲା। ପରେ ପରେ ସେ ସେବାଗ୍ରାମ ଆଶ୍ରମ ଫେରିଥିଲେ ଏବଂ ସେଠାରେ ଆଚାର୍ଯ୍ୟ ହରିହରଙ୍କଠାରୁ ଯେଉଁ ଅନ୍ୟ ବାଡ଼ିଟି ପାଇଥିଲେ ତାହା ଥିଲା ତାଙ୍କ ଜୀବନର ଶେଷ ସମ୍ପତ୍ତି। ଏହି ବାଡ଼ି ମାଧ୍ୟମରେ ସେ ଆଚାର୍ଯ୍ୟ ମହାଶୟଙ୍କୁ ସ୍ମରଣ କରିବା ସହିତ ଓଡ଼ିଶା ମାଟିକୁ ବି ବାରମ୍ବାର ଅନୁଭବ କରୁଥିଲେ।

ଗାନ୍ଧିଜୀ ବାରମ୍ବାର ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶା ତାଙ୍କ ପାଇଁ ପାଲଟିଯାଇଥିଲା ଏକ ତୀର୍ଥ କ୍ଷେତ୍ର ଏବଂ ଓଡ଼ିଶାର ସେବା ମାଧ୍ୟମରେ ସେ ସମଗ୍ର ଦେଶ ଏମିତିକି ବିଶ୍ୱର ସେବା କରିବାକୁ ଚାହାନ୍ତି। ୧୯୨୧ ମସିହାରେ ପ୍ରଥମ ଓଡ଼ିଶା ଗସ୍ତରୁ ଫେରିବା ପରେ ଓଡ଼ିଶାର ଦୁଃଖଦୁର୍ଦ୍ଦଶା ଓ କଙ୍କାଳସାର ଲୋକଙ୍କ ଚେହେରା ତାଙ୍କୁ ବ୍ୟଥିତ କରୁଥିଲା। ପ୍ରାୟ ୬ମାସ ଧରି ଦେଶର ବିଭିନ୍ନ ସ୍ଥାନରେ ଓ ଗଣମାଧ୍ୟମରେ ସେ ଏହା ବର୍ଣ୍ଣନା କରି ଚାଲୁଥିଲେ। ପରେ ସେହିବର୍ଷ ସେପ୍ଟେମ୍ବର ୨୯ ତାରିଖରେ ଗାନ୍ଧିଜୀ ନିଷ୍ପତ୍ତି ନେଲେ ଆଉ ଟୋପି, କୁର୍ତ୍ତା କିମ୍ବା ଲମ୍ବା ଧୋତି ଆଦି ନପିନ୍ଧି ଆଣ୍ଠୁ ଲୁଚୁନଥିବା ଖଦି ପିନ୍ଧିବେ ବୋଲି। ଗୋପବନ୍ଧୁ ଚୌଧୁରୀ ଲେଖିଛନ୍ତି, 'କିଏ କହିବ, ଗାନ୍ଧୀ ଏ କଠୋର ବ୍ରତ ନେଲା ବେଳେ ତାଙ୍କ ଆଖି ଆଗରେ ଉତ୍କଳର ସେହି ଲଙ୍ଗଳା ଲୋକଙ୍କ ଚିତ୍ର ନାଚୁ ନ ଥିଲା?'

ଓଡ଼ିଶାର ବିକାଶ ପାଇଁ ଗାନ୍ଧିଜୀ ନକ୍ସା ଆଙ୍କୁଥିଲେ। ନିଶା, ଆଳସ୍ୟ ଓ ଜଡ଼ତା କବଳରୁ ମୁକ୍ତ ହୋଇ ଓଡ଼ିଶା ନିଜକୁ ଦେଶର ଖାଦ୍ୟ ଓ ଖଦିର ଭଣ୍ଡାରରେ ପରିଣତ କରିପାରିଲେ ଏବଂ ପ୍ରାକୃତିକ ସମ୍ବଳର ସୁରକ୍ଷା ଓ ସଦୁପଯୋଗ ସହିତ ମାନବ ସମ୍ବଳର ଠିକଣା ବିନିଯୋଗ ମାଧ୍ୟମରେ ଓଡ଼ିଶା ଦେଶର ଅନ୍ୟତମ ରାଜ୍ୟରେ ପରିଣତ ହୋଇପାରିବ ବୋଲି ଗାନ୍ଧିଜୀଙ୍କ ଆଶା ଏବେ ବି ଆଶାରେ ରହିଯାଇଛି। ତେବେ ସେ ବାଡ଼ି ଧରି ଚାଲୁଥିବାର ଫଟୋ କିମ୍ବା ପ୍ରତିମୂର୍ତ୍ତି ଆଜିର ଦିନରେ ବି ଓଡ଼ିଆ ଜାତିକୁ ଆଗେଇବା ପାଇଁ ସଂକେତ ଦେଉଛି। ଗାନ୍ଧିଜୀ ବ୍ୟବହାର କରୁଥିବା ଓଡ଼ିଶାର ଶେଷ ସନ୍ତକ ବାଡ଼ି ଖଣ୍ଡକ ଏବେ ଦିଲ୍ଲୀର ସଂଗ୍ରାହଳୟରେ ସଂରକ୍ଷିତ ହୋଇ ରହିଥିବା ବେଳେ ଆମ ଅସ୍ମିତାକୁ ବାରମ୍ବାର ଉଜାଗର କରାଉଛି।

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

## କୌଶଳ-ବିହୀନ ଶିକ୍ଷା

**ଜଗଜିବନ ସେଠି**

ଏକ ରାଷ୍ଟ୍ରର ଅଭିବୃଦ୍ଧି ସେହି ଦେଶର ଶିକ୍ଷା ବ୍ୟବସ୍ଥା, ନେତୃତ୍ୱର ଗୁଣବତ୍ତା ଏବଂ ଏହାର ବ୍ୟବସାୟ ତଥା ନୂତନ ଜ୍ଞାନକୌଶଳକୁ ଆପଣାଇବା ଆଦି କାରକ ସହିତ ପରିପୂରକ। ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ପାରମ୍ପରିକ ଶିକ୍ଷା ସହିତ ବର୍ତ୍ତମାନର ଅତ୍ୟାବଶ୍ୟକତା ଡିଜିଟାଲ ଶିକ୍ଷା ଭାରତ କ୍ଷେତ୍ରରେ ବେଶ୍ ପ୍ରଭାବଶାଳୀ ହୋଇପାରିନାହିଁ ଏବଂ କୌଶଳ ହାସଲରେ ମଧ୍ୟ ବେଶ୍ ତାରତମ୍ୟତା ଦେଖିବାକୁ ମିଳିଛି। ସବୁଠାରୁ ବିସ୍ମୟକର କଥା ହେଲା ଶିକ୍ଷାକ୍ଷେତ୍ର ବିସ୍ତାର ହେଉଥିବା ବେଳେ ଶିକ୍ଷା ବ୍ୟବସ୍ଥାରେ ଅବନତି ଘଟୁଥିବାର ଉଦାହରଣମାନ ମିଳୁଛି। ଏହି ପ୍ରସଙ୍ଗରେ 'କାଗଜ ଯୋଗ୍ୟତା' ଅଭିବ୍ୟକ୍ତି ଗୁରୁତ୍ୱପୂର୍ଣ୍ଣ।

ଭାରତୀୟ ଶିକ୍ଷା ସମ୍ପର୍କରେ ବିଶ୍ୱ ଅର୍ଥନୈତିକ ଫୋରମ ଦ୍ୱାରା ୨୦୨୦ରେ ପ୍ରକାଶିତ ଏକ ସନ୍ଦର୍ଭରେ ଉଲ୍ଲେଖ ଅଛି ଯେ ମୋଟ ଇଞ୍ଜିନିୟର ସ୍ନାତକଧାରୀଙ୍କ ମଧ୍ୟରୁ ମାତ୍ର ୨୦ ପ୍ରତିଶତ ଏବଂ ସାଧାରଣ ସ୍ନାତକମାନଙ୍କ ମଧ୍ୟରୁ ମାତ୍ର ୧୦ ପ୍ରତିଶତଙ୍କ ନିଯୁକ୍ତି ଯୋଗ୍ୟତା ବା ଦକ୍ଷତା ରହିଛି। ୨୦୨୪ରେ ନିତି ଆୟୋଗ ଦ୍ୱାରା ପ୍ରକାଶିତ 'ଇଲେକ୍ଟ୍ରୋନିକ୍: ପାୱାର ଇଣ୍ଡିଆସ୍ ପାର୍ଟିସିପେସନ୍ ଇନ୍ ଗ୍ଲୋବାଲ୍ ଭାଲ୍ୟୁ ଚେନ୍' ଶୀର୍ଷକ ନିବନ୍ଧରେ ଉଲ୍ଲେଖ ରହିଛି ଯେ ୮୦% ଇଲେକ୍ଟ୍ରୋନିକ ଇଞ୍ଜିନିୟର ସେମାନଙ୍କ କ୍ଷେତ୍ର ସହିତ ଜଡ଼ିତ ଆବଶ୍ୟକ କୌଶଳ ହାସଲ କରି ପାରିନାହାନ୍ତି। ୨୦୧୫ ମସିହାରେ ଆରମ୍ଭ ହୋଇଥିବା 'କୌଶଳ ଭାରତ' ବା 'ସ୍କିଲ୍ ଇଣ୍ଡିଆ' ଅଭିଯାନ ମଧ୍ୟ ଏ ଦିଗରେ ଯଥେଷ୍ଟ ପ୍ରଭାବଶାଳୀ ହୋଇପାରି ନାହିଁ। କୃତ୍ରିମ ବୁଦ୍ଧିମତ୍ତା, ମେସିନ ଲର୍ଣ୍ଣି, ବିଗ୍ ଡାଟା ଆନାଲିଟିକ୍ସ ତଥା ଉନ୍ନତ କ୍ଷେତ୍ରଗୁଡ଼ିକରେ ଭାରତୀୟ ଶିକ୍ଷା ବ୍ୟବସ୍ଥାର ସାମର୍ଥ୍ୟ ଏବଂ ଏହାର ଶୈକ୍ଷିକ ଆଧାରର କ୍ଷମତା ମଧ୍ୟରେ ଆନୁପାତିକ ବ୍ୟବଧାନ ରହିଛି। ଅପରପକ୍ଷରେ ସରକାରୀ ପରିଚାଳିତ ଧନ୍ଦାମୂଳକ କୌଶଳ ଶିକ୍ଷା ମଧ୍ୟ ବିଫଳ ହେବାରେ ଲାଗିଛି। ଉଦାହରଣ ସ୍ୱରୂପ, କୃତ୍ରିମ ବୁଦ୍ଧିମତ୍ତା ଏକ ବିପ୍ଳବ ରୂପେ ଉଭା ହୋଇଥିବା ବେଳେ ଭାରତ ଭଳି ଜନବହୁଳ ରାଷ୍ଟ୍ର କେବଳ ଏକ ଉପଭୋକ୍ତା ସାଜିଛି। ଚୀନ୍, ଭାରତଠାରୁ ୩୦ଗୁଣ ଅଧିକ କୃତ୍ରିମ ବୁଦ୍ଧିମତ୍ତା ଢାଞ୍ଚା ବିକାଶ କରିସାରିଛି। ୨୦୧୪ ମସିହା ଠାରୁ ୨୦୨୩ ମସିହା ମଧ୍ୟରେ ଭାରତ ୧୩୫୦ଟି କୃତ୍ରିମ ବୁଦ୍ଧିମତ୍ତା ଢାଞ୍ଚା ବିକାଶ କରିଥିବା ବେଳେ ଚୀନ୍‌ର ପ୍ରଦର୍ଶନ ୩୮୨୧୦ ରହିଛି।



ନୂତନ ଶିକ୍ଷାନୀତି ଭାରତୀୟ ଶିକ୍ଷା ବ୍ୟବସ୍ଥାରେ କାୟାକଳ୍ପ ବଦଳାଇବା ପାଇଁ ଲକ୍ଷ୍ୟ ରଖିଥିବା ବେଳେ ଓଡ଼ିଶା ସରକାର ମଧ୍ୟ ଏହାକୁ ଲାଗୁ କରାଇ ସାରିଲେଣି, ଯେଉଁଥିରେ ବିକଶିତ ଦେଶଗୁଡ଼ିକର ଶିକ୍ଷା ବ୍ୟବସ୍ଥା ସହ ପ୍ରତିଯୋଗିତା କରିବାର ସମ୍ପୂର୍ଣ୍ଣ ସୁଯୋଗ ରହିଛି। ଯେତେବେଳେ ଶିକ୍ଷା ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନର ସମୟ ଆସିଛି କୌଶଳ ବୃଦ୍ଧିର ଦିଗଗୁଡ଼ିକୁ ଅଣଦେଖା କରିବା ଅନୁଚିତ। ଡିଜିଟାଲ ଶିକ୍ଷାକୁ ଠିକ୍ ଭାବେ ଲାଗୁ ନ କରି ପାରିଲେ ଏହାର ପରିଣାମ ଭୟଙ୍କର ହେବ। ଏହି ପରିପ୍ରେକ୍ଷୀରେ ପିସା ଆଇସିଟି ୨୦୧୮ ସର୍ଭେ ବିଷୟରେ ଆଲୋକପାତ କରାଯାଇପାରେ। ଏହି ସର୍ଭେ ରିପୋର୍ଟ ଅନୁସାରେ ଡିଜିଟାଲ ଉପକରଣ ବ୍ୟବହାର କରୁଥିବା ଶିକ୍ଷାର୍ଥୀଙ୍କ ୩୪ ପ୍ରତିଶତ ପଠନ କ୍ଷମତା, ୩୯ ପ୍ରତିଶତ ଗଣିତ ଜ୍ଞାନ, ୨୮ ପ୍ରତିଶତ ବିଜ୍ଞାନ ଜ୍ଞାନରେ ଅବନତି ଘଟିଛି। ତେଣୁ ନୂତନ ଶିକ୍ଷାନୀତି ୨୦୨୦ ଲାଗୁ କରିବା ବେଳେ ସଫଳ ହେବାର ଉତ୍କଣ୍ଠା ଓ ବିଫଳ ହେବାର ଭୟକୁ କିପରି ସମନ୍ୱିତ ଭାବେ ନିୟନ୍ତ୍ରଣ କରିହେବ ସେଦିଗରେ ଯଥେଷ୍ଟ ଗବେଷଣା ହେବା ଆବଶ୍ୟକ।

ଶିକ୍ଷା ଓ ଦକ୍ଷତା ବିଷୟରେ ଆଲୋଚନା କଲାବେଳେ ନୋବେଲ ବିଜେତା ଅମର୍ତ୍ତ୍ୟ ସେନଙ୍କ ଏକ ଉପଦେଶକୁ ମନେପକାଇବା ଉପଯୋଗୀ ହେବ - 'ଅଶିକ୍ଷିତ ତଥା ଅସ୍ୱାସ୍ଥ୍ୟକର ଶ୍ରମଶକ୍ତି ସହିତ ଭାରତ ବିଶ୍ୱ ଅର୍ଥନୀତିର ମୁଖ୍ୟ ହେବାକୁ ଚାହୁଁଛି।' ଶିକ୍ଷା ଅର୍ଜନରେ ବ୍ୟକ୍ତିଗତ ସ୍ଥିରତା ହେଉଛି କୌଣସି କୌଶଳ ହାସଲ କରିବାର ଶ୍ରେଷ୍ଠ ମାଧ୍ୟମ। ଦକ୍ଷତା ହାସଲ ନିମନ୍ତେ ଦୁଇଟି କାରକ ନିହାତି ଆବଶ୍ୟକ। ପ୍ରଥମଟି ହେଲା ଉଚ୍ଚ ବୈଧତା ସମ୍ପନ୍ନ ପରିବେଶ, ଯାହା ଶିକ୍ଷାର୍ଥୀଙ୍କୁ ଶିଖିବାକୁ ସୁଯୋଗ ପ୍ରଦାନ କରିଥାଏ ଏବଂ ଦ୍ୱିତୀୟଟି ହେଲା ଦୀର୍ଘ ସମୟ ଅଭ୍ୟାସ ମାଧ୍ୟମରେ ଶିଖିବାର ସୁଯୋଗ। ମୁଁ ଶିକ୍ଷକ ଥିଲା ବେଳେ ଦେଖିଛି. ଯେଉଁସବୁ ଅଞ୍ଚଳରେ ଡିଜିଟାଲ ଉପକରଣ ପ୍ରଚଳନ ନଥିଲା ଆଉ ଆଧୁନିକତାର ଆଢୁଆଳରେ ହଠାତ୍ ଏହାକୁ ବ୍ୟବହାର କରିବାକୁ ଲାଗିଲେ ସେମାନେ ଡିଜିଟାଲ ଉପକରଣକୁ କେବଳ ଚିତ୍ତବିନୋଦନର ଏକ ମାଧ୍ୟମ ରୂପେ ବ୍ୟବହାର କରୁଛନ୍ତି। ଅତଏବ ଭାରତ ବିଶ୍ୱଶକ୍ତି ହେବାର ସ୍ୱପ୍ନ ପୂରଣ କରିବାକୁ ହେଲେ ଶିକ୍ଷାରେ ଯେଉଁ କ୍ରାନ୍ତି ପାଇଁ ବ୍ୟବସ୍ଥାଟିଏ ତିଆରି କରାଯାଇଛି, ତା'କୁ ସୁପରିଯୋଜିତ ଢଙ୍ଗରେ ଲାଗୁ କରାଯିବା ଆବଶ୍ୟକ। ଡିଜିଟାଲ ଉପକରଣର ବ୍ୟବହାର ସହ କୌଶଳ ବୃଦ୍ଧି କିପରି ଏହି ସଂଯୋଗ ସକାରାତ୍ମକ ପରିଣାମ ଦେବ ତା'କୁ ବିଶେଷ ଧ୍ୟାନ ଦେବା ଆବଶ୍ୟକ ରହିଛି।

(ସହକାରୀ ଆୟୁକ୍ତ, ଅର୍ଥ ବିଭାଗ)
ମୋ: ୮୯୮୪୦୪୯୫୨୧

## ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

### ସଦାବିହାର

**ସୌଭାଗ୍ୟସୁନ୍ଦର**

(ପୂର୍ବପ୍ରକାଶିତ ଉତ୍ତାରୁ...)

ସଦାବିହାରର ଔଷଧୀୟ ଗୁଣ ବିଷୟରେ ଆମେ ଗତ ସପ୍ତାହରେ ପଢ଼ିଥିଲେ। ଏହି ସପ୍ତାହରେ ଆମେ ଏହାର ଆଧ୍ୟାତ୍ମିକ ଓ ଆଳଙ୍କାରିକ ମହତ୍ତ୍ୱ ବିଷୟରେ ପଢ଼ିବା। ସଦାବିହାର ବିବିଧ ଜଳବାୟୁ ଓ ଭିତ୍ତିଭୂମିରେ ଶୀଘ୍ର ବିସ୍ତାର କରିପାରେ, ଏପରିକି ଅନ୍ୟାନ୍ୟ ବୃକ୍ଷଲତା ସହିତ ପ୍ରତିଦ୍ୱନ୍ଦ୍ୱିତା କରି ଅଗ୍ରସର ହୁଏ ଏବଂ ନିଜର ଆଧିପତ୍ୟ ପ୍ରତିଷ୍ଠିତ କରିପାରେ। ଯେକୌଣସି ପରିସ୍ଥିତିରେ, କମ୍ ଉର୍ବରଯୁକ୍ତ ମାଟିରେ ମଧ୍ୟ ବଢ଼ିବାରେ ଏହାର ଅତ୍ୟନ୍ତ ଅନୁକୂଳନ କ୍ଷମତା ରହିଛି। ସଦାବିହାର ବିଶ୍ୱର ଉଷ୍ମମଣ୍ଡଳୀୟ ଓ ଉପକ୍ରାନ୍ତୀୟମଣ୍ଡଳୀୟ ଅଞ୍ଚଳରେ ବ୍ୟାପକ ଭାବରେ ଚାଷ କରାଯାଉଛି। ଭାରତ, ଅଷ୍ଟ୍ରିଆ, ଚୀନ୍ ଓ ଆଫ୍ରିକାର କିଛି ଅଂଶ ସମେତ ଅନେକ ଦେଶରେ ବାଣିଜ୍ୟିକ ଦୃଷ୍ଟିକୋଣରୁ ଏହାର ବ୍ୟାପକ ଚାଷ ହୁଏ। ଉଭିଦର ସମସ୍ତ ଅଂଶ ବିଷାକ୍ତ। ତେଣୁ ଏହାର ମାତ୍ରାଧିକ ବ୍ୟବହାରରେ, ଯେଉଁ ଲକ୍ଷଣଗୁଡ଼ିକ ଦୃଶ୍ୟମାନ ହୁଏ ତାହା ହେଉଛି ସାମାନ୍ୟ ପେଟ କଷ୍ଟ, ହୃଦରୋଗ ଜଟିଳତା, ରକ୍ତଚାପ ହ୍ରାସ, ପକ୍ଷାଘାତ, ଏପରିକି ମୃତ୍ୟୁ ମଧ୍ୟ। ଏ ସମ୍ପର୍କରେ ଆହୁରି ଅନେକ ଗବେଷଣା ହେବା ଜରୁରୀ।

ସଦାବିହାର ଫୁଲ ହିନ୍ଦୁ ଧର୍ମର ପ୍ରମୁଖ ଦେବତାମାନଙ୍କ ମଧ୍ୟରୁ ଭଗବାନ ବିଷ୍ଣୁଙ୍କ ପୂଜା ସହିତ ଜଡ଼ିତ। ବିଶ୍ୱାସ କରାଯାଏ ଯେ ଭଗବାନ ବିଷ୍ଣୁଙ୍କ କେଶକୁ ସଜାଇବା ପାଇଁ ଏହି ଫୁଲ ବ୍ୟବହାର କରାଯାଇଥିଲା। ବୈଜୟନ୍ତୀମାଳା, ଯାହାକୁ 'ବିଜୟନ୍ତୀ' କିମ୍ବା 'ବୈଜୟନ୍ତୀ' କୁହାଯାଏ, ସଦାବିହାର ଫୁଲରୁ ତିଆରି ଏକ ପବିତ୍ର ମାଳା। ଏହା ବିଶେଷକରି ହିନ୍ଦୁ ପରମ୍ପରାରେ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ଓ ସାଂସ୍କୃତିକ ଗୁରୁତ୍ୱ ବହନ କରେ। ପ୍ରାଚୀନ ଗ୍ରୀକ୍ ପୌରାଣିକ କାହାଣୀରେ, ସଦାବିହାର ଫୁଲ ସୌନ୍ଦର୍ଯ୍ୟ, ପବିତ୍ରତା ଓ କୃପା ଗୁଣର ପ୍ରତୀକ। ସଦାବିହାର ଫୁଲ ପ୍ରାୟତଃ ଅନନ୍ତ ପ୍ରେମ, ବିଶ୍ୱସ୍ତତା, ବନ୍ଧୁତା ଓ ଆଧ୍ୟାତ୍ମିକ ଶକ୍ତି ଭଳି ଧାରଣା ସହିତ ଜଡ଼ିତ। ୱିଲିୟମ୍ ସେକ୍ସପିୟରଙ୍କ ନାଟକ 'ହାମଲେଟ୍'ରେ ଓଫେଲିଆ ହାମଲେଟ୍‌ଙ୍କୁ ସଦାବିହାର ସମେତ ଫୁଲର ଏକ ଗୁଚ୍ଛ ଦେଇଛନ୍ତି, ଯାହା ତାଙ୍କର ଅଟଳ ପ୍ରେମକୁ ପ୍ରଦର୍ଶିତ କରୁଛି। ସେହିପରି ଜନ୍ ଗ୍ରୀନ୍‌ଙ୍କ ଲିଖିତ 'ଦି ଫଲ୍ଟ ଇନ୍ ଆୱାର୍ ଷ୍ଟାର୍ସ' ଉପନ୍ୟାସରେ ଅଗଷ୍ଟସ୍ ୱାଟର୍ସ ଚରିତ୍ର ହେଜେଲ୍ ଗ୍ରେସ୍ ଲାଙ୍କାଷ୍ଟରଙ୍କୁ ତାଙ୍କ ପ୍ରେମ ଓ ଭକ୍ତିକୁ ପ୍ରତିନିଧିତ୍ୱ କରିବା ପାଇଁ ସଦାବିହାର ଫୁଲ ଦେବା ବିଷୟ ଉଲ୍ଲେଖ ରହିଛି।

ଏହି ଫୁଲର ଆଧ୍ୟାତ୍ମିକ ଓ ଭାବପ୍ରବଣ ଦୃଷ୍ଟିରୁ ଦୃଢ଼ତା, ସ୍ଥିରତା ଓ କଷ୍ଟସହିଷ୍ଣୁ କ୍ଷମତା ସହିତ ସଂଶ୍ଳିଷ୍ଟ କରାଯାଏ। ଏହି ଫୁଲ ସାହିତ୍ୟ ଓ କଳାରେ ମଧ୍ୟ ଗୁରୁତ୍ୱ ରଖେ ବୋଲି ଜଣାଯାଏ। ସ୍ୱପ୍ନ ଦୁନିଆରେ ସଦାବିହାର ଫୁଲଗୁଡ଼ିକ ଜଣେ ବ୍ୟକ୍ତିଙ୍କ ପ୍ରତିବନ୍ଧକଗୁଡ଼ିକୁ ଅତିକ୍ରମ କରିବାର କ୍ଷମତାକୁ ପ୍ରତିନିଧିତ୍ୱ କରେ ବୋଲି କୁହାଯାଏ। ଏଗୁଡ଼ିକୁ ସ୍ଥିରତା ଓ ଆନ୍ତରିକ ଶକ୍ତିର ପ୍ରତୀକ ଭାବରେ ମଧ୍ୟ ବିବେଚନା କରାଯାଏ, ଯାହା ଆଶା ପ୍ରଦାନ କରେ ଯେ ଜଣେ ପ୍ରତିକୂଳତାକୁ ଦୂର କରି ବିଜୟୀ ହୋଇପାରିବ। ଏହି ଫୁଲର ସ୍ପନ୍ଦନଶୀଳ ନୀଳ କିମ୍ବା ବାଇଗଣୀ ରଙ୍ଗ ଆଧ୍ୟାତ୍ମିକ ବିକାଶ ଏବଂ ଜ୍ଞାନକୁ ପ୍ରତିନିଧିତ୍ୱ କରେ। ଖ୍ରୀଷ୍ଟିଆନ ପରମ୍ପରାରେ, ଫୁଲକୁ ଭର୍ଜିନ୍ ମେରୀଙ୍କ ପବିତ୍ରତାର ପ୍ରତୀକ ଭାବରେ ବିବେଚନା କରାଯାଏ ଏବଂ ସେଲ୍ଟିକ୍ ଲୋକକଥା ଏହାକୁ ମନ୍ତ୍ରମୁଗ୍ଧ ଓ ଯାଦୁକରୀ ପ୍ରାଣୀଙ୍କ ସହିତ ଜଡ଼ିତ କରେ। ଜାପାନୀ ସଂସ୍କୃତିରେ, ଏହି ଫୁଲ ସୌଭାଗ୍ୟ ଆଣିଥାଏ ବୋଲି ବିଶ୍ୱାସ ରହିଥିବା ବେଳେ ରୁଷୀୟ ଲୋକକଥା ସୂଚାଇଥାଏ ଯେ ଫୁଲଟି ନକାରାତ୍ମକ ଶକ୍ତିକୁ ପ୍ରତିହତ କରିବାରେ ଏକ ଶକ୍ତିଶାଳୀ ତାବିଜ। ପ୍ରାଚୀନ ଗ୍ରୀକ୍ ପୌରାଣିକ କାହାଣୀରେ, ଏହି ଫୁଲ ଦେବୀ ପର୍ସେଫୋନଙ୍କ ସହିତ ଜଡ଼ିତ ଥିଲା, ଯିଏ ପାତାଳ ଜଗତର ରାଣୀ ଥିଲେ। (ସମାପ୍ତ)

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ସରକାରୀ ଦପ୍ତରରେ ଝୁଲୁଛି ତାଲା

# ଆବାସିକ ଗୃହରେ ଚାଲିଛି ସରକାରୀ କାର୍ଯ୍ୟ

## ଗ୍ରାମ୍ୟ ଉନ୍ନୟନ ବିଭାଗର ବିଚିତ୍ର ନୀତି




ଭଦ୍ରେଶ୍ୱର,୧୬।୨(ସମିସ): ସରକାରୀ କାର୍ଯ୍ୟ କରିବା ପାଇଁ ଯନ୍ତ୍ରୀଙ୍କୁ ସରକାରୀ ଦପ୍ତର ମିଳିଛି। ଆବଶ୍ୟକ ବ୍ୟବସ୍ଥା କରାଯାଇଛି; କିନ୍ତୁ ଯନ୍ତ୍ରୀ ନିଜ ଆବାସିକ କ୍ଷେତ୍ରରେ ସରକାରୀ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଏପରିକି ଆବାସିକ କ୍ଷେତ୍ରରେ ଦୁର୍ନୀତିଖୋର ଠିକାଦାରଙ୍କ ସାହାଣମେଳା ଦେଖିବାକୁ ମିଳିଥିବା ବେଳେ ସାଧାରଣ ଲୋକ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଯନ୍ତ୍ରୀ ଟାଣିଛନ୍ତି ଲକ୍ଷ୍ମଣରେଖା। ଯଦି କେହି ସରକାରଙ୍କ ଉନ୍ନୟନ କାର୍ଯ୍ୟର ତଥ୍ୟ ପାଇଁ ବିଭାଗୀୟ କାର୍ଯ୍ୟାଳୟକୁ ଯାଉଛନ୍ତି ତେବେ କୌଣସି ନା କୌଣସି ଆଳ ଦେଖାଇ ଯନ୍ତ୍ରୀ ଚତୁରତାର ସହ ଉତ୍ତର ଦେଇ ନିଜକୁ ଆବାସିକ କ୍ଷେତ୍ରରେ ସୁରକ୍ଷିତ ରହୁଛନ୍ତି। ଏପରି ଏକ ନଜିର ଦେଖିବାକୁ ମିଳିଛି କଟକ ଜିଲ୍ଲା ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ। ସରକାର ଏହି ବିଭାଗ ପାଇଁ କାର୍ଯ୍ୟାଳୟଟିଏ ଦେଇଛନ୍ତି ଓ କାର୍ଯ୍ୟାଳୟ ସଲଗ୍ନରେ ଯନ୍ତ୍ରୀ ରହିବା ପାଇଁ ଏକ ଆବାସିକ କ୍ଷେତ୍ର କରିଛନ୍ତି। କାରଣ ସରକାରୀ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ଏଭଳି ସୁବନ୍ଦୋବସ୍ତ କରିଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଏହାର ସଦୁପଯୋଗ ପରିବର୍ତ୍ତେ ଆବାସିକ କ୍ଷେତ୍ରକୁ ନିଜ ଦୁର୍ନୀତିର ପ୍ରୟୋଗଶାଳା ବନାଇଦେଇଛନ୍ତି। ବିଭାଗ ଅଧୀନରେ ହେଉଥିବା ବହୁ ଉନ୍ନୟନ କାର୍ଯ୍ୟରେ ଦୁର୍ନୀତିର ଛାପ ଦେଖିବାକୁ ମିଳିଛି।

ମାହାଙ୍ଗା ବ୍ଲକ ଖନ୍ଦଳ ଗ୍ରାମ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଦୀର୍ଘ ୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଦାୟିତ୍ୱରେ ରହି ଆସୁଛନ୍ତି। ଯନ୍ତ୍ରୀଙ୍କ କାର୍ଯ୍ୟକାଳ ସମୟରେ ବହୁ ଦୁର୍ନୀତି ସାମ୍ନାକୁ ଆସିଛି। କେଉଁଠି ନିର୍ମାଣାଧୀନ ରାସ୍ତାରେ ସିମେଣ୍ଟ ଗୋଡି ବାହାରି ଗଲାଣି ତ କେଉଁଠି ନିର୍ମାଣାଧୀନ ପିଚୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଲାଣି। ଏପରିକି ଦୁର୍ନୀତିର ଗୁମର ଫିଟିବା ଭୟରେ ନିର୍ମାଣାଧୀନ କାର୍ଯ୍ୟସ୍ଥଳରେ ସୂଚନାଫଳକ ଲଗାଉ ନାହାନ୍ତି। ବିଭାଗୀୟ ତଦନ୍ତକୁ ବାଟବଣା କରିବା ପାଇଁ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ସକାଳେ ଯେଉଁ ସୂଚନାଫଳକ ପୋତାଯାଉଛି ସଂଧ୍ୟାରେ ନିଜ କାର୍ଯ୍ୟାଳୟର ଅଧିକାରୀଙ୍କ ଦ୍ୱାରା ଉକ୍ତ ସୂଚନାଫଳକକୁ ଓପାଡି ନିଆଯାଉଛି। ତେବେ ଘଟଣାକୁ ନେଇ ଖବର ସଂଗ୍ରହ କରିବାକୁ ଗଣମାଧ୍ୟମ ପ୍ରତିନିଧି ଯନ୍ତ୍ରୀଙ୍କ ଆବାସିକ କ୍ଷେତ୍ରକୁ ଗଲେ ନାଲି ଆଖି ଦେଖାଇ ଘଉଡାଇ ଦେଉଛନ୍ତି। ତାଲା ପଡିଥିବା ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରହି ମୋବାଇଲ ଯୋଗେ ଯନ୍ତ୍ରୀଙ୍କୁ କାର୍ଯ୍ୟାଳୟକୁ ଡାକିଲେ ମଧ୍ୟ କାର୍ଯ୍ୟାଳୟକୁ ଆସୁନାହାନ୍ତି ଯନ୍ତ୍ରୀ। ନିଜ ଆବାସିକ ଘରେ ରହିଥିଲେ ମଧ୍ୟ କହୁଛନ୍ତି ଏକ ଅକଳିଆ ଜାଗାରେ ରହିଛି ପରେ ଦେଖା କରିବି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯନ୍ତ୍ରୀଙ୍କୁ ରହିବା ପାଇଁ ସରକାରୀ ଭାବେ ଆବାସିକ କ୍ଷେତ୍ର ଯୋଗାଇ ଦିଆ ଯାଇଥିବା ବେଳେ ଏହି ଆବାସିକ କ୍ଷେତ୍ରଟି ଯନ୍ତ୍ରୀଙ୍କ ପାଇଁ କିପରି ଅକଳିଆ ଜାଗା ହୋଇଛି? ଏନେଇ ଦାୟିତ୍ୱରେ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ମୟୀ ପଲେଇଙ୍କୁ ପଚାରିବାରୁ ସେ କହିଥିଲେ, ଯନ୍ତ୍ରୀ ଜଣଙ୍କ ନିଜ ଆବାସିକ କ୍ଷେତ୍ରରେ କାର୍ଯ୍ୟାଳୟ ଚଳାଇଛନ୍ତି। ସେଥିପାଇଁ କାର୍ଯ୍ୟାଳୟରେ ତାଲା ପଡିଛି। ତେବେ, ଯଦି ଯନ୍ତ୍ରୀଙ୍କ ପାଇଁ ଆବାସିକ କ୍ଷେତ୍ର ଦପ୍ତର ପାଲଟିଛି ସେଠିକୁ ସାମ୍ବାଦିକମାନେ ଗଲେ ଯନ୍ତ୍ରୀଙ୍କର କେଉଁଠି ଅସୁବିଧା ରହୁଛି? ନା ଦୁର୍ନୀତିର ଗୁମର ଖୋଲିବା ଭୟରେ ସାମ୍ବାଦିକମାନେ ଆବାସିକ କ୍ଷେତ୍ରକୁ ଗଲେ ଚେଇଁକି ଉଠୁଛନ୍ତି ଯନ୍ତ୍ରୀ?

# ୩ ଖଣି କର୍ମଚାରୀଙ୍କୁ ଆକ୍ରମଣ, ୨ ଗିରଫ



ଟାଙ୍ଗୀ,୧୬।୨(ସମିସ): ରାଜ୍ୟ ଖଣି ନିଗମ ଅଧିକୃତ କଟକ ଜିଲ୍ଲା ଟାଙ୍ଗୀ ଥାନା ଗୋବିନ୍ଦପୁରସ୍ଥିତ ପାହାଡ଼ରେ କାର୍ଯ୍ୟରତ ୨ଜଣ ପଥର ଶ୍ରମିକ ସମେତ ୩ ଜଣଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସେମାନଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ଘଟଣାର ତଦନ୍ତ ପୂର୍ବକ ଟାଙ୍ଗୀ ପୁଲିସ ସ୍ଥାନୀୟ ଅଞ୍ଚଳର ବିକାଶ ଚିନ୍ନାରା (୨୬) ଓ ସୌମ୍ୟରଞ୍ଜନ ଚିନ୍ନାରା (୨୬) ଦୁଇ ଜଣଙ୍କୁ ଗିରଫକରି ରବିବାର ଅଦାଲତ ଚାଲାଣ କରିଛି। ଉକ୍ତ ଘଟଣାରେ ଅନ୍ୟଜଣେ ଫେରାର ଥିବା ଓ ଥାନା କେସ୍ ନଂ-୪୦/୨୫ ଅନୁଯାୟୀ ମାମଲା ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ବିକାଶ ସେଠୀ ସୂଚନା ଦେଇଛନ୍ତି। ତେବେ ଗୁରୁତର ୩ଜଣଙ୍କ ମଧ୍ୟରେ ରାଜସ୍ଥାନର ଅଶୋକ ସିଂ ଓ ମଧ୍ୟପ୍ରଦେଶର ଚନ୍ଦ୍ରପ୍ରତାପ ସିଂ ରହିଥିବା ବେଳେ କେନ୍ଦ୍ରାପଡ଼ା ଅଞ୍ଚଳର ଚନ୍ଦନ ଦାସ ରହିଥିବା ଜାଣିବାକୁ ମିଳିଛି। ପ୍ରକାଶଥାଉକି ମନ୍ଦିର ଆଦି ଦେବାଳୟ କାର୍ଯ୍ୟରେ ବ୍ୟବହୃତ ବଉଳମାଳା ପଥର ଉକ୍ତ ପାହାଡ଼ରେ ମହଜୁଦ୍ ରହିଛି। ଫଳରେ ରାଜ୍ୟ ଖଣି ନିଗମ ଏହାକୁ ଅଧିଗ୍ରହିତ କରି ଖନନ କାର୍ଯ୍ୟ ଜାରି ରଖିବା ସହ ବାହାରକୁ ଚାଲାଣ କରୁଛି। ଚାରିପଟେ ସୁରକ୍ଷାବାଡ଼ ଲାଗିଥିବାବେଳେ ଶୁକ୍ରବାର ବିଳମ୍ବିତ ରାତିରେ ୩ଜଣ ଦୁର୍ବୃତ୍ତ ନିଶାସକ୍ତ ଅବସ୍ଥାରେ ଉକ୍ତ ଅଞ୍ଚଳକୁ ପ୍ରବେଶ କରିଥିଲେ। ସେମାନଙ୍କୁ ବାଧା ଦେବାକୁ ଯାଇ ଉପରୋକ୍ତ ୩ ଜଣ ଆକ୍ରମଣର ଶିକାର ହୋଇଥିବା ଜାଣିବାକୁ ମିଳିଛି।

# ମରାମତି ସମୟରେ ଜଳିଗଲା ଗାଡ଼ି

ତ୍ରିଶୂଳିଆ,୧୬।୨(ସମିସ): ବାରଙ୍ଗ ଥାନା ନିକଟସ୍ଥ ଆନନ୍ଦ ବଜାରରେ ଏକ ଗାଡ଼ି ମରାମତି ଦୋକାନରେ ମରାମତି ସମୟରେ ଲାଗିଲା ନିଆଁ। ରବିବାର ଅପରାହ୍ନରେ ଚନ୍ଦକା ଅଞ୍ଚଳର ଏକ ଘରୋଇ ଶିଶୁ ମନ୍ଦିରର ପିଲାମାନଙ୍କୁ ନେବା ଆଣିବା କରୁଥିବା ଗାଡ଼ିଟି ମରାମତି ପାଇଁ ଆସିଥିଲା। ଗାଡ଼ିର ମରାମତି କରୁଥିବା ସମୟରେ ହଠାତ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଉପସ୍ଥିତ ଲୋକମାନେ ନିକଟସ୍ଥ ବାରଙ୍ଗ ଅଗ୍ନିଶମ ବାହିନୀ ଏବଂ ବାରଙ୍ଗ ଥାନାରେ ସୂଚନା ଦେଇଥିଲେ। ସୂଚନା ପାଇ ବାରଙ୍ଗ ଅଗ୍ନିଶମ ବାହିନୀ ଅଧିକାରୀ ଭୀମସେନ ଲେଙ୍କାଙ୍କ ନେତୃତ୍ୱ ଏକ ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।



# ରାଜ୍ୟ ମଧୁବୈଶ୍ୟ ସମାଜ ବାର୍ଷିକ ଭାଗବତ ସମ୍ମିଳନୀ



ତିଗିରିଆ,୧୬।୨(ସମିସ): ତିଗିରିଆ ବ୍ଲକ ଅଧୀନ ଗୋଡିଝରିଆସ୍ଥିତ ରାମେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ରବିବାର ନଅ ରାଜ୍ୟ ମଧୁବୈଶ୍ୟ ସମାଜର ବାର୍ଷିକ ଭାଗବତ ସମ୍ମିଳନୀ ଓ ୧୦୧ ତମ ବର୍ଷ ପୂର୍ତ୍ତି ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତିଗିରିଆ ରାଜ୍ୟ ସଭାପତି ପ୍ରହଲ୍ଲାଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ତିଗିରିଆ ରାଜ୍ୟ ପକ୍ଷରୁ ସ୍ୱାଗତ ସଂଗୀତ ପରିବେଷଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ୧୮ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ସମେତ ଓଏଏସ ପାଇଥିବା ଭବାନୀ ପ୍ରସାଦ ସାହୁ ଏବଂ ରାଜେଶ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ଧ୍ରୁବ ଚରଣ ସାହୁ, ସଂପାଦକ ବସନ୍ତ ସାହୁ, ସହସଂପାଦକ ଚତୁର୍ଭୁଜ ସାହୁ, ସଚ୍ଚିଦାନନ୍ଦ ସାହୁ, ପ୍ରଶାନ୍ତ ସାହୁ, ଇଂ ଲାଲମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ବାର୍ଷିକ ଚିଠା ପ୍ରସ୍ତୁତି ତଥା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା।

# ଭତ୍ତା ଚୟନରେ ପାତରଅନ୍ତର; ତଦନ୍ତ ଦାବି

ଟାଙ୍ଗୀ,୧୬।୨(ସମିସ): ସାମାଜିକ ସୁରକ୍ଷା ଭତ୍ତା ପାଇବା ନିମନ୍ତେ ଆବେଦନକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଭତ୍ତା ଚୟନରେ ପାତରଅନ୍ତର କରାଯାଉଛି। ଦୀର୍ଘଦିନର ଆବେଦନକାରୀଙ୍କୁ ଉପେକ୍ଷା କରାଯାଇ ନୂତନ ଆବେଦନକାରୀଙ୍କୁ ସ୍ଥାନିତ କରାଯାଉଛି। ଏଭଳି ଘଟଣା ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ କୋଟସାହି ପଞ୍ଚାୟତରେ ଚର୍ଚ୍ଚାକୁ ଆସିଥିବାବେଳେ ଘଟଣାର ତଦନ୍ତ ନିମନ୍ତେ ପ୍ରାକ୍ତନ ସରପଞ୍ଚ ଅମୂଲ୍ୟ କୁମାର ସାହୁ ବିଡିଓଙ୍କ ଦ୍ୱାରସ୍ଥ ହେବା ସାଧାରଣରେ ଆଲୋଚ୍ୟ ପାଲଟିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ଯୋଜନାରେ ବହୁ ହିତାଧିକାରୀ ବ୍ଲକ ଓ ଜିଲ୍ଲା ପ୍ରଶାସନରେ ପୂର୍ବରୁ ଆବେଦନକରି ସାମାଜିକ ସୁରକ୍ଷା ଭତ୍ତା ପାଇବା ନିମନ୍ତେ ଆଶାବାନ୍ଧି ବସିଥିବାବେଳେ ନୂଆ ହିତାଧିକାରୀ ସାମିଲ ଯୋଗୁଁ ସେମାନେ ନିରାଶ ହେବାର ସମ୍ଭାବନା ସୃଷ୍ଟି ହୋଇଛି ବୋଲି ଶ୍ରୀ ସାହୁ ଦର୍ଶାଇଛନ୍ତି।

# ରସାୟନ ବିଜ୍ଞାନ ବିଭାଗର ସେମିନାର





ଚୌଦ୍ୱାର,୧୬।୨(ସମିସ): ଚୌଦ୍ୱାର କଲେଜର ରସାୟନ ବିଜ୍ଞାନ ବିଭାଗର ଏକ ସେମିନାର ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୁର୍ଲା ସୁରେନ୍ଦ୍ରସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ପ୍ରଫେସର ଡ. ଶରତ ସ୍ୱାଇଁ ବକ୍ତା ଭାବେ 'ପ୍ରକୃତିରୁ ବିଜ୍ଞାନ' ଶୀର୍ଷକ ବିଷୟବସ୍ତୁ ଉପରେ ଉଦାହରଣ ମାଧ୍ୟମରେ ଅବଗତ କରାଇଥିଲେ। ବିଭାଗୀୟ ମୁଖ୍ୟ ଡ.ପ୍ରମିଳାରାଣୀ ବେହେରା ଅତିଥି ପରିଚୟ ଓ ଅଧ୍ୟାପିକା ଡ. ମମତା ସାହୁ ବିଷୟବସ୍ତୁ ସମ୍ପର୍କିତ ଧାରଣା ପ୍ରଦାନ କରିଥିଲେ। ବିଜ୍ଞାନାଗାର ଅଧ୍ୟାପକ ଦିଲ୍ଲୀପ ସାମଲ ବିଜ୍ଞାନର ଉପକାରିତା ଉପରେ ଆଲୋକପାତ କରିଥିଲେ। ପ୍ରାଧ୍ୟାପକ ମୋହିତ କର ଧନ୍ୟବାଦ ଅର୍ପଣ କରିଥିଲେ।

# ନବାହ୍ନ ପାରାୟଣ ମହାଯଜ୍ଞ ପ୍ରସ୍ତୁତି ବୈଠକ



ଫୁଲନଖରା,୧୬।୨(ସମିସ): ନଖରା ମୌଜାସ୍ଥିତ ଶ୍ରୀଲକ୍ଷେଶ୍ୱର ମହାଦେବଙ୍କ ପୀଠରେ ଆସନ୍ତା ରୁକ୍ମଣୀ ଅମାବାସ୍ୟା ଅବସରରେ ନବଦିନାତ୍ମକ ରାମଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞର ପ୍ରାକ୍ ପ୍ରସ୍ତୁତି ବୈଠକ ଟ୍ରଷ୍ଟ ସଭାପତି ଗୁଣନିଧି ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ନବଦିନାତ୍ମକ ଅନୁଷ୍ଠିତ ଉକ୍ତ ଉତ୍ସବ ଅବସରରେ ବିଭିନ୍ନ ଗ୍ରାମବାସୀଙ୍କ ଦ୍ୱାରା ରାମ ଲୀଳାଭିନୟ ଅନୁଷ୍ଠିତ ହୋଇଥାଏ। ଟ୍ରଷ୍ଟି ବଂଶୀଧର ଭୋଳଙ୍କ ପରିଚାଳନାରେ ନୂଆ କାଚରାମାଳ, ପୁରୁଣା କାଚରାମାଳ, ନଖରା, ନୂଆପାଟଣା, ଅଢ଼ାଳିଆ, ମୁଗଭଙ୍ଗା, ବଙ୍କକୁଦ ଆଦି ଗ୍ରାମର ମୁରବୀ ଓ ରାମଲୀଳା କର୍ମକର୍ତ୍ତାଙ୍କ ସହ ଏକ ଆଲୋଚନା ହୋଇଥିଲା। ବିଭିନ୍ନ ଗ୍ରାମର କଳାକାରଙ୍କ ଦ୍ୱାରା ଲୀଳା ପରିବେଷଣ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଚଳିତବର୍ଷ ଶ୍ରୀ ଲକ୍ଷେଶ୍ୱର ରାମଲୀଳା ସମିତି, ନୂଆକାଚରାମାଳ, ଜାଗୁଳାଇ ରାମଲୀଳା ସମିତି, ନଖରା ଓ ମା' ଜାଗୁଳାଇ ରାମଲୀଳା ସମିତି ନୂଆପାଟଣା ଲୀଳା ପରିବେଷଣ କରିବା ପାଇଁ ସହମତି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟାମଣ୍ଡଳୀର ସମସ୍ତ ସଭ୍ୟମାନଙ୍କ ସମେତ ରାମଲୀଳା ପ୍ରଚାର ସମିତିର ବରିଷ୍ଠ ସଦସ୍ୟ ଗୋଲଖ ବିହାରୀ ଜେନା, ବିପିନ ବିହାରୀ ପାଢ଼ୀ, ଗଗନ ଭୂୟାଁ, ଚୈତନ୍ୟ ଓଝା ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମାଜସେବୀ ଅକ୍ଷୟ ଲେଙ୍କା ଧନ୍ୟବାଦ ଦେଇଥିଲେ।

# ପତିତପାବନ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ତିଗିରିଆ,୧୬।୨(ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ଭୋଗଡା ଗ୍ରାମ ପଞ୍ଚାୟତର ଖେଳ ପଡିଆ ଠାରେ ଭୋଗଡା କ୍ରିକେଟ କ୍ଲବ ପକ୍ଷରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଆଜିର ଖେଳରେ ତୋମାଣ୍ଡ କ୍ରିକେଟ ଟିମ ସହ ମାଣିଆବନ୍ଧ କ୍ରିକେଟ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ତୋମାଣ୍ଡ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୩୬୦ ରନ ସଂଗ୍ରହ କରିଥିଲା। ପ୍ରତି ଜବାବରେ ମାଣିଆବନ୍ଧ ଦଳ ୧୭.୩ ଓଭରରେ ମୋଟ ୧୮ ୩ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଖେଳକୁ ସଞ୍ଜୟ କୁମାର ସାହୁ ଓ ମନ ସେଠୀ ପରିଚାଳନା କରିଥିଲେ। ତମାଣ୍ଡୋ ଦଳର ଦୀପକ ରାଉତ ୧୭ ବଲରେ ୮୦ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ।

# ବ୍ଲକ୍‌ସ୍ତରୀୟ ପ୍ରଧାନଶିକ୍ଷକଙ୍କ ବୈଠକ ଓ ସମ୍ବର୍ଦ୍ଧନା ଉତ୍ସବ

ନିଶ୍ଚିନ୍ତକୋଇଲି,୧୬।୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ କେରିଲୋସ୍ଥିତ ହରଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ପ୍ରଧାନଶିକ୍ଷକଙ୍କ ମାସିକ ବୈଠକ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକଙ୍କ ପକ୍ଷରୁ ନୂତନ ମଣ୍ଡଳ ଶିକ୍ଷାଧିକାରୀ ସଂଯୁକ୍ତା ମହାପାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ବଦଳି ହୋଇଥିବା ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କୁ ବଦଳି ସମ୍ବର୍ଦ୍ଧନା ଓ କୁଳିଆ ହାଇସ୍କୁଲ ପ୍ରଧାନଶିକ୍ଷକ ସରୋଜ ପ୍ରଧାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଚଳିତବର୍ଷ ମାଟ୍ରିକ ପରୀକ୍ଷା କିଭଳି ଶୃଙ୍ଖଳିତ ଓ ସ୍ୱଚ୍ଛ ଭାବରେ ପରିଚାଳିତ କରାଯିବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା ବେଳେ ଅଧାରୁ ପାଠ ଛାଡ଼ିଥିବା ପିଲାମାନେ କିଭଳି ମୁକ୍ତ ବିଦ୍ୟାଳୟରେ ଅଧିକରୁ ଅଧିକ ନାମ ଲେଖାଇ ଶିକ୍ଷିତ ହେବେ ସେ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ଏହାଛଡ଼ା ଛାତ୍ରଛାତ୍ରୀଙ୍କ ଆପାର ଆଇଡି, ଉତ୍କର୍ଷ ପାଠ୍ୟକ୍ରମ, ଖାନ୍ ଏକାଡେମୀ ଗଣିତ ଅଭିବୃଦ୍ଧି, ପଞ୍ଚସଖା ସେତୁରେ ପୁରାତନ ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟ ସହିତ ସଂଯୋଗ କରିବା, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସଂକ୍ରାନ୍ତରେ ମଧ୍ୟ ଆଲୋଚନା କରାଯାଇଥିଲା। ଭେନୁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଉର୍ମିବାଳା ମଲିକ ଓ ଶିକ୍ଷକ ଧନଞ୍ଜୟ ବରାଳ ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବପ୍ରସାଦ କର, ପ୍ରଧାନଶିକ୍ଷକ କିରଣବାଳା ଦାସ, ସୁପ୍ରଭା ସେନାପତି, ରଘୁନାଥ ସାହୁ, ରବୀନ୍ଦ୍ର ପ୍ରଧାନ, ସରୋଜ ଷଡଙ୍ଗୀ ପ୍ରମୁଖ ଯୋଗଦେଇ ବିଭିନ୍ନ ମତାମତ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ନିବେଦିତା ସାହୁ, ଶିଶୁଲେଖା ଦାସ, ଦୀପାଞ୍ଜଳି ସ୍ୱାଇଁ, ବିରଞ୍ଚି ମହାପାତ୍ର, ଶୁଭଲକ୍ଷ୍ମୀ ଦାସ, ଆଫ୍ରିନ୍ ଆର୍, ଆରତି ସାହୁ, ପ୍ରଶାନ୍ତ ବେହେରା, କାମିନୀ ବେହେରା, ସତ୍ୟବ୍ରତ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପହଞ୍ଚିଲା ଯୁକ୍ତ ୨ ପରୀକ୍ଷା ପ୍ରଶ୍ନପତ୍ର



ଚୌଦ୍ୱାର,୧୬।୨(ସମିସ): ଆସନ୍ତା ୧୮ ତାରିଖ ଠାରୁ ଆରମ୍ଭ ହେବାକୁ ଯାଉଛି +୨ ପରୀକ୍ଷା। ଚୌଦ୍ୱାର କଲେଜକୁ ଅଞ୍ଚଳରେ ଥିବା ବିଭିନ୍ନ କଲେଜ ପରୀକ୍ଷା ପାଇଁ ପ୍ରଶ୍ନପତ୍ରର ହବ୍ ସେଣ୍ଟର କରାଯାଇଛି। ପ୍ରଶ୍ନପତ୍ର ଆସି ପୁଲିସ ପହରା ଭିତରେ ସେଣ୍ଟରରେ ରଖାଯାଇଛି। ଚୌଦ୍ୱାର କଲେଜରୁ ଚୌଦ୍ୱାର ମହିଳା ମହାବିଦ୍ୟାଳୟ, ଶଙ୍କରପୁର ଗୋଖଲେ ଆଦର୍ଶ ମହାବିଦ୍ୟାଳୟ, ଭଗତପୁର କଲେଜ, ଏସ୍ଏସ୍ଡି ମହାବିଦ୍ୟାଳୟ ବାଲି, ଏସ୍ଏସ୍ଡି ମହାବିଦ୍ୟାଳୟ ଗୁରୁଡିଝାଟିଆ ଓ ଖୁଣ୍ଟୁଣୀସ୍ଥିତ ରାଧାନାଥ ରଥ ବିଜ୍ଞାନ ମହାବିଦ୍ୟାଳୟକୁ ପ୍ରତ୍ୟେକ ପରୀକ୍ଷା ଦିନ ପୁଲିସ ସୁରକ୍ଷାରେ ସକାଳ ୬ଟା ୩୦ମି ସମୟରୁ ପ୍ରଶ୍ନପତ୍ର କଲେଜମାନଙ୍କୁ ପଠାଇବାର ବ୍ୟବସ୍ଥା କରାଯାଇଥିବା ଅଧ୍ୟକ୍ଷା ରଶ୍ମି ରାଉତରାୟ ପ୍ରକାଶ କରିଛନ୍ତି। ମୋଟ ୨୦୧୩ ଜଣ ଛାତ୍ରଛାତ୍ରୀ ଏହି କେନ୍ଦ୍ରରେ ପରୀକ୍ଷା ଦେବେ। ଚୌଦ୍ୱାର କଲେଜରେ ଚଳିତ ବର୍ଷ କଳାରେ ୨୫୩, ବାଣିଜ୍ୟରେ ୬୯ ଓ ବିଜ୍ଞାନରେ ୧୨୩ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଏଥିସହ ଚୌଦ୍ୱାର କଲେଜ ପରୀକ୍ଷା କେନ୍ଦ୍ରରେ ଘରୋଇ ଶିକ୍ଷାନୁଷ୍ଠାନ ଓଡିଶା ସାଇନ୍ସ କଲେଜ, ଡ୍ରିମ୍ସ ସାଇନ୍ସ କଲେଜ ଓ ଶକ୍ତି ଜୁନିୟର କଲେଜର ମୋଟ ୪୪୩ ଛାତ୍ରଛାତ୍ରୀ ପରୀକ୍ଷା ଦେବେ।

# ଶଙ୍କରେଶ୍ୱର ପୀଠରେ ନାରାୟଣ ଯଜ୍ଞ

ନିଶ୍ଚିନ୍ତକୋଇଲି,୧୬।୨(ସମିସ): ବରାଦୋ ପଞ୍ଚାୟତ ପାଟପୁର ଗ୍ରାମର ଆରାଧ୍ୟ ଶ୍ରୀ ଶ୍ରୀ ଶଙ୍କରେଶ୍ୱର ମହାଦେବଙ୍କ ପୀଠରେ ୭୮ତମ ଅଗ୍ନିଷ୍ଟୋମ ନାରାୟଣ ଯଜ୍ଞ ଅନୁଷ୍ଠିତ ହେଉଛି। ଏହି ଯଜ୍ଞ ୬ ଦିନ ଧରି ଚାଲିଥିଲା। ପଣ୍ଡିତ ନିରଞ୍ଜନ ଶତପଥୀ ଓ ତାଙ୍କ ସହଯୋଗୀ ପୂଜାର୍ଚ୍ଚନା କରିଥିଲେ। ଶଙ୍କରେଶ୍ୱରଙ୍କ ମୁଖ୍ୟ ପୂଜକ ନିରଞ୍ଜନ ପଣ୍ଡାଙ୍କ ଦ୍ୱାରା ମନ୍ଦିରରୁ ଚଳନ୍ତି ପ୍ରତିମା ଯଜ୍ଞ ମଣ୍ଡପକୁ ଅଣାଯିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଶଙ୍କରେଶ୍ୱର ଡ୍ରାମାଟିକ୍ କ୍ଲବ ପକ୍ଷରୁ ଯାତ୍ରା ପରିବେଷଣ କରାଯାଉଛି। କର୍ତ୍ତା ଭାବେ ଚୌଧୁରୀ ଦେବାଶିଷ ନନ୍ଦ ଏବଂ ତାଙ୍କ ପତ୍ନୀ ରହିଥିଲେ। ଯଜ୍ଞ ପରିଚାଳନା କମିଟିର ସଭାପତି ଚୌଧୁରୀ ଉମାକାନ୍ତ ନନ୍ଦଙ୍କ ସଂଯୋଜନାରେ ବିଭୂତିଭୂଷଣ ସାମଲ, ରସାନନ୍ଦ ସାମଲ, ଶାରଦାପ୍ରସନ୍ନ ନନ୍ଦ, ସତ୍ୟାନନ୍ଦ ସାହୁ, କେଶବ ମହାପାତ୍ର, ଭରତଚନ୍ଦ୍ର ବିଶ୍ୱାଳ, ଚୌଧୁରୀ ଅନ୍ନଦାପ୍ରସାଦ ନନ୍ଦଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ଲୁଣା ନଦୀରେ ଉଚ୍ଚକ୍ଷମତା ପୋଲ ନିର୍ମାଣ ପ୍ରକ୍ରିୟା ଆରମ୍ଭ

## କ୍ଷେତ୍ର ପରିଦର୍ଶନ କଲେ ମାହାଙ୍ଗା ବିଧାୟକ ଓ ଯନ୍ତ୍ରୀ



ନିଶ୍ଚିନ୍ତକୋଇଲି,୧୬।୨(ସମିସ): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଞ୍ଚାୟତ ପୁରଂଶ ଠାରେ ଲୁଣାନଦୀ ଉପରେ ଏକ ହାଇଲେବୁଲ ବ୍ରିଜ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଅବସରରେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନଙ୍କ ସହିତ ବିଶ୍ୱ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଏବଂ ପୂର୍ତ୍ତ ବିଭାଗର ଯନ୍ତ୍ରୀମାନେ କ୍ଷେତ୍ର ପରିଦର୍ଶନ କରିଛନ୍ତି। ପୂର୍ବରୁ ବିଜେଡି ସରକାରଙ୍କ ପକ୍ଷରୁ ଏଠାରେ ଏକ ଉଚ୍ଚ ସେତୁ ନିର୍ମାଣ ପାଇଁ ୪୮ କୋଟି ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା। ନିର୍ବାଚନ ପୂର୍ବରୁ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଦ୍ୱାରା ଏହାକୁ ଶିଳାନ୍ୟାସ କରାଯାଇ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ମଧ୍ୟ କରାଯାଇଥିଲା। ହେଲେ ଏହି ପୋଲ ନିର୍ମାଣ କାର୍ଯ୍ୟ ପାଇଁ ସରକାରୀସ୍ତରରେ କାଗଜପତ୍ର ଠିକଠାକ୍ ହୋଇ ନ ଥିବା ଓ ପୋଲର ମୂଳ ଡ଼ିଜାଇନ ପରିବର୍ତ୍ତନ ପାଇଁ ଇନ ଲ୍ୟାଣ୍ଡ ୱାଟର ୱେଜ ଅଥରିଟି ପକ୍ଷରୁ ଗତ ନଭେମ୍ବର ମାସରେ ଏହାକୁ ବାତିଲ କରାଯାଇ ଟେଣ୍ଡର ହାତେଇଥିବା ସଂସ୍ଥାକୁ ରଦ୍ଦ କରାଯାଇଥିଲା। ଯାହାଦ୍ୱାରା ଏଠାରେ ପୋଲ ଆଉ ନିର୍ମାଣ ହୋଇପାରିବ ନାହିଁ ବୋଲି ପ୍ରଚାର ହେବା ପରେ ଲୋକଙ୍କ ମଧ୍ୟରେ ନୈରାଶ୍ୟ ଭାବ ଦେଖାଯାଇଥିଲା। ପରବର୍ତ୍ତୀ ସମୟରେ ମାହାଙ୍ଗା ବିଧାୟକ ଶ୍ରୀ ପ୍ରଧାନ ହସ୍ତକ୍ଷେପ କରିବା ଫଳରେ ଖୁବଶୀଘ୍ର ଏହି ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାଯାଇଛି। ଏଥିପାଇଁ ବିଭାଗୀୟସ୍ତରରେ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ବିଶ୍ୱ ବ୍ୟାଙ୍କର ଅଧିକାରୀ ମୁଖ୍ୟଯନ୍ତ୍ରୀ ଦୁର୍ଗାଚରଣ ବେହେରା, ମୁଖ୍ୟ କନଷ୍ଟ୍ରକସନ ଇଂଜିନିୟର ତ୍ରିନାଥ ବେହେରା, କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରବୀନ୍ଦ୍ର ଜେନା, ନିର୍ବାହୀ ଯନ୍ତ୍ରୀ ଜିତେନ୍ଦ୍ର ସାହୁ ପ୍ରମୁଖ ପୋଲ ତିଆରି ସ୍ଥଳକୁ ପରିଦର୍ଶନ କରିଛନ୍ତି। ପୁଣି ଉକ୍ତ ପୋଲ ନିର୍ମାଣ କାର୍ଯ୍ୟ କରିବାକୁ ନେଇ ସାଧାରଣରେ ସ୍ୱାଗତ କରାଯାଇଛି।

# ଶୁଦ୍ଧାନନ୍ଦ ବୈଷୟିକ ଶିକ୍ଷାନୁଷ୍ଠାନରେ ପୁଲ୍ କ୍ୟାମ୍ପସ ଚୟନ

ଫୁଲନଖରା,୧୬।୨(ସମିସ): କଟକ ସଦର ଥାନା ଅନ୍ତର୍ଗତ ଶୁଦ୍ଧାନନ୍ଦ ବୈଷୟିକ ଶିକ୍ଷା ପ୍ରତିଷ୍ଠା ସମୂହର ଏକ ପୁଲ୍ କ୍ୟାମ୍ପସ୍ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୂର୍ଯ୍ୟ ଇଣ୍ଟରନ୍ୟାସନାଲ ଏଣ୍ଟରପ୍ରାଇଜର୍ସ (ପ୍ରା) ଲିଃର ମାନବ ସମ୍ବଳ ଅଧିକାରିଣୀ ପୂଜା ସାମଲ, ଦୀପାଂଶୁ ବେହେରା, ବ୍ୟବସାୟ ଉନ୍ନୟନ ଅଧିକାରୀ ପବନ କୁମାର ପ୍ରମୁଖ ସଂପାଦନ କରିଥିଲେ। ଶୁଦ୍ଧାନନ୍ଦ ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟ ଆଣ୍ଡ କମ୍ପ୍ୟୁଟର ସାଇନ୍ସର ଏମ୍‌ବିଏ ଛାତ୍ରଛାତ୍ରୀ, ଶୁଦ୍ଧାନନ୍ଦ ଇଂଜିନିୟରିଂ ଆଣ୍ଡ ରିସର୍ଚ୍ଚ ସେଣ୍ଟରର ବିଟେକ୍ ଛାତ୍ରଛାତ୍ରୀଙ୍କ ସମେତ ରାଜ୍ୟର ଅନେକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଯଥା ରାଜଧାନୀ ଇଂଜିନିୟରିଂ କଲେଜ୍, ଭୁବନେଶ୍ୱର ଅଜୟ ବିନୟ ଇଂଜିନିୟରିଂ କଲେଜ୍, କେଏମ୍‌ବିବି ଇଞ୍ଜିନିୟରିଂ କଲେଜ, ସ୍ୱାମୀ ବିବେକାନନ୍ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ, ସୁମିତ୍ ସ୍କୁଲ୍ ଅଫ୍ ମ୍ୟାନେଜ୍‌ମେଣ୍ଟ, ସରକାରୀ ଇଂଜିନିୟରିଂ କଲେଜ୍ ପ୍ରମୁଖରୁ ଅନ୍ୟୁନ ୧୦୦ଜଣ ଏମ୍‌ବିଏ ଛାତ୍ରଛାତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରତିଷ୍ଠାନର ତାଲିମ୍ ଓ ନିଯୁକ୍ତି ବିଭାଗ ଅଧିକାରୀ ସୁବାଶିଷ ତ୍ରିପାଠୀଙ୍କ ପ୍ରଚେଷ୍ଟାକ୍ରମେ ଆଗତ ଉକ୍ତ କମ୍ପାନୀର କ୍ୟାମ୍ପସ ଚୟନ ସଂପାଦିତ ହୋଇଥିଲା। ଶୁଦ୍ଧାନନ୍ଦ ମ୍ୟାନେଜମେଣ୍ଟ କଲେଜ୍‌ର ଅଧ୍ୟକ୍ଷା ଡ. ସରିତା ନାୟକ, କାର୍ଯ୍ୟକ୍ରମର ସଂଯୋଜକ ପବନ ସ୍ୱାଇଁ ଓ ପ୍ରଦୀପ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ଡିନ୍ ପ୍ରଧ୍ୟାପକ ରଞ୍ଜନ ସାହୁ, ଶୁଦ୍ଧାନନ୍ଦ ଇଂଜିନିୟରିଂ କଲେଜ୍‌ର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ପଣ୍ଡା ଯୋଗଦାନ କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୯୦ ● ପାଉଣ୍ଡ ୧୦୯.୮୪
- ୟୁରୋ ୯୧.୦୪ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୭୮,୯୦୦ (ଭୁବନେଶ୍ୱର)
- ରୁପା : ୯୯,୫୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୫,୯୩୯.୦୦
- ନିଫ୍ଟି ୨୨,୯୨୯.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

● ଟ୍ରମ୍ପଙ୍କ ପାଲଟା ଶୁଳ୍କ ଲାଗୁ ପରେ..

## ଚିନ୍ତାରେ ଭାରତୀୟ କମ୍ପାନୀ



**ନୂଆଦିଲ୍ଲୀ,୧୬।୨(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ରପ୍ତାନି ଉପରେ ପାରସ୍ପରିକ ବା ପାଲଟା ଶୁଳ୍କ ଲାଗୁ କରିବାକୁ ଧମକ ଦେବା ପରେ ଭାରତୀୟ କମ୍ପାନୀ ଏବଂ ବାଣିଜ୍ୟ ସଂଗଠନଗୁଡ଼ିକ ସତର୍କ ମନୋଭାବ ଗ୍ରହଣ କରୁଛନ୍ତି । ସେମାନେ ଏହି ପ୍ରସଙ୍ଗରେ ପରବର୍ତ୍ତୀ ପରିସ୍ଥିତିର ମୂଲ୍ୟାଙ୍କନ କରୁଛନ୍ତି । ମୋର୍ଗାନ୍ ଷ୍ଟାନ୍‌ଲି ଅନୁଯାୟୀ, ଆମେରିକା ସହିତ ଭାରତର ବାଣିଜ୍ୟ ନିଅଣ୍ଟ ୪୫ ବିଲିୟନ ଡଲାର ରହିଛି, ଯାହା ଆମେରିକା ସହିତ ବାଣିଜ୍ୟ ବଳକା ଥିବା ଦେଶମାନଙ୍କ ମଧ୍ୟରେ ୭ମ ସ୍ଥାନରେ ଅଛି । ବିଶ୍ଳେଷକମାନେ କହିଛନ୍ତି ଯେ ଅଟୋ ଯନ୍ତ୍ରାଂଶ, ଇସ୍ପାତ, ଔଷଧ ଏବଂ ବୟନ ଶିଳ୍ପ ଭଳି ଶିଳ୍ପଗୁଡ଼ିକ ଶୁଳ୍କ ଦ୍ୱାରା ପ୍ରଭାବିତ ହୋଇପାରେ । ଅଟୋମୋଟିଭ୍ କମ୍ପୋନେଣ୍ଟ ମ୍ୟାନୁଫ୍ୟାକଚର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଏସିଏମ୍ଏ)ର ମହାନିର୍ଦ୍ଦେଶକ ଭିନି ମେହେଟ୍ଟା କହିଛନ୍ତି ଯେ ଭାରତୀୟ ଅଟୋ କମ୍ପୋନେଣ୍ଟ ଶିଳ୍ପ ପରିସ୍ଥିତି ଉପରେ ନିକଟରୁ ନଜର ରଖିଛି । ପ୍ରତିଯୋଗିତା ସର୍ବଦା ଆପେକ୍ଷିକ, ଆମର ପ୍ରତିଯୋଗିତାମୂଳକତା ଆମର ପ୍ରତିଯୋଗୀମାନଙ୍କ ଉପରେ କ'ଣ କର୍ତ୍ତବ୍ୟ ଲାଗୁ ହୋଇଛି ତାହା ଉପରେ ମଧ୍ୟ ନିର୍ଭର କରିବ । ଏହି ଶୁଳ୍କର ପ୍ରଭାବ ବିଷୟରେ ଇସ୍ପାତ ଶିଳ୍ପ ମଧ୍ୟ ଚିନ୍ତିତ । ସେମାନେ ଭୟ କରୁଛନ୍ତି ଯେ ଏହା ଚୀନରୁ ଭାରତରେ ଡମ୍ପିଂ (ଶସ୍ତା ମୂଲ୍ୟରେ ପ୍ରଚୁର ପରିମାଣର ଇସ୍ପାତ ଆମଦାନୀ) ବୃଦ୍ଧି କରିପାରେ । ଇଣ୍ଡିଆନ୍ ଷ୍ଟିଲ୍ ଆସୋସିଏସନ୍ (ଆଇଏସ୍ଏ)ର ଅଧ୍ୟକ୍ଷ ଏବଂ ଜିନ୍ଦଲ୍ ଷ୍ଟିଲ୍ ଆଣ୍ଡ ପାୱାରର ପ୍ରମୋଟର ନବୀନ ଜିନ୍ଦଲ୍ ଆମେରିକାର ଶୁଳ୍କ ଲାଗୁକୁ ନେଇ ଗଭୀର ଚିନ୍ତା ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ଆମେରିକା ଦ୍ୱାରା ଇସ୍ପାତ ଉପରେ ଲାଗୁ ହୋଇଥିବା ସମ୍ପ୍ରତି ୨୫% ଶୁଳ୍କ ସମସ୍ତ ରପ୍ତାନିକାରୀ ଦେଶମାନଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି କରିଛି । ଏହା ଭାରତ ପାଇଁ ନିଜର ସ୍ଥିତିକୁ ମଜବୁତ କରିବାର ଏକ ସୁଯୋଗ । ଆମେ ଆଶା କରୁଛୁ ଯେ ଆମେରିକା ଭାରତୀୟ କାର୍ବନ ଇସ୍ପାତ ଉପରେ ଲାଗୁ ହୋଇଥିବା ୧୦୦% ରୁ ଅଧିକ ଆଣ୍ଟି-ଡମ୍ପିଂ ଡ୍ୟୁଟି ଏବଂ କାଉଣ୍ଟରଭେଲିଂ ଡ୍ୟୁଟିର ସମୀକ୍ଷା କରିବ ଏବଂ ଭାରତକୁ ଚୀନ୍ ବଦଳରେ ଏହି ବଜାରରେ ସୁଯୋଗ ମିଳିବ ।

ଭର୍ଟେକ୍ସ ଗ୍ଲୋବାଲ ସର୍ଭେ ରିପୋର୍ଟ

# ଗ୍ରାମାଞ୍ଚଳର ୪୦% ଯୁବକଙ୍କ ପାଖରେ ନାହିଁ ଚାକିରି ଦକ୍ଷତା

**ନୂଆଦିଲ୍ଲୀ,୧୬।୨(ଏଜେନ୍ସି):**

୨୦୩୫ ସୁଦ୍ଧା ଭାରତ ହେବ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି । ଏହାଛଡ଼ା ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ନେଇ ସରକାରଙ୍କ ଲକ୍ଷ୍ୟ । ହେଲେ ବର୍ତ୍ତମାନର ଜନସଂଖ୍ୟାରେ ସବୁଠାରୁ ଅଧିକ ସଂଖ୍ୟା ଥିବା ଯୁବବର୍ଗଙ୍କର ଏହି ବିକାଶରେ ରହିଛି ବଡ଼ ଭୂମିକା । ଏହି ଯୁବ ଶ୍ରମ ଶକ୍ତିର ସ୍ଥିତି ଏବେ ଅତ୍ୟନ୍ତ ଦୁର୍ବଳ । ପିଲାମାନେ ସ୍ନାତକ ଓ ସ୍ନାତୋକୋତ୍ତର ଶେଷ କରିଥିଲେ ସୁଦ୍ଧା ସେମାନଙ୍କର ଦକ୍ଷତାର ବିକାଶ ହୋଇପାରୁନାହିଁ । ଏମିତିକି ଦେଶର ଗ୍ରାମାଞ୍ଚଳରେ ୪୦ ପ୍ରତିଶତ ଯୁବକଙ୍କ ପାଖରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ କାମ କରିବାକୁ ଦକ୍ଷତାର ଅଭାବ ରହିଛି । ଏକ ସର୍ଭେ ରିପୋର୍ଟରେ



- ବିଭିନ୍ନ ଉଦ୍ୟୋଗରେ କୁଶଳୀ ମାନବ ସମ୍ବଳର ଅଭାବ
- ଭାଷାଗତ ଦକ୍ଷତା ଅଭାବ ଆଣିଛି ବାଧକ

ଏଭଳି ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି । ଦେଶର ଆଇଟି, ବିଜ୍ନେସ ପ୍ରୋସେସ୍ ମ୍ୟାନେଜ୍ମେଣ୍ଟ, ବ୍ୟାଙ୍କିଙ୍ଗ, ଆର୍ଥିକ ସେବା, ବୀମା ଏବଂ ସ୍ୱାସ୍ଥ୍ୟ ସେବା ଭଳି ବିକାଶଶୀଳ ଉଦ୍ୟୋଗ କ୍ଷେତ୍ରରେ ରହିଛି କୁଶଳୀ ମାନବ ସମ୍ବଳର ଅଭାବ । କାରଣ ଏସବୁ କ୍ଷେତ୍ର ଏବେ ଅତ୍ୟଧିକ କୁଶଳୀ ମାନବ ସମ୍ବଳ ପ୍ରସ୍ତୁତ କରିବାରେ ବଡ଼ ଆହ୍ୱାନର ସାମ୍ନା କରୁଛି । ଏହାପଛରେ ଅନେକ ଗୁରୁତ୍ୱପୂର୍ଣ୍ଣ କାରଣ ବି ରହିଛି । ତେଣୁ ଏହା ଭାରତକୁ ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥନୀତି ହେବାର ଲକ୍ଷ୍ୟ ପଥରେ ବାଧକ ସାଜିପାରେ ବୋଲି ଆଶଙ୍କା କରାଯାଉଛି । ନିକଟରେ ହୋଇଥିବା ଏକ ସର୍ଭେରେ ଏଭଳି କିଛି ତଥ୍ୟ ଖୁଲାସା ହୋଇଛି । ଭାରତୀୟ ଗ୍ରାମାଞ୍ଚଳ ଯୁବକଙ୍କ ପ୍ରତିଭା ଏବଂ ସେମାନଙ୍କ ପାଇଁ ଚାକିରିର ପ୍ରାଥମିକତା ସମ୍ପର୍କରେ ନିକଟରେ ଭର୍ଟେକ୍ସ ଗ୍ଲୋବାଲ ସର୍ଭେ ପକ୍ଷରୁ ଏକ ସର୍ଭେ କରାଯାଇଥିଲା । ଯେଉଁଥିରେ ଗ୍ରାମାଞ୍ଚଳରେ ୪୦ ପ୍ରତିଶତରୁ ଅଧିକ ଯୁବକଙ୍କ ପାଖରେ ଭୋକେସନାଲ ଟ୍ରେନିଂ, କୌଶଳ ବିକାଶ ଏବଂ ଭାଷାଗତ ଦକ୍ଷତାର ଅଭାବ ରହିଛି ବୋଲି ଜଣାପଡ଼ିଛି । ଫଳରେ ସେମାନେ ଆଇଟି, ଆଇଟି-ବିପିଏମ, ବିଏଫଏଆଇ ଏବଂ ସ୍ୱାସ୍ଥ୍ୟ ସେବା ଭଳି କ୍ଷେତ୍ରରେ ଭଲ ଚାକିରି ପାଇ ପାରୁନାହାଁନ୍ତି । ଯାହା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଏସବୁ କ୍ଷେତ୍ରରେ କୁଶଳୀ କର୍ମ ସମ୍ବଳ ସୃଷ୍ଟି କରିବାରେ ବାଧା ସାଜୁଛି । ସର୍ଭେରେ କୁଶଳୀ କର୍ମ ସମ୍ବଳ ସୃଷ୍ଟି କରିବାରେ ଦିଗରେ ଯେଉଁ ସବୁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ରହିଛି ସେସବୁ କଥା କୁହାଯାଇଛି । ଯେଉଁଥିରୁ ଗୋଟିଏ ହେଉଛି ଭାଷାରେ ନିପୁଣତାର ଅଭାବ । ଯାହା ବିଶେଷ କରି ଗ୍ରାମାଞ୍ଚଳର ଯୁବକଙ୍କୁ ଅଧିକ ମାତ୍ରାରେ ପ୍ରଭାବିତ କରୁଛି । କାରଣ ଏସବୁ କ୍ଷେତ୍ରରେ ଭଲ ରୋଜଗାର ଅବସର ବା ଚାକିରି ପାଇଁ ଭଲ ଯୋଗାଯୋଗ ଦକ୍ଷତାର ଆବଶ୍ୟକତା ରହିଛି । ହେଲେ ଗ୍ରାମାଞ୍ଚଳରେ ଯୁବକଙ୍କଠାରେ ତାହାର ଅଭାବ ରହିଥିବାରୁ ସେମାନଙ୍କୁ ଏହିସବୁ କ୍ଷେତ୍ରରେ ଭଲ ଚାକିରିଟିଏ ମିଳିବା ଖୁବ୍ କଷ୍ଟକର ହୋଇପଡୁଛି । ସର୍ଭେରେ କୁହାଯାଇଛି ଭାରତର ଗ୍ରାମାଞ୍ଚଳରେ ହେଉଥିବା କାମ ବା ଏଠାକାର କର୍ମ ସମ୍ବଳ ମୁଖ୍ୟତଃ ଅନୌପଚାରିକ । ଅର୍ଥାତ୍ ଏଠାରେ ଚାକିରିର କୌଣସି ସାମାଜିକ, ଆଇନଗତ ସୁରକ୍ଷା ନାହିଁ କି କୌଣସି କୌଣସି ସ୍ଥାୟୀତ୍ୱ ନାହିଁ । ଏଭଳି ସ୍ଥିତି କେବଳ ଗ୍ରାମାଞ୍ଚଳରେ ନୁହେଁ ସହରାଞ୍ଚଳରେ ବି ରହିଛି, କିନ୍ତୁ ଗ୍ରାମାଞ୍ଚଳରେ ଏହା ଅଧିକ ରହିଛି । ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପାର୍ଥକ୍ୟ କାରଣରୁ ସ୍ଥିତିରେ ଆହୁରି ଖରାପ ହୋଇଯାଇଛି । ସର୍ଭେରେ ଭାଗ ନେଇଥିବା ୩୩% ନିଜ ଅଞ୍ଚଳରେ ଥିବା ସୀମିତ ରୋଜଗାର ଅବସର କଥା ସାମ୍ନାକୁ ଆଣିଛନ୍ତି । ସେମାନେ କୁହନ୍ତି ଉତ୍ତମ ପ୍ରଶିକ୍ଷଣ ଏବଂ ଉଦ୍ୟୋଗ ବିଷୟରେ ଅଧିକ ଶିଖିବା ତଥା ଅଧିକ ଦରମା ଥିବା ଚାକିରି ଆଶାରେ ଗାଁ ଛାଡ଼ି ସହରକୁ ଯିବାକୁ ବାଧ ହେଉଛନ୍ତି । ସେହିଭଳି ୨୭% ଲୋକ ଆର୍ଥିକ ସ୍ଥିତି କାରଣରୁ ଭଲ ଚାକିରି ମିଳୁ ନ ଥିବା କଥା କହିଛନ୍ତି । ସେମାନେ କହିଛନ୍ତି ଟଙ୍କା ଅଭାବରୁ ଉପଯୁକ୍ତ ପ୍ରଶିକ୍ଷଣ ନେଇ ପାରୁନାହାଁନ୍ତି । ଫଳରେ ଅଧିକ ଦରମା ମିଳୁଥିବା ଚାକିରି ପାଇ ପାରୁନାହାଁନ୍ତି । ଆଉ ଭଲ ଟ୍ରେନିଂ ପାଇଁ ସହରକୁ ଯିବାକୁ ପଡୁଛି, କିନ୍ତୁ ସେଥିପାଇଁ ମଧ୍ୟ ଟଙ୍କାର ଅଭାବ ରହୁଛି । ଶିକ୍ଷାଗତ ଯୋଗ୍ୟତା ଥିଲେବି, ଆର୍ଥିକ ପରିସ୍ଥିତି କାରଣରୁ ସହର ଯାଇ ଭଲ ଚାକିରି କରିବା କଷ୍ଟକର ହେଉଛି । ଏହି ବାଧାକୁ ଦୂର କରିହେଲେ ସେମାନଙ୍କ କ୍ୟାରିୟରର ଆଗକୁ ବଢ଼ନ୍ତା ତଥା ଆର୍ଥିକ ସ୍ଥିତିରେ ବୃଦ୍ଧି ହୋଇପାରନ୍ତା । ତେଣୁ ନିଜ କ୍ୟାରିୟରକୁ ଆଗକୁ ବଢ଼ାଇବାକୁ ଆର୍ଥିକ ସହାୟତାର ଆବଶ୍ୟକତା ରହିଛି ବୋଲି ସେମାନେ କହିଛନ୍ତି । ଏହି ସର୍ଭେ ୫ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଦିଲ୍ଲୀ, ଉତ୍ତର ପ୍ରଦେଶ, କର୍ଣ୍ଣାଟକ, ପଞ୍ଜାବ ଏବଂ ଆନ୍ଧ୍ରପ୍ରଦେଶକୁ ନେଇ କରାଯାଇଥିଲା । ଯେଉଁଥିରେ ପ୍ରାୟ ୧୨୦୦ ଯୁବକ ଏବଂ ଚାକିରିଆ ଭାଗ ନେଇଥିଲେ ।

ଆଜିଠୁ ବଦଳିବ ଫାସ୍ଟ୍ୟାଗ୍ ବ୍ୟବସ୍ଥା

# ଫାସ୍ଟ୍ୟାଗ୍ ବାଲାନ୍ସ ଭେରିଫିକେସନ୍ ପାଇଁ ଆସିବ ନୂଆ ନିୟମ

**ନୂଆଦିଲ୍ଲୀ,୧୬।୨(ଏଜେନ୍ସି):** ଫାସ୍ଟ୍ୟାଗ୍ ବ୍ୟବହାରକାରୀଙ୍କୁ ପାଇଁ ବଡ଼ ଖବର । ନ୍ୟାସନାଲ ପେମେଣ୍ଟ୍ସ କର୍ପୋରେସନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଫାସ୍ଟ୍ୟାଗ୍ ବାଲାନ୍ସ ଯାଞ୍ଚ ପାଇଁ ନୂତନ ନିୟମ ଘୋଷଣା କରିଛି । ଏହି ନିୟମଗୁଡ଼ିକ ସୋମବାର ଅର୍ଥାତ୍ ଫେବୃଆରୀ ୧୭ଠାରୁ କାର୍ଯ୍ୟକାରୀ ହେଉଛି । ଟୋଲ୍ କାରବାରକୁ ଅଧିକ ସୁଗମ ଏବଂ ସ୍ୱଚ୍ଛ କରିବା ସହିତ ଠକେଇକୁ ରୋକିବା ପାଇଁ ଏନ୍ସିଆଇ ଏହି ନିୟମ ଆଣୁଛି । ଏପରି ପରିସ୍ଥିତିରେ, ଯାନବାହାନ ମାଲିକମାନଙ୍କ ପାଖରେ ଏହି ପରିବର୍ତ୍ତନଗୁଡ଼ିକ ବିଷୟରେ ସମ୍ପୂର୍ଣ୍ଣ ସୂଚନା ରହିବା ଉଚିତ ଯାହା ଦ୍ୱାରା ସେମାନେ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ କିମ୍ବା ଦଣ୍ଡରୁ ରକ୍ଷା ପାଇପାରିବେ । ଏନ୍‌ପିସିଆଇ ଜାନୁଆରୀ ୨୮ରେ ଏକ ସର୍କୁଲାର ଜାରି କରିଥିଲା । ଏହି ସର୍କୁଲାର ଅନୁଯାୟୀ, ଫାସ୍ଟ୍ୟାଗ୍ କାରବାର ଏବେ ଏକ ନିର୍ଦ୍ଦିଷ୍ଟ ସମୟସୀମା ଆଧାରରେ ବୈଧ ହେବ । ନୂତନ ନିୟମ ଅନୁଯାୟୀ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସମୟସୀମା ଧାର୍ଯ୍ୟ କରାଯାଇଛି ।




୧. ଯଦି ୬୦ ମିନିଟ୍ ମଧ୍ୟରେ କମ୍ ବାଲାନ୍ସ ଯୋଗୁଁ ଏକ ଫାସ୍ଟ୍ୟାଗ୍ କଳା ତାଲିକାଭୁକ୍ତ ହୋଇ ହଟଲିଷ୍ଟରେ ସାମିଲ ନିଷ୍କ୍ରିୟ ହୋଇଯାଏ ଏବଂ ଏହି ସ୍ଥିତି ୬୦ ମିନିଟ୍ରୁ ଅଧିକ ସମୟ ପାଇଁ ରହିଥାଏ, ତେବେ ଟୋଲ୍ ପ୍ଲାଜାରେ ପହଞ୍ଚିବା ପରେ କାରବାର ବା ଟ୍ରାଞ୍ଜାକ୍ସନ୍ ବିଫଳ ହେବ ।

୨. ଯଦି ଫାସ୍ଟ୍ୟାଗ୍ ସ୍କାନ୍ କରାଯିବାର ୧୦ ମିନିଟ୍ ପରେ ମଧ୍ୟ କଳା ତାଲିକାଭୁକ୍ତ କିମ୍ବା ନିଷ୍କ୍ରିୟ ରହିଥାଏ, ତେବେ କାରବାରକୁ ପ୍ରତ୍ୟାଖ୍ୟାନ କରାଯିବ । ଯଦି ଏକ ଫାସ୍ଟ୍ୟାଗ୍ ଉପରୋକ୍ତ ଦୁଇଟି ସର୍ତ୍ତ ପୂରଣ କରେ, ତେବେ ସିଷ୍ଟମ ତ୍ରୁଟି କୋଡ୍ ୧୭୬ସହିତ କାରବାରକୁ ପ୍ରତ୍ୟାଖ୍ୟାନ କରିବ ଏବଂ ଗାଡ଼ି ମାଲିକଙ୍କୁ ଦୁଇଗୁଣ ଟୋଲ୍ ଫି ଦେବାକୁ ପଡିବ । ତେବେ ଆକାଉଣ୍ଟଗୁଡ଼ିକୁ ଦୁଇଟି ବର୍ଗରେ ବିଭକ୍ତ କରାଯାଇଛି ଯାହା ହ୍ୱାଇଟ୍‌ଲିଷ୍ଟ (ସକ୍ରିୟ) ଏବଂ ବ୍ଲାକ୍‌ଲିଷ୍ଟ (ନିଷ୍କ୍ରିୟ) । ଫାସ୍ଟ୍ୟାଗ୍ କଳାତାଲିକାଭୁକ୍ତ ହେବାର ଅନେକ କାରଣ ଥାଇପାରେ ।

୧. ଫାସ୍ଟ୍ୟାଗ୍ ଆକାଉଣ୍ଟରେ ପର୍ଯ୍ୟାପ୍ତ ବାଲାନ୍ସ ନ ଥିଲେ

୨. କେୱାଇସି ଯାଞ୍ଚ ବାକି ଥିଲେ

୩. ଯାନବାହାନ ପଞ୍ଜିକରଣ ବିବରଣୀରେ ତ୍ରୁଟି

ନୂତନ ନିୟମ ଅନୁଯାୟୀ, ଯଦି ଟୋଲ୍ ପ୍ଲାଜାରେ ପହଞ୍ଚିବାର ୬୦ ମିନିଟ୍ ପୂର୍ବରୁ ଫାସ୍ଟ୍ୟାଗ୍ କଳା ତାଲିକାଭୁକ୍ତ ହୁଏ, ତେବେ ତୁରନ୍ତ ରିଚାର୍ଜ କରାଯାଇଥିଲେ ମଧ୍ୟ କାରବାରକୁ ପ୍ରତ୍ୟାଖ୍ୟାନ କରାଯିବ । ତଥାପି, ଯଦି ଟୋଲ୍ ସ୍କାନିଂର ୧୦ ମିନିଟ୍ ମଧ୍ୟରେ ଫାସ୍ଟ୍ୟାଗ୍ ରିଚାର୍ଜ କରାଯାଏ, ତେବେ ଉପଭୋକ୍ତାମାନେ ଜରିମାନାରୁ ରକ୍ଷା ପାଇପାରିବେ ଏବଂ କେବଳ ଷ୍ଟାଣ୍ଡାର୍ଡ ଟୋଲ୍ ଫି ଦେବାକୁ ପଡିବ । ଫାସ୍ଟ୍ୟାଗ୍ ସୁଗମ ଭାବରେ ବ୍ୟବହାର କରିବା ଏବଂ ଜରିମାନାରୁ ରକ୍ଷା ପାଇବା ପାଇଁ, ଯାନବାହାନ ମାଲିକମାନେ କିଛି ଗୁରୁତ୍ୱପୂର୍ଣ୍ଣ ଜିନିଷ ଉପରେ ବିଶେଷ ଧ୍ୟାନ ଦେବା ଉଚିତ । ଟୋଲ୍ ପ୍ଲାଜାରେ ପହଞ୍ଚିବା ପୂର୍ବରୁ ଉପଭୋକ୍ତାମାନେ ସେମାନଙ୍କର ଫାସ୍ଟ୍ୟାଗ୍ ଆକାଉଣ୍ଟରେ ପର୍ଯ୍ୟାପ୍ତ ପରିମାଣ ବଜାୟ ରଖିବା ଉଚିତ ।

# ଭାରତ ମସଲା କିଣିଲାଣି ୪୦୦ ଟନ୍ ଦେଶୀ ଟମାଟୋ




**କଟକ,୧୬।୨(ସମିସ):** କଟକ ରାମଦାସପୁରଠାରେ ଥିବା ଭାରତ ମସଲା କମ୍ପାନୀ କୃଷିକୁ ପ୍ରାଧାନ୍ୟ ଦେଇ କୃଷିଜାତ ଦ୍ରବ୍ୟକୁ ସିଧାସଳଖ କୃଷକମାନଙ୍କଠାରୁ କ୍ରୟ କରି ପରୋକ୍ଷରେ ସେମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଆସୁଛି । ଏହି ପରିପ୍ରେକ୍ଷୀରେ ଭାରତ ମସଲା ଦେଶୀ ଟମାଟୋ ସଂଗ୍ରହ ପାଇଁ ବିଭିନ୍ନ ଉତ୍ପାଦକ ଗୋଷ୍ଠୀଙ୍କଠାରୁ ପ୍ରାୟ ୪୦୦ ଟନ୍ ଦେଶୀ ଟମାଟୋ ୧୫ ଦିନ ମଧ୍ୟରେ କ୍ରୟ କରିସାରିଲାଣି ବୋଲି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା କହିଛନ୍ତି । ଆଗାମୀ ଦିନରେ ଆଉ ୬୦୦ ଟନ୍ ଦେଶୀ ଟମାଟୋ କ୍ରୟ

● ମାନପୁର ପାରିଜାତ ମହିଳା ଗୋଷ୍ଠୀ ସହ ଚୁକ୍ତି ସ୍ୱାକ୍ଷର

ଲକ୍ଷ୍ୟ ରଖାଯାଇଥିବା ଶ୍ରୀ ପଣ୍ଡା ଏକ ଉତ୍ପାଦକ ଗୋଷ୍ଠୀ ସହ ଚୁକ୍ତିନାମା ସ୍ୱାକ୍ଷରିତ ଅବସରରେ କହିଛନ୍ତି । ଏହି ପରିପ୍ରେକ୍ଷୀରେ ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାନପୁର ପଞ୍ଚାୟତରେ ପାରିଜାତ ଉତ୍ପାଦକ ଗୋଷ୍ଠୀ ସହ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି କମ୍ପାନୀ । ଭାରତ ମସଲା ଏହି ଉତ୍ପାଦକ ଗୋଷ୍ଠୀଠାରୁ ଚୁକ୍ତି ଅନୁଯାୟୀ ୧୦ ଟନ ଟମାଟୋ ସସ୍ ପ୍ରସ୍ତୁତି କରିବା ନିମନ୍ତେ କ୍ରୟ କରିଥିଲେ । ଚଳିତବର୍ଷ ୫୦ ମେଟ୍ରିକ୍ ଟନ୍ ଟମାଟୋ ଭାରତ ମସଲାକୁ ଉତ୍ପାଦକ ଗୋଷ୍ଠୀ ଜରିଆରେ ଡମପଡ଼ା, ବାଙ୍କୀ ଓ ବଡ଼ମ୍ବା ବ୍ଲକ ରୁ ଯୋଗାଇବାକୁ ଓରମାସ ଲକ୍ଷ୍ୟ ରଖିଛି । ବର୍ତ୍ତମାନଠାରୁ ଉକ୍ତ ଗୋଷ୍ଠୀ ଟମାଟୋ ଭାରତ ମସଲାକୁ ଯୋଗାଇବ । ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ସେମାନେ ଅନ୍ୟବ୍ଲକ ସହିତ ଯୋଗାଯୋଗରେ ଅଛନ୍ତି । ଏହି ଅବସରରେ ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ, ଓରମାସ କଟକ ବିଜ୍ନେସ ମ୍ୟାନେଜର ବିରଜା ପ୍ରସାଦ ସେଠୀ, ଅଗ୍ରଣୀ ଚାଷୀ ଅନିଲେନ୍ଦ୍ର ପ୍ରସାଦ ସାହୁ ଭାରତ ମସଲା କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ ।

# ସମାଜ ପ୍ରତି ଅବଦାନ ପାଇଁ ନୀତା ଅମ୍ବାନି ସମ୍ମାନିତ



**ନୂଆଦିଲ୍ଲୀ,୧୬।୨(ଏଜେନ୍ସି):** ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷା ନୀତା ଅମ୍ବାନୀଙ୍କୁ ତାଙ୍କର ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଏବଂ ସମାଜ ପ୍ରତି ଅସାଧାରଣ ଅବଦାନ ପାଇଁ ମାସାଚୁସେଟ୍ସର ଗଭର୍ଣ୍ଣର ମୌରା ହିଲିଙ୍କ ଗଭର୍ଣ୍ଣର ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି । ଏହି ପୁରସ୍କାର ନୀତା ଅମ୍ବାନୀଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟସେବା, କ୍ରୀଡା, କଳା, ସଂସ୍କୃତି ଏବଂ ମହିଳା ସଶକ୍ତିକରଣ ଭଳି କ୍ଷେତ୍ରରେ ତାଙ୍କର ପରିବର୍ତ୍ତନକାରୀ ପ୍ରଭାବ ପାଇଁ ସ୍ୱୀକୃତି ଦେଇଛି, ଯାହା ଭାରତ ଏବଂ ବିଶ୍ୱର ଲକ୍ଷ ଲକ୍ଷ ଲୋକଙ୍କୁ ଲାଭ ପହଞ୍ଚାଇଛି । ବୋଷ୍ଟନରେ ଏହି ଅବସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ନୀତା ଅମ୍ବାନୀ ଏକ ଚମତ୍କାର ହାତବୁଣା ଶିକାରଗା ବନାରସୀ ଶାଢ଼ି ପିନ୍ଧି ଭାରତର ସମୃଦ୍ଧ କଳାତ୍ମକ ଐତିହ୍ୟକୁ ପ୍ରଦର୍ଶନ କରିଥିଲେ ।

# ଖାଇବା ତେଲ ବର୍ଷକରେ ୩୯% ମହଙ୍ଗା

**ନୂଆଦିଲ୍ଲୀ,୧୬।୨(ଏଜେନ୍ସି):**

ଦେଶରେ ପୁଣି ଥରେ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି ଖାଇବା ତେଲ ଦର । ଏହାର ମୂଲ୍ୟ ମାତ୍ର ଗୋଟିଏ ବର୍ଷ ମଧ୍ୟରେ ୩୯ ପ୍ରତିଶତ ବୃଦ୍ଧି ପାଇଛି । ଯଦି ଏହି ଧାରା ଜାରି ରୁହେ, ତେବେ ଗତ ତିନି ମାସ ଧରି ଦ୍ରୁତ ଗତିରେ ହ୍ରାସ ପାଉଥିବା ଖୁଚୁରା ମୁଦ୍ରାସ୍ଫୀତି ହାର ପୁଣି ଉପରମୁହାଁ ହେବ । ଯାହା ସିଧାସଳଖ ଭାବେ ଦର ବୃଦ୍ଧି ଘଟାଇ ଖାଉଟିଙ୍କ ଉପରେ ମହଙ୍ଗା ମାଡ଼ କରିବ । ଯାହା ଫଳରେ ଆଗାମୀ ଦିନରେ ଅଭିବୃଦ୍ଧି ବଢ଼ାଇବା ଏବଂ ରେପୋ ହାର ହ୍ରାସ କରିବା ନେଇ ରିଜର୍ଭ ବ୍ୟାଙ୍କ ରଖିଥିବା ଯୋଜନା ମଧ୍ୟ ପ୍ରଭାବିତ ହୋଇପାରେ ।



ପୁଣି ଲାଇନ୍‌ଚ୍ୟୁତ ହେବ ଖୁଚୁରା ମୁଦ୍ରାସ୍ଫୀତି

ଖାଉଟିଙ୍କ ଉପରେ ହେବ ମହଙ୍ଗା ମାଡ଼

କେନ୍ଦ୍ର ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ଫେବୃଆରୀ ୧୪ରେ ବାଦାମ ତେଲର ମୂଲ୍ୟ ପ୍ରତି ଲିଟର ୧୯୦ ଟଙ୍କା ଥିଲା, ଯାହା ଏବେ ୧୯୨ ଟଙ୍କା ଅତିକ୍ରମ କରିଛି । ଏହି ସମୟ ମଧ୍ୟରେ ସୋରିଷ ତେଲର ମୂଲ୍ୟ ପ୍ରତି ଲିଟର ୧୩୬ ଟଙ୍କାରୁ ୧୬୯ ଟଙ୍କାକୁ ବୃଦ୍ଧି ପାଇଛି । ଅର୍ଥାତ୍ ୨୪ ପ୍ରତିଶତ ବୃଦ୍ଧି ଘଟିଛି । ବନସ୍ପତି ତେଲର ମୂଲ୍ୟ ୨୧ ପ୍ରତିଶତ ବୃଦ୍ଧି ପାଇ ପ୍ରତି ଲିଟର ୧୫୧ ଟଙ୍କା ହୋଇଛି, ଯାହା ବର୍ଷକ ପୂର୍ବରୁ ୧୨୫ ଟଙ୍କାରେ ବିକ୍ରି ହେଉଥିଲା । ତଥ୍ୟ ଦର୍ଶାଉଛି ଯେ ସୋୟାବିନ୍ ତେଲ ମଧ୍ୟ ୧୯ ପ୍ରତିଶତ ମହଙ୍ଗା ହୋଇଛି । ଏହାର ମୂଲ୍ୟ ପ୍ରତି ଲିଟର ୧୨୨ ଟଙ୍କାରୁ ୧୪୫ ଟଙ୍କାକୁ ବୃଦ୍ଧି ପାଇଛି । ସେହିପରି ସୂର୍ଯ୍ୟମୁଖୀ ତେଲ ୨୭ ପ୍ରତିଶତ ମହଙ୍ଗା ହୋଇଯାଇଛି । ଏହାର ମୂଲ୍ୟ ପ୍ରତି ଲିଟର ୧୨୩ ଟଙ୍କାରୁ ୧୫୬ ଟଙ୍କାକୁ ବୃଦ୍ଧି ପାଇଛି । ପାମ୍ ତେଲ ମୂଲ୍ୟରେ ସର୍ବାଧିକ ୩୯ ପ୍ରତିଶତ ବୃଦ୍ଧି ଦେଖାଯାଇଛି । ଗୋଟିଏ ବର୍ଷ ପୂର୍ବେ ଏହାର ମୂଲ୍ୟ ପ୍ରତି ଲିଟର ୯୯ ଟଙ୍କା ଥିଲା, କିନ୍ତୁ ଏବେ ଏହା ୧୩୭ ଟଙ୍କା ଅତିକ୍ରମ କରିଛି । ପାମୋଲିନ୍ ତେଲର ମୂଲ୍ୟ ବୃଦ୍ଧି ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଉପରେ ପ୍ରଭାବ ପକାଇଥାଏ । ଏଫଏମସିଜି କମ୍ପାନୀଗୁଡ଼ିକ ସାବୁନ, ସାମ୍ପୁ ଇତ୍ୟାଦି ଉତ୍ପାଦ ତିଆରି କରିବା ପାଇଁ ବହୁଳ ଭାବରେ ପାମୋଲିନ୍ ତେଲ ବ୍ୟବହାର କରନ୍ତି । ଏପରି ପରିସ୍ଥିତିରେ ଏହି ସାମଗ୍ରୀଗୁଡ଼ିକର ମୁଦ୍ରାସ୍ଫୀତି ହାର ଦ୍ରୁତ ଗତିରେ ବୃଦ୍ଧି ପାଉଛି । ସମ୍ପ୍ରତି, ଏଫ୍ଏମ୍‌ସିଜି କମ୍ପାନୀଗୁଡ଼ିକ ମଧ୍ୟ ସେମାନଙ୍କର ଉତ୍ପାଦର ମୂଲ୍ୟରେ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛନ୍ତି ।

# ପୁଲିସ ହେପାଜତକୁ ଗଲେ ନ୍ୟୁ ଇଣ୍ଡିଆ କୋ-ଅପରେଟିଭ୍ ବ୍ୟାଙ୍କ ଠକେଇ ଅଭିଯୁକ୍ତ

**ମୁମ୍ବଇ,୧୬।୨(ଏଜେନ୍ସି):** ନ୍ୟୁ ଇଣ୍ଡିଆ କୋ-ଅପରେଟିଭ୍ ବ୍ୟାଙ୍କ ଲିମିଟେଡରେ ହୋଇଥିବା ଠକେଇ ଘଟଣାର ମୁଖ୍ୟ ଅଭିଯୁକ୍ତ ଆଜି ପୁଲିସ ହେପାଜତକୁ ଯାଇଛନ୍ତି । ନ୍ୟୁ ଇଣ୍ଡିଆ କୋ-ଅପରେଟିଭ୍ ବ୍ୟାଙ୍କର ପୂର୍ବତନ ଜେନେରାଲ ମ୍ୟାନେଜର ହିତେଶ ପ୍ରବିଣଚାନ୍ଦ ମେହେଟ୍ଟା ଏବେ ଫେବୃଆରୀ ୨୧ ଯାଏ ପୁଲିସ ହେପାଜତରେ ରହିବେ । ସେ ବ୍ୟାଙ୍କର ଦାଦର ଏବଂ ଗୁରଗାଓଁ ଶାଖାର ଦାୟିତ୍ୱରେ ଥିବା ସମୟରେ ବ୍ୟାଙ୍କରୁ ୧୨୨ କୋଟି ଟଙ୍କା ହଡ଼ପ କରିଥିବା ନେଇ ଅଭିଯୋଗ ହୋଇଛି । ହିତେଶ ମେହେଟ୍ଟା ତାଙ୍କ ପଦବୀର ଅପବ୍ୟବହାର କରି ଉଭୟ ଶାଖାର ଆକାଉଣ୍ଟରୁ ଏହି ବହୁ କୋଟି ଟଙ୍କାର ଠକେଇ କରିଥବବା କୁହାଯାଉଛି । ମୁମ୍ବାଇ ପୁଲିସର ଆର୍ଥୀକ ଅପରାଧ ଶାଖା ଗତକାଲି ତାଙ୍କୁ ମୁମ୍ବାଇରୁ ଗିରଫ କରିଥିଲା । ଏହା ସହ ଅନେକ କାଗଜ ପତ୍ର ମଧ୍ୟ ଜବତ କରିଥିଲା ।



## ବିଶ୍ୱ ବଜ୍ରକାପ୍ତା ଦିବସ

ଆଠଗଡ଼, ୧୬।୨(ସମିସ): କଣ୍ଡି ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ବଜ୍ରକାପ୍ତା ଦିବସ ପାଳିତ ହୋଇଛି। ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ପରିବେଶବିତ ଶ୍ୱେତକାନ୍ତ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜିତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ ବିଲୁପ୍ତପ୍ରାୟ ବନ୍ୟପ୍ରାଣୀ ବଜ୍ରକାପ୍ତାର ସୁରକ୍ଷା ଦିଗରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ଇପ୍ସିତା ସାହୁ, ଜ୍ଞାନ ରଞ୍ଜନ କର ଓ ଦିପ୍ତିଙ୍କର ରାଉତ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାର୍ଥୀଙ୍କ ମଧ୍ୟରେ ବଜ୍ରକାପ୍ତା ସମ୍ପର୍କିତ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀ ସତ୍ୟପ୍ରକାଶ ରାଉତ, ଆୟୁଶ୍ରୀ ପ୍ରହରାଜ, ସୁଶ୍ରୀ ଲିପ୍ସା ମହାନ୍ତି ପ୍ରମୁଖଙ୍କୁ ମଞ୍ଚାସୀନ ଅତିଥି ପୁରସ୍କୃତ କରିଥିଲେ।

## ରଞ୍ଜନ ବିଶ୍ୱାଳଙ୍କୁ 'ଭାରତ ଗୌରବ ସମ୍ମାନ'



କଟକ, ୧୬।୨(ସମିସ): ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ରଞ୍ଜନ ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଛି। ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକଠାରେ ଉପପ୍ରଧାନମନ୍ତ୍ରୀ ଓ ଅନ୍ୟାନ୍ୟ ଅତିଥିଙ୍କ ଗହଣରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡ. ବିଶ୍ୱାଳଙ୍କୁ 'ଭାରତ ଗୌରବ ସମ୍ମାନ -୨୦୨୫'ରେ ସମ୍ମାନିତ କରାଯାଇଥିଲା। ଏହି ସମ୍ମାନ ଗ୍ରହଣ କରିବା ପରେ ଡ. ବିଶ୍ୱାଳଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି।

## ସମାଜସେବୀଙ୍କ ସ୍ମୃତିସଭା

ନିଶ୍ଚିନ୍ତକୋଇଲି, ୧୬।୨(ସମିସ): ବଡ଼ଶାର ପଞ୍ଚାୟତ ଗୋପପୁର ଗ୍ରାମର ସମାଜସେବୀ ନିରଞ୍ଜନ ରାଉଳଙ୍କ ଦ୍ୱାଦଶାହ ଦିବସ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲଙ୍କ ପୌରୋହିତ୍ୟରେ



ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ସ୍ୱର୍ଗତ ନିରଞ୍ଜନଙ୍କ ବହୁମୁଖୀ ସେବାମୂଳକ କାର୍ଯ୍ୟ ସ୍ମରଣୀୟ ହୋଇ ରହିବ ବୋଲି ପ୍ରକାଶ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଜୟଦେବ ରାଉତ, ସମିତିସଭ୍ୟ ପ୍ରଦୋଷ ସାହୁ, ସିଆରସିସି ନରେନ୍ଦ୍ରନାଥ ସାହୁ, ଜ୍ୟୋତିରଞ୍ଜନ ସ୍ୱାଇଁ, ପ୍ରବୋଧ ଚାନ୍ଦ, ରାମଚନ୍ଦ୍ର ସାହୁ, ନିତାଇ ସ୍ୱାଇଁ, ସନ୍ତୋଷ ସ୍ୱାଇଁ, ବ୍ରହ୍ମାନନ୍ଦ ଜେନା, ପ୍ରଦୀପ୍ତ ସିଂ, ଜୟକୃଷ୍ଣ ପାଲ, ଅଶୋକ ରାଉଳ, ପାର୍ଥ ଧନଞ୍ଜୟ ରାଉଳ, ପ୍ରକାଶ ଚନ୍ଦ୍ର ରାଉଳ ସ୍ମୃତିଚାରଣ କରିଥିଲେ।

## କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର



ଆଠଗଡ଼, ୧୬।୨(ସମିସ): ପ୍ରାକ୍ତନ ବିଧାୟକ ଲଳାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ୬୧ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଆଠଗଡ଼-ଟିଗିରିଆ ନିର୍ବାଚନ ମଣ୍ଡଳୀର ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଆଠଗଡ଼ ଟାଉନସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ଠାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଯୁବନେତା ମନୋରଞ୍ଜନ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ରକ୍ତଦାନ ଶିବିରରୁ କଟକ ରେଡକ୍ରସ ଭଣ୍ଡାରର ଡାକ୍ତର ଓ ଟେକ୍ନିସିଆନ ଦଳ ୮୦ ଜଣ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ। ଅକ୍ଷୟ ତୁଙ୍ଗ, ସଚ୍ଚିଦାନନ୍ଦ ପଣ୍ଡା, ରଜନୀ ଜେନା, ସଂଗ୍ରାମ କେଶରୀ ପାତ୍ର, ବିଷ୍ଣୁ ସ୍ୱାଇଁ, ଟୁକୁନା ନାୟକଙ୍କ ସମେତ ଆଠଗଡ଼ ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ଲକ୍ଷ୍ମିପ୍ରିୟା ନାୟକ, ଟିଗିରିଆ ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ବିଶାଖା ସମଲ, ଯୁବ କଂଗ୍ରେସ କର୍ମୀ ପ୍ରଶାନ୍ତ ବେହେରା, ସମ୍ବିତ ବରଲେ, ଅବିନାଶ ପ୍ରଧାନ, ଦେବବ୍ରତ ଦାସ, ଛାତ୍ର କଂଗ୍ରେସ ସଭାପତି ସୁବାଷିଷ ମିଶ୍ର, ଅଭିଷେକ ତୁଙ୍ଗ ସାମନ୍ତ, ନିଖିଲ ବେହେରା, ସଂଗ୍ରାମ ବେହେରା, ରଜତ ସାହୁ, ଆଶିଷ ଭୂୟାଁ ପ୍ରମୁଖ ସହଯୋଗ କରିଥିଲେ।

### ଏନ୍‌ଜିଟି ନିୟମର ଖୋଲା ଉଲ୍ଲଂଘନ

# ବିନା ପରିବେଶ ମଞ୍ଜୁରୀରେ ଚାଲୁଛି ଚିମ୍‌ନି ଭାଟି

କଟକ, ୧୬।୨(ସମିସ)

ଗୋଟିଏ ପଟରେ ବାୟୁ ପ୍ରଦୂଷଣ ସ୍ଥିତି କଟକ ସହରରେ ବିଗୁଡିଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା କାଠିକର ହେଲାଣି। ବାୟୁ ପ୍ରଦୂଷଣସ୍ତରକୁ ଆହୁରି ବୃଦ୍ଧି କରୁଛି ଶହ ଶହ ସଂଖ୍ୟାରେ ଜଳୁଥିବା ଇଟା ଭାଟି। ଏଗୁଡିକ ଉପରେ ଆଦୌ ଲଗାମ ଲାଗିପାରୁ ନ ଥିବା ଜଣାପଡ଼ିଛି। ଜିଲ୍ଲାରେ ଛତୁଫୁଟିଲା ଭଳି ଇଟା ଭାଟି ଗଢିଉଠିଛି। ଏବେ ଠାରୁ ଗ୍ରୀଷ୍ମର ପ୍ରକୋପ ଅନୁଭୂତ ହୋଇଥିବା ବେଳେ ଇଟାଭାଟିର ତାତିରେ ଆହୁରି ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିବ। ସେହିପରି ମାଟି ତାଡି ଇଟା ପୋଡିବାକୁ ଏନଜିଟି (ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ) ବାରଣ କରିଛନ୍ତି। ଏହାସତ୍ତ୍ୱେ ବେଆଇନ ଭାବେ ମେସିନ ଜରିଆରେ ମାଟି ଉତ୍ତୋଳନ କରି ଇଟା ପକାଇବା ପାଇଁ ବ୍ୟବହାର କରାଯାଇଆସୁଛି। ଗୁରୁତ୍ୱପୂର୍ଣ୍ଣ ହେଲା




କି ଜିଲ୍ଲାର ୧୪ଟି ବ୍ଲକରେ ପ୍ରାୟ ୬୦ରୁ ଅଧିକ ସ୍ଥାୟୀ ଇଟାଭାଟି ତଥା ଚିମିନି ଭାଟି ରହିଛି। ଏଗୁଡିକ ମଧ୍ୟରୁ ଅଧିକାଂଶ ଚିମିନିକୁ ପରିବେଶ ମଞ୍ଜୁରୀ ମିଳି ନ ଥିଲେ ବି ଏଗୁଡିକ ପ୍ରତିବର୍ଷ ଲକ୍ଷ ଲକ୍ଷ ଇଟା ପୋଡୁଛନ୍ତି। ଅତୀତରେ ଏହିସବୁ ଚିମିନିକୁ ବନ୍ଦ କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମଧ୍ୟ ପ୍ରଶାସନକୁ ଅବଗତ କରାଯାଇଥିଲା। ହେଲେ ଏବେ ବି ଏହି ଚିମିନି ବେଆଇନ ଭାବେ ଚାଲିଆସୁଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀଙ୍କ କହିବା ଅନୁସାରେ ସାଧାରଣ ଇଟାଭାଟି ପୋଡିବା ସମ୍ପୂର୍ଣ୍ଣ ବେଆଇନ। ହେଲେ ଚିମିନି ଇଟାଭାଟିକୁ କେବଳ ପରିବେଶ ମଞ୍ଜୁରୀ ଆଣିବା ପରେ

**ବେଆଇନ ଇଟାଭାଟି ବିରୋଧରେ ହେଉନି କାର୍ଯ୍ୟାନୁଷ୍ଠାନ**

ଅନୁମତି ଦିଆଯାଉଛି। ବେଆଇନ ଇଟାଭାଟି ବିରୋଧରେ ଏନଫୋର୍ସମେଣ୍ଟ ଦାୟିତ୍ୱ ପ୍ରଶାସନର ବୋଲି କୁହାଯାଇଛି। ଚିମିନି ଭାଟି ପରିବେଶ ମଞ୍ଜୁରୀ ପାଇଲା ପରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁମତି ଦେଇଥାଏ। ନୂତନ ନିୟମ ପ୍ରଚଳନ ହେବା ପରେ ଜିଲ୍ଲାରେ ଥିବା ସ୍ଥାୟୀ ଚିମିନି ଗୁଡିକୁ ବନ୍ଦ ନୋଟିସ କରାଯାଇଥିଲା ଓ ଏ ସମ୍ପର୍କରେ ପ୍ରଶାସନକୁ ଅବଗତ କରାଯାଇଥିବା କୁହାଯାଇଛି। ଅନ୍ୟପଟରେ ଅସ୍ଥାୟୀ ଇଟା ଭାଟି ଗୁଡିକ ବ୍ୟାପକ ପ୍ରଦୂଷଣ କରୁଥିଲେ ବି ଏହା ଉପରେ ଲଗାମ ଲଗାଯାଇପାରିନାହିଁ। ବାକି ଅସ୍ଥାୟୀ ଇଟା ଭାଟି ପୋଡିବାକୁ ବେଆଇନ ଘୋଷଣା କରାଯାଇଛି। କେତେ ସଂଖ୍ୟାରେ ଅସ୍ଥାୟୀ ଓ ସ୍ଥାୟୀ ଇଟାଭାଟି ପୋଡାଯାଉଛି ତାହାର ସଠିକ ତଥ୍ୟ ମଧ୍ୟ ପ୍ରଶାସନ ପାଖରେ ନାହିଁ। ଜଣେ ଜଣେ ଇଟା ଭାଟି ମାଲିକ ପ୍ରତିବର୍ଷ ଲକ୍ଷାଧିକ ଇଟା ପକାଇଆସୁଛନ୍ତି। ଜିଲ୍ଲାରେ ପ୍ରତିବର୍ଷ ହଜାର ହଜାର ଛୋଟ ଇଟାଭାଟି ହୋଇଆସୁଥିବାର ଜଣାପଡ଼ିଛି। ସାଧାରଣତଃ ଇଟାଭାଟି ଗୁଡିକ ପାଇଁ ବିଭିନ୍ନ ଅଞ୍ଚଳରେ ପ୍ରଦୂଷଣ ବୃଦ୍ଧିର ଅଭିଯୋଗ ଆସୁଛି। ଚିମିନିଗୁଡିକ ଜନବସତି ନିକଟରେ ସ୍ଥାପନ ହୋଇପାରିବ ନାହିଁ ବୋଲି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ପକ୍ଷରୁ ସ୍ୱଷ୍ଟ ଗାଇଡଲାଇନ ମଧ୍ୟ ରହିଛି। ଏଗୁଡିକୁ ଠିକ ଭାବେ ଅନୁଧ୍ୟାନ କରାଯାଇ ପାରୁନାହିଁ।

## ଶ୍ରୀଜଗନ୍ନାଥ ଚାରଣ ଗୋଷ୍ଠୀର ପଞ୍ଚମ ବାର୍ଷିକୋତ୍ସବ



କଟକ, ୧୬।୨(ସମିସ): ଶ୍ରୀଜଗନ୍ନାଥ ଚାରଣ ଗୋଷ୍ଠୀର ପଞ୍ଚମ ବାର୍ଷିକ ଉତ୍ସବ ବାଖରାବାଦ ସ୍ଥିତ ଗାନ୍ଧୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ସମାଜସେବୀ ପ୍ରବୋଧ କୁମାର ବଡ଼ପଣ୍ଡା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବରେ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ଏବଂ ବରେଣ୍ୟ ଅତିଥି ଭାବରେ ଶିଳ୍ପପତି ତଥା ଭାରତ ମସଲାର ଏମ୍‌ଡି ସୁରେନ୍ଦ୍ର ନାଥ ପଣ୍ଡା, ସମ୍ମାନିତ ଅତିଥି ଭାବରେ ପୂର୍ବତନ କର୍ପୋରେଟର ନମିତା ମଞ୍ଜରୀ ସାହୁ, ଓଡ଼ିଶା ଅକ୍ଷୟ ମହାନ୍ତି ଫାଉଣ୍ଡେସନ୍ ଟ୍ରଷ୍ଟର ଅଧ୍ୟକ୍ଷ ଚୈତନ୍ୟ ପ୍ରସାଦ ବେହେରା, ପୂର୍ବତନ ଏଣ୍ଡୋମେଣ୍ଟ କମିଶନର କମଳାକାନ୍ତ କର ଏବଂ ମୁଖ୍ୟବକ୍ତା ଭାବରେ ଡାକ୍ତର ରବିନାରାୟଣ ପଣ୍ଡା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟ କ୍ଷେତ୍ରରେ ଚୈତନ୍ୟ ପ୍ରସାଦ ବେହେରାଙ୍କୁ 'କୈବଲ୍ୟ ସମ୍ମାନ' ପ୍ରଦାନ କରାଯାଇଥିବା ବେଳେ ସଙ୍ଗୀତ କ୍ଷେତ୍ରରେ ଜଗବନ୍ଧୁ ସାହୁ, ସାମ୍ବାଦିକତା କ୍ଷେତ୍ରରେ ପ୍ରଭାତ ବିଶୋୟୀ, ସମାଜସେବା କ୍ଷେତ୍ରରେ ଦୁର୍ଯ୍ୟୋଧନ ମହାପାତ୍ର, ଜିତେନ୍ଦ୍ର ଗୌର, ରଞ୍ଜିତ ଦାସ ଏବଂ ପ୍ରମୋଦ କୁମାର ସ୍ୱାଇଁ, ଶ୍ରୀଜଗନ୍ନାଥ ଧର୍ମ ଓ ସଂସ୍କୃତି ପ୍ରଚାର କ୍ଷେତ୍ରରେ ବିପିନ୍ ପଣ୍ଡା, ଆଦର୍ଶ ଶିକ୍ଷକ ଭାବରେ ମନୋରଞ୍ଜନ ଶତପଥୀଙ୍କୁ 'ଭକ୍ତ ପ୍ରହଲ୍ଲାଦ' ସମ୍ମାନରେ ସମ୍ମାନୀତ କରାଯାଇଥିଲା। ସଂଗଠନର ସମ୍ପାଦକ ଭାଗିରଥ ପାଣିଗ୍ରାହୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଆଡ୍‌ଭୋକେଟ୍ ସିଦ୍ଧାର୍ଥ ଶଙ୍କର ସାମନ୍ତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। 'ଆମ ଜଗତନାଥ' ପତ୍ରିକାର ସହସମ୍ପାଦକ ପ୍ରଫୁଲ୍ଲ ମିଶ୍ର ଓ ଉପଦେଷ୍ଟା ଆରତୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅତିଥିମାନଙ୍କ ଦ୍ୱାରା ପତ୍ରିକାର ୯ମ ସଂଖ୍ୟା ଲୋକାର୍ପିତ ହୋଇଥିଲା। ସଞ୍ଜନା ମାଇତି ଓଡିଶୀ ନୃତ୍ୟ ପରିବେଷଣ କରିଥିବା ବେଳେ କୁନିଝିଅ ସୋନାଲି ବେହେରା ଭଜନ ଗାଇଥିଲେ। ସଂଗଠନର ମୁଖ୍ୟ ଉପଦେଷ୍ଟା ପ୍ରଫେସର ମଳୟ କୁମାର ମହାରି ସଭାପତି ଭାବରେ ସଭା ପରିଚାଳନା କରିଥିଲେ। ସଂଗଠନର ସଭାପତି ଡ. ଗୋପାଳଚନ୍ଦ୍ର ବାରିକ ଧନ୍ୟବାଦ ପ୍ରଦାନ କରି ସଭାସାଙ୍ଗ କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୨୦୦ ସଭ୍ୟ ଯୋଗ ଦେଇଥିଲେ।

## ଜଷ୍ଟିସ ବିଶ୍ୱନାଥ ରଥଙ୍କୁ 'ଦି ଗ୍ରେଟ ସନ ଅଫ ଇଣ୍ଡିଆ' ସମ୍ମାନ

କଟକ, ୧୬।୨(ସମିସ): କର୍ଣ୍ଣାଟକର ବାଙ୍ଗାଲୁରୁସ୍ଥିତ ହୋଟେଲ ଦ କ୍ୟାପିଟାଲ ପରିସରରେ ଇଣ୍ଡିଆନ କନଫରେନ୍ସ ଅଫ ଇଣ୍ଟେଲେକଚ୍ୟୁଆଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଭି. ଗୋପାଳ ଗୌଡ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ପ୍ରସନ୍ନା ବି ଭରାଲେ, ଅନ୍ୟତମ ଅତିଥି ଭାବେ କର୍ଣ୍ଣାଟକର ହାଇକୋର୍ଟର ବିଚାରପତି ଜଷ୍ଟିସ କେ ନଟରାଜନ, ଓଡ଼ିଶା ଲ କମିଶନ ଚେୟାରମ୍ୟାନ ଜଷ୍ଟିସ ବିଶ୍ୱନାଥ ରଥ, କର୍ଣ୍ଣାଟକର ହାଇକୋର୍ଟର ବିଚାରପତି ଜଷ୍ଟିସ ଇ.ଏସ. ଇନ୍ଦରେଶ, ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଆନନ୍ଦ ସଞ୍ଜୟ



ଏମ. ନୁଲି ପ୍ରମୁଖ ଯୋଗଦେଇ 'କନଷ୍ଟିଚ୍ୟୁସନାଲ ଆସପେକ୍ଟ ଅନ ଏନଭରମେଣ୍ଟାଲ ଲ' ପ୍ରସଙ୍ଗରେ ସୁଚିନ୍ତିତ ମତାମତ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ ଜଷ୍ଟିସ ବିଶ୍ୱନାଥ ରଥଙ୍କୁ 'ଦି ଗ୍ରେଟ ସନ ଅଫ ଇଣ୍ଡିଆ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଜଷ୍ଟିସ ରଥଙ୍କ ସମେତ ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ମଧ୍ୟ 'ଦି ଗ୍ରେଟ ସନ ଅଫ ଇଣ୍ଡିଆ' ଓ 'ଦି ଗ୍ରେଟ ଡଟର ଅଫ ଇଣ୍ଡିଆ' ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ଡ. ବିଜୟ ରାଉତ ସମ୍ବର୍ଦ୍ଧିତ

ନିଶ୍ଚିନ୍ତକୋଇଲି, ୧୬।୨(ସମିସ): ଓଡ଼ିଆ ଭାଷା ସାହିତ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ଡ଼ଃ ବିଜୟ ରାଉତଙ୍କୁ ମାହାଙ୍ଗା ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ରଜତ ଜୟନ୍ତୀ ସମ୍ମାନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ରାଉତ ଓଡ଼ିଆ ଭାଷାର ଜଣେ ଗବେଷକ ଓ ପ୍ରାବନ୍ଧିକ ହୋଇଥିବା ବେଳେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଉଚ୍ଚକୋଟିର ଲେଖନୀ ଚାଳନା କରି ବହୁ ପୁସ୍ତକ ରଚନା କରିବା ସହ ଯୁଗପଯୋଗୀ ପତ୍ରିକା



ବିଜୟ ବାର୍ତ୍ତାର ସମ୍ପାଦନା କରି ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିବାରେ ସେ ପ୍ରୟାସରତ ଥିବାରୁ ତାଙ୍କୁ ଏଭଳି ସମ୍ମାନ ପାଇଁ ଯୋଗ୍ୟ ବିବେଚିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଡ. ଭୁବନାନନ୍ଦ ସାହୁଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ବିଶ୍ୱଭାରତୀ ଶାନ୍ତି ନିକେତନର ଅବସରପ୍ରାପ୍ତ ପ୍ରଫେସର ତଥା କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବୈଷ୍ଣବଚରଣ ସାମଲ ଓ ସମ୍ପାଦକ ଭାବଗ୍ରାହୀ ଦାସ, ପ୍ରତିଷ୍ଠାତା ସଦସ୍ୟ ରସରାଜ ବୀରକିଶୋର ସ୍ୱାଇଁ, ଭୂପେନ ଚାଟାର୍ଜୀ, ସତ୍ୟବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବହୁ କବି, ସାହିତ୍ୟିକ, ଅଧ୍ୟାପକ, ସାମ୍ବାଦିକ ଓ ବୁଦ୍ଧିଜୀବୀ ମହଲରେ ତାଙ୍କୁ ସ୍ୱାଗତ ଶୁଭେଚ୍ଛା ଜଣାଇଛନ୍ତି।

## +୨ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ନିଶ୍ଚିନ୍ତକୋଇଲି, ୧୬।୨(ସମିସ): ନିଶ୍ଚିନ୍ତକୋଇଲି ବଜାରରେ ଥିବା ଅଗ୍ରଣୀ ଶିକ୍ଷାନୁଷ୍ଠାନ ଏକ୍ସଲେନ୍ସ କୋଚିଂ ସେଣ୍ଟରରେ ଅଧ୍ୟୟନରତ +୨ କଳା ଓ ବିଜ୍ଞାନ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କୋଚିଂ ସେଣ୍ଟର ପରିସରରେ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରି ବିଦାୟୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କୋଚିଂ ସେଣ୍ଟରର ପରିଚାଳକ ଦେବେନ୍ଦ୍ରନାଥ ଲେଙ୍କାଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ଉତ୍କଳଜ୍ୟୋତି ରଘୁନାଥ ମହାନ୍ତି, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଅଶୋକ ସ୍ୱାଇଁ, ଅଧ୍ୟାପକ ଧରଣୀଧର ନାୟକ, ସିଦ୍ଧାର୍ଥ ଆଚାର୍ଯ୍ୟ, ଶିବ ସାଇନାଥ, ରଶ୍ମି ମହାରଣା, ସାମ୍ବାଦିକ ସୁରେନ୍ଦ୍ରନାଥ ରାଉତ, ବଲ୍ଲଭଚରଣ ପଲେଇ, ଦୀପକ ମିଶ୍ର, କବିତା ପରିଜା ଦାୟୀ ଛାତ୍ରଛାତ୍ରୀଙ୍କ ଆସନ୍ତା ପରୀକ୍ଷାରେ ଉତ୍ତମ ଫଳାଫଳ ଆଶା କରି ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅଧ୍ୟାପିକା ସ୍ୱପ୍ନା ଲେଙ୍କାଙ୍କ ସଂଯୋଜନାରେ ଗୌଡ଼କେଶ ମହାନ୍ତି, ଶ୍ୱେତାଲିନା ପ୍ରଧାନ, ପ୍ରଭାକର ଦାଶ, କେଶବ ଦାସ, ସୂର୍ଯ୍ୟନାରାୟଣ ସାହୁ ଓ ଅର୍ଚ୍ଚନା ପରିଚାଳନା କରିଥିଲେ। ସ୍ୱପ୍ନା ଲେଙ୍କା ଧନ୍ୟବାଦ ଦେଇଥିଲେ।

# ଚାର୍ୟାଁପାଳ-ବାଗସରପୁର ରାସ୍ତା ନିମ୍ନମାନର: ନାହିଁ ସୂଚନାଫଳକ

### ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ମନମାନୀ କାର୍ଯ୍ୟ





ମାହାଙ୍ଗା, ୧୬।୨(ସମିସ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଗତପୁର ଜଳସମ୍ପଦ ଉତ୍ତର ବିଭାଗ ଅଧୀନ ପଟାମୁଣ୍ଡାଇ କେନାଲ ଦକ୍ଷିଣ ପାର୍ଶ୍ୱବନ୍ଧ ଚାର୍ୟାଁପାଳଠାରୁ ବାଗସରପୁର ପର୍ଯ୍ୟନ୍ତ ହେଉଥିବା ଉନ୍ନତିକରଣ ଓ ଢଳେଇ କାର୍ଯ୍ୟ ନିମ୍ନମାନର ହେଉଥିବା ଦେଖାଯାଉଛି। ପଟାମୁଣ୍ଡାଇ କେନାଲର ଦକ୍ଷିଣ ପାର୍ଶ୍ୱବନ୍ଧ ଉନ୍ନତିକରଣ ନିମନ୍ତେ ଚାର୍ୟାଁପାଳଠାରୁ ବାଲିଚନ୍ଦ୍ରପୁର ପର୍ଯ୍ୟନ୍ତ ୧ କୋଟିରୁ ଅଧିକ ଟଙ୍କା ସ୍ଥାନୀୟ ବିଧାୟକଙ୍କ ଉଦ୍ୟମକ୍ରମେ ଶିଳାନ୍ୟାସ କରାଯିବା ସହ ଓସିସି ଦ୍ୱାରା ତଦାରଖ କାର୍ଯ୍ୟ ଚାଲୁ ରହିଛି। ସ୍ଥାନୀୟ ଲୋକେ ଏହି ନିମ୍ନମାନର କାର୍ଯ୍ୟକୁ ବିରୋଧ କରି ବାରମ୍ବାର ବନ୍ଦ କରୁଥିଲେ ମଧ୍ୟ ଠିକାଦାର ମନମୁଖୀ ଭାବେ କାର୍ଯ୍ୟ କରୁଛନ୍ତି। ବିଶେଷ କରି ଚାର୍ୟାଁପାଳ ନିକଟ ଦକ୍ଷିଣ ବନ୍ଧ ଉପରେ ଢଳେଇ କରାଯାଇ ରାସ୍ତା ନିର୍ମାଣ ହେଉଥିବା ବେଳେ ଏହି ରାସ୍ତା କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଛି। ଏହି ରାସ୍ତା କାର୍ଯ୍ୟ ନିର୍ମାଣ ଚାଲିଥିବା ବେଳେ କାର୍ଯ୍ୟସ୍ଥଳରେ କୌଣସି ସଠିକ୍ ସୂଚନାଫଳକ ନାହିଁ। ଯାହାଫଳରେ କାର୍ଯ୍ୟର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ରାସ୍ତା ନିର୍ମାଣର ପ୍ରଥମସ୍ତର ଢଳେଇ ମେଟାଲିଙ୍ଗ ଏପରି ଭାବେ କରାଯାଇଛି ଅନେକ ସ୍ଥାନରେ ଗୋଡି ଆପଣାଛାଏଁ ଉଠିଯାଉଥିବା ଦେଖିବାକୁ ମିଳିଛି। ଏହି ମେଟାଲିଙ୍ଗ ଉପରେ ଏବେ ଦ୍ୱିତୀୟ ଲେୟରର ୩/୪ ଇଞ୍ଚ ଚିପ୍ସ ଢଳେଇ ପକାଯିବାର ବ୍ୟବସ୍ଥା ଥିବା ବେଳେ ବଜୁରି ମିଶା ଗୋଡି ମେସିନ ଦ୍ୱାରା ବାହାରୁ ଗୋଳାଇ ଆଣି ପତଳା ଢଳେଇ ପକାଯାଉଛି। ଅତି ପତଳା ହୋଇଥିବାରୁ ସିମେଣ୍ଟ ରସ ପାଣି ବାହାରକୁ ବାହାରି ଯାଉଛି। ସେହିପରି ରାସ୍ତାର ମୋଟେଇ ଆବଶ୍ୟକ ମୋଟେଇଠାରୁ କମ୍ ପଡୁଥିବା ବେଳେ ଅଧିକ ପତଳା ଢଳେଇ ହେତୁ ରାସ୍ତା ଉପରେ ଭାଇବ୍ରେଟର ମରାଯାଉନାହିଁ। ଅଣଓସାରିଆ ରାସ୍ତା ହୋଇଥିବାରୁ ଏହି ରାସ୍ତାକୁ ସୁରକ୍ଷା ଦେବା ପାଇଁ ପ୍ରାୟ ଏକ ଫୁଟ୍ ପାଖାପାଖି ଢଳେଇର ଆବଶ୍ୟକତା ରହିଛି; କିନ୍ତୁ ନାମକୁ ମାତ୍ର ଟୋୱାଲ କରି ଏହା ମଧ୍ୟରେ ବାଲି ଭର୍ତ୍ତି କରି ରାସ୍ତା ନିର୍ମାଣ କରାଯାଉଛି। କୋଟି କୋଟି ଟଙ୍କାର ଢଳେଇ କାର୍ଯ୍ୟ ଚାଲିଥିବା ବେଳେ ଅଧିକାଂଶ ସମୟ ଓସିସି ପକ୍ଷରୁ କାର୍ଯ୍ୟସ୍ଥଳରେ କୌଣସି ଅଧିକାରୀ ଉପସ୍ଥିତ ରହୁ ନଥିବା ବେଳେ ବିଶେଷକରି ଛୁଟିଦିନରେ ଢଳେଇ କାର୍ଯ୍ୟ ଅଧିକାରୀଙ୍କ ଅନୁପସ୍ଥିତିରେ ମନମୁଖୀ ଭାବେ କରାଯାଉଛି। ଏହି ନିମ୍ନମାନର ରାସ୍ତା କାର୍ଯ୍ୟ ଉପରେ ଏକ ଉଚ୍ଚସ୍ତରୀୟ ତଦନ୍ତ ସହ ସ୍ଥାନୀୟ ବିଧାୟକ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଓସିସି ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ମହାନ୍ତିଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ନରସିଂହପୁର ରାଜ୍ୟ ତୈଳିକ ବୈଶ୍ୟ ସମାଜ ବୈଠକ

ନରସିଂହପୁର, ୧୬।୨(ସମିସ): ନରସିଂହପୁର ରାଜ୍ୟ ତୈଳିକ ବୈଶ୍ୟ ସମାଜ 'କ' ପୁଞ୍ଜର ବାର୍ଷିକ ସାଧାରଣ ଅଧିବେଶନ ବ୍ଲକ ଅଧୀନ ସରଧାପୁର ପଞ୍ଚାୟତ ଅଧୀନ ଅଙ୍ଗନବାଡି କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମଳାଡିହ, ଚକାମୁଣ୍ଡା, ଜୁଡୁମୁ, ସରଧାପୁର, ଚକ୍ରଗଡ, ବଳଡିହ ଓ କୋକଳବା ଆଦି ୫ଟି ଥାନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ସଭାପତି ଧ୍ରୁବଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସରଧାପୁର ସମିତିସଭ୍ୟ ଶକ୍ତି ମିଶ୍ର ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ପୂର୍ବତନ ସରପଞ୍ଚ ଶିଶିର ରାଉତ, ସନ୍ତୋଷ ସାହୁ ଯୋଗ ଦେଇଥିଲେ। ନିଳାଦ୍ରି ବିହାରୀ ସାହୁ, ବସନ୍ତ ସାହୁ, ପୁରିଆ ସାହୁ, ନବଘନ ସାହୁ, ବିଜୟ ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

● ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ବ୍ରହ୍ମପୁରକୁ ହରାଇ ରାଉରକେଲା ଚାମ୍ପିଅନ

ନରସିଂହପୁର, ୧୬।୨(ସମିସ): ନରସିଂହପୁର ବ୍ଲକ ଅଧୀନ ପାଇକପଡ଼ା ରେଞ୍ଜର ପଡ଼ିଆ ନରସିଂହପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ଆୟୋଜିତ ଫାଇନାଲ ଖେଳରେ ବ୍ରହ୍ମପୁର କ୍ରିକେଟ ଦଳକୁ ପରାସ୍ତ କରି ରାଉରକେଲା କ୍ରିକେଟ ଦଳ ଚାମ୍ପିଅନ ହୋଇଛି। ରାଉରକେଲାର ଆଶୁ ଇଲେଭେନ୍ ଦଳ ପ୍ରଥମେ ଟସ ଜିଣି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ୟୁନାଇଟେଡ ଇଲେଭେନ ବ୍ରହ୍ମପୁର ଦଳ ୨୦ ଓଭରରେ ୯ ୱିକେଟ ହରାଇ ୧୫୬ ରନ ସଂଗ୍ରହ କରିଥିଲା। ପ୍ରତିଜବାବରେ ଆଶୁ ଇଲେଭେନ ରାଉରକେଲା ଦଳ ୨୦ ଓଭରରେ ୪ଟି ୱିକେଟ ହରାଇ ୧୫୭ ରନ୍ ସଂଗ୍ରହ କରି ବିଜୟ ଲାଭ କରିଥିଲା। ରାଉରକେଲା ଦଳର ହେମନ୍ତ ନାୟକ ୪୦ ବଲରେ ୬୪ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ୍ ରୂପେ ଘୋଷିତ ହୋଇଥିବା ବେଳେ ଦଳର ଅଧିନାୟକ ଶୁଭମ୍ ରାଉତରାୟ ମ୍ୟାନ ଅଫ ଦି ସିରିଜ ଭାବେ ଘୋଷିତ ହୋଇଥିଲେ। ଆଜିର ଖେଳରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଓଡ଼ିଶା ଖାଦ୍ୟ କମିଶନର ଅଧ୍ୟକ୍ଷ ଅବନୀକାନ୍ତ ସାହୁ, କଟକ ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ବିଜେଡି ଯୁବ ସଭାପିତ ନିର୍ମଳ ଜେନା, ବ୍ଲକ ଉପାଧ୍ୟକ୍ଷ ନାରାୟଣ ନାୟକ, କାଠଖୁଣ୍ଟ ପଞ୍ଚାୟତ ସରପଞ୍ଚ ଲିପିନା ନାୟକ, ପାଇକପଡ଼ା ସରପଞ୍ଚ ଗୟାଧର ସାହୁ ଅତିଥି ରୂପେ ଯୋଗଦେଇ ଖେଳାଳିମାନଙ୍କୁ



ଉତ୍ସାହିତ କରିଥିଲେ। ଓଡ଼ିଶା କ୍ରିକେଟ ଆସୋସିଏନସନ ଦ୍ୱାରା ସହବନ୍ଧିତ ଅମ୍ପାୟାର ଭଦ୍ରକ ଜିଲ୍ଲାର ସଞ୍ଜୟ ଶତପଥି, ଯାଜପୁର ଜିଲ୍ଲାର ଦୁର୍ଗାଚରଣ ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ। ରିଙ୍କୁ ରଣା ଓ କାହ୍ନୁଚରଣ ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ।

# ସୁଶ୍ରୀ

ସକାଳ
THE SAKALA
www.sakalaepaper.com



# ଅର୍ଗାନିକ୍ ହେୟାର୍ ଅଏଲ୍

ବର୍ତ୍ତମାନ ସମୟରେ କେଶଝଡ଼ା ଏକ ସାଧାରଣ ସମସ୍ୟା ହୋଇଗଲାଣି । ଧୂଳି, ପ୍ରଦୂଷଣ, ଚାପ ତଥା ଅନିୟମିତ ଖାଦ୍ୟପେୟ ଯୋଗୁ କେଶ ଦୁର୍ବଳ ହୋଇଯାଏ । ଏହାର ଯତ୍ନ ପାଇଁ ଅନେକେ ବିଭିନ୍ନ ହେୟାର୍ ଟ୍ରିଟ୍‌ମେଣ୍ଟ ତଥା କେମିକାଲ୍ ଯୁକ୍ତ ସାମଗ୍ରୀ ଲଗାଇଥାନ୍ତି । କିନ୍ତୁ ଏହାଦ୍ୱାରା କେଶ ଅଧିକ ଝଡ଼ିଥାଏ । ତେଣୁ କେଶଝଡ଼ା ରୋକିବା ପାଇଁ ଘରେ ଥିବା ଜିନିଷକୁ ଉପଯୋଗ କରି ଆୟୁର୍ବେଦିକ ହେୟାର୍ ଅଏଲ୍ ବା ଅର୍ଗାନିକ୍ ଅଏଲ୍ ପ୍ରସ୍ତୁତ କରିପାରିବେ ।

### ବିଧି

ଆୟୁର୍ବେଦିକ ହେୟାର୍ ଅଏଲ୍ ପ୍ରସ୍ତୁତ କରିବା ପାଇଁ କିଛି ପଦାର୍ଥର ଆବଶ୍ୟକ ହୋଇଥାଏ । ଏହି ତେଲ ପ୍ରସ୍ତୁତ କରିବା ବିଧି ଖୁବ୍ ସହଜ । ଏଥିରେ ବ୍ୟବହୃତ ସାମଗ୍ରୀ ସହଜରେ ବଜାରରେ ଉପଲବ୍ଧ । ଜାଣିବା କିପରି ପ୍ରସ୍ତୁତ କରିବେ ଏହି ତେଲ ।

### ସାମଗ୍ରୀ

ନଡ଼ିଆ ତେଲ – ୫୦ ଗ୍ରାମ୍, ଅଁଳା ପାଉଡର୍ – ଦୁଇ ଚାମଚ, ବ୍ରାହ୍ମୀ ପାଉଡର୍ – ଦୁଇଚାମଚ. ଭୃଙ୍ଗରାଜ ପାଉଡର୍ – ଦୁଇଚାମଚ, ମେଥିଦାନା – ଏକ ଚାମଚ, ନିମ୍ବ ପତ୍ର – ଦୁଇ ପାଖୁଡ଼ା, ଲବଙ୍ଗ – ତିନୋଟି, ଡାଲଚିନି - ଖଣ୍ଡେ ।

### ପ୍ରସ୍ତୁତି

ଗ୍ୟାସ୍ ଲଗାଇ କଡ଼େଇ ବସାଇ ନଡ଼ିଆ ତେଲ ଦିଅନ୍ତୁ । ତେଲ ଗରମ ହୋଇଯିବା ପରେ ସେଥିରେ ମେଥିଦାନା, ନିମ୍ବ ପତ୍ର, ଲବଙ୍ଗ, ଡାଲଚିନି ପକାନ୍ତୁ । ନିମ୍ବପତ୍ର ତେଲରେ ଭଲଭାବେ ଭାଜି ହେବା ଦରକାର । ଏହାପରେ ସେଥିରେ, ଅଁଳା, ଭୃଙ୍ଗରାଜ, ବ୍ରାହ୍ମୀ ପାଉଡର୍ ମିଶାନ୍ତୁ । ଏ ସମସ୍ତ ଜିନିଷକୁ ଭଲ ଭାବେ ଫେଣ୍ଟି ଏହାକୁ ପାଞ୍ଚରୁ –ସାତ ମିନିଟ୍ ବସାନ୍ତୁ । ତେଲ ଥଣ୍ଡା ହୋଇଯିବା ପରେ ଏହାକୁ ଶୁଖିଲା କପଡ଼ାରେ ଛାଣି ଦିଅନ୍ତୁ । ଏହି ତେଲକୁ ଏକ ପବନରୋଧି ବଟଲ୍‌ରେ ରଖି ଦିଅନ୍ତୁ ।

### ଉପକାରିତା

ପ୍ରାକୃତିକ ସାମଗ୍ରୀରେ ପ୍ରସ୍ତୁତ ଏହି ତେଲ କେଶକୁ ପୋଷଣ ଦେବା ସହ କେଶମୂଳ ମଜଭୂତ କରିଥାଏ । କେଶରେ ରକ୍ତ ସଞ୍ଚାଳନ ପ୍ରକ୍ରିୟା ବୃଦ୍ଧି କରିଥାଏ । ଏହା ବାଦ୍ ଏହା କେଶକୁ ପ୍ରାକୃତିକ ରୂପେ ଘନକଳା କରିବାରେ ସହାୟକ ହୋଇଥାଏ । ଏହାକୁ ସପ୍ତାହରେ ଦୁଇ ତିନିଥର ଲଗାଇଲେ ଏଥିରୁ ସୁଫଳ ମିଳିଥାଏ । ଏହାକୁ ନଖ ଉଷୁମ କରି କେଶରେ ଲଗାଇ ଘଣ୍ଟେ ଦୁଇଘଣ୍ଟା ରଖି ଧୋଇ ଦିଅନ୍ତୁ । ଏଥିରୁ କେଶକୁ ଏକ ପ୍ରାକୃତିକ ଚମକ ମିଳିଥାଏ । ଏହାଦ୍ୱାରା କେଶଝଡ଼ା କମିଥାଏ ।

# ଏମ୍ବ୍ରୋଡୋରି କେଉଁଠି କିଭଳି

ଭାରତକୁ ବିବିଧତାର ଦେଶ ବୋଲି କୁହାଯାଏ । ଏହି ବୈଚିତ୍ର୍ୟତା ଭାଷା, ସଂସ୍କୃତି, ବେଶଭୂଷା, ଖାଦ୍ୟପାନୀୟ, ନୃତ୍ୟଗୀତ ତଥା କଳାକାରିଗରୀରେ ବାରିହୋଇପଡ଼େ । କାରିଗରୀ ବିଦ୍ୟା ଭାବେ ଏମ୍ବ୍ରୋଡୋରି ଏକ ପ୍ରାଚୀନ ହସ୍ତକଳା ରୂପେ ପରିଚିତ, ଯାହା ସାଂସ୍କୃତିକ ଓ ସାମାଜିକ ବିଶେଷତ୍ୱ ସହ ପରିଚିତ କରାଏ । ପ୍ରତି ରାଜ୍ୟର ନିଆରା ଶୈଳୀ, ରଙ୍ଗ ଓ ଡିଜାଇନର ଏମ୍ବ୍ରୋଡରି ହସ୍ତକଳା ଭାରତକୁ ବିଶ୍ୱବିଖ୍ୟାତ କରିଛି । ଏହାର ଗୁରୁତ୍ୱକୁ ଉପଲବ୍ଧି କରି ଫେବୃଆରୀ ମାସକୁ ଜାତୀୟ ଏମ୍ବ୍ରୋଡୋରି ମାସ ଭାବେ ପାଳନ କରାଯାଏ । ଏହି ପରିପ୍ରେକ୍ଷୀରେ ଭାରତର କେତେକ ରାଜ୍ୟରେ ପ୍ରସିଦ୍ଧି ଲାଭ କରିଥିବା ଏମ୍ବ୍ରୋଡୋରି କଳାକୁ ନେଇ ଏହି ଉପସ୍ଥାପନା ।

### ଚମ୍ବା ରୁମାଲ (ହିମାଚଳ ପ୍ରଦେଶ)



ହିମାଚଳ ପ୍ରଦେଶର ପାରମ୍ପରିକ କଳା ଭାବେ ଚମ୍ବା ରୁମାଲ ଏମ୍ବ୍ରୋଡୋରି ବେଶ୍ ପ୍ରସିଦ୍ଧ । ଏହାର ନାମକରଣ ଚମ୍ବା ଜିଲ୍ଲା ଅନୁସାରେ କରାଯାଇଛି । ୧୭୦୦ ରୁ ୧୮୦୦ ଶତାବ୍ଦୀ ମଧ୍ୟରେ ରାଜପୁତ ଓ ପାହାଡ଼ୀ ରାଜବଂଶର ମହିଳାମାନେ ଏହି କଳା ଆରମ୍ଭ କରିଥିଲେ । ଏହା ମୋଗଲ ଓ ପାହାଡ଼ୀ ଚିତ୍ରକଳାରୁ ପ୍ରେରିତ । ଏ ପ୍ରକାର ଏମ୍ବ୍ରୋଡୋରି ବିଶେଷ କରି ସୂତା ଓ ରେଶମ କପଡ଼ା ଉପରେ କରାଯାଇଥାଏ । ଏହି ରୁମାଲକୁ ବିବାହ, ଧାର୍ମିକ କାର୍ଯ୍ୟାନୁଷ୍ଠାନରେ ଉପହାର ସ୍ୱରୂପ ଦିଆଯାଉଥିଲା । ବିଶେଷ କରି ମହିଳାମାନେ ଏହାକୁ ବିବାହ ଯୌତୁକରେ ନେଉଥିଲେ । ଏଥିରେ ପୌରାଣିକ କଥାବସ୍ତୁ ଯଥା - ରାମାୟଣ, ମହାଭାରତ ଓ କୃଷ୍ଣଲୀଳା ଦୃଶ୍ୟକୁ ରେଶମୀ ସୂତାରେ ରୂପାୟନ କରାଯାଉଥିଲା । ଏହାର ବଡ଼ଭଣ ଅନୁଯାୟୀ, ଏହା ଦୁଇ ପ୍ରକାର ଏମ୍ବ୍ରୋଡରି କୌଶଳରେ ପ୍ରସ୍ତୁତ କରାଯାଇଥାଏ ।



### ତୋଡ଼ା (ତାମିଲନାଡୁ)

ତାମିଲନାଡୁ ନୀଳଗିରି ପାହାଡ଼ରେ ଥିବା ତୋଡ଼ା ଜନଜାତିର ମହିଳାମାନେ ଏହି ହସ୍ତକଳା ଆରମ୍ଭ କରିଥିଲେ । ଏହା ସ୍ଥାନୀୟ ଭାଷାରେ 'ପୁଖୁର' ଭାବେ ପରିଚିତ । ଯାହା ତୋଡା ଜନଜାତିର ସଂସ୍କୃତି ଓ ପରିଚୟର ପ୍ରତୀକ ଭାବେ ଜଣାଯାଏ । ବିବାହ ଓ ଧାର୍ମିକ ସମାରୋହରେ ପୁରୁଷ, ମହିଳାଙ୍କ ପାଇଁ ନିର୍ମିତ ପୋଷାକରେ ଏହି କାରିଗରୀ କରାଯାଇଥାଏ । ଏହି ଏମ୍ବ୍ରୋଡରି, କଳା ଓ ନାଲି ରଙ୍ଗ ସୂତାରେ ଧଳା କପଡ଼ାରେ ଜ୍ୟାମିତିକ ଶୈଳୀରେ ବୁଣା ଯାଇଥାଏ । ଏହାକୁ 'ପୁହଲ' କୁହାଯାଏ । ଏହା ବିଶେଷ କରି ଶାଲ୍‌ରେ କରାଯାଇଥାଏ ।

### ସୁଜନୀ (ବିହାର)



ବିହାରର ପାରମ୍ପରିକ କଳା ଭାବେ ଏହି ସୁଜନୀ ଏମ୍ବ୍ରୋଡୋରି ଖୁବ୍ ଲୋକପ୍ରିୟ । ବିଶେଷ କରି ମିଥିଳାଞ୍ଚଳର ମହିଳାମାନେ ଏହି କାରିଗରୀ କରିଥାନ୍ତି । ପୁରୁଣା କପଡ଼ାକୁ ପୁନର୍ବାର ବ୍ୟବହାର କରିବା ପାଇଁ ଏହା ତିଆରି କରାଯାଇଥାଏ । ପ୍ରଥମେ ମହିଳାମାନେ ପୁରୁଣା ଧୋତି ଓ ଶାଢ଼ିକୁ ଏକତ୍ର କରି ସେଥିରେ କାହାଣୀ ଥିବା ଚିତ୍ରକୁ ଏମ୍ବ୍ରୋଡରି ମାଧ୍ୟମରେ ରୂପ ଦେଉଥିଲେ । ଏଥି ସହିତ ପୌରାଣିକ ଚିତ୍ରକଳା ଦେବୀ ଦେବତା, ଦୈନିକ ଜୀବନଶୈଳୀ, ଏବଂ ମହିଳା ସଶକ୍ତିକରଣ ଚିତ୍ର ଅଙ୍କନ କରାଯାଉଥିଲା ।

### ରବାରି (ଗୁଜରାଟ)



ଗୁଜରାଟ ଓ ରାଜସ୍ଥାନରେ ପ୍ରସିଦ୍ଧି ଲାଭ କରିଥିବା ହସ୍ତଶିଳ୍ପ ଭାବେ ରବାରି ଏମ୍ବ୍ରୋଡୋରି ବେଶ୍ ଲୋକପ୍ରିୟ । ଏହି କଳା ସ୍ଥାନୀୟ ଅଞ୍ଚଳରେ ବାସ କରୁଥିବା ରବାରି ଜନଜାତି ମହିଳାମାନେ ବିକଶିତ କରିଥିଲେ । ପାରମ୍ପରିକ ଭାବେ ଏହି ହସ୍ତକଳା ବିବାହରେ ଯୌତୁକ ସ୍ୱରୂପ ଦେବା ପାଇଁ ତିଆରି କରାଯାଉଥିଲା । ଏଥିରେ କାଚ, ଚମକଯୁକ୍ତ ରଙ୍ଗ, ପଶୁପକ୍ଷୀଙ୍କ ଚିତ୍ର ଅଙ୍କନ କରାଯାଉଥିଲା । ଏହା ଖୁବ୍ ରଙ୍ଗୀନ୍ କାରିଗରୀ ଭାବେ ଜଣାଯାଏ । ରବାରି ଏମ୍ବ୍ରୋଡୋରି ଡିଜାଇନ୍‌କୁ ଅଧିକ ଆକର୍ଷଣୀୟ କରିବା ପାଇଁ ଏହାକୁ ପଛ ସିଲେଇ ମଧ୍ୟ କରାଯାଏ, ଯାହାକୁ ବଖିଆ ବୋଲି କୁହାଯାଏ । ପ୍ରାରମ୍ଭରେ ଏହା କେବଳ କପଡ଼ାରେ ସୀମିତ ରହିଥିଲା । କିନ୍ତୁ ଏବେ ଏହାର ବ୍ୟାଗ୍, ଘରସଜ୍ଜା ଉପକରଣ ମଧ୍ୟ ପ୍ରସ୍ତୁତ କରାଯାଉଛି ।

# ଲେମ୍ବୁ ଲଗାଉଥିଲେ ଧ୍ୟାନ ଦିଅନ୍ତୁ...

ସାଧାରଣତଃ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ମହିଳାମାନେ ଲେମ୍ବୁ ବ୍ୟବହାର କରିଥାନ୍ତି । ଏଥିରୁ ଖୁବ୍ ସୁଫଳ ମଧ୍ୟ ମିଳିଥାଏ । କିନ୍ତୁ କୌଣସି ଜିନିଷ ଆବଶ୍ୟକତାଠାରୁ ଅଧିକ ବ୍ୟବହାର କରିବା କ୍ଷତିକାରକ ହୋଇଥାଏ । ଅନେକେ ମହିଳା ତ୍ୱଚା କୁଞ୍ଚନ ସମସ୍ୟା, ତେଲିଆପଣ ଦୂର ପାଇଁ ନିୟମିତ ଏହାକୁ ଲଗାଇଥାନ୍ତି । କିନ୍ତୁ ଦୈନିକ ମୁହଁରେ ଲେମ୍ବୁରସ ଲଗାଇଲେ ତ୍ୱଚାରେ ଏହାର କ୍ଷତିକାରକ ପ୍ରଭାବ ପଡ଼ିଥାଏ । ଜାଣିବା ସେ ବିଷୟରେ...



### ବଦଳେ ତ୍ୱଚାର ରଙ୍ଗ

ଲେମ୍ବୁରସ ତ୍ୱଚାରେ ନିୟମିତ ଲଗାଇବା ଦ୍ୱାରା ଅନ୍‌ଇଭେନ୍ ସ୍କିନ୍ ଟୋନ୍ ସମସ୍ୟା ଦେଖାଯାଇଥାଏ । ତେଣୁ ଶ୍ୟାମଳ ତଥା କଳା ରଙ୍ଗ ଥିବା ଯୁବତୀମାନେ ପ୍ରତିଦିନ ତ୍ୱଚାରେ ଲେମ୍ବୁରସ ଲଗାଇବାରୁ ଦୂରେଇ ରୁହନ୍ତୁ ।

### ଦାଗ ସମସ୍ୟା

ତ୍ୱଚାରେ ବ୍ରଣ ଥିଲେ, ଲେମ୍ବୁ ବ୍ୟବହାରରୁ ଦୂରେଇ ରୁହନ୍ତୁ ନାହିଁ । କାରଣ ଲେମ୍ବୁରସରେ ଅଧିକ ମାତ୍ରାରେ ଏସିଡ୍ ରହିଥାଏ । ଏହା ବ୍ରଣକୁ ଅଧିକ ସଂକ୍ରମଣ କରିଥାଏ ।

### ସନ୍‌ବର୍ନ୍ ସମସ୍ୟା

ଲେମ୍ବୁରସ ତ୍ୱଚାକୁ ଆବଶ୍ୟକତାରୁ ଅଧିକ କୋମଳ କରିଦିଏ । ତେଣୁ ବାହାରକୁ ଯାଉଥିଲେ, ଏହାର ବ୍ୟବହାର ନ କରିବା ଭଲ । କାରଣ ସୂର୍ଯ୍ୟକିରଣ କୋମଳ ତ୍ୱଚାକୁ ଅଧିକ କ୍ଷତି ପହଞ୍ଚାଇଥାଏ । ତେଣୁ ତ୍ୱଚାରେ ଜଳାପୋଡ଼ା ଭଳି ସମସ୍ୟା ଉପୁଜିପାରେ । ଏହି ଲେମ୍ବୁରସକୁ ସିଧାସଳଖ ମୁହଁରେ ନ ଲଗାଇ ଏହାକୁ କୌଣସି ମିଶ୍ରଣରେ ମିଶାଇ ଲଗାଇପାରିବେ ।

### ଶୁଷ୍କ ହୁଏ ତ୍ୱଚା

ଲେମ୍ବୁରେ ସାଇଟ୍ରିକ୍ ଏସିଡ୍‌ର ମାତ୍ରା ଅଧିକ ରହିଥାଏ । ତେଣୁ ନିୟମିତ ଲେମ୍ବୁରସ ବ୍ୟବହାର ତ୍ୱଚା ପାଇଁ ସମସ୍ୟା ସୃଷ୍ଟି କରିପାରେ । ଏହା ଦ୍ୱାରା ତ୍ୱଚାରେ ନାଲିଦାଗ, ଜଳାପୋଡ଼ା ସହ ଚର୍ମ କୁଣ୍ଡାଇ ହୋଇଥାଏ ।

# କିପରି ଦିଶିବେ ଡେଙ୍ଗା...

ଅଧିକାଂଶ ଯୁବତୀ ଲମ୍ବା ଓ ପତଳା ଦିଶିବାକୁ ଚାହାନ୍ତି । ତେବେ ଏଥିପାଇଁ ଷ୍ଟାଇଲ୍ ଓ ରଙ୍ଗ ଅନୁଯାୟୀ ପୋଷାକ ଚୟନ କରିବାକୁ ପଡ଼ିଥାଏ । ଯାହା ମହିଳାଙ୍କୁ ଲମ୍ବା, ପତଳା ସାଙ୍ଗକୁ ଆକର୍ଷଣୀୟ ଦେଖାଇବାରେ ସହାୟକ ହୋଇଥାଏ । ବିଶେଷ କରି ଫିଟିଙ୍ଗ୍ ପୋଷାକ ଶରୀରକୁ ଅଧିକ ସୁନ୍ଦର ଦେଖାଏ । ତେବେ ଏପରି କିଛି ରଙ୍ଗ ରହିଛି, ଯାହାକୁ ପିନ୍ଧିଲେ ଲମ୍ବା ଓ ପତଳା ଦେଖାଯିବେ ।



**କଳା – କଳା** ରଙ୍ଗ ସର୍ବଦା ପତଳା ଓ ଲମ୍ବା ଦେଖାଇବାରେ ସହାୟକ ହୋଇଥାଏ । ଏହି ରଙ୍ଗ ସବୁ ପ୍ରକାର ଶାରୀରିକ ଗଠନକୁ ଭଲ ମାନିଥାଏ । ଏହା ଶରୀରକୁ ପତଳା ଆକାର ଦେଇ ଲମ୍ବା ଦେଖାଇ ଥାଏ ।

**ଗାଢ଼ ନୀଳ –** ଏହା ଗାଢ଼ ରଙ୍ଗ ହୋଇଥିବାରୁ କଳା ରଙ୍ଗ ଭଳି ପତଳା ଓ ଡେଙ୍ଗା ଦେଖାଇବାରେ ସହାୟକ ହୋଇଥାଏ । ଏହା ସବୁ ଋତୁ ତଥା ପର୍ବପର୍ବାଣୀରେ ପିନ୍ଧିପାରିବେ । ଏ ରଙ୍ଗର ଡ୍ରେସ୍ ପିନ୍ଧୁଥିଲେ ଭି-ନେକ୍ ଚୟନ କରନ୍ତୁ । ଏହା ଦ୍ୱାରା କାନ୍ଧ ଏବଂ ବେକ ଅଧିକ ଲମ୍ବା ଦିଶିଥାଏ ।

**ଧଳା-** ଧଳା ରଙ୍ଗର ଡ୍ରେସ୍ ଓ ଟପ୍ସ, ଠିକ୍ ଭାବେ ପିନ୍ଧିଲେ, ଏହା ଶରୀରକୁ ଲମ୍ବା ଓ ଆକର୍ଷଣୀୟ ଦେଖାଇବାରେ ସହାୟକ ହୋଇଥାଏ । ଏଥିପାଇଁ ହ୍ୱାଇଟ୍ ମନୋକ୍ରୋମେଟିକ୍ ଲୁକ୍ ଆପଣାନ୍ତୁ । ଅର୍ଥାତ୍ ସମ୍ପୂର୍ଣ୍ଣ ଧଳାରଙ୍ଗର ଆଉଟ୍‌ଫିଟ୍ ରଖନ୍ତୁ ।

# ହାର୍ଟ ସେପ୍ ଅଳଙ୍କାର

ଶେଷ ହେବାକୁ ବସିଛି ଭାଲେଣ୍ଟାଇନ୍ସ ସପ୍ତାହ । ଏହି ଦିନ ଯୁବକ-ଯୁବତୀ ପରସ୍ପରକୁ ଉପହାର ଦେଇ ସେମାନଙ୍କ ଭଲପାଇବାକୁ ବ୍ୟକ୍ତ କରିଥାନ୍ତି । ସେହିପରି ଯୁବତୀମାନେ ମଧ୍ୟ ଷ୍ଟାଇଲିଶ୍ ସାଙ୍ଗକୁ ସୁନ୍ଦର ଦେଖାଯିବା ପାଇଁ ପୋଷାକ, ମେକ୍‌ଅପ୍ ଓ ଅଳଙ୍କାର ପ୍ରତି ବିଶେଷ ଧ୍ୟାନ ଦେଇଥାନ୍ତି । ତେବେ ଏହି ଦିନରେ ନିଜକୁ ଆକର୍ଷଣୀୟ ଲୁକ୍ ଦେବାକୁ ଚାହୁଁଥିଲେ, ହାର୍ଟ ସେପ୍ ଅଳଙ୍କାର ପିନ୍ଧିପାରିବେ ।

### ପେଣ୍ଡେଣ୍ଟ୍

ହାର୍ଟ ସେପ୍ ଅଳଙ୍କାର ସବୁବେଳେ ଟ୍ରେଣ୍ଡରେ ରହିଥାଏ । ଏହା ବିଭିନ୍ନ ଡିଜାଇନ୍‌ରେ ଉପଲବ୍ଧ । ବେକରେ ଚେନ୍ ସାଙ୍ଗକୁ ହାର୍ଟ ସେପ୍ ପେଣ୍ଡେଣ୍ଟ୍ ଲଗାଇପାରିବେ । ଏହା ଖୁବ୍ ସୁନ୍ଦର ଦେଖାଏ । ଏହା ଉଭୟ ସୁନେଲି ଓ ରୁପେଲି ରଙ୍ଗରେ ରହିଛି । ଭି - ବେକ ଥିବା ପୋଷାକକୁ ଏହି ପେଣ୍ଡେଣ୍ଟ୍ ଭଲ ମାନିଥାଏ ।



### କାନଫୁଲ

ହାର୍ଟ ସେପ୍‌ର ବିଭିନ୍ନ ଡିଜାଇନ୍ କାନଫୁଲ ରହିଛି । ବିଶେଷ କଥା ହେଉଛି, ଏହି କାନଫୁଲ ଆଉଟ୍‌ଫିଟ୍ ଅନୁଯାୟୀ ପିନ୍ଧିବାକୁ ପଡ଼ିଥାଏ । ଏହା ଷ୍ଟୋନ୍, ମାଳି ତଥା ସାଦା ଡିଜାଇନରେ ଉପଲବ୍ଧ ।

### ହାର୍ଟ ବ୍ରେସ୍‌ଲେଟ୍

ମିନିମଲ୍ ତଥା ଏଲିଗେଣ୍ଟ ଲୁକ୍ ପାଇବାକୁ ଚାହୁଁଥିଲେ, ଏ ପ୍ରକାର ଡବଲ ହାର୍ଟ ସେପ୍ ଅଳଙ୍କାର ପିନ୍ଧିପାରିବେ । ଏଥି ସହ ଚାହିଁଲେ ହାତରେ ଷ୍ଟୋନ୍ ମୁଦି ପିନ୍ଧିପାରିବେ । ଏହା ହାତର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ ।





ମୋ ହାଣ୍ଡିଶାଳରୁ...

# ଚିକେନ୍ ଆଲୁ ପକୋଡ଼ା

**ଆବଶ୍ୟକ ସାମଗ୍ରୀ –** ବୋନ୍‌ଲେସ୍ ଚିକେନ୍ – ୨୫୦ ଗ୍ରାମ୍, ଆଳୁ – ଦୁଇଗୋଟି, କଟା ପିଆଜ – ଏକ କପ୍, ବେସନ – ଅଧା କପ୍, କର୍ନଫ୍ଲୋର୍ ଗୁଣ୍ଡ –ଅଧା କପ୍, କଳା ଜିରା – ଅଧା ଚାମଚ, ହଳଦୀଗୁଣ୍ଡ – ଏକ ଚାମଚ, ଲଙ୍କା ଗୁଣ୍ଡ – ଏକ ଚାମଚ, କଟା ଧନିଆ ପତ୍ର – ଅଧା କପ୍, ଲୁଣ – ସ୍ୱାଦ ଅନୁସାରେ, ତେଲ - ୩୦୦ ଗ୍ରାମ୍ ।

**ପ୍ରସ୍ତୁତି ପ୍ରଣାଳୀ –** ବୋନ୍‌ଲେସ୍ ଚିକେନ୍‌କୁ ସରୁ କରି ଲମ୍ବରେ କାଟି ପାଣି ଦେଇ ଭଲ ଭାବେ ଧୋଇ ଦିଅନ୍ତୁ । ଏହାକୁ ଗୋଟିଏ ବାଉଲରେ ରଖନ୍ତୁ । ଏହା ପରେ ଆଳୁରୁ ଚୋପା ଛଡ଼ାଇ ସରୁ ସରୁ କାଟି ଧୋଇ ରଖନ୍ତୁ । ଏଥିରେ ଚିକେନ୍ ପକାଇ ବେସନ, କର୍ନଫ୍ଲୋର, ଧନିଆପତ୍ର, ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, କଳାଜିରା, ସ୍ୱାଦ ଅନୁସାରେ ଲୁଣ ଦେଇ ସେଥିରେ ଅଳ୍ପ ପାଣି ମିଶାଇ ଗୋଳାଇ ଦିଅନ୍ତୁ । ଏହାପରେ ଚୁଲାରେ କଡ଼େଇ ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଯିବା ପରେ ପ୍ରସ୍ତୁତ କରି ରଖିଥିବା ଆଳୁଚିକେନ୍ ଗୋଳାକୁ ପକୋଡ଼ା ଭଳି ଛୋଟ ଛୋଟ କରି ଛାଣନ୍ତୁ । ଦୁଇପାଖ ସୁନେଲି ରଙ୍ଗ ହେବାପରେ ଏହାକୁ ଏକ ପ୍ଲେଟ୍‌ରେ କାଢ଼ି ଟମାଟୋ ସସ୍ ଦେଇ ପରଷି ଦିଅନ୍ତୁ 'ଚିକେନ୍ ଆଳୁ ପକୋଡ଼ା' ।

# କୋଲକାତା-ବେଙ୍ଗାଲୁରୁ ଉଦ୍‌ଘାଟନୀ ଲଢ଼େଇ

**ମାର୍ଚ୍ଚ ୨୨ରୁ ଆଇପିଏଲ୍ -୧୮**

- ୬୫ ଦିନରେ ୭୪ ମ୍ୟାଚ୍
- ୧୨ ଡବଲ୍ ହେଡର୍
- ଇଡେନ୍ ଗାର୍ଡେନ୍ସରେ ଉଦ୍‌ଘାଟନୀ ଓ ଫାଇନାଲ୍

ନୂଆଦିଲ୍ଲୀ,୧୬ ।୨(ଏଜେନ୍ସି): ହାଇପ୍ରୋଫାଇଲ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୧୮ ତମ ସଂସ୍କରଣର କାର୍ଯ୍ୟସୂଚୀ ଘୋଷିତ ହୋଇଛି। ମାର୍ଚ୍ଚ ୨୨ରେ କୋଲକାତାରେ ଉଦ୍‌ଘାଟନୀ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ କୋଲକାତା ନାଇଟ ରାଇଡର୍ସ (କେକେଆର) ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ପରସ୍ପରକୁ ଭେଟିବେ। ଏହା ପର ଦିନ ୨୩ରେ ମୁମ୍ବଇ ଇଣ୍ଡିଆନ୍ସ (ଏମ୍ଆଇ) ଓ ଚେନ୍ନାଇ ସୁପର କିଙ୍ଗ୍ସ ସନ୍ଧ୍ୟା ୭.୩୦ରେ ପରସ୍ପରକୁ ଭେଟିବେ। ୬୫ ଦିନରେ ମୋଟ ଉପରେ ୭୪ଟି ମ୍ୟାଚ୍ ଖେଳାଯିବ। ମେ ମାସ ୧୮ ପର୍ଯ୍ୟନ୍ତ ଲିଗ୍ ପର୍ଯ୍ୟାୟର ୭୦ଟି ମ୍ୟାଚ୍ ଖେଳାଯିବ ଓ ଏଥିରେ ୧୨ଟି ଡବଲ ହେଡର (ଗୋଟିଏ ଦିନରେ ଦୁଇ ମ୍ୟାଚ୍) ରହିଛି। କୋଲକାତାର ଇଡେନ ଗାର୍ଡେନ୍ସରେ ଫାଇନାଲ ମୁକାବିଲା ମେ ୨୫ରେ ଆୟୋଜନ ହେବ। ମାର୍ଚ୍ଚ ୨୩ରେ ପ୍ରଥମ ଡବଲ ହେଡର ଖେଳାଯିବ। ସବୁ ଡବଲ ହେଡର ଶନିବାର କିମ୍ବା ରବିବାର ଖେଳାଯିବ। ୧୦ଟି ଦଳ ୧୩ଟି ଭେନ୍ୟୁରେ ୬୫ ଦିନରେ ମୋଟ ୭୪ଟି ମ୍ୟାଚ୍ ଖେଳିବେ।

### ବିଶାଖାପାଟଣାକୁ ୨ୟ ଘରୋଇ ଭେନ୍ୟୁ କଲା ଦିଲ୍ଲୀ

ଗତବର୍ଷ ଭଳି ଆଇପିଏଲ୍‌ର ଆଗାମୀ ୧୮ତମ ସଂସ୍କରଣରେ ଆନ୍ଧ୍ରପ୍ରଦେଶ ସହର ବିଶାଖାପାଟଣା ୨ଟି ମ୍ୟାଚ୍ ଆୟୋଜନ କରିବାର ଅଧିକାର ହାସଲ କରିଛି। ଗତ ସଂସ୍କରଣରେ ମଧ୍ୟ ସ୍ଥାନୀୟ ୱାଇଏସ୍ଆର୍ ରେଡ୍ଡୀ କ୍ରିକେଟ୍ ଷ୍ଟାଡିୟମରେ ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥର ମଧ୍ୟ ବିସିସିଆଇ ଏହି ଭେନ୍ୟୁ ଉପରେ ଭରସା କରି ୨ଟି ମ୍ୟାଚ୍ ଆୟୋଜନ କରିବାର ଅଧିକାର ଦେଇଛି। ଦିଲ୍ଲୀ କ୍ୟାପିଟାଲ୍ସ ଫ୍ରାଞ୍ଚାଇଜର ଦ୍ୱିତୀୟ ଘରୋଇ ଗ୍ରାଉଣ୍ଡ ହେବ ବିଶାଖାପାଟଣା। ଦିଲ୍ଲୀ ଏଠାରେ ମାର୍ଚ୍ଚ ୨୪ରେ ଲକ୍ଷ୍ନୌ ଓ ମାର୍ଚ୍ଚ ୩୦ରେ ହାଇଦ୍ରାବାଦ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି।



ଭାଇଜାଗ ବ୍ୟତୀତ ଗୌହାଟୀ ଓ ଧର୍ମଶାଳା ମଧ୍ୟ ନନ୍‌ରେଗୁଲାର ସେଣ୍ଟର ଭାବେ ଆଗାମୀ ଆଇପିଏଲ୍ ମ୍ୟାଚ୍ ଆୟୋଜନ କରିବାର ଅଧିକାର ହାସଲ କରିଛନ୍ତି। ରାଜସ୍ଥାନ ରୟାଲ୍ସ ଏହାର ୨ୟ ଭେନ୍ୟୁ ଭାବେ ଗୌହାଟୀକୁ ଚୟନ କରିଛି। ରାଜସ୍ଥାନ ଏଠାରେ ମାର୍ଚ୍ଚ ୨୬ରେ ଓ ୩୦ରେ ଯଥାକ୍ରମେ କୋଲକାତା ନାଇଟ୍ ରାଇଡର୍ସ ଓ ଚେନ୍ନାଇ ସୁପର୍ କିଙ୍ଗ୍ସ ବିପକ୍ଷରେ ଖେଳିବ। ସେହିଭଳି ଧର୍ମଶାଳା ପଞ୍ଜାବ କିଙ୍ଗ୍‌ସର ୨ୟ ଘରୋଇ ପଡ଼ିଆ ହୋଇଛି। ପଞ୍ଜାବ ଏଠାରେ ୩ଟି ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ରିପୋର୍ଟ ମୁତାବକ ମୁମ୍ବାଇ ଇଣ୍ଡିଆନ୍ସ, ଚେନ୍ନାଇ ସୁପର୍ କିଙ୍ଗ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ପଞ୍ଜାବ ଏହି ୩ଟି ମ୍ୟାଚ୍ ଏଠାରେ ଖେଳିବ।

## ଘଜନଫରଙ୍କ ସ୍ଥାନରେ ମୁଜୀବ



ମୁମ୍ବଇ, ୧୬ ।୨ (ଏଜେନ୍ସି): ଆଇପିଏଲ୍ ଅଷ୍ଟାଦଶ ସଂସ୍କରଣର କାର୍ଯ୍ୟସୂଚୀ ଜାରି ହୋଇଯାଇଛି। ମାର୍ଚ୍ଚ ୨୨ରୁ ଏହି ମେଗା ଇଭେଣ୍ଟ ଆରମ୍ଭ ହେବ। ଏଥିପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ପରିବର୍ତ୍ତନ ହୋଇଛି। ଯୁବ ଆଫଗାନିସ୍ତାନ ସ୍ପିନର ଆଲ୍ଲା ଘଜନଫରଙ୍କ ସ୍ଥାନରେ ସାଥୀ ସ୍ପିନର ମୁଜୀବ ଉର୍ ରେହମାନଙ୍କୁ ଦଳରେ ସାମିଲ କରାଯାଇଛି। ୧୮ ବର୍ଷୀୟ ଘଜନଫର ମେରୁଦଣ୍ଡଜନିତ ସମସ୍ୟାରୁ ସୁସ୍ଥ ହୋଇ ନ ଥିବାରୁ ମୁମ୍ବାଇ ଏହି ପରିବର୍ତ୍ତନ କରିଛି। ସମାନ କାରଣ ଲାଗି ଘଜନଫର ମଧ୍ୟ ୧୯ରୁ ଆରମ୍ଭ ହେବାକୁ ଥିବା ଚାମ୍ପିଅନ୍ସ ଟ୍ରଫିରୁ ବାଦ୍ ପଡ଼ିଥିଲେ। ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଜିମ୍ବାୱେ ଗସ୍ତ ସମୟରେ ଘଜନଫରଙ୍କ ମେରୁଦଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ଏଥିରୁ ସେ ସୁସ୍ଥ ହେବାକୁ ୪ ମାସ ସମୟ ଲାଗିବ। ଅପରପକ୍ଷରେ ୨୩ ବର୍ଷୀୟ ମୁଜୀବଙ୍କୁ ୨ କୋଟି ଟଙ୍କା ମୂଲ୍ୟରେ ମୁମ୍ବାଇ ଦଳରେ ସାମିଲ କରିଛି। ସେ ଗତ ମେଗା ଖେଳାଳି ନିଲାମୀରେ ଅଲୋଡ଼ା ରହିଥିଲେ। ଆଫଗାନିସ୍ତାନ ଚାମ୍ପିଅନ୍ସ ଟ୍ରଫି ଦଳରେ ସ୍ଥାନ ପାଇ ନ ଥିଲେ ମଧ୍ୟ ମୁଜୀବ ନିକଟରେ ଦକ୍ଷିଣ ଆଫ୍ରିକା ଟି-୨୦ ଲିଗ୍‌ରେ ୧୨ ମ୍ୟାଚ୍ ଖେଳି ୧୪ ୱିକେଟ୍ ନେଇଥିଲେ। ଓଭରଅଲ୍ ଅନ୍ତର୍ଜାତୀୟ ଓ ଲିଗ୍ ପ୍ରତିଯୋଗିତାକୁ ମିଶାଇ ମୁଜୀବ ଟି-୨୦ରେ ୨୫୬ ମ୍ୟାଚ୍ ଖେଳି ୨୭୫ ୱିକେଟ୍ ଅକ୍ତିଆର କରିଛନ୍ତି।

## ପ୍ରଥମ ଫାଇନାଲ ଲକ୍ଷ୍ୟରେ କେରଳ

**ଆଜିଠୁ ରଣଜୀ ଟ୍ରଫି ସେମିଫାଇନାଲ**

ଅହମ୍ମଦାବାଦ୍, ୧୬ ।୨ (ଏଜେନ୍ସି): ଚଳିତ ରଣଜୀ ଟ୍ରଫିର ସେମିଫାଇନାଲ ପର୍ଯ୍ୟାୟ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି। ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଘରୋଇ ଗୁଜରାଟ ଓ କେରଳ ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବ। କ୍ୱାର୍ଟରଫାଇନାଲରେ ଗୁଜରାଟ ଏକ ଇନିଂସ ଓ ୯୮ ରନରେ ସୌରାଷ୍ଟ୍ରକୁ ପରାସ୍ତ କରି ସେମିଫାଇନାଲ ଟିକଟ୍ ହାସଲ କରିଥିଲା। ସେହିଭଳି ଜମ୍ମୁ କଶ୍ମୀର ବିପକ୍ଷରେ ଡ୍ର ରଖିବା ସହ ପ୍ରଥମ ପାଳିରେ ମହତ୍ତ୍ୱପୂର୍ଣ୍ଣ ୧ ରନର ଅଗ୍ରଣୀ ହାସଲ କରି କେରଳ ସେମିଫାଇନାଲରେ ପ୍ରବେଶ କରିଛି। ଏଠାରେ ଗୁଜରାଟକୁ ମାତ୍ ଦେଇ କେରଳ ରଣଜୀ ଇତିହାସରେ ପ୍ରଥମଥର ଲାଗି ଫାଇନାଲ ଖେଳିବାକୁ ଲକ୍ଷ୍ୟ ରଖିଛି। ସେହିଭଳି ଚିନ୍ତନ ଗାଜାଙ୍କ ନେତୃତ୍ୱାଧୀନ ଗୁଜରାଟ ୨୦୧୯-୨୦ ସିଜନ ପରେ ପ୍ରଥମ ଫାଇନାଲ ଲକ୍ଷ୍ୟରେ ରହିଛି। ଗୁଜରାଟ ଦଳର ବ୍ୟାଟିଂ ଲାଇନଅପ୍ ବେଶ୍ ଦୃଢ଼ ରହିଛି। ଜୟମିତ୍ ପଟେଲ, ୱିକେଟରକ୍ଷକ ଉର୍ବିଲ ପଟେଲ, ମନନ ହିଙ୍ଗ୍ରାଜିଆ ପ୍ରମୁଖ ବେଶ୍ ଭଲ ଫର୍ମରେ ରହିଛନ୍ତି। ଜୟମିତ୍ ଚଳିତ ରଣଜୀ ଟ୍ରଫିରେ ୪୮.୫୦ ହାରରେ ୫୮୨ ରନ ସଂଗ୍ରହ କରି ଗୁଜରାଟ ପାଇଁ ଟପ୍ ସ୍କୋରର ରହିଛନ୍ତି। ମନନ ମଧ୍ୟ ୫୭୦ ରନ କରି ଫର୍ମରେ ରହିଛନ୍ତି। ଅପରପକ୍ଷରେ ନାଗପୁରରେ ଘରୋଇ ବିଦର୍ଭ ଓ ରେକର୍ଡ ୪୨ଥରର ଚାମ୍ପିଅନ ମୁମ୍ବାଇ ମଧ୍ୟରେ ୨ୟ ସେମିଫାଇନାଲ ଖେଳାଯିବ। ଆଜିଙ୍କ୍ୟ ରାହାଣେଙ୍କ ନେତୃତ୍ୱରେ ଖେଳୁଥିବା ମୁମ୍ବାଇକୁ ଶକ୍ତ ଧକ୍କା ଲାଗିଛି। ଯୁବ ଓପନର୍ ଯଶସ୍ୱୀ ଜୟସ୍ୱାଲ ଡାହାଣ ଗୋଇଠିରେ ଆଘାତ ସମସ୍ୟା ଲାଗି ଏହି ସେମିଫାଇନାଲ ମ୍ୟାଚରୁ ବାଦ୍ ପଡ଼ିଛନ୍ତି।

**● ଖାଣ୍ଡେଲୱାଲ ମ୍ୟାଚ୍‌ର, ସୂର୍ଯ୍ୟବଂଶୀ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି**

## ସାପିଏନ୍ସ ଟିଲୋକପ୍ ଚାମ୍ପିଅନ

ବନ୍ତ/ଆଗରପଡ଼ା,୧୬।୨(ସମିସ): ଗୁଡଗାଓଁର ସାପିଏନ୍ସ ଟିମ୍ ୨୯ତମ ସମ୍ମାନଜନକ ଟିଲୋ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। କୁଲଦୀପ ଯାଦବ ଓ ଅଭିଷେକ ଖାଣ୍ଡେଲୱାଲଙ୍କ ଚମତ୍କାର ବୋଲିଂ ବଳରେ ରବିବାର ଟିଲୋ ହନୁମାନଜୀଉ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଫାଇନାଲରେ ସାପିଏନ୍ସ ୪୧ ରନ୍‌ରେ କଟକର ୟୁନିଅନ ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ବନ୍ତ ବ୍ଲକ ଟିଲୋ ହନୁମାନଜୀଉ ମିନିଷ୍ଟାଡିୟମରେ ଟିଲୋ ଆଥେଲେଟିକ୍ ଆସୋସିଏସନ ଦ୍ୱାରା ରବିବାର ଖେଳାଯାଇଥିବା ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ସାପିଏନ୍ସ ୧୨୩ ରନ୍ କରିଥିଲା। ଜବାବରେ ୟୁନିଅନ ସ୍ପୋର୍ଟିଂ ୮୨ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ବିଜୟୀ ସାପିଏନ୍ସ ଦଳ ପକ୍ଷରୁ ୪ ଓଭର ବୋଲିଂ କରି ୧୭ ରନ୍‌ରେ ୩ଟି ୱିକେଟ ନେଇଥିବା ଅଭିଷେକ ଖାଣ୍ଡେଲୱାଲଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ବେଙ୍ଗାଲୁରୁ କାନାଡ଼ା ବ୍ୟାଙ୍କ୍‌ର ତୁଷାର ସୂର୍ଯ୍ୟବଂଶୀଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ବ୍ୟାଟର ଓ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଖେଳ ଶେଷରେ ଭଣ୍ଡାରୀପୋଖରୀ ବିଧାୟକ ସଞ୍ଜୀବ ମଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିଅନ ସାପିଏନସ ଦଳକୁ ଟ୍ରଫି ସହ ୫ ଲକ୍ଷ ଓ ରନର୍ସ ଅପ୍ ୟୁନିଅନ ସ୍ପୋର୍ଟିଂକୁ ଟ୍ରଫି ସହ ୨.୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା।

ରବିବାର ଖେଳାଯାଇଥିବା ଏହି ମ୍ୟାଚ୍ ଲୋ ସ୍କୋରିଂ ରହିଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ସାପିଏନ୍ସ ୧୯ ଓଭରରେ ୧୨୩ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଆଶିଷ ଲଡ୍ଡୁ ସର୍ବାଧିକ ୨୩ ରନ୍ କରିଥିଲେ। କଟକର ଶୁଭମ ପ୍ରିୟଦର୍ଶୀଙ୍କୁ ସର୍ବାଧିକ ୪ଟି ୱିକେଟ ମିଳିଥିଲା। ଜବାବରେ ୟୁନିଅନ ସ୍ପୋର୍ଟିଂ ୧୭ ଓଭରରେ ୮୨ ରନ୍ କରିବାକୁ ସମର୍ଥ ହୋଇଥିଲା। ବିଶ୍ୱଜିତ ପ୍ରଧାନ ୩୦ ରନ୍ କରିଥିଲେ। ସାପିଏନ୍ସର କୁଲଦୀପ ଓ ଅଭିଷେକଙ୍କୁ ୩ଟି ଲେଖାଏଁ ୱିକେଟ ମିଳିଥିଲା। ଏହି ଖେଳକୁ ବିଷ୍ଣୁପ୍ରସାଦ ମିଶ୍ର ଓ ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ। ତପନ ମଜୁମଦାର ଓ ପବିତ୍ର ନାୟକ ଧାରାବିବରଣୀ ପ୍ରଦାନ କରିଥିଲେ। ପୂର୍ଣ୍ଣେନ୍ଦୁ ଜେନା ମ୍ୟାଚ୍ ରେଫରୀ ଦାୟିତ୍ୱ ସମ୍ଭାଳିଥିଲେ। କରନ ଖାନ୍, ମଳୟ କୁଅଁର ଓ ସୁବ୍ରତ ପୃଷ୍ଟି ସ୍କୋରର ଦାୟିତ୍ୱ ସମ୍ଭାଳିଥିଲେ।




ଉଦ୍‌ଯାପନୀ ଉତ୍ସବରେ ପିଡି, ଡିଆରଡିଏ ସରୋଜ ଦତ୍ତ, ପଞ୍ଚାନନ ମଣ୍ଡଳ, ଟିଲୋ ସରପଞ୍ଚ ସଂଗ୍ରାମକେଶରୀ ଜେନା, ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ, ପୂର୍ବତନ ସରପଞ୍ଚ ନିହାରିକା ରାଉତ, ଡଃ ମନ୍ମଥ ରାଉଳ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ସମାଜରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବରୁଣ, ହର୍ଷିତଙ୍କ ଉପରେ ସମସ୍ତଙ୍କ ନଜର

**ଆଇସିସି ଚାମ୍ପିଅନ୍ସ ଟ୍ରଫି**



ଦୁବାଇ,୧୬ ।୨(ଏଜେନ୍ସି): ଦୀର୍ଘ ୮ ବର୍ଷ ପରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଚାମ୍ପିଅନ୍ସ ଟ୍ରଫି ଆୟୋଜନ ହେବାକୁ ଯାଉଛି। ମିନି ୱାର୍ଲ୍ଡ କପ୍ କୁହାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟ ହାଇବ୍ରିଡ୍ ମଡେଲ ଅନୁସାରେ ପାକିସ୍ତାନ ଓ ଦୁବାଇରେ ଖେଳାଯିବ। ଇତିମଧ୍ୟରେ ସବୁ ୮ଟି ଯାକ ଦେଶର ଅନ୍ତିମ ଦଳ ଘୋଷିତ ହୋଇଛି। ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବ। ୮ଟି ଦଳକୁ ଦୁଇଟି ଗ୍ରୁପ୍ ଏ ଓ ବି'ରେ ବିଭକ୍ତ କରାଯାଇଛି। ଗ୍ରୁପ୍ ଏ'ରେ ଭାରତ ସମେତ ପାକିସ୍ତାନ, ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ସ୍ଥାନିତ ହୋଇଛନ୍ତି। ସେହିପରି ଗ୍ରୁପ୍ ବି'ରେ ଆଫଗାନିସ୍ତାନ, ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ସ୍ଥାନ ପାଇଛନ୍ତି। ଭାରତ ୨୦ରେ ବାଂଲାଦେଶ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ୨୩ରେ ପାକିସ୍ତାନକୁ ଓ ମାର୍ଚ୍ଚ ୨ରେ ନ୍ୟୁଜିଲାଣ୍ଡକୁ ଭେଟିବ। ଭାରତ ତା'ର ସବୁ ମ୍ୟାଚ୍ ଦୁବାଇରେ ଖେଳିବ। ଭାରତ ୨୦୦୨ ଓ ୨୦୧୩ରେ ଚାମ୍ପିଅନ୍ସ ଟ୍ରଫି ଟାଇଟଲ ହାସଲ କରିଥିଲା। ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ତୃତୀୟଥର ଚାମ୍ପିଅନ ହେବା ଲକ୍ଷ୍ୟରେ ରହିଛି। ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଆଘାତ ସମସ୍ୟା ପାଇଁ ଦଳରୁ ବାଦ୍ ପଡିଛନ୍ତି। ତାଙ୍କ ସ୍ଥାନରେ ଯୁବ ଦ୍ରୁତ ବୋଲର ହର୍ଷିତ ରାଣାଙ୍କୁ ସ୍ଥାନ ମିଳିଛି। ସେହିପରି ଯୁବ ବ୍ୟାଟର ଯଶସ୍ୱୀ ଜୟସ୍ୱାଲଙ୍କ ସ୍ଥାନରେ ବିସ୍ମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କୁ ନିଆଯାଇଛି। ତେବେ ଜୟସ୍ୱାଲ, ମହମ୍ମଦ ସିରାଜ, ଶିବମ ଦୁବେ ଆବଶ୍ୟକ ପଡିଲେ ଦୁବାଇ ଯାଇ ଦଳରେ ଯୋଗ ଦେଇପାରିବେ।

### ଗ୍ରୁପ୍ ଏ:

ଭାରତୀୟ ଦିନିକିଆ ଦଳ: ରୋହିତ ଶର୍ମା (ଅଧିନାୟକ), ଶୁବମାନ ଗିଲ୍, ବିରାଟ କୋହଲି, ଶ୍ରେୟସ ଆୟର, ଲୋକେଶ ରାହୁଲ, ଋଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ହର୍ଷିତ ରାଣା , ଯଶପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂହ, ମହମ୍ମଦ ସାମି ଓ ବରୁଣ ଚକ୍ରବର୍ତ୍ତୀ।

ପାକିସ୍ତାନ ଦଳ: ମହମ୍ମଦ ରିଜୱାନ (ପାକିସ୍ତାନ), ବାବର ଆଜମ, ଫକର ଜମାନ, କାମରାନ ଗୁଲାମ, ସାଉଦ ସକିଲ, ତୟାବ ତାହିର, ଫହିମ ଆଶ୍ରଫ୍, ଖୁସ୍‌ଦିଲ୍ ଶାହା, ସଲମାନ ଅଲି ଆଘା, ଉସ୍‌ମାନ ଖାନ୍, ଅବରାର ଅହମ୍ମଦ, ହାରିସ ରୌଫ୍, ମହମ୍ମଦ ହାସନେନ, ନସିମ ଶାହା ଓ ଶାହିନ ଶାହା ଆଫ୍ରିଦି।

ବାଂଲାଦେଶ: ନାଜମୁଲ ହୋସେନ ସାଣ୍ଟୋ (ଅଧିନାୟକ), ସୌମ୍ୟ ସରକାର, ତନଜିଦ ହାସନ, ତହିଦ ହୃଦୟ, ମୁସ୍‌ଫିକର ରହିମ, ଏମ୍‌ଡି ମାହମୁଦ ଉଲ୍ଲା, ଜାକିର ଅଲି ଅନିକ, ମେହିଦି ହାସନ ମିରାଜ, ରିସାଦ ହୋସେନ, ତସ୍କିନ ଅହମ୍ମଦ, ମୁସ୍ତାଫିଜୁର ରହମାନ, ପରଭେସ ହୋସେନ ଇମୋନ, ନାସୁମ ଅହମ୍ମଦ, ତଞ୍ଜିମ ହାସନ ସକିବ ଓ ନାହିଦ ରାଣା।

ନ୍ୟୁଜିଲାଣ୍ଡ: ମିଚେଲ ସାଣ୍ଟନର (ଅଧିନାୟକ), ମାଇକେଲ ବ୍ରାସୱେଲ, ମାର୍କ ଚାମ୍ପମ୍ୟାନ, ଡେଭନ କନୱେ, ଲୋକି ଫର୍ଗୁସନ, ମ୍ୟାଟ ହେନେରୀ, ଟମ୍ ଲାଥମ, ଡାରିଲ ମିଚେଲ, ୱିଲ ଓ'ରୁର୍କ, ଗ୍ଲେନ୍ ଫିଲିପ୍ସ, ରଚିନ ରବିନ୍ଦ୍ର, ଜାକବ ଡଫି, ନାଥନ ସ୍ମିଥ୍, କେନ୍ ୱିଲିୟମସନ ଓ ୱିଲ ୟଙ୍ଗ୍।

### ଗ୍ରୁପ୍- ବି:

ଆଫଗାନିସ୍ତାନ: ହାସମାତୁଲ୍ଲା ଶାହିଦ (ଅଧିନାୟକ), ଇବ୍ରାହିମ୍ ଜଡ୍ରାନ, ରହମାନୁଲ୍ଲା ଗୁରବାଜ, ସେଦିକୁଲ୍ଲା ଅଟଲ, ରହମତ ଶାହା, ଇକ୍ରାମ ଅଲିଖିଲ୍, ଗୁଲବଦିନ ନାଇବ, ଆଜମାତୁଲ୍ଲା ଓମରଜାଇ, ମହମ୍ମଦ ନବି, ରସିଦ ଖାନ୍, ନାନଗ୍ୟାଲ ଖରୋଟି, ନୁର ଅହମ୍ମଦ, ଫାଜଲହକ ଫାରୁକି, ଫରିଦ ମଲିକ ଓ ନବିଦ୍ ଜଡ୍ରାନ। ରିଜର୍ଭ- ଦାରୱିସ୍ ରାସୁଲି, ବିଲାଲ ସାମି।

ଇଂଲଣ୍ଡ: ଜୋଶ ବଟଲର (ଅଧିନାୟକ), ଜୋଫ୍ରା ଆର୍ଚର, ଗସ ଅଟକିନସନ, ଜ୍ୟାକବ ବେଥେଲ, ହାରୀ ବ୍ରୁକ୍, ବ୍ରାଇଡନ କାର୍ସ, ବେନ ଡକେଟ, ଜେମି ଓଭରଟନ, ଜେମି ସ୍ମିଥ୍, ଲିଅମ ଲିଭିଂଷ୍ଟୋନ, ଆଦିଲ ରସିଦ, ଜୋ ରୁଟ୍, ସାକିବ ମହମ୍ମଦ, ଫିଲ ସଲ୍ଟ ଓ ମାର୍କ ଉଡ୍।

ଅଷ୍ଟ୍ରେଲିଆ: ଷ୍ଟିଭ ସ୍ମିଥ (ଅଧିନାୟକ), ସିନ ଆବୋଟ, ଆଲେକ୍ସ କାରେ, ବେନ୍ ଡ୍ୱାରସୁଇସ୍, ନାଥନ ଏଲିସ୍, ଜେକ୍ ଫ୍ରାଜର- ମ୍ୟାକଗୁର୍କ, ଆରୋନ ହାର୍ଡି, ଟ୍ରାଭିସ ହେଡ୍, ଜୋଶ ଇଂଗଲିସ୍, ସ୍ପେନର ଜନସନ, ମାର୍ନସ ଲାବୁସେନ, ଗ୍ଲେନ୍ ମ୍ୟାକ୍ସୱେଲ, ତନବୀର ସଂଘ, ମାଥ୍ୟୁ ସର୍ଟ ଓ ଆଡାମ ଜାମ୍ପା।

ଦକ୍ଷିଣ ଆଫ୍ରିକା: ଟେମ୍ବା ବଭୁମା (ଅଧିନାୟକ), ଟୋନି ଡି ଜୋର୍ଜି, ମାର୍କୋ ଜାନସେନ, ହେନେରିଚ୍ କ୍ଲାସେନ, କେଶବ ମହାରାଜ, ଆଇଡେନ ମାରକ୍ରାମ, ଡେଭିଡ୍ ମିଲର, ୱିଆନ ମୁଲଡର, ଲୁନ୍‌ଗି ଏନ୍‌ଗିଡି, କାଗିସୋ ରାବାଡା, ରିଆନ ରିକ୍ଲେଟନ, ତାବରେଜ ସାମ୍‌ସି, ଟ୍ରିଷ୍ଟାନ ଷ୍ଟବ୍ସ, ରାସି ଭାନ ଡେର ଡୁସେନ ଓ କୋର୍ବିନ ବସ୍କ।

## ଆଇପିଏଲ-୨୦୨୫ କାର୍ଯ୍ୟସୂଚୀ

| ନଂ | ତାରିଖ | ମ୍ୟାଚ୍ | ସମୟ | ସ୍ଥାନ |
|---|---|---|---|---|
| ୧ | ୨୨ ।୩ | କୋଲକାତା- ବେଙ୍ଗାଲୁରୁ | ସନ୍ଧ୍ୟା ୭.୩୦ | କୋଲକାତା |
| ୨ | ୨୩ ।୩ | ହାଇଦ୍ରାବାଦ- ରାଜସ୍ଥାନ | ଅପରାହ୍ଣ ୩.୩୦ | ହାଇଦରାବାଦ୍ |
| ୩ | ୨୩ ।୩ | ଚେନ୍ନଇ- ମୁମ୍ବଇ | ସନ୍ଧ୍ୟା ୭.୩୦ | ଚେନ୍ନଇ |
| ୪ | ୨୪ ।୩ | ଦିଲ୍ଲୀ- ଲକ୍ଷ୍ନୌ | ସନ୍ଧ୍ୟା ୭.୩୦ | ବିଶାଖାପାଟଣା |
| ୫ | ୨୫ ।୩ | ଗୁଜରାଟ- ପଞ୍ଜାବ | ସନ୍ଧ୍ୟା ୭.୩୦ | ଅହମ୍ମଦାବାଦ୍ |
| ୬ | ୨୬ ।୩ | ରାଜସ୍ଥାନ- କୋଲକାତା | ସନ୍ଧ୍ୟା ୭.୩୦ | ଗୌହାଟୀ |
| ୭ | ୨୭ ।୩ | ହାଇଦ୍ରାବାଦ- ଲକ୍ଷ୍ନୌ | ସନ୍ଧ୍ୟା ୭.୩୦ | ହାଇଦରାବାଦ୍ |
| ୮ | ୨୮ ।୩ | ଚେନ୍ନାଇ- ବେଙ୍ଗାଲୁରୁ | ସନ୍ଧ୍ୟା ୭.୩୦ | ଚେନ୍ନଇ |
| ୯ | ୨୯ ।୩ | ଗୁଜରାଟ- ମୁମ୍ବାଇ | ସନ୍ଧ୍ୟା ୭.୩୦ | ଅହମ୍ମଦାବାଦ୍ |
| ୧୦ | ୩୦ ।୩ | ଦିଲ୍ଲୀ- ହାଇଦ୍ରାବାଦ | ଅପରାହ୍ଣ ୩.୩୦ | ବିଶାଖାପାଟଣା |
| ୧୧ | ୩୦ ।୩ | ରାଜସ୍ଥାନ- ଚେନ୍ନାଇ | ସନ୍ଧ୍ୟା ୭.୩୦ | ଗୌହାଟୀ |
| ୧୨ | ୩୧ ।୩ | ମୁମ୍ବାଇ- କୋଲକାତା | ସନ୍ଧ୍ୟା ୭.୩୦ | ମୁମ୍ବଇ |
| ୧୩ | ୧ ।୪ | ଲକ୍ଷ୍ନୌ- ପଞ୍ଜାବ | ସନ୍ଧ୍ୟା ୭.୩୦ | ଲକ୍ଷ୍ନୌ |
| ୧୪ | ୨ ।୪ | ବେଙ୍ଗାଲୁରୁ-ଗୁଜରାଟ | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ୧୫ | ୩ ।୪ | କୋଲକାତା- ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ | କୋଲକାତା |
| ୧୬ | ୪ ।୪ | ଲକ୍ଷ୍ନୌ- ମୁମ୍ବଇ | ସନ୍ଧ୍ୟା ୭.୩୦ | ଲକ୍ଷ୍ନୌ |
| ୧୭ | ୫ ।୪ | ଚେନ୍ନଇ- ଦିଲ୍ଲୀ | ଅପରାହ୍ଣ ୩.୩୦ | ଚେନ୍ନଇ |
| ୧୮ | ୫ ।୪ | ପଞ୍ଜାବ- ରାଜସ୍ଥାନ | ସନ୍ଧ୍ୟା ୭.୩୦ | ନ୍ୟୁ ଚଣ୍ଡିଗଡ଼ |
| ୧୯ | ୬ ।୪ | କୋଲକାତା- ଲକ୍ଷ୍ନୌ | ଅପରାହ୍ଣ ୩.୩୦ | କୋଲକାତା |
| ୨୦ | ୬ ।୪ | ହାଇଦ୍ରାବାଦ- ଗୁଜରାଟ | ସନ୍ଧ୍ୟା ୭.୩୦ | ହାଇଦରାବାଦ୍ |
| ୨୧ | ୭ ।୪ | ମୁମ୍ବାଇ- ବେଙ୍ଗାଲୁରୁ | ସନ୍ଧ୍ୟା ୭.୩୦ | ମୁମ୍ବଇ |
| ୨୨ | ୮ ।୪ | ପଞ୍ଜାବ- ଚେନ୍ନଇ | ସନ୍ଧ୍ୟା ୭.୩୦ | ନ୍ୟୁ ଚଣ୍ଡିଗଡ଼ |
| ୨୩ | ୯ ।୪ | ଗୁଜରାଟ- ରାଜସ୍ଥାନ | ସନ୍ଧ୍ୟା ୭.୩୦ | ଅହମ୍ମଦାବାଦ୍ |
| ୨୪ | ୧୦ ।୪ | ବେଙ୍ଗାଲୁରୁ- ଦିଲ୍ଲୀ | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ୨୫ | ୧୧ ।୪ | ଚେନ୍ନଇ- କୋଲକାତା | ସନ୍ଧ୍ୟା ୭.୩୦ | ଚେନ୍ନଇ |
| ୨୬ | ୧୨ ।୪ | ଲକ୍ଷ୍ନୌ- ଗୁଜରାଟ | ଅପରାହ୍ଣ ୩.୩୦ | ଲକ୍ଷ୍ନୌ |
| ୨୭ | ୧୨ ।୪ | ହାଇଦ୍ରାବାଦ- ପଞ୍ଜାବ | ସନ୍ଧ୍ୟା ୭.୩୦ | ହାଇଦରାବାଦ୍ |
| ୨୮ | ୧୩ ।୪ | ରାଜସ୍ଥାନ- ବେଙ୍ଗାଲୁରୁ | ଅପରାହ୍ଣ ୩.୩୦ | ଜୟପୁର |
| ୨୯ | ୧୩ ।୪ | ଦିଲ୍ଲୀ- ମୁମ୍ବଇ | ସନ୍ଧ୍ୟା ୭.୩୦ | ଦିଲ୍ଲୀ |
| ୩୦ | ୧୪ ।୪ | ଲକ୍ଷ୍ନୌ- ଚେନ୍ନଇ | ସନ୍ଧ୍ୟା ୭.୩୦ | ଲକ୍ଷ୍ନୌ |
| ୩୧ | ୧୫ ।୪ | ପଞ୍ଜାବ- କୋଲକାତା | ସନ୍ଧ୍ୟା ୭.୩୦ | ନ୍ୟୁ ଚଣ୍ଡିଗଡ଼ |
| ୩୨ | ୧୬ ।୪ | ଦିଲ୍ଲୀ- ରାଜସ୍ଥାନ | ସନ୍ଧ୍ୟା ୭.୩୦ | ଦିଲ୍ଲୀ |
| ୩୩ | ୧୭ ।୪ | ମୁମ୍ବଇ- ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ | ମୁମ୍ବଇ |
| ୩୪ | ୧୮ ।୪ | ବେଙ୍ଗାଲୁରୁ- ପଞ୍ଜାବ | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ୩୫ | ୧୯ ।୪ | ଗୁଜରାଟ- ଦିଲ୍ଲୀ | ଅପରାହ୍ଣ ୩.୩୦ | ଅହମ୍ମଦାବଦ୍ |
| ୩୬ | ୧୯ ।୪ | ରାଜସ୍ଥାନ- ଲକ୍ଷ୍ନୌ | ସନ୍ଧ୍ୟା ୭.୩୦ | ଜୟପୁର |
| ୩୭ | ୨୦ ।୪ | ପଞ୍ଜାବ- ବେଙ୍ଗାଲୁରୁ | ଅପରାହ୍ଣ ୩.୩୦ | ନ୍ୟୁ ଚଣ୍ଡିଗଡ଼ |
| ୩୮ | ୨୦ ।୪ | ମୁମ୍ବଇ- ଚେନ୍ନାଇ | ସନ୍ଧ୍ୟା ୭.୩୦ | ମୁମ୍ବଇ |
| ୩୯ | ୨୧ ।୪ | କୋଲକାତା- ଗୁଜରାଟ | ସନ୍ଧ୍ୟା ୭.୩୦ | କୋଲକାତା |
| ୪୦ | ୨୨ ।୪ | ଲକ୍ଷ୍ନୌ- ଦିଲ୍ଲୀ | ସନ୍ଧ୍ୟା ୭.୩୦ | ଲକ୍ଷ୍ନୌ |
| ୪୧ | ୨୩ ।୪ | ହାଇଦ୍ରାବାଦ- ମୁମ୍ବଇ | ସନ୍ଧ୍ୟା ୭.୩୦ | ହାଇଦରାବାଦ୍ |
| ୪୨ | ୨୪ ।୪ | ବେଙ୍ଗାଲୁରୁ- ରାଜସ୍ଥାନ | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ୪୩ | ୨୫ ।୪ | ଚେନ୍ନଇ- ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ | ଚେନ୍ନଇ |
| ୪୪ | ୨୬ ।୪ | କୋଲକାତା- ପଞ୍ଜାବ | ସନ୍ଧ୍ୟା ୭.୩୦ | କୋଲକାତା |
| ୪୫ | ୨୭ ।୪ | ମୁମ୍ବଇ- ଲକ୍ଷ୍ନୌ | ଅପରାହ୍ଣ ୩.୩୦ | ମୁମ୍ବଇ |
| ୪୬ | ୨୭ ।୪ | ଦିଲ୍ଲୀ- ବେଙ୍ଗାଲୁରୁ | ସନ୍ଧ୍ୟା ୭.୩୦ | ଦିଲ୍ଲୀ |
| ୪୭ | ୨୮ ।୪ | ରାଜସ୍ଥାନ- ଗୁଜରାଟ | ସନ୍ଧ୍ୟା ୭.୩୦ | ଜୟପୁର |
| ୪୮ | ୨୯ ।୪ | ଦିଲ୍ଲୀ- କୋଲକାତା | ସନ୍ଧ୍ୟା ୭.୩୦ | ଦିଲ୍ଲୀ |
| ୪୯ | ୩୦ ।୪ | ଚେନ୍ନଇ- ପଞ୍ଜାବ | ସନ୍ଧ୍ୟା ୭.୩୦ | ଚେନ୍ନଇ |
| ୫୦ | ୧ ।୫ | ରାଜସ୍ଥାନ- ମୁମ୍ବଇ | ସନ୍ଧ୍ୟା ୭.୩୦ | ଜୟପୁର |
| ୫୧ | ୨ ।୫ | ଗୁଜରାଟ- ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ | ଅହମ୍ମଦାବାଦ୍ |
| ୫୨ | ୩ ।୫ | ବେଙ୍ଗାଲୁରୁ- ଚେନ୍ନଇ | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ୫୩ | ୪ ।୫ | କୋଲକାତା- ରାଜସ୍ଥାନ | ଅପରାହ୍ଣ ୩.୩୦ | କୋଲକାତା |
| ୫୪ | ୪ ।୫ | ପଞ୍ଜାବ- ଲକ୍ଷ୍ନୌ | ସନ୍ଧ୍ୟା ୭.୩୦ | ଧର୍ମଶାଳା |
| ୫୫ | ୫ ।୫ | ହାଇଦ୍ରାବାଦ- ଦିଲ୍ଲୀ | ସନ୍ଧ୍ୟା ୭.୩୦ | ହାଇଦରାବାଦ୍ |
| ୫୬ | ୬ ।୫ | ମୁମ୍ବାଇ- ଗୁଜରାଟ | ସନ୍ଧ୍ୟା ୭.୩୦ | ମୁମ୍ବଇ |
| ୫୭ | ୭ ।୫ | କୋଲକାତା- ଚେନ୍ନାଇ | ସନ୍ଧ୍ୟା ୭.୩୦ | କୋଲକାତା |
| ୫୮ | ୮ ।୫ | ପଞ୍ଜାବ- ଦିଲ୍ଲୀ | ସନ୍ଧ୍ୟା ୭.୩୦ | ଧର୍ମଶାଳା |
| ୫୯ | ୯ ।୫ | ଲକ୍ଷ୍ନୌ- ବେଙ୍ଗାଲୁରୁ | ସନ୍ଧ୍ୟା ୭.୩୦ | ଲକ୍ଷ୍ନୌ |
| ୬୦ | ୧୦ ।୫ | ହାଇଦ୍ରାବାଦ- କୋଲକାତା | ସନ୍ଧ୍ୟା ୭.୩୦ | ହାଇଦରାବାଦ |
| ୬୧ | ୧୧ ।୫ | ପଞ୍ଜାବ- ମୁମ୍ବଇ | ଅପରାହ୍ଣ ୩.୩୦ | ଧର୍ମଶାଳା |
| ୬୨ | ୧୧ ।୫ | ଦିଲ୍ଲୀ- ଗୁଜରାଟ | ସନ୍ଧ୍ୟା ୭.୩୦ | ଦିଲ୍ଲୀ |
| ୬୩ | ୧୨ ।୫ | ଚେନ୍ନଇ- ରାଜସ୍ଥାନ | ସନ୍ଧ୍ୟା ୭.୩୦ | ଚେନ୍ନଇ |
| ୬୪ | ୧୩ ।୫ | ବେଙ୍ଗାଲୁରୁ- ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ୬୫ | ୧୪ ।୫ | ଗୁଜରାଟ- ଲକ୍ଷ୍ନୌ | ସନ୍ଧ୍ୟା ୭.୩୦ | ଅହମ୍ମଦାବାଦ୍ |
| ୬୬ | ୧୫ ।୫ | ମୁମ୍ବଇ- ଦିଲ୍ଲୀ | ସନ୍ଧ୍ୟା ୭.୩୦ | ମୁମ୍ବଇ |
| ୬୭ | ୧୬ ।୫ | ରାଜସ୍ଥାନ- ପଞ୍ଜାବ | ସନ୍ଧ୍ୟା ୭.୩୦ | ଜୟପୁର |
| ୬୮ | ୧୭ ।୫ | ବେଙ୍ଗାଲୁରୁ- କୋଲକାତା | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ୬୯ | ୧୮ ।୫ | ଗୁଜରାଟ- ଚେନ୍ନଇ | ଅପରାହ୍ଣ ୩.୩୦ | ଅହମ୍ମଦାବାଦ୍ |
| ୭୦ | ୧୮ ।୫ | ଲକ୍ଷ୍ନୌ- ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ | ଲକ୍ଷ୍ନୌ |
| ୭୧ | ୨୦ ।୫ | କ୍ୱାଲିଫାୟର-୧ | ସନ୍ଧ୍ୟା ୭.୩୦ | ହାଇଦରାବାଦ୍ |
| ୭୨ | ୨୧ ।୫ | ଏଲିମିନେଟର | ସନ୍ଧ୍ୟା ୭.୩୦ | ହାଇଦରାବାଦ୍ |
| ୭୩ | ୨୩ ।୫ | କ୍ୱାଲିଫାୟର-୨ | ସନ୍ଧ୍ୟା ୭.୩୦ | କୋଲକାତା |
| ୭୪ | ୨୫ ।୫ | ଗ୍ରାଣ୍ଡ ଫାଇନାଲ | ସନ୍ଧ୍ୟା ୭.୩୦ | କୋଲକାତା |

**ମୃତ୍ୟୁଞ୍ଜୟ ପାତ୍ର ସ୍ମାରକୀ ଚେସ୍**

## ଟାଇଟଲ ଜିତିଲେ ଓମ୍ ଆଦିତ୍ୟ



ଭୁବନେଶ୍ୱର,୧୬।୨(ସମିସ): ଭୁବନେଶ୍ୱରର ସମ୍‌ଆଦିତ୍ୟ ଖାଡଙ୍ଗା ଷଷ୍ଠ ମୃତ୍ୟୁଞ୍ଜୟ ପାତ୍ର ସ୍ମାରକୀ ଚେସ୍ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ବଡ଼ଗଡ଼ କେନାଲରୋଡସ୍ଥିତ ଓମ୍ ଗୁରୁକୂଳ ପବ୍ଲିକ୍ ସ୍କୁଲରେ ଭୁବନେଶ୍ୱର ଚେସ ସଂଘ ଦ୍ୱାରା ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। କଟକର ରବୀନ୍ଦ୍ର ଓଝା, ଭୁବନେଶ୍ୱରର ତନ୍ମୟ ତ୍ରିପାଠୀ, ଯାଜପୁରର ଦୀପ୍ତିରଞ୍ଜନ ନାୟକ, ଭୁବନେଶ୍ୱରର ସତ୍ୟସୁନ୍ଦର ନାୟକ, କଟକର ପ୍ରତ୍ୟୁଷ ମହାପାତ୍ର, ଭୁବନେଶ୍ୱରର ସୁରେନ୍ଦ୍ର ପ୍ରଧାନ, ପ୍ରାଂଶୁ ଦାଶ, ଲରେନ୍ସ ପ୍ରଧାନ ଓ ଦିଆ ଦାସ ଯଥାକ୍ରମେ ଦ୍ୱିତୀୟରୁ ୧୦ମ ସ୍ଥାନ ଅଧିକାର କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ସ୍କୁଲ୍‌ର ଏମ୍‌ଡି ଲକ୍ଷ୍ମୀଧର ବେହେରା ଉଦ୍‌ଘାଟନ କରିଥିଲାବେଳେ ଅବସରପ୍ରାପ୍ତ କର୍ମଚାରୀ ରବିଶଙ୍କର ପାତ୍ର ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ବିଶ୍ୱାଳ, ଦେବାଶିଷ ପାଣିଗ୍ରାହୀ, ଦୀପକ ପଲାଇ ଓ କନୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

**ପୁରୁଷ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍**

## ସ୍ପେନ୍‌କୁ ହରାଇ ପ୍ରତିଶୋଧ ନେଲା ଭାରତ



ଭୁବନେଶ୍ୱର,୧୬।୨ (ସମିସ): ସ୍ପେନ୍‌କୁ ୨-୦ ଗୋଲରେ ହରାଇ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ପୁରୁଷ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ହକିରେ ପ୍ରତିଶୋଧ ନେଇଛି। ଏଠାରେ ଦ୍ୱିପାଦ ବିଶିଷ୍ଟ ଅର୍ଥାତ ଦୁଇ ଦଳ ମଧ୍ୟରେ ୨ଥର ଲେଖାଏଁ ମୁକାବିଲା ହେଉଛି। ଶନିବାର ଖେଳାଯାଇଥିବା ପ୍ରଥମ ମୁକାବିଲାରେ ସ୍ପେନ୍ ୩-୧ ଗୋଲରେ ଭାରତକୁ ହରାଇଥିଲା। ରବିବାର ଦ୍ୱିତୀୟ ମୁକାବିଲାରେ ଭାରତୀୟ ଦଳ ମନଦୀପ ସିଂହ ଓ ଦିଲପ୍ରୀତ୍ ସିଂହଙ୍କ ଫିଲ୍ଡ ଗୋଲ ବଳରେ ସ୍ପେନ୍‌କୁ ହରାଇଥିଲା। ଏହି ମ୍ୟାଚ୍‌ରେ ଉଭୟ ଦଳ ପେନାଲ୍ଟି କର୍ଣ୍ଣରରୁ ଗୋଟିଏ ହେଲେ ଗୋଲ ସ୍କୋର କରିବାରେ ସମର୍ଥ ହୋଇପାରି ନ ଥିଲେ। ଗୋଲ ଦେବାକୁ ସ୍ପେନ୍‌ର ଆକ୍ରମଣକୁ ଭାରତୀୟ ରକ୍ଷଣଭାଗ ପ୍ରତିହତ କରିବା ଫଳରେ ଦଳ ଏହି ବିଜୟ ହାସଲ କରିବାରେ ସମର୍ଥ ହୋଇଛି। ବିଶେଷ କରି ଦ୍ୱିତୀୟାର୍ଦ୍ଧରେ ସ୍ପେନ୍‌ର ଆକ୍ରମଣ ତୀବ୍ର ହୋଇଥିଲା। ଦଳ ବାରମ୍ବାର ପେନାଲ୍ଟି କର୍ଣ୍ଣର ପାଇଥିଲେ ମଧ୍ୟ ତାହାକୁ ଗୋଲରେ ପରିଣତ କରିବାକୁ ଭାରତୀୟ ରକ୍ଷଣଭାଗ ଦେଇ ନ ଥିଲା। ଏହି ମ୍ୟାଚ୍‌ରେ ଭାରତର ପ୍ରମୁଖ ରକ୍ଷଣଭାଗ ଖେଳାଳି ତଥା ଅଧିନାୟକ ହରମନ୍‌ପ୍ରୀତ୍ ସିଂହଙ୍କୁ ବିଶ୍ରାମ ଦିଆଯାଇଥିଲା।

ପ୍ରଥମ ଦୁଇଦିନ ଖେଳ ପରେ ସୋମବାର ବିଶ୍ରାମ ଦିବସ ରଖାଯାଇଛି। ମଙ୍ଗଳବାର ଓ ବୁଧବାର ପୁନର୍ବାର ମ୍ୟାଚ୍ ଖେଳାଯିବ। ଏହି ଦୁଇ ଦିନ ଇଂଲଣ୍ଡ ସହ ସ୍ପେନ୍‌ର ଓ ଭାରତ ସହ ଜର୍ମାନୀର ମୁକାବିଲା ହେବ। ପ୍ରଥମ ମ୍ୟାଚ୍‌ରେ ଗୁରୁତ୍ୱପୂର୍ଣ୍ଣ ପଏଣ୍ଟ ହରାଇଥିବା ଭାରତ ଶକ୍ତିଶାଳୀ ଜର୍ମାନୀ ବିପକ୍ଷରେ କିପରି ଖେଳିବ ତାହା ଏବେ ଦେଖିବାକୁ ବାକି ରହିଛି।

ଭାରତ ଓ ସ୍ପେନ୍ ମୁକାବିଲା ରବିବାର ଖେଳାଯାଉଥିବାରୁ ଷ୍ଟାଡିୟମ୍ ଦର୍ଶକରେ ଭରପୁର ହୋଇଥିଲା। କିନ୍ତୁ ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧ ଖେଳ ମାନ୍ଦା ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଭାରତ ବଲ ପଜେସନ ଓ ପାସ ଦେବାରେ ଉନ୍ନତ ପ୍ରଦର୍ଶନ କରିଥିଲା। ଦ୍ୱିତୀୟାର୍ଦ୍ଧ ଖେଳ ଭାରତ ଲାଗି ଶୁଭଙ୍କର ସାବ୍ୟସ୍ତ ହୋଇଥିଲା। ଖେଳର ୩୨ତମ ମିନିଟ୍‌ରେ ଭାରତ ପାଇଥିବା ପେନାଲ୍ଟି କର୍ଣ୍ଣର ବ୍ୟର୍ଥ ହୋଇଯାଇଥିଲା। ଏହି ସମୟରେ ଦିଲପ୍ରୀତ୍ ସିଂହଙ୍କଠାରୁ ପାସ୍ ପାଇ ମନଦୀପ ସିଂ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହି ଗୋଲ ଦେବା ପରେ ଭାରତୀୟ ଖେଳାଳିଙ୍କ ଆତ୍ମବିଶ୍ୱାସ ବଦଳିଯାଇଥିଲା। ଏମାନେ ପ୍ରଭାବ ବିସ୍ତାର କରିଥିଲେ। ଏହାର ଫଳ ମିଳିଥିଲା ୩୯ତମ ମିନିଟ୍‌ରେ। ଏହି ସମୟରେ ମନଦୀପ ବଲ୍‌କୁ ଉଠାଇ ମାରିଥିଲେ। ଏହାକୁ ଗୁରଜାନ୍ତ ସିଂହ ନିୟନ୍ତ୍ରଣକୁ ନେବା ପରେ ବଲ୍‌କୁ ଦିଲପ୍ରୀତ୍‌ଙ୍କ ନିକଟକୁ ପାସ ଦେଇଥିଲେ। ଦୀଲପ୍ରୀତ ଏହି ସୁଯୋଗକୁ ହାତଛଡ଼ା କରି ନ ଥିଲେ ଓ ଭାରତ ଲାଗି ଦ୍ୱିତୀୟ ଗୋଲ ଦେଇଥିଲେ। ଏହି ସମୟରେ ଉଭୟ ଦଳକୁ ଏକାଧିକ ପେନାଲ୍ଟି କର୍ଣ୍ଣର ମିଳିଥିଲେ ମଧ୍ୟ କେହି ଗୋଲ କରି ପାରି ନ ଥିଲେ। ହରମନପ୍ରୀତ୍‌ଙ୍କ ଅନୁପସ୍ଥିତି ସତ୍ତ୍ୱେ ଦଳ ଚତୁର୍ଥ କ୍ୱାର୍ଟରରେ ସ୍ପେନ୍‌କୁ ଗୋଲ ଦେବାକୁ ସୁଯୋଗ ଦେଇ ନ ଥିଲା। ଯାହା ଫଳରେ ଏହି ମ୍ୟାଚ୍‌ରେ ବିଜୟୀ ହେବା ସହ ଭାରତକୁ ପୂରା ପଏଣ୍ଟ ମିଳିଥିଲା।

**● ଗତବର୍ଷର ଭୁଲ; ଚଳିତ ସଂସ୍କରଣରେ ଦଣ୍ଡ**

## ପ୍ରଥମ ମ୍ୟାଚ୍ ଖେଳିବେନି ପାଣ୍ଡ୍ୟା



ନୂଆଦିଲ୍ଲୀ, ୧୬ ।୨ (ଏଜେନ୍ସି): ମୁମ୍ବାଇ ଇଣ୍ଡିଆନ୍ସ ନିୟମିତ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିନା ଆଇପିଏଲ୍-୧୮ ରେ ଏହାର ପ୍ରଥମ ମ୍ୟାଚ୍ ଖେଳିବ। ମାର୍ଚ୍ଚ ୨୩ରେ ଚେନ୍ନାଇ ସୁପର୍ କିଙ୍ଗସ ବିପକ୍ଷ ମ୍ୟାଚ୍ ଖେଳି ମୁମ୍ବାଇ ଅଭିଯାନ ଆରମ୍ଭ କରିବ। ତେବେ ଏହି ମ୍ୟାଚ୍ ଲାଗି ପାଣ୍ଡ୍ୟାଙ୍କୁ ବାସନ୍ଦ କରାଯାଇଛି। ଗତ ବର୍ଷ ଆଇପିଏଲ୍‌ରେ କରିଥିବା ଏକ ତ୍ରୁଟି ଲାଗି ପାଣ୍ଡ୍ୟାଙ୍କୁ ଚଳିତ ସଂସ୍କରଣରେ ଦଣ୍ଡିତ କରାଯାଇଛି। ଆଇପିଏଲ୍ ପକ୍ଷରୁ ଜାରି ବିବୃତିରେ ଉଲ୍ଲେଖ କରାଯାଇଛି ଯେ, ଗତ ଆଇପିଏଲ୍‌ରେ ମୁମ୍ବାଇ ଏହାର ଶେଷ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ଲକ୍ଷ୍ନୌ ସୁପର୍ ଜ୍ୟାଣ୍ଟ୍‌ସ ସହ ଖେଳିଥିଲା। ଏହି ମ୍ୟାଚରେ ପାଣ୍ଡ୍ୟାଙ୍କ ଦଳ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ବୋଲିଂ ଶେଷ କରିବାରେ ବିଫଳ ହୋଇଥିଲେ। ୨୦୨୪ ସିଜନରେ ପାଣ୍ଡ୍ୟାଙ୍କ ନେତୃତ୍ୱରେ ମୁମ୍ବାଇର ଏହା ୩ୟ ସ୍ଲୋ ଓଭର ବୋଲିଂ ଥିଲା। ଏହି ଭୁଲ ଲାଗି ଅଧିନାୟକ ପାଣ୍ଡ୍ୟାଙ୍କ ଉପରେ ବିସିସିଆଇ ୩୦ ଲକ୍ଷ ଟଙ୍କା ଜରିମାନା କରିବା ସହିତ ପରବର୍ତ୍ତୀ ମ୍ୟାଚରୁ ବାସନ୍ଦ କରିଥିଲା। ଯେହେତୁ ମୁମ୍ବାଇ ଗତ ସଂସ୍କରଣରେ ୧୪ ମ୍ୟାଚ୍ ଖେଳି ୪ ବିଜୟ ସହ ମାତ୍ର ୮ ପଏଣ୍ଟ ପାଇ ଗ୍ରୁପ୍ ପର୍ଯ୍ୟାୟରୁ ବିଦା ନେଇଥିଲା। ତେଣୁ ମୁମ୍ବାଇର ପରବର୍ତ୍ତୀ ମ୍ୟାଚ୍ ଅର୍ଥାତ ଆଗାମୀ ସଂସ୍କରଣର ପ୍ରଥମ ମ୍ୟାଚରେ ଏହି ଦଣ୍ଡାଦେଶ ପାଣ୍ଡ୍ୟାଙ୍କ ଉପରେ ଲାଗୁ ହେବ। ଯାହା ଫଳରେ ସେ ପ୍ରଥମ ମ୍ୟାଚ୍ ଖେଳିବାରୁ ବଞ୍ଚିତ ହେବେ।

**● ଡବ୍ଲ୍ୟୁପିଏଲ୍-୩**

## ଗୁଜରାଟକୁ ଜିତାଇଲେ ଗାର୍ଡନର

ବଡୋଦରା, ୧୬ ।୨ (ଏଜେନ୍ସି): ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ୩ୟ ସଂସ୍କରଣର ୩ୟ ମ୍ୟାଚ୍‌ରେ ରବିବାର ଗୁଜରାଟ ଜ୍ୟାଣ୍ଟ୍‌ସ ୬ ୱିକେଟ୍‌ରେ ୟୁପି ୱାରିୟର୍ଜ୍‌କୁ ପରାସ୍ତ କରିଛି। ଅଧିନାୟିକା ଆସ୍‌ଲେ ଗାର୍ଡନର ଚମତ୍କାର ଅଲ୍‌ରାଉଣ୍ଡର ପ୍ରଦର୍ଶନ କରି ଗୁଜରାଟକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସ୍ଥାନୀୟ କୋଟାମ୍ବି ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ୧୪୪ ରନର ଲକ୍ଷ୍ୟକୁ ପିଛା କରିଥିବା ଗୁଜରାଟ ଗାର୍ଡନରଙ୍କ ୩୨ ବଲରୁ ଦ୍ରୁତ ୫୨ ରନ ବଳରେ ୧୮ ଓଭରରେ ୪ ୱିକେଟ ହରାଇ ବିଜୟୀ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ହର୍ଲିନ ଦେଓଲ ୩୪ ଓ ଡେଣ୍ଡ୍ରା ଡଟିନ ୩୩ ରନରେ ଅପରାଜିତ ରହିଥିଲେ। ବୋଲିଂରେ ୟୁପି ୱାରିୟର୍ଜର ସୋଫି ଏକଲେଷ୍ଟୋନଙ୍କୁ ୨ଟି ୱିକେଟ୍ ମିଳିଥିଲା। ପୂର୍ବରୁ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୟୁପି ୱାରିୟର୍ଜ ୨୨ ରନରେ ଦୁଇ ଓପନର୍ କିରଣ ନାଭଗିରେ (୧୫) ଓ ଭ୍ରିନ୍ଦା ଦିନେଶ (୫)ଙ୍କ ୱିକେଟ୍ ହରାଇଥିଲା। ଅଧିନାୟିକା ଦୀପ୍ତି ଶର୍ମା ୩୯ ଓ ଉମା ଛେତ୍ରୀ ୨୪ ରନର ପାଳି ଖେଳି ମଧ୍ୟକ୍ରମରେ କିଛିଟା ଲଢ଼େଇ କରିଥିଲେ। ତେବେ ପ୍ରତିପକ୍ଷ ଲେଗ୍ ସ୍ପିନର ପ୍ରିୟା ମିଶ୍ର ସୁନ୍ଦର ବୋଲିଂ କରି ୟୁପିକୁ ବଡ଼ ସ୍କୋର କରିବାରେ ଅଟକାଇଥିଲେ। ଫଳରେ ୟୁପି ୯ ୱିକେଟ୍‌ରେ ୧୪୩ ରନ କରିପାରିଥିଲା। ପ୍ରିୟା ୪ ଓଭରରେ ୨୫ ରନ ଦେଇ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେଣ୍ଡ୍ରା ଡଟିନ ଓ ଗାର୍ଡନର ୨ଟି ଲେଖାଏ ୱିକେଟ୍ ସଫଳତା ପାଇଥିଲେ। ଅଲ୍‌ରାଉଣ୍ଡ ସଫଳତା ଲାଗି ଗାର୍ଡନର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

**ମହିଳା ପ୍ରୋ-ଲିଗ୍**

## ସଡନ୍ ଡେଥ୍‌ରେ ହାରିଲା ଭାରତ



ଭୁବନେଶ୍ୱର,୧୬।୨ (ସମିସ): ସ୍ଥାନୀୟ କଳିଙ୍ଗଷ୍ଟାଡିୟମ୍‌ରେ ଚାଲିଥିବା ଏଫ୍‌ଆଇଏଚ୍ ମହିଳା ପ୍ରୋ-ଲିଗ୍‌ର ଦ୍ୱିତୀୟ ଦିନରେ ଭାରତକୁ ପରାଜିତ ହେବାକୁ ପଡ଼ିଛି। ରବିବାର ଅନୁଷ୍ଠିତ ଦ୍ୱିତୀୟ ପାଦ ମୁକାବିଲାରେ ଭ୍ରମଣକାରୀ ଇଂଲଣ୍ଡ ସଡନ ଡେଥ୍‌ରେ ଭାରତକୁ ପରାସ୍ତ କରିଛି। ପ୍ରତିଦ୍ୱନ୍ଦ୍ୱିତାମୂଳକ ଏହି ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ଖେଳ ୨-୨ ଗୋଲରେ ସମାନସ୍ତରରେ ରହିଥିଲା। ଏହି ମ୍ୟାଚ୍‌ରେ ଭାରତ ପକ୍ଷରୁ ନବନୀତ କୌର ଓ ସିନିୟର ଟିମ୍‌ରେ ପଦାର୍ପଣ କରିଥିବା ଋତୁଜା ଦାଦାସୋ ପିସାଲ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଇଂଲଣ୍ଡର ପେଗ୍ ଜିଲଟ ଓ ଟେସା ହାୱାର୍ଡ ଗୋଲ ଦେଇଥିଲେ। ଖେଳ ସମାନସ୍ତରରେ ରହିବାରୁ ଖେଳ ପେନାଲ୍ଟି ସୁଟ୍‌ଆଉଟକୁ ଯାଇଥିଲା। ଏଥିରେ ପ୍ରଥମେ ମରାଯାଇଥିବା ୫ଟି ଲେଖାଏଁ ସଟ୍‌ରୁ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଫଳରେ ସଡନ ଡେଥ୍‌ର ସହାୟତା ନିଆଯାଇଥିଲା। ଏଥିରେ ଉଭୟ ଦଳ ପ୍ରଥମ ପେନାଲ୍ଟିକୁ ମିସ୍ କରିଥିଲେ। ଭାରତ ଦ୍ୱିତୀୟ ପେନାଲ୍ଟିକୁ ମିସ୍ କରିବା ପରେ ଇଂଲଣ୍ଡ ଅଧିନାୟିକା ସୋଫି ହାମିଲଟନ ଗୋଲ ସ୍କୋର କରି ଇଂଲଣ୍ଡକୁ ଜିତାଇଥିଲେ। ଗତକାଲି ଅନୁଷ୍ଠିତ ପ୍ରଥମ ଲେଗ୍‌ରେ ଉଭୟ ଦଳ ମଧ୍ୟରେ ମୁକାବିଲା ଜୋରଦାର ହୋଇଥିଲା। ଖେଳ ୨-୨ ଗୋଲରେ ଅମୀମାଂସିତ ଅଭିମୁଖେ ଯାଉଥିଲାବେଳେ ୫୯ତମ ମିନିଟ୍‌ରେ ନଭନୀତ କୌର ଗୋଲ ଦେଇ ଭାରତକୁ ୩-୨ରେ ଜିତାଇଥିଲେ। ଭାରତ ତାହାର ପରବର୍ତ୍ତୀ ମ୍ୟାଚ୍ ସ୍ପେନ୍ ସହ ଫେବୃଆରୀ ୧୮ ଓ ୧୯ରେ ଖେଳିବ।

**ଜର୍ମାନୀକୁ ପୁଣି ହରାଇଲା ସ୍ପେନ୍**

ମହିଳା ପ୍ରୋ-ଲିଗ୍‌ର ଏଠାରେ ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ସ୍ପେନ୍ ୨-୧ରେ ଗୋଲରେ ଜର୍ମାନୀକୁ ପରାସ୍ତ କରିଛି। ଜର୍ମାନୀ ଭଳି ଶକ୍ତିଶାଳୀ ଦଳକୁ ସ୍ପେନ୍ ଗତ ଦୁଇ ଦିନରେ ଦୁଇଥର ହରାଇଛି। ଜର୍ମାନୀ ଦଳରେ ଅନେକ ଯୁବ ଖେଳାଳିଙ୍କୁ ସାମିଲ କରାଯାଇଥିଲେ ମଧ୍ୟ ସେମାନେ ବଡ଼ ବଡ଼ ଟିମ୍‌କ ଟକ୍କର ଦେବାକୁ ସମର୍ଥ ହୋଇପାରି ନାହାନ୍ତି। ରବିବାର ମ୍ୟାଚ୍‌ରେ ସ୍ପେନ୍ ପକ୍ଷରୁ ସୋଫିଆ ରୋଗୋସ୍କି ଖେଳର ୫ମ ମିନିଟ୍‌ରେ ଓ ଲୁସିଆନା ମଲିନା ଖେଳର ୩୮ତମ ମିନିଟ୍‌ରେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଖେଳର ଦ୍ୱାଦଶ ମିନିଟ୍‌ରେ ଜର୍ମାନୀର ଯୁବ ଖେଳାଳି ଆଇନା କ୍ରେସ୍କେନ୍ ଗୋଟିଏ ଗୋଲ ଶୁଝାଇଥିଲେ। ଜର୍ମାନୀ ତାହାର ପରବର୍ତ୍ତୀ ମ୍ୟାଚ ଭାରତ ସହ ଫେବୃଆରୀ ୨୧ରେ ଖେଳିବ।

**ଜାତୀୟ ପାରାଆଥଲେଟିକ୍ସ ଆଜିଠାରୁ**

## ଓଡ଼ିଶାରୁ ଭାଗ ନେଇଛନ୍ତି ୩୨ ଖେଳାଳି

ଭୁବନେଶ୍ୱର, ୧୬।୨ (ସମିସ): ତାମିଲନାଡୁର ଚେନ୍ନଇ ଜବାହାରଲାଲ ନେହେରୁ ଷ୍ଟାଡିୟମ୍‌ରେ ଆସନ୍ତାକାଲିଠାରୁ ଅନୁଷ୍ଠିତ ହେବ ଜାତୀୟ ପାରାଆଥଲେଟିକ ଚାମ୍ପିଅନସିପ୍। ଏହି ପ୍ରତିଯୋଗିତାରେ ଭାଗନେବାକୁ ଓଡ଼ିଶାରୁ ୩୨ଜଣ ଖେଳାଳି ଚେନ୍ନଇ ଯାତ୍ରା କରିଛନ୍ତି। ଏହା ପୂର୍ବରୁ କଳିଙ୍ଗ ଷ୍ଟାଡିୟମ୍‌ରେ ୧୫ ଦିନ ଧରି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଭଲ ଖେଳ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ମନୋନୀତ କରାଯାଇଥିଲା। ଏହି ଖେଳାଳିମାନଙ୍କୁ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଓ ଓଡ଼ିଶା ପାରା କ୍ରୀଡ଼ା ସଂଘ ସଭାପତି କମଳାକାନ୍ତ ରଥ ପ୍ରମୁଖ ଶୁଭକାମନା ଜଣାଇଛନ୍ତି।

## ଭୋଜପୁରୀକୁ ହରାଇଲା ପଞ୍ଜାବ ଦେ ସେର୍

**କଟକରେ ସିସିଏଲ୍**

କଟକ,୧୬।୨(ସମିସ): ସେଲିବ୍ରିଟି କ୍ରିକେଟ ଲିଗ୍(ସିସିଏଲ)ର ଦୁଇଟି ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ରବିବାର ଖେଳାଯାଉଛି। ଅପରାହ୍ନରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ପଞ୍ଜାବ ଦେ ସେର୍ ୧୩ ରନ୍‌ରେ ଭୋଜପୁରୀ ଦବଙ୍ଗସକୁ ପରାସ୍ତ କରିଥିଲା। ଦ୍ୱିତୀୟ ଇନିଂସରେ ୭୩ ରନର ଧୂଆଁଧାର ପାଳି ଖେଳିଥିବା ପଞ୍ଜାବର ଦକ୍ଷ ସିଂହଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି। ମୁମ୍ବଇ ହିରୋଜ୍ ଏବଂ ବେଙ୍ଗଲ ଟାଇଗର୍ସ ମଧ୍ୟରେ ୨ୟ ମ୍ୟାଚ୍ ଜାରି ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।

୨୦ ଓଭର ବିଶିଷ୍ଟ ମ୍ୟାଚ୍‌ଗୁଡିକ ମୋଟ୍ ୪ଟି ଇନିଂସ୍ ଜରିଆରେ ଖେଳାଯାଉଛି। ପ୍ରତ୍ୟେକ ଇନିଂସ ୧୦ଓଭର ବିଶିଷ୍ଟ। ଭୋଜପୁରୀ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ପ୍ରଥମ ୧୦ ଓଭରରେ ୪ୱିକେଟ ହରାଇ ୮୧ ରନ



କରିଥିଲା। ଅଧିନାୟକ ହାର୍ଡି ସାନ୍ଧୁ ସର୍ବାଧିକ ୩୭ ରନ କରିଥିଲେ। ଜବାବରେ ଭୋଜପୁରୀ ଦଳ ୧୦ ଓଭର ବିଶିଷ୍ଟ ପ୍ରଥମ ଇନିଂସ୍‌ରେ ୫ ୱିକେଟ ବିନିମୟରେ ୧୦୪ ରନ ସଂଗ୍ରହ କରିଥିଲା। ଦକ୍ଷ ସିଂହ ୮ଟି ଚୌକା ଏବଂ ୫ଟି ଛକା ବଳରେ ୨୪ବଲରୁ ୭୩ରନ କରିବା ଫଳରେ ପଞ୍ଜାବ ଦ୍ୱିତୀୟ ଇନିଂସରେ ୪ ୱିକେଟ ହରାଇ ୧୨୫ ରନ ହାସଲ କରିଥିଲା। ଫଳରେ ଭୋଜପୁରୀ ସାମ୍ନାରେ ୧୦୩ ରନ ଟାର୍ଗେଟ୍ କରିଥିଲା। ଜବାବରେ ଭୋଜପୁରୀ ୬ ୱିକେଟ ହରାଇ ୮୯ ରନ କରିବା ସହ ପରାସ୍ତ ହୋଇଥିଲା। ଓପନର ଅସଗର ଖାନ ସର୍ବାଧିକ ୪୩ରନ କରିଥିଲେ।

## ପାକିସ୍ତାନରେ କୋହଲିଙ୍କ ଜବରଦସ୍ତ କ୍ରେଜ୍

କରାଚୀ,୧୬ ।୨(ଏଜେନ୍ସି): ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ପାକିସ୍ତାନରେ କେବେବି ଖେଳିବାର ସୁଯୋଗ ପାଇନାହାନ୍ତି। କିନ୍ତୁ ଏହା ସତ୍ତ୍ୱେ ପାକିସ୍ତାନରେ କୋହଲିଙ୍କୁ ନେଇ ଅସମ୍ଭବ ପ୍ରକାର ଲୋକପ୍ରିୟତା ରହିଛି। ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ପୁଣି ଥରେ ଭାରତ ଏହି ପ୍ରତିଦ୍ୱନ୍ଦ୍ୱୀ ଦେଶରେ କୋହଲିଙ୍କ ଜବରଦସ୍ତ କ୍ରେଜ୍ ଦେଖିବାକୁ ମିଳିଛି। କରାଚୀର ନ୍ୟାସନାଲ ଷ୍ଟାଡିୟମ ବାହାରେ କୋହଲିଙ୍କ ପ୍ରଶଂସକମାନେ 'କୋହଲି, କୋହଲି' ବୋଲି ସ୍ଲୋଗାନ ଦେଇଛନ୍ତି ଓ ଏହାର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରରାଲ ହୋଇଛି।

ତ୍ରିରାଷ୍ଟ୍ରୀୟ ଶୃଙ୍ଖଳାର ଫାଇନାଲ ମ୍ୟାଚ୍ ପରେ ପ୍ରଶଂସକମାନେ କୋହଲିଙ୍କୁ ନେଇ ଏହି ସ୍ଲୋଗାନ ଦେଇଥିଲେ। କେବଳ ସେକିକି ନୁହଁ ପାକିସ୍ତାନରେ ଖେଳାଯିବାକୁ ଥିବା ବିଭିନ୍ନ ଭେନ୍ୟୁରେ କୋହଲି, ରୋହିତ ଶର୍ମା ଓ ଅନ୍ୟ ଭରାତୀୟ କ୍ରିକେଟରଙ୍କ ବଡ଼ବଡ଼ ପୋଷ୍ଟର ଦେଖିବାକୁ ମିଳିଛା। ଚାମ୍ପିଅନ୍ସ ଟ୍ରଫି ଆଉ ୩ ଦିନ ପରେ ଆରମ୍ଭ ହେବାକୁ ଯାଉଥିବା ବେଳେ ପାକିସ୍ତାନରେ କ୍ରିକେଟ ଫିଭର ଚରମ ସୀମାରେ ପହଞ୍ଚିଛି।

**ରାଣୀ ସୂର୍ଯ୍ୟମୁଖୀ ଦେବୀ ଟି-୨୦ କ୍ରିକେଟ**

## ଓଡ଼ିଶା ରନର୍ସ ଅପ୍




ଭୁବନେଶ୍ୱର, ୧୬।୨ (ସମିସ): ଛତିଶଗଡ଼ଠାରୁ ୭ ୱିକେଟରେ ହାରି ଓଡ଼ିଶା ରାଣୀ ସୂର୍ଯ୍ୟମୁଖୀ ଦେବୀ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରନର୍ସ ଅପ୍ ହୋଇଛି। ଛତିଶଗଡ଼ର ରାଜନନ୍ଦନଗାଓଁସ୍ଥିତ ଦିଗବିଜୟ ଷ୍ଟାଡିୟମ୍‌ରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ଭଲ ଖେଳି ଫାଇନାଲରେ ପ୍ରବେଶ କରିଥିବା ଓଡ଼ିଶା ଶେଷ ମୁକାବିଲାରେ ଫ୍ଲପ୍ ହୋଇଥିଲା। ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ମାତ୍ର ୯୦ ରନ୍ କରିଥିଲା। ଯୁବ ଖେଳାଳିଙ୍କୁ ନେଇ ଗଠିତ ଓଡ଼ିଶା ଦଳ ପକ୍ଷରୁ ଅନୀଲ ପରିଡ଼ା ସର୍ବାଧିକ ୨୯ ଓ ଆଶୀର୍ବାଦ ସ୍ୱାଇଁ ୨୩ ରନ୍ କରିଥିଲେ। ଜବାବରେ ଛତିଶଗଡ଼ ୯.୨ ଓଭରରେ ୩ ୱିକେଟ ହରାଇ ୯୨ ରନ୍ କରି ବିଜୟୀ ହୋଇଥିଲା।

**କଟକରେ ଜାତୀୟ ବରିଷ୍ଠ ପୁରୁଷ କବାଡ଼ି ୨୦ରୁ**

## ଭାଗନେବେ ୫୦ରୁ ଅଧିକ ପିକେଏଲ୍ ତାରକା

କଟକ,୧୬।୨(ସମିସ): ଓଡିଶା କବାଡ଼ି ସଂଘ ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆସନ୍ତା ୨୦ରୁ କଟକରେ ଜାତୀୟ ବରିଷ୍ଠ ପୁରୁଷ କବାଡ଼ି ଚାମ୍ପିଅନସିପ୍ ଆରମ୍ଭ ହେବ। ୪ଦିନ ଧରି ଏହି ପ୍ରତିଯୋଗିତା ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଖେଳାଯିବ। ଏଥିରେ ଦେଶର ୩୦ଟି ରାଜ୍ୟ ସମେତ ୪ଟି ବିଭାଗୀୟ ଦଳ ଭାଗନେବେ। ଏତଦବ୍ୟତୀତ ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ତାରକାଙ୍କୁ ମିଶାଇ ୫୦ରୁ ଅଧିକ ଚର୍ଚ୍ଚିତ ଖେଳାଳିଙ୍କୁ ଦେଖିବାକୁ ମିଳିବ।

ରାଜ୍ୟ ସଂଘ ସଭାପତି ଡଃ ଶରତ ସାହୁ ଅଧ୍ୟକ୍ଷତାରେ ରବିବାର କବାଡ଼ି କମ୍ପ୍ଲେକ୍ସରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରଥମଥର ପାଇଁ ଓଡ଼ିଶାରେ ଆୟୋଜିତ ହେବାକୁ ଥିବା ଏହି କବାଡ଼ି ମହାକୁମ୍ଭରେ ୪୫୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିବେ ବୋଲି ରାଜ୍ୟ ସଂଘ ସମ୍ପାଦକ ଅଜୟ ବେହେରା କହିଥିଲେ। ଉଦ୍‌ଘାଟନୀ ଉତ୍ସବ ବେଶ୍ ଚିତ୍ତାକର୍ଷକ ହେବ ବୋଲି ଇଭେଣ୍ଟ ମୁଖ୍ୟ ଉଲ୍ଲାସ ବେହୁରା ପ୍ରକାଶ କରିଥିଲେ। ଫେବୃୟାରୀ ୨୦ ସନ୍ଧ୍ୟା ୫ଟାରୁ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାଜିବେ ଅଭିନେତା ଶଶୀକାନ୍ତ ପେଡ୍‌ୱାଲ (ଡୁପ୍ଲିକେଟ୍ ଅଭିତାଭ ବଚ୍ଚନ)। ଚଳିତ ବର୍ଷର ଥିମ୍ ସଙ୍ଗ ପରିବେଷଣ କରିବେ ସତ୍ୟଜିତ୍ ଓ ଆଶୁତୋଷ। ସମସ୍ତ ଦଳର ଅଧିନାୟକମାନଙ୍କ ଦ୍ୱାରା ଜାତୀୟ ସିନିୟର୍ ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ ଥିବାବେଳେ ଚଳିତ ବର୍ଷ ଏକ ସ୍ୱତନ୍ତ୍ର ମାର୍ଚ୍ଚ ପାଷ୍ଟ ଉପର ବାଲିଯାତ୍ରା ପଡିଆଠାରୁ ଇଣ୍ଡୋର ଷ୍ଟାଡିୟମ୍ ପର୍ଯ୍ୟନ୍ତ କରାଯିବ। ପ୍ରୋ କବାଡିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ




ଅନୁପମ ଗୋସ୍ୱାମୀ, ଅନ୍ତର୍ଜାତୀୟ କବାଡି ଫେଡେରେସନର ବୈଷୟିକ ନିର୍ଦ୍ଦେଶକ ଇଂ ପ୍ରକାଶ ରାଓ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବେ।

ଦର୍ଶକମାନେ ଇଣ୍ଡୋର ଷ୍ଟାଡିଅମ୍, ବାରବାଟୀ କବାଡ଼ି କମ୍ପ୍ଲେକ୍ସ, ଓଡିଶା କବାଡ଼ି ସଂଘ, ରୁଚି ଫ୍ରୋଜିଟ ଆଉଟଲେଟ୍‌ରୁ ପାସ୍ ସଂଗ୍ରହ କରିପାରିବେ। ଏହା ଛଡା କଟକର ବିଭିନ୍ନ ସ୍ଥାନରେ ପ୍ରଚାର ପ୍ରସାରରେ ନିୟୋଜିତ ସ୍ୱତନ୍ତ୍ର କବାଡି ଭ୍ୟାନ୍‌ରୁ ମଧ୍ୟ ପାସ୍ ସଂଗ୍ରହ କରିପାରିବେ। ଅଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ସଂଘର କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ସାହୁ, ରୁଚି ମସଲାର ନିର୍ଦ୍ଦେଶକ ଅରବିନ୍ଦ ସାହୁ, ଅଭିନେତା ତଥା ଆତିଥ୍ୟ କମିଟିର ଆବାହକ ଶ୍ରୀତମ୍ ଦାସ, ଯୁଗ୍ମ ସମ୍ପାଦିକା ଜୟଶ୍ରୀ ସ୍ୱାଇଁ, ଅନ୍ତର୍ଜାତୀୟ ଖେଳାଳି ତଥା ଓଡିଶା ଦଳର ପ୍ରଶିକ୍ଷକ ଭୀମ ବରଦା, ଓଡିଶା ଅଲମ୍ପିକ ସଂଘର ସଂପାଦକ ଅଭିଜିତ ପାଲ, କବାଡି ସଂଘର ବରିଷ୍ଠ ସଭ୍ୟ ଜ୍ଞାନ ରଂଜନ ପରିଡା, ମହମ୍ମଦ ସହିଦ ଜବାର, ପ୍ରଶାନ୍ତ ଜେନା ସତ୍ୟବ୍ରତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ରାମଚନ୍ଦ୍ର ବେହେରା, ଶାରଳା ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS